

'ବର୍ଡର ୨'
ଆସିଲା ବରୁଣଙ୍କ ଲୁକ୍

▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-135 ♦TUESDAY ♦11 NOVEMBER 2025 ♦PAGE-12 ♦₹ 6.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୧୩୫ ♦ମଙ୍ଗଳବାର ♦୧୧ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


# ବିସ୍ଫୋରଣରେ ଥରିଲା ଦିଲ୍ଲୀ

ଲାଲ୍‌କିଲ୍ଲା ନିକଟରେ ଭୟଙ୍କର କାର୍ ବିସ୍ଫୋରଣ
ଜଳିଗଲା ୮ କାର୍; ୨୨ଟି ଗାଡ଼ି କ୍ଷତିଗ୍ରସ୍ତ
ହାଇଆଲର୍ଟରେ ମୁମ୍ବାଇ, ଚେନ୍ନାଇ, ୟୁପି, ହରିୟାଣା

## ୮ ମୃତ, ୨୫ ଆହତ; ବଢ଼ିପାରେ ମୃତ୍ୟୁ ସଂଖ୍ୟା



■ **ନୂଆଦିଲ୍ଲୀ, ୧୦।୧୧ (ଏଜେନ୍ସି):** ଆଜି ସନ୍ଧ୍ୟାରେ ଶକ୍ତିଶାଳୀ ବୋମା ବିସ୍ଫୋରଣରେ ଥରହର ହୋଇଛି ଜାତୀୟ ରାଜଧାନୀ ନୂଆଦିଲ୍ଲୀ। ଏହି ବିସ୍ଫୋରଣରେ ୮ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି ଏବଂ ଆହୁରି ୨୫ ଜଣ ବ୍ୟକ୍ତି ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ଗୁରୁତର ରହିଛି। ସେମାନଙ୍କୁ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଆସନ୍ତାକାଲି ବିହାର ବିଧାନସଭାର ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ହେବାକୁ ଯାଉଛି ଏବଂ ସମଗ୍ର ଦେଶବାସୀଙ୍କ ନଜର ବିହାର ଉପରେ ଥିବା ବେଳେ ଦିଲ୍ଲୀରେ ଏଭଳି ବିସ୍ଫୋରଣ ସମଗ୍ର ଦେଶକୁ ସ୍ତବ୍ଧ କରିଦେଇଛି। ତେବେ ଏହି ବିସ୍ଫୋରଣ ପଛରେ କିଏ ଅଛନ୍ତି, ତାହା ଜଣାପଡ଼ି ନାହିଁ। ଦିଲ୍ଲୀ ସମେତ ବିଭିନ୍ନ ସ୍ଥାନରେ ଆତଙ୍କବାଦୀ ଆକ୍ରମଣ ପାଇଁ ଯୋଜନା ଚଳାଇଥିବା ୪ ଜଣ ଡାକ୍ତରଙ୍କ ସମେତ ୮ ଜଣଙ୍କୁ ଗିରଫ କରାଯିବା ପରେ ଏହି ବିସ୍ଫୋରଣ ଘଟିଛି। ବିସ୍ଫୋରଣ ପରେ ଦିଲ୍ଲୀ ସମେତ ମୁମ୍ବାଇ, ଚନ୍ନାଇ, ଉତ୍ତର ପ୍ରଦେଶ, ହରିଆଣା, ଉତ୍ତରାଖଣ୍ଡ ଏବଂ ମହାରାଷ୍ଟ୍ରରେ ହାଇ ଆଲର୍ଟ ଜାରି କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ଉଚ୍ଚସ୍ତରୀୟ ବୈଠକରେ ପରିସ୍ଥିତିର ସମୀକ୍ଷା କରିଛନ୍ତି। ସୁରକ୍ଷା ଏଜେନ୍ସିଗୁଡିକୁ ସତର୍କ କରିଦିଆଯାଇଛି। ରାଜଧାନୀ ଦିଲ୍ଲୀର ସୁରକ୍ଷାକୁ କଡ଼ାକଡ଼ି କରିଦିଆଯାଇଛି।

ସୂଚନା ଅନୁଯାୟୀ ଲାଲକିଲ୍ଲା ମେଟ୍ରୋ ଷ୍ଟେସନ୍ ନିକଟସ୍ଥ ପାର୍କିଂରେ ଛିଡ଼ା ହୋଇଥିବା ଏକ ମାରୁତି ଡିଜାଏକ କାର୍‌ରେ ଆଜି ସନ୍ଧ୍ୟାରେ ବଡ଼ଧରଣର ବିସ୍ଫୋରଣ ହୋଇଥିଲା।। ବି।।ସ୍ଫୋରଣ ଯୋଗୁଁ ନିଆଁ ବ୍ୟାପି ଆଖପାଖରେ ଥିବା ଆଉ ତିନି ଗାଡ଼ିକୁ କବଳିତ କରି ନେଇଥିଲା। ସୂଚନା ମିଳିବା ପରେ ସୁରକ୍ଷାବାହିନୀ, ଏନଆଇଏ ଏବଂ ଫରେନସିକ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ଅଞ୍ଚଳକୁ ସମ୍ପୂର୍ଣ୍ଣ ସିଲ୍ କରି ତଦନ୍ତ ଆରମ୍ଭ କରାଯାଉଛି। ଏ ପର୍ଯ୍ୟନ୍ତ ବିସ୍ଫୋରଣର କାରଣ ଜଣାପଡ଼ି ନାହିଁ। କିନ୍ତୁ ଜମ୍ମୁ-କଶ୍ମୀରରୁ ବିସ୍ଫୋରକ ଜବତ ଘଟଣାକୁ ଏହା ସହ ଯୋଡ଼ି ଦେଖାଯାଉଛି। ଏହି ବିସ୍ଫୋରଣର ଭିଡିଓ ଭାଇରାଲ ହେବାରେ ଲାଗିଛି। ଏଥିରେ କାର୍‌ଟି ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଉଥିବା ଦେଖାଯାଉଛି।ଭାରତର ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳ ନିକଟରେ ଏଭଳି ବିସ୍ଫୋରଣ ହେବା ବଡ଼ ସୁରକ୍ଷା ଅବହେଳାକୁ ଦର୍ଶାଉଛି।

ଦିଲ୍ଲୀ ପୁଲିସ ଡିଆଇଜି କହିଛନ୍ତି ଯେ ଆଜି ସନ୍ଧ୍ୟା ୬ଟାଳ ୫୦ ମିନିଟରେ ଏକ କାର ରେଡ ସିଗ୍ନାଲ ନିକଟରେ ଅଟକିବା ମାତ୍ରେ ଏଥିରେ ବିସ୍ଫୋରଣ ହୋଇଥିଲା। ▶ପୃଷ୍ଠା-୭

# ବିହାରରେ ଅନ୍ତିମ ପର୍ଯ୍ୟାୟ ଭୋଟ ଆଜି

ସୀମାଞ୍ଚଳ ଉପରେ ନଜର
୧୨୨ ଆସନରେ ପ୍ରାର୍ଥୀଙ୍କ ଭାଗ୍ୟ ସ୍ଥିର କରିବେ ୩.୭ କୋଟି ଭୋଟର




■ **ପାଟନା, ୧୦।୧୧ (ଏଜେନ୍ସି):** ବିହାର ନିର୍ବାଚନ ପାଇଁ ମଙ୍ଗଳବାର ଅନ୍ତିମ ପର୍ଯ୍ୟାୟ ମତଦାନ ହେବାକୁ ଯାଉଛି। ସକାଳ ୭ଟାରୁ ଏହି ମତଦାନ ପ୍ରକ୍ରିୟା ଆରମ୍ଭ ହୋଇ ସନ୍ଧ୍ୟା ୫ଟାରେ ଶେଷ ହେବ। ଏହି ପର୍ଯ୍ୟାୟରେ ୨୦ ଜିଲ୍ଲାର ୩.୭ କୋଟି ଭୋଟର ୧୨୨ ଆସନର ପ୍ରାର୍ଥୀଙ୍କ ଭାଗ୍ୟ ସ୍ଥିର କରିବେ। ୨୪୩ ଆସନ ବିଶିଷ୍ଟ ବିହାରରେ କିଏ ପରବର୍ତ୍ତୀ ସରକାର ଗଠନ କରୁଛି ତାହା ଏହି ପର୍ଯ୍ୟାୟ ନିର୍ବାଚନରୁ ସ୍ଥିର ହେବ ବୋଲି କୁହାଯାଉଛି। ଏହି ପର୍ଯ୍ୟାୟରେ ମୋଟ ୧୩୦୨ ପ୍ରାର୍ଥୀ ମୈଦାନକୁ ଓହ୍ଲାଇଛନ୍ତି। ଏମାନଙ୍କ ମଧ୍ୟରେ ୧୩୬ ମହିଳା ସାମିଲ ଅଛନ୍ତି। ଶାନ୍ତିପୂର୍ଣ୍ଣ ନିର୍ବାଚନ ସମାପ୍ତ କରିବା ପାଇଁ ୪ ଲକ୍ଷରୁ ଊର୍ଦ୍ଧ୍ୱ ସୁରକ୍ଷାବାହିନୀ ନିୟୋଜିତ କରାଯାଇଛି। ୪୫, ୩୯୯ ବୁଥ୍ ପ୍ରତିଷ୍ଠା ହୋଇଛି। ଏହି ପର୍ଯ୍ୟାୟରେ ମୁସଲିମ ବହୁଳ ସୀମାଞ୍ଚଳ ସବୁଠୁ ଗୁରୁତ୍ୱପୂର୍ଣ୍ଣ ନିର୍ବାଚନୀ କ୍ଷେତ୍ର ପାଲଟି ଯାଇଛି। ପୂର୍ଣ୍ଣିଆ, ଅରରିଆ, କଟିହାର ଏବଂ କିଶନଗଞ୍ଜର ୨୪ ବିଧାନସଭା କ୍ଷେତ୍ରକୁ ବ୍ୟାପିଥିବା ଏହି ଅଞ୍ଚଳ ସରକାର ଗଠନ ପାଇଁ ଟ୍ରମ୍ପ କାର୍ଡ ସାବ୍ୟସ୍ତ ହୋଇପାରେ। ଆରଜେଡି ନେତୃତ୍ୱାଧୀନ କଂଗ୍ରେସ ଏଠାରେ ମଜବୁତ ସ୍ଥିତିରେ ଥିବାବେଳେ ଚଳିତ ଥର ଏଆଇଏମଆଇଏମ ଏବଂ ଜନସୁରାଜ ଏହି ମହାମେଣ୍ଟ ପାଇଁ ସମସ୍ୟା ସୃଷ୍ଟି କରିଛି। ମୁସଲମାନ ଏବଂ ଯାଦବଙ୍କ ବହୁଳ ଏହି କ୍ଷେତ୍ରରେ ଏନ୍‌ଡିଏ ବ୍ୟାକ୍‌ଫୁଟରେ ଅଛି। ଗତ ନିର୍ବାଚନରେ ସୀମାଞ୍ଚଳର ୫ ଆସନରେ ଏଆଇଏମଆଇଏମ ବିଜୟୀ ହୋଇ ସମସ୍ତଙ୍କୁ ଚକିତ କରିଦେଇଥିଲା। ଚଳିତ ଥର ଅଧିକ ଆସନରେ ଜିତିବାକୁ ଏହି ଦଳ ଆଶାବାଦୀ ରହିଛି। କିନ୍ତୁ ଜନସୁରାଜ ଏଥିରେ କିଛି ସମସ୍ୟା ସୃଷ୍ଟି କରିପାରେ ବୋଲି କୁହାଯାଉଛି।

ସୂଚନାଯୋଗ୍ୟ ଯେ ଗତ ୬ ତାରିଖରେ ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟ ମତଦାନରେ ୬୫ ପ୍ରତିଶତ ଭୋଟ୍ ରେକର୍ଡ କରାଯାଇଥିଲା। ଏଥିରେ ମହିଳାମାନେ ଅଧିକ ସଂଖ୍ୟାରେ ଭୋଟ୍ ଦେଇଥିଲେ। ଏମାନଙ୍କ ଭୋଟ୍ ନୂଆ ସରକାର ଗଠନରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି କୁହାଯାଉଛି।

## ଆଜି ନୂଆପଡ଼ା ଭୋଟ

■ **ନୂଆପଡ଼ା, ୧୦।୧୧ (ସମିସ):** ନୂଆପଡ଼ା ଉପନିର୍ବାଚନ ପାଇଁ ଆସନ୍ତାକାଲି ଭୋଟଗ୍ରହଣ ହେବ। ଏଥିପାଇଁ ପ୍ରଶାସନ ପକ୍ଷରୁ ସବୁପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ସୋମବାର ସନ୍ଧ୍ୟା ସୁଦ୍ଧା ସମସ୍ତ ପୋଲିଂ ଷ୍ଟେସନରେ ପୋଲିଂ ଟିମ ନିଜ ନିଜ ସ୍ଥାନରେ ପହଞ୍ଚିସାରିଛନ୍ତି। ମତଦାନ ପ୍ରକ୍ରିୟାକୁ ସୁରୁଖୁରରେ ସମ୍ପନ୍ନ କରିବା ପାଇଁ ୧୫୮୪ ଜଣ ପୋଲିଂ କର୍ମଚାରୀ ନିୟୋଜିତ ଥିବାବେଳେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ୧୨୩୧ ପୁଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ନୂଆପଡ଼ା ଜିଲ୍ଲାର ଦୁଇଟି ବ୍ଲକ ନୂଆପଡ଼ା ଏବଂ କୋମନା, ଦୁଇଟି ଏନ୍‌ଏସି ଖରିଆରରୋଡ ଏବଂ ନୂଆପଡାରେ ଭୋଟ ଗ୍ରହଣ ହେବ। ଏଥିରେ ମୋଟ ୨ଲକ୍ଷ ୫୪ହଜାର ଭୋଟର ମତଦାନ କରିବେ। ଏଥିରେ ୧ଲକ୍ଷ ୨୪ହଜାର ୫୪୪ଜଣ ପୁରୁଷ ଭୋଟର ଥିବାବେଳେ ୧ଲକ୍ଷ ୨୯ ହଜାର ୯୩୨ଜଣ ମହିଳା ଭୋଟର ଏବଂ ୨୧ଜଣ ତୃତୀୟଲିଙ୍ଗୀ ମତଦାତା ନିଜର ମତଦାନ କରିବାକୁ ଯାଉଛନ୍ତି। ▶ପୃଷ୍ଠା-୭

# ଆତଙ୍କବାଦର ନୂଆ ଚେହେରା

## ବିସ୍ଫୋରକ, ରାଇଫଲ ସହ ଧରାପଡ଼ିଲେ ୪ ଡାକ୍ତର

ଆକ୍ରମଣ ପାଇଁ ଚାଲିଥିଲା ଯୋଜନା; ପଣ୍ଡ କଲା କଶ୍ମୀର ପୁଲିସ
ଟାର୍ଗେଟରେ ଥିଲା ଦିଲ୍ଲୀ ସମେତ ଉତ୍ତର ଭାରତ



■ **ନୂଆଦିଲ୍ଲୀ, ୧୦।୧୧ (ଏଜେନ୍ସି):** ଏକ ଉଦ୍‌ବେଗଜନକ ଘଟଣା କ୍ରମେ ଆତଙ୍କବାଦୀ ଆକ୍ରମଣ ପାଇଁ ଯୋଜନା ଚଳାଇଥିବା ୪ ଜଣ ଡାକ୍ତର ଧରାପଡ଼ିଛନ୍ତି। ସେମାନଙ୍କ ନିକଟରୁ ୨୯୦୦ କିଲୋ ବିସ୍ଫୋରକ ସହିତ ଏକେ-୪୭ ରାଇଫଲ ଏବଂ କିଛି ବିଷାକ୍ତ ରସାୟନ ସାମଗ୍ରୀ ଜବତ କରାଯାଇଛି। ରାଜଧାନୀ ଦିଲ୍ଲୀ ସମେତ ଉତ୍ତର ଭାରତରେ ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣ ପାଇଁ ଚାଲିଥିଲା ଯୋଜନା। ଠିକ୍ ସମୟରେ ପୁଲିସ ସେମାନଙ୍କୁ ଧରିବା ପରେ ଏକ ବଡ଼ ଧରଣର ଆକ୍ରମଣ ଯୋଜନାକୁ ପଣ୍ଡ କରିଦେଇଛି ଜମ୍ମୁ-କଶ୍ମୀର ପୁଲିସ। ଏହି ୪ ଜଣ ଡାକ୍ତରଙ୍କୁ ଜମ୍ମୁ-କଶ୍ମୀର, ଉତ୍ତର ପ୍ରଦେଶ, ହରିଆଣା ଏବଂ ଗୁଜରାଟରୁ ଗିରଫ କରାଯାଇଛି। କଶ୍ମୀରରେ ଧରାପଡ଼ିଥିବା ଜଣେ ଡାକ୍ତରଙ୍କ ସୂଚନା ଆଧାରରେ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ସେମାନଙ୍କୁ ଗିରଫ କରିଛି। ଗିରଫଙ୍କ ମଧ୍ୟରେ ଉତ୍ତର ପ୍ରଦେଶର ଜଣେ ମହିଳା ଡାକ୍ତର ମଧ୍ୟ ଅଛନ୍ତି। ତାଙ୍କ କାରରେ ରାଇଫଲ ଓ ବିସ୍ଫୋରକ ସାମଗ୍ରୀ ଥିଲା। ଏହି ଘଟଣାରେ ମୋଟ୍ ୮ ଜଣଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି। ସେମାନେ ପାକିସ୍ତାନୀ ଆତଙ୍କବାଦୀଙ୍କ ଇସାରାରେ କାମ କରୁଥିଲେ।

ଗିରଫ ଡାକ୍ତରମାନେ ହେଲେ ଆଦିଲ ରାଠେର, ମୁଜାମ୍ମିଲ ସକିଲ, ସାହିନ ସହିଦ ଓ ଅହମଦ ସହିଦ। ପାକିସ୍ତାନ ସମର୍ଥିତ ଆତଙ୍କବାଦୀ ସଂଗଠନ ଜୈସ-ଇ- ମହମ୍ମଦ ଓ ଗଜବତ-ଅଲ- ହିନ୍ଦ ସହିତ ସେମାନଙ୍କର ସଂପର୍କ ରହିଛି।

ମିଳିଥିବା ସୂଚନା ଅନୁଯାୟୀ ଡାକ୍ତର ମୁଜାମ୍ମିଲ ଫରିଦାବାଦ୍‌ର ଅଲଫଲାହ ସ୍କୁଲ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ ସେଣ୍ଟରରେ ପଢ଼ାଉଥିଲା।। ତାକୁ ଉତ୍ତରପ୍ରଦେଶର ସାହାରନପୁରରେ ପୁଲିସ ଗିରଫ କରାଯାଇଛି। ଏହାପୂର୍ବରୁ ନଭେମ୍ବର ୭ରେ ଜମ୍ମୁ-କଶ୍ମୀର ପୁଲିସ ଶାହାରନପୁରରେ ଡାକ୍ତର ଆଦିଲ ଅହମ୍ମଦକୁ ଗିରଫ କରିଥିଲା। ସେ କଶ୍ମୀର ଅନନ୍ତନାଗର ବାସିନ୍ଦା। ସେ ଅନନ୍ତନାଗର ସରକାରୀ ମେଡିକାଲ କଲେଜରେ ପ୍ରାକ୍ଟିସ କରୁଥିଲା।। ୨୦୧୪ ସେ ▶ପୃଷ୍ଠା-୭

## ସିଇସିଙ୍କ ହସ୍ତକ୍ଷେପ ଲୋଡ଼ିଲେ ନବୀନ

# ନିରବ ଅବଧିରେ ଆଚରଣ ବିଧି ଉଲ୍ଲଙ୍ଘନ

ବିଶ୍ୱସନୀୟତା ରକ୍ଷା ପାଇଁ ନିଅନ୍ତୁ ତୁରନ୍ତ ପଦକ୍ଷେପ
କଡ଼ାକଡ଼ି ଲାଗୁ ହେଉ ୩୬ ଘଣ୍ଟାର ନିରବ ଅବଧି



■ **ଭୁବନେଶ୍ୱର, ୧୦।୧୧ (ସମିସ):** ନୂଆପଡ଼ା ଉପନିର୍ବାଚନରେ ନିର୍ବାଚନ ଆଚରଣ ବିଧିର ଖୋଲା ଉଲ୍ଲଂଘନ ନେଇ ଗଭୀର ଉଦବେଗ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଭୋଟଗ୍ରହଣର ୩୬ ଘଣ୍ଟା ପୂର୍ବରୁ ଧାର୍ଯ୍ୟ ସାଇଲେନ୍ସ ପିରିୟଡ (ନିରବ ଅବଧି)ରେ ଏପରି ଅନେକ କାର୍ଯ୍ୟକଳାପ ଦେଖିବାକୁ ମିଳୁଛି, ଯାହା ନିର୍ବାଚନ ଆଚରଣ ବିଧିକୁ ଖୋଲାଖୋଲି ଉଲ୍ଲଂଘନ କରୁଛି। ପୁଲିସ ଏବଂ ସ୍ଥାନୀୟ ପ୍ରଶାସନ ଶାସକ ଦଳର ସ୍ୱାର୍ଥ ପୂରଣ ଦିଗରେ ପୂରା ଜୋରରେ ଲାଗିପଡ଼ିଛି। ମୁକ୍ତ ଓ ଅବାଧ ନିର୍ବାଚନ ପରିଚାଳନା ଗଣତନ୍ତ୍ରର ପ୍ରକୃତ ପରିଚୟ। ଅତଏବ ▶ପୃଷ୍ଠା-୭

## ୨୭ରୁ ବିଧାନସଭା ଶୀତ ଅଧିବେଶନ

# ସମ୍ବୋଧିତ କରିବେ ରାଷ୍ଟ୍ରପତି

୨୮ରେ ଅତିରିକ୍ତ ବଜେଟ, ୨୯ଟି କାର୍ଯ୍ୟଦିବସ

■ **ଭୁବନେଶ୍ୱର, ୧୦।୧୧ (ସମିସ):** ଆସନ୍ତା ୨୭ ତାରିଖରୁ ସପ୍ତଦଶ ବିଧାନସଭାର ପଞ୍ଚମ ଅର୍ଥାତ୍ ଶୀତକାଳୀନ ଅଧିବେଶନ ଆରମ୍ଭ ହେବ। ଏନେଇ ବିଧାନସଭା ସଚିବାଳୟ ପକ୍ଷରୁ ବିଧବଦ୍ଧ କାର୍ଯ୍ୟସାରଣୀ ପ୍ରକାଶ ପାଇଛି। ଅଧିବେଶନର ପ୍ରଥମ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିଧାନସଭାକୁ ସମ୍ବୋଧିତ କରିବେ। ଏହାର ପରଦିନ ଅର୍ଥାତ୍ ୨୮ ତାରିଖରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ପ୍ରଥମ ଅତିରିକ୍ତ ବଜେଟ ଆଗତ ହେବ। ଡିସେମ୍ବର ୩୧ ତାରିଖ ଯାଏଁ ଚାଲିବାକୁ ଥିବା ଏହି ଅଧିବେଶନରେ ମୋଟ ୨୯ଟି କାର୍ଯ୍ୟ ଦିବସ ▶ପୃଷ୍ଠା-୭

## ଅପମିଶ୍ରିତ ତିରୁପତି ଲଡ୍ଡୁ ମାମଲା: ବଡ଼ ସୂଚନା ଦେଲା ସିବିଆଇ

# ନକଲି ଘିଅ ଦେଇଥିଲା ଉତ୍ତରାଖଣ୍ଡ କମ୍ପାନୀ

■ **ତିରୁପତି, ୧୦।୧୧ (ଏଜେନ୍ସି):** ତିରୁମାଲା ତିରୁପତି ଦେବସ୍ଥାନମ (ଟିଟିଡି)ରେ ଅପମିଶ୍ରିତ ପ୍ରସାଦ ମାମଲାକୁ ନେଇ ବଡ଼ ସୂଚନା ସାମ୍ନାକୁ ଆସିଛି। ମନ୍ଦିରକୁ ଘିଅ ଯୋଗାଣ କରୁଥିବା ଉତ୍ତରାଖଣ୍ଡ ଡାଏରୀ କମ୍ପାନୀର କଳାକାରନାମାର ଗୁମର ଖୋଲି ଯାଇଛି। ଏହି କମ୍ପାନୀ ୨୦୧୯ରୁ ୨୦୨୪ ମଧ୍ୟରେ ୬୮ ଲକ୍ଷ କେଜି ଅପମିଶ୍ରିତ ଘିଅ ମନ୍ଦିରକୁ ଯୋଗାଣ କରିଥିଲା। ଏହି ବାବଦରୁ ୨୫୦ କୋଟି ଟଙ୍କା ଲାଭ କରିଥିଲା। ସିବିଆଇ ଏବଂ ଆନ୍ଧ୍ର ପ୍ରଦେଶ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ହୋଇଥିବା ଯାଞ୍ଚରୁ ଏହା ଜଣାପଡ଼ିଛି।

୬୮ ଲକ୍ଷ କେଜି ଘିଅ ବିକି ଆୟ କରିଥିଲା ୨୫୦ କୋଟି ଟଙ୍କା
ନକଲି ଥିଲା କମ୍ପାନୀର ସବୁ କାଗଜପତ୍ର
ଧରାପଡ଼ିବା ସତ୍ତ୍ୱେ ନୂଆ କମ୍ପାନୀ ଗଠନ କରି ଚାଲିଥିଲା ଯୋଗାଣ



ଯାଞ୍ଚ ରିପୋର୍ଟ ଅନୁଯାୟୀ ଏହି ଘିଅ ଯୋଗାଣ କରୁଥିବା ଡାଏରୀ କମ୍ପାନୀର ସବୁ କାଗଜପତ୍ର ନକଲି ଥିଲା। ଏହି କମ୍ପାନୀ କେବେ ବି କ୍ଷୀର ଏବଂ ଲହୁଣୀ କିଣି ନ ଥିଲା। ଏହା ସତ୍ତ୍ୱେ ଘିଅ ଏବଂ ଲହୁଣୀ ଯୋଗାଣ କରୁଥିଲା। ଏହି କମ୍ପାନୀର ମାଲିକ ପମ୍ମିଲା ଜୈନ ଏବଂ ବିପିନ ଜୈନ ଜାଲ୍ ଘିଅ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା କରିଥିଲା। ଘିଅ ଏବଂ ଲହୁଣୀ କ୍ରୟ କରାଯାଇଥିବାର ନକଲି ବିଲ୍ ପ୍ରସ୍ତୁତ କରାଯାଇଥିଲା। ଏହି ମାମଲାରେ ଅନ୍ୟତମ ଅଭିଯୁକ୍ତ ଅଜୟ କୁମାର ସୁଗନ୍ଧକୁ ଜେରା କରାଯାଇଥିଲା। ସେ ମୋନୋଡିଗ୍ଲିସରାଇଡ୍‌ସ ଏବଂ ଏସିଟିକ ଏସିଡ ଏଷ୍ଟର ଭଳି କେମିକାଲ ଯୋଗାଣ କରୁଥିବା ସ୍ୱୀକାର କରିଛି। ଏହାକୁ ମିଶାଇ ନକଲି ଘିଅ ପ୍ରସ୍ତୁତ କରାଯାଉଥିଲା। ୨୦୨୨ରେ ଟିଟିଡିର ଅଭିଯୋଗ କ୍ରମେ ଏହି ଭୋଲେ ବାବା ଡାଏରୀକୁ କଳାତାଲିକାଭୁକ୍ତ କରାଯାଇଥିଲା। ପରେ ଏହି ଗ୍ରୁପ ଆଉ ଏକ କମ୍ପାନୀ ଗଠନ କରିଥିଲା ଏବଂ ମନ୍ଦିରକୁ ଘିଅ-ଲହୁଣୀ ଯୋଗାଣ ଜାରି ରଖିଥିଲା। ଏଥିରେ ବୈଷ୍ଣବୀ ଡାଏରୀ (ତିରୁପତି), ମାଲ ଗଙ୍ଗା ଡାଏରୀ (ଉତ୍ତର ପ୍ରଦେଶ) ଏବଂ ଏଆର ଡାଏରୀ ଫୁଡ୍ସ (ତାମିଲନାଡୁ) ସାମିଲ ରହିଛି।

ସିବିଆଇ ଏବଂ ଏଫଏସଏସଏଆଇର ତଦନ୍ତରୁ ଜଣାପଡ଼ିଛି ଯେ ଘିଅରେ ପଶୁ ଚର୍ବି ମିଶା ଯାଉଥିଲା। ୨୦୨୪ ଜୁଲାଇରେ ଟିଟିଡି ଏଆର ଡାଏରୀର ଚାରୋଟି ଟ୍ୟାଙ୍କରକୁ ଗ୍ରହଣ କରି ନ ଥିଲା। କିନ୍ତୁ ଏହି ଟ୍ୟାଙ୍କରକୁ ▶ପୃଷ୍ଠା-୭

## ରଥଯାତ୍ରା ମହାବିଭ୍ରାଟ

# ବିରାଦରୀ ପ୍ରୀତି: ବରିଷ୍ଠ ସୁରକ୍ଷିତ; କନିଷ୍ଠଙ୍କୁ ବଳି

ସିସିଟିଭି ଲଗାଇବା ଦାୟିତ୍ୱରେ ଥିବା ପୁଲିସ ଏଡିଜିଙ୍କୁ କାହିଁକି ଅନୁକମ୍ପା

■ **ଭୁବନେଶ୍ୱର, ୧୦।୧୧ (ସମିସ):** ଅପରେସନ ସିନ୍ଦୂର ପରେ ପୁରୀରେ ମହାପ୍ରଭୁଙ୍କ ରଥଯାତ୍ରା ଥିଲା ଦେଶର ସବୁଠାରୁ ବଡ଼ ଧାର୍ମିକ ଉତ୍ସବ। ରଥଯାତ୍ରାରେ ୧୫ ଲକ୍ଷ ଲୋକଙ୍କ ସମାଗମ ହେବା ଆକଳନ ହୋଇଥିଲା ଓ ଏହାକୁ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) କ୍ୟାମେରାରେ ପରିଚାଳନା ପାଇଁ ସରକାର ଯୋଜନା କରିଥିଲେ। ତୁହାକୁ ତୁହା ବୈଠକ ବସିଲା, ସରକାର ଘନଘନ ବିବୃତି ଦେଲେ। ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ଆଇନମନ୍ତ୍ରୀ ଠାରୁ ଆରମ୍ଭ କରି ପୁଲିସ ଡ଼ିଜିଙ୍କ ପର୍ଯ୍ୟନ୍ତ ରଥଯାତ୍ରାକୁ ଐତିହାସିକ କରାଯିବ ବୋଲି ଘୋଷଣା କଲେ। ସତରେ ଚଳିତ ବର୍ଷ ରଥଯାତ୍ରା ଐତିହାସିକ ହେଲା। ରଥଯାତ୍ରା ଦିନ ମହାପ୍ରଭୁ ଜଗନ୍ନାଥଙ୍କ ରଥ ଗଡ଼ିଲା ନାହିଁ। କେବଳ ବିଧି ଦୃଷ୍ଟିରୁ ରାତିରେ ଆଲୁଅ ଲଗାଇ କେଇ ହାତ ରଥ ଟଣାଗଲା। ରଥଯାତ୍ରାରେ ଠେଲାପେଲାରେ ଶହଶହ ଭକ୍ତ ଆହତ ହେଲେ; ଦଳାଚକଟାରେ ୩ ଜଣଙ୍କ ମୃତ୍ୟୁ ହେଲା। ସରକାର ଉନ୍ନୟନ କମିଶନରଙ୍କୁ ଘଟଣାର ତଦନ୍ତ ନିମନ୍ତେ ନିର୍ଦ୍ଦେଶ ଦେଲେ ଓ ତଦନ୍ତ ରିପୋର୍ଟ ଆଧାରରେ ୭ ଜଣ କନିଷ୍ଠ ପୁଲିସ କର୍ମଚାରୀଙ୍କୁ ଦାୟୀ କରି ▶ପୃଷ୍ଠା-୭

ଲୋକ ମଲେ ବାବୁଙ୍କର କି ଯାଏ ?

- ୫ ମେଗାପିକ୍ସଲ ପରିବର୍ତ୍ତେ କାହିଁକି ଲାଗିଲା ୨ ମେଗାପିକ୍ସଲ କ୍ୟାମେରା
- ୨୮୨ ବଦଳରେ ୧୭୦ଟି କ୍ୟାମେରା ଲଗାଇବା ପଛରେ କାହା ହାତ
- ସିସିଟିଭି ଲଗାଇବା ନିମନ୍ତେ ସମ୍ପୃକ୍ତ ଠିକା ସଂସ୍ଥାକୁ କାହିଁକି ବଞ୍ଚାଗଲା
- ଠିକା ସଂସ୍ଥା ବାଛିଥିବା ତତ୍କାଳୀନ ଏଡିଜି (ମୁଖ୍ୟାଳୟ)ଙ୍କ ଭୂମିକାକୁ ନେଇ ପ୍ରଶ୍ନ
- ୨୦ ଆଇପିଏସ୍, ୪୫୦ ଓପିଏସ୍ ପାହ୍ୟା ଅଧିକାରୀ କ'ଣ ଦୋଷମୁକ୍ତ
- ରିପୋର୍ଟରେ ଶ୍ରୀମନ୍ଦିର ପ୍ରଶାସନର ଭୂମିକାକୁ ନେଇ ରହସ୍ୟମୟ ନିରବତା



# ଦିଲ୍ଲୀ ବିସ୍ଫୋରଣ ପଛରେ କିଏ ?





ନୂଆଦିଲ୍ଲୀ, ୧୦ା୧୧ (ଏଜେନ୍ସି): ଆଜି ସନ୍ଧ୍ୟାରେ ଦିଲ୍ଲୀରେ ହୋଇଥିବା ଭୟଙ୍କର ବିସ୍ଫୋରଣରେ ୮ ଜଣ ପ୍ରାଣ ହରାଇଥିବା ବେଳେ ଅନ୍ୟ ୧୭ ଜଣ ଗୁରୁତର ଆହତ ହୋଇଛନ୍ତି। ଘଟଣାସ୍ଥଳରେ ନେସନାଲ ସିକୁରିଟି ଗାର୍ଡ, ନେସନାଲ ସିକୁରିଟି ଏଜେନସି, ଦିଲ୍ଲୀ ପୁଲିସ ଏବଂ ଫରେନସିକ୍ ସାଇନ୍ସ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏହି ବିସ୍ଫୋରଣ ପାଇଁ କେହି ନିଜକୁ ଦାୟୀ କରିନାହାନ୍ତି। ବିସ୍ଫୋରଣ ପଛରେ କିଏ, ତାହା ମଧ୍ୟ ଜଣାପଡ଼ି ନାହିଁ। ତେବେ ଯେଉଁ କାରରେ ବିସ୍ଫୋରଣ ହୋଇଛି, ତାହାର ମାଲିକଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ମହମ୍ମଦ ସଲମାନ ନାମକ ଏହି ବ୍ୟକ୍ତି ଦୁଇ ବର୍ଷ ପୂର୍ବେ ଉକ୍ତ କାରକୁ ଓଖଲାର ଦେବେନ୍ଦ୍ର ନାମକ ଆଉ ଜଣେ ବ୍ୟକ୍ତିଙ୍କୁ ବିକ୍ରି କରିଦେଇଥିଲେ। ପୁଣି ଦେବେନ୍ଦ୍ର ଏହି କାରକୁ ଅମ୍ବାଲାରେ ଆଉ ଜଣେ ବ୍ୟକ୍ତିଙ୍କୁ ବିକ୍ରି କରିଦେଇଥିଲେ। ସଲମାନଙ୍କ ଘର ହରିଆଣାର ଗୁରୁଗ୍ରାମ ହୋଇଥିବା ବେଳେ କାରର ନମ୍ବର ମଧ୍ୟ ହରିଆଣାରେ ପଞ୍ଜୀକରଣ ହୋଇଛି। ତେବେ ଏବେ ଯେଉଁ

## ■ କାର୍‌ର ପୁରୁଣା ମାଲିକ ଅଟକ
## ■ ଗିରଫ ଡାକ୍ତରଙ୍କୁ ପଚରାଉଚରା

ଲୋକର ନାମରେ ଏହି କାର ରହିଛି, ତାହାକୁ ପୁଲିସ ଖୋଜୁଛି। ଏହି ବିସ୍ଫୋରଣରେ ସେମାନଙ୍କର ସଂପୃକ୍ତି ରହିଛି କି ନାହିଁ, ତାହା ଯାଞ୍ଚ କରାଯାଉଛି। ଏହି କାରଟି ହେଉଛି ହୁଣ୍ଡାଇ ଆଇ-୨୦ କାର ଏବଂ ଏଥିରେ ତିନି ଚାରି ଜଣ ଲୋକ ବସିଥିଲେ ବୋଲି କୁହାଯାଉଛି। ପୁଲିସ ଏଅଧିକ କିଛି ସୂଚନା ଦେଉନାହିଁ।

ଅନ୍ୟପକ୍ଷରେ ବିଭିନ୍ନ ସ୍ଥାନରେ ଆକ୍ରମଣ ପାଇଁ ଯୋଜନା କରୁଥିବା ବେଳେ ଧରାପଡ଼ିଥିବା ୮ ଜଣ ବ୍ୟକ୍ତିଙ୍କୁ ପୁଲିସ ଏସଂପର୍କରେ ପଚରାଉଚରା କରୁଛି। ଆଜିର ବିସ୍ଫୋରଣ ସହିତ ସେମାନଙ୍କର ସଂପର୍କ ରହିଛି କି ନାହିଁ ତାହାର ଖୋଳତାଡ଼ କରରୁଛି ପୁଲିସ। ଗିରଫ ୮ ଜଣଙ୍କ ମଧ୍ୟରୁ ୪ ଜଣ ଡାକ୍ତର ଥିବା ବେଳେ ୭ ଜଣ ହେଉଛନ୍ତି କଶ୍ମୀର ବାସିନ୍ଦା। ସେମାନେ ମଧ୍ୟ ଦିଲ୍ଲୀ ସମେତ ଉତ୍ତର ଭାରତରେ ବିସ୍ଫୋରଣ କରିବାକୁ ଯୋଜନା କରିଥିଲେ ବୋଲି ପୁଲିସ ଆଗରେ ବୟାନ ଦେଇଥିଲେ। ତେଣୁ ଆଜିର ବିସ୍ଫୋରଣ ପଛରେ ସେମାନଙ୍କ ଗୋଷ୍ଠୀର ହାତ ଥାଇପାରେ ବୋଲି ସନ୍ଦେହ କରାଯାଉଛି। ତେଣୁ ସେମାନେ ଆଉ କାହା ସହିତ ସଂପର୍କରେ ଥିଲେ, ସେସଂପର୍କରେ ସୂଚନା ହାସଲ ଲାଗି ଆଜି ରାତି ତମାମ ସେମାନଙ୍କୁ ଜେରା କରାଯାଉଛି। ଇଇତିମଧ୍ୟରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଏକ ଉଚ୍ଚସ୍ତରୀୟ ବୈଠକରେ ପରିସ୍ଥିତିର ସମୀକ୍ଷା କରିବା ପରେ ବିସ୍ଫୋରଣ ସ୍ଥଳକୁ ମଧ୍ୟ ଯାଇଥିଲେ।

**● ଦିଲ୍ଲୀ ବିସ୍ଫୋରଣରରେ ନୂଆ ପାଟର୍ଣ୍ଣ**

## ହୋଇନି ଖାଲ କି କଳା ପଡ଼ିନି ଆହତଙ୍କ ଶରୀର

ଦିଲ୍ଲୀ ଲାଲ୍‌କିଲ୍ଲା ବିସ୍ଫୋରଣରେ ନୂଆ ପାଟର୍ଣ୍ଣ ସାମ୍‌ନାକୁ ଆସିଛି। ଯେଉଁ କାର୍‌ରେ ବିସ୍ଫୋରଣ ହୋଇଥିଲା, ସେଥିରେ ଆଉ କିଛି ଲୋକ ବସି ଥିଲେ। ତେବେ ଏହି ବିସ୍ଫୋରଣ ଯୋଗୁଁ ଘଟଣାସ୍ଥଳରେ କୌଣସି ଖାଲ ହୋଇ ନ ଥିଲା। ଆହତଙ୍କ ଶରୀରରେ କଣ୍ଟା କିମ୍ବା ତାର ପଶି ଯାଇ ନ ଥିଲା। ଆହତ ବ୍ୟକ୍ତିଙ୍କ ମୁହଁ କିମ୍ବା ଶରୀର କଳା ପଡ଼ି ନ ଥିଲା। ଦିଲ୍ଲୀ ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଏହା ସାଧାରଣ ବିସ୍ଫୋରଣ ନ ଥିଲା। ଏହା ଏକ ବଡ଼ ବୋମା ବିସ୍ଫୋରଣ ଥିଲା। ୨୦୦ ମିଟର ପର୍ଯ୍ୟନ୍ତ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା। ପ୍ରାରମ୍ଭିକ ଯାଞ୍ଚରୁ ଏହା ଏକ ବଡ଼ ଆତଙ୍କବାଦୀ ଘଟଣା ବୋଲି ଜଣାପଡୁଛି। ଏବେ ଯାଞ୍ଚ ଜାରି ରହିଛି। ଏବେ ବିସ୍ଫୋରଣକୁ ନେଇ ଅନେକ ପ୍ରଶ୍ନ ଉଠୁଛି। ବିସ୍ଫୋରଣରେ କେଉଁ ବାରୁଦ ବ୍ୟବହାର କରାଯାଇଥିଲା? କାହିଁକି ବିସ୍ଫୋରଣ ପରେ ମୃତାହତଙ୍କ ଶୀରର କଳା ପଡ଼ି ନ ଥିଲା? କାର୍ ଭିତରେ କିଏ ବସି ଥିଲେ? ଜମ୍ମୁ-କଶ୍ମୀରରୁ ଜବତ ବିସ୍ଫୋରକ ସହ ଏହାର କୌଣସି ଲିଙ୍କ୍ ନାହିଁ ତ? ବିସ୍ଫୋରଣ ପଛରେ କୌଣସି ବଡ଼ ଷଡ଼ଯନ୍ତ୍ର ନାହିଁ ତ? ଏଭଳି ଅନେକ ପ୍ରଶ୍ନ ଉଠୁଛି।

## ଆତଙ୍କୀଙ୍କ ଟାର୍ଗେଟରେ ଦିଲ୍ଲୀ: ୧୯୯୬ରୁ ୨୦୨୫

୧୯୯୬ ମେ ୨୫: ଲାଜପତ ନଗରରେ ବିସ୍ଫୋରଣ, ୨୦ ମୃତ
୧୯୯୭ ନଭେମ୍ବର ୩୦; ଲାଲକିଲ୍ଲା ଅଞ୍ଚଳରେ ଟ୍ୱିନ୍ ବ୍ଲାଷ୍ଟ, ୩ ମୃତ
୧୯୯୭ ଡିସେମ୍ବର ୩୦: ପଞ୍ଜାବୀ ବାଗରେ ବସ୍ ବିସ୍ଫୋରଣ, ୪ମୃତ
୨୦୦୦ ଜନୁ ୧୮; ଲାଲକିଲ୍ଲାରେ ଦୁଇଟି ବିସ୍ଫୋରଣ, ୨ ମୃତ
୨୦୦୧ ଡିସେମ୍ବର: ପାର୍ଲାମେଣ୍ଟ ଉପରେ ଆକ୍ରମଣ, ୯ ସୁରକ୍ଷା କର୍ମୀ ସହିଦ
୨୦୦୫ ଅକ୍ଟୋବର ୨୯: ସରୋଜିନୀ ନଗର, ପାହାଡଗଞ୍ଜରେ ବିସ୍ଫୋରଣ, ୬୭ ମୃତ
୨୦୦୬ ଏପ୍ରିଲ ୧୪; ଜାମା ମସଜିଦ ପରିସରରେ ବିସ୍ଫୋରଣ, ୧୪ ଆହତ
୨୦୦୮ ସେପ୍ଟେମ୍ବର ୧୩; କାରୋଲ ବାଗ, କନଟ ପ୍ଲେସ, ଗ୍ରେଟର କୈଳାଶ-୧ରେ ସିରିଜ ବିସ୍ଫୋରଣ, ୩୦ ମୃତ
୨୦୧୧ ମେ ୨୫: ଦିଲ୍ଲୀ ହାଇକୋର୍ଟ ପାର୍କିଂ ଲଟ୍‌ରେ ବିସ୍ଫୋରଣ, ୧୫ ମୃତ
୨୦୨୫ନଭେମ୍ବର ୧୦: ଲାଲକିଲ୍ଲା ନିକଟରେ କାର ବିସ୍ଫୋରଣ, ୮ ମୃତ



## ଭେଣ୍ଟିଲେଟରରେ ହି-ମ୍ୟାନ ଧର୍ମେନ୍ଦ୍ର

ମୁମ୍ବଇ, ୧୦ା୧୧(ଏଜେନ୍ସି): ବର୍ଷୀଆନ ବଲିଉଡ ଅଭିନେତା ତଥା ହି-ମ୍ୟାନ ଧର୍ମେନ୍ଦ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ପୁଣି ବିଗିଡିଛି। ମୁମ୍ବଇର ବ୍ରିଚ୍‌କାଣ୍ଡି ହସ୍ପିଟାଲ୍‌ରେ ତାଙ୍କୁ ଭର୍ତ୍ତି କରାଯାଇଛି ବୋଲି ତାଙ୍କ ପରିବାର ତରଫରୁ କୁହାଯାଇଛି। ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଛି। ନିଃଶ୍ୱାସ ନେବାରେ ସମସ୍ୟା ହେବା କାରଣରୁ ତାଙ୍କୁ ଗୋଟିଏ ସପ୍ତାହ ତଳେ ହସ୍ପିଟାଲ ନିଆଯାଇଥିଲା। ଆଗାମୀ ଡିସେମ୍ବର ୮ରେ ସେ ୯୦ ବର୍ଷରେ ପଦାର୍ପଣ କରିବେ। ପୂର୍ବରୁ ଏପ୍ରିଲ୍‌ରେ ତାଙ୍କର ଚକ୍ଷୁ ପ୍ରତିରୋପଣ ଅସ୍ତ୍ରୋପଚାର କରାଯାଇଥିଲା। ଧର୍ମେନ୍ଦ୍ର ହସ୍ପିଟାଲରେ ଅଛନ୍ତି। ତେବେ ଧର୍ମେନ୍ଦ୍ରଙ୍କୁ ଭେଣ୍ଟିଲିଟରରେ ରଖାଯାଇନାହିଁ ବୋଲି ତାଙ୍କ ଟିମ୍ ତରଫରୁ କୁହାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ହୋଇଛି। ସେ ଏକାଧିକ ଡାଙ୍କରଙ୍କ ତତ୍ତ୍ୱାବଧାନରେ ରହିଛନ୍ତି। ଚିନ୍ତା କରିବାର କୌଣସି କାରଣ ନାହିଁ ବୋଲି କୁହାଯାଇଛି। ପୂରା ପରିବାର ତାଙ୍କ ସହ ଅଛନ୍ତି। ଦୁଇ ଝିଅଙ୍କୁ ମଧ୍ୟ ଆମେରିକାରୁ ଡକାଯାଇଛି। ୧୯୬୦ରେ ସେ 'ଦିଲ୍ ଭି ତେରା, ହମ୍ ଭି ତେରା' ସିନେମାରେ ସେ ବଲିଉଡ୍‌ରେ ପଦାର୍ପଣ କରିଥିଲେ। ୧୯୬୦ ଦଶକରେ ସେ ଅନପଢ଼, ବନ୍ଦିନୀ, ଅନୁପମା ଓ ଆୟା ସାବନ ଝୁମ୍‌କେରେ ଅଭିନୟ କରି ବଲିଉଡ୍‌ରେ ନିଜର ସ୍ୱତନ୍ତ୍ର ସ୍ଥାନ ଓ ପରିଚୟ ସୃଷ୍ଟି କରିଥିଲେ। ସେ ସୁପରହିଟ୍ ଚଳଚ୍ଚିତ୍ର ଶୋଲେ, ଧରମବୀର, ଚୁପ୍‌କେ ଚୁପ୍‌କେ, ମେରା ଗାଁଓ ମେରା ଦେଶ ଓ ଡ୍ରିମ ଗର୍ଲରେ ଅଭିନୟ କରି ଦର୍ଶକଙ୍କ ମନ ଜିଣିଥିଲେ। ଦୀର୍ଘ ୬ ଦଶନ୍ଧିର କ୍ୟାରିୟରରେ ସେ ମୋଟ ୩୦୦ଟି ସିନେମାରେ ଅଭିନୟ କରିଛନ୍ତି।

## ଫ୍ଲାଇଟ୍ ଜିପିଏସ୍‌ରେ ଟ୍ୟାମ୍ପରିଂ କରାଯାଇଥିଲା

ନୂଆଦିଲ୍ଲୀ, ୧୦ା୧୧(ଏଜେନ୍ସି): ଦିଲ୍ଲୀ ଇନ୍ଦିରା ଗାନ୍ଧୀ ବିମାନ ବନ୍ଦରରେ ଦୁଇଦିନ ତଳେ ୮୦୦ରୁ ଊର୍ଦ୍ଧ୍ୱ ବିମାନ ଉଡାଣ ବାଧାପ୍ରପ୍ତ ହୋଇଥିଲା ଓ ଏଥିପାଇଁ ହଜାର ହଜାର ଯାତ୍ରୀ ହନ୍ତସନ୍ତ ହୋଇଥିଲେ। ଏବେ ଏହି ଘଟଣା ପଛର କାରଣ ସାମ୍ନାକୁ ଆସିଛି। ଜିପିଏସ୍ ଅର୍ଥାତ ଗ୍ଲୋବାଲ ପୋଜିସନିଂ ସିଷ୍ଟମର ସିଗନାଲ୍‌କୁ ଟ୍ୟାମ୍ପରି କରାଯାଇଥିଲା ବୋଲି ଯାଞ୍ଚ ଓ ବିଶେଷଜ୍ଞଙ୍କଠାରୁ ମିଳିଥିବା ସୂଚନାରୁ ସ୍ପଷ୍ଟ ହୋଇଛି। ନଭେମ୍ବର ୬ ଓ ୭ରେ ସନ୍ଧ୍ୟା ୭ଟାରେ ବିମାନଗୁଡିକର ଜିପିଏସ୍‌ର ନକଲି ସିଗ୍‌ନାଲ ମିଳିଥିଲା। କକ୍‌ପିଟ୍‌ର ପର୍ଦ୍ଦାରେ ବିମାନର ପୋଜିସନିଂ ବଦଳି ଯାଇଥିଲା ଓ ନକଲି ଚିତ୍ର ଦେଖିବାକୁ ମିଳିଥିଲା। ଫଳରେ ଏହି ଅବସରରେ ରନୱେ ବଦଳରେ ଚାଷଜମି ଦେଖିବାକୁ ମିଳିଥିଲା। ସେହିପରି ବିମାନର ଉଚ୍ଚତା ନେଇ ଭ୍ରମ ସୃଷ୍ଟି ହୋଇଥିଲା। ଫଳରେ ବିମାନର ପାଇଲଟ୍ ଜିପିଏସ୍ ବେଷ୍ଟ ଅଟୋ ମେସେଜିଂ ବଦଳରେ ମାନୁଆଲ ପୋଜିସନକୁ ସ୍ଥାନାନ୍ତର ହୋଇଥିଲା। ନଭେମ୍ବର ୭ରେ ଏୟାର ଟ୍ରାଫିକ କଣ୍ଟ୍ରୋଲ (ଏଟିସି)ର ଅଟୋମେଟିକ ମେସେଜ ସୁଇଚ୍ ସିଷ୍ଟମ୍ (ଏଏମ୍‌ଏସ୍‌ଏସ୍)ରେ ବୈଷୟିକ ତ୍ରୁଟି ବିମାନଗୁଡିକର ଚଳାଚଳ ୧୨ ଘଣ୍ଟାଧରି ପ୍ରଭାବିତ ହୋଇଥିଲା। ୮୦୦ରୁ ଊର୍ଦ୍ଧ୍ୱ ଘରୋଇ ଓ ଅନ୍ତର୍ଜାତୀୟ ବିମାନର ଉଡାଣ ବିଳମ୍ବିତ ହୋଇଥିଲା। ଏପରିକି ୨୦ଟି ବିମାନର ଉଡାଣକୁ ବାତିଲ କରିବାକୁ ପଡ଼ିଥିଲା। ୪୮ ଘଣ୍ଟା ପରେ ଯାଇ ବିମାନବନ୍ଦରର ପରିଚାଳନା ସାଧାରଣ ହୋଇଥିଲା।

## ପାଟନାରେ ଛାତ ଭୁଶୁଡ଼ି ଗୋଟିଏ ପରିବାରର ୫ ମୃତ

ପାଟନା, ୧୦ା୧୧(ଏଜେନ୍ସି): ବିହାର ରାଜଧାନୀ ପାଟନା ଉପକଣ୍ଠରେ ଥିବା ଦାନପୁରରେ ଘରର ଛାତ ଭୁଶୁଡିବା ଫଳରେ ଗୋଟିଏ ପରିବାର ୫ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ରବିବାର ରାତି ୯ଟାରେ ମାନସ ନୟା ପାନାପୁର ଗାଁରେ ଏହି ଘଟଣା ଘଟିଛି। ଏହି ଗାଁ ପାଟନା ଓ ସାରଣ ସୀମରେ ଅବସ୍ଥିତ। ଛାତ ଭୁଶୁଡିବା ଫଳରେ ୩୫ ବର୍ଷୀୟ ମହମ୍ମଦ ବବଲୁ, ପତ୍ନୀ ୩୦ ବର୍ଷୀୟ ରୋଶନ ଖାତୁନ ଓ ତାଙ୍କ ଦୁଇ ଝିଅ ଓ ଗୋଟିଏ ପୁଅ ପ୍ରାଣ ହରାଇଛନ୍ତି। ଭଙ୍ଗା ଛାତ ଓ କାନ୍ଥ ତଳେ ସମସ୍ତଙ୍କ ମୃତଦେହ ଫସି ରହିଛି। ଭଗ୍ନାବଶେଷ ତଳେ ପିଲାଙ୍କ ସ୍କୁଲ ବ୍ୟାଗ, କିଛି ପୋଷାକ ଓ ପଙ୍ଖା ଦେଖିବାକୁ ମିଳିଛି। କେତୋଟି ଇଟାରେ ରକ୍ତର ଛିଟା ମଧ୍ୟ ଦେଖାଯାଇଛି। ପାଖରେ ଏକ କଡେଇ, ଗ୍ୟାସ ଚୁଲା ଓ ଅନ୍ୟାନ୍ୟ ରୋଷେଇ ତଥା ଘରୋଇ ଉପକରଣ ପଡ଼ି ରହିଛି। ଛାତ ଭୁଶୁଡିବା ପରେ ଜୋରରେ ଶବ୍ଦ ଶୁଣି ଲୋକେ ଘରୁ ବାହରକୁ ଆସିଥିଲେ। ପୂରା ପରିବାର ରାତିରେ ଖାଇ ସାରିବା ପରେ ଶୋଇଥିବା ବେଳେ ଏହି ଘଟଣା ଘଟିଥିଲା ବୋଲି ପଡୋଶୀ କହିଛନ୍ତି। ଇନ୍ଦିରା ଆବାସ ଯୋଜନାରୁ ବବ୍‌ଲୁ ଏହି ଘର ତିଆରି କରିଥିଲେ। କିନ୍ତୁ ଏହି ଘର ପୁରଣା ହୋଇଯାଇଥିଲା ଓ ଅତି ବିପଦ ଶଙ୍କୁଳ ଅବସ୍ଥାରେ ଥିଲା। ଏହି ଘର ୩୦ ବର୍ଷର ପୁରୁଣା ଘର ଥିଲା। ଆରଜେଡି ନେତ୍ରୀ ତଥା ପାଟଳିପୁତ୍ର ସାଂସଦ ମିସା ଭାରତୀ ପୀଡିତ ପରିବାର ସଦସ୍ୟଙ୍କୁ ଭେଟିଛନ୍ତି।

## ସଂରକ୍ଷଣକୁ ନେଇ କେନ୍ଦ୍ରକୁ ଜବାବ ମାଗିଲେ ସୁପ୍ରିମକୋର୍ଟ | ମହିଳା ସବୁଠୁ ବଡ଼ ସଂଖ୍ୟାଲଘୁ



ନୂଆଦିଲ୍ଲୀ, ୧୦ା୧୧ (ଏଜେନ୍ସି): ଲୋକସଭା, ବିଧାନସଭା ନିର୍ବାଚନରେ ମହିଳା ସଂରକ୍ଷଣ ନିୟମ କାର୍ଯ୍ୟକାରୀ କରିବାକୁ ନେଇ ଦାଏର ଆବେଦନ ଉପରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ଏହାର ଉପରେ ଜବାବ ଦେବାକୁ ଜଷ୍ଟିସ ବିଭି ନାଗରତ୍ନା ଏବଂ ଆର ମହାଦେବନଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଏହି ମହିଳା ସଂରକ୍ଷଣ ଆଇନରେ ନିର୍ବାଚନରେ ମହିଳାଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ଦେବାର ନିୟମ ରହିଛି।

ମାମଲାର ଶୁଣାଣି ସମୟରେ ସୁପ୍ରିମକୋର୍ଟର ଏକମାତ୍ର ମହିଳା ବିଚାରପତି ଜଷ୍ଟିସ ନାଗରତ୍ନା ବଡ଼ ଟିପ୍ପଣୀ ଦେଇଥିଲେ। ଦେଶରେ ମହିଳା ସବୁଠୁ ବଡ଼ ସଂଖ୍ୟାଲଘୁ ବୋଲି କହିଥିଲେ। ଭାରତୀୟ ସମ୍ବିଧାନର ପ୍ରସ୍ତାବନାରେ କୁହାଯାଇଛି ଯେ ସମସ୍ତ ନାଗରିକ ରାଜନୈତିକ ଏବଂ ସାମାଜିକ ସମାନତା ପାଇବାକୁ ହକ୍‌ଦାର। ଏହି ଦେଶରେ ମହିଳା ସବୁଠାରୁ ବଡ଼ ସଂଖ୍ୟାଲଘୁ। ମହିଳା ସଂଖ୍ୟା ୪୮ ପ୍ରତିଶତ ରହିଛି। ତେବେ ଏହା ମହିଳାଙ୍କ ରାଜନୈତିକ କ୍ଷମତା ଆଧାରରେ ବୋଲି ଜଷ୍ଟିସ ନାଗରତ୍ନା ସ୍ପଷ୍ଟ କରିଥିଲେ। କଂଗ୍ରେସ ନେତ୍ରୀ ଜୟା ଠାକୁରଙ୍କ ଆବେଦନର ଶୁଣାଣି କରି ସେ ଏହି ଟିପ୍ପଣୀ ଦେଇଛନ୍ତି। ୨୦୨୪ରେ ଅଣାଯାଇଥିବା ମହିଳା ସଂରକ୍ଷଣ ନିୟମକୁ ତୁରନ୍ତ ଲାଗୁ କରିବାକୁ କଂଗ୍ରେସ ନେତ୍ରୀ ଏଥିରେ ଦାବି କରିଥିଲେ।

ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଓକିଲ ସୋଫିଆ ଗୁପ୍ତା କହିଥିଲେ ଯେ ଦେଶ ସ୍ୱାଧୀନତାକୁ ୭ ଦଶନ୍ଧି ବିତି ଯାଇଥିଲେ ମଧ୍ୟ ମହିଳାଙ୍କ ପ୍ରତିନିଧିତ୍ୱ ପାଇଁ କୋର୍ଟଙ୍କ ଦ୍ୱାରସ୍ଥ ହେବା ଦୁର୍ଭାଗ୍ୟର ବିଷୟ। ଏହା ଉପରେ ଜଷ୍ଟିସ ନାଗରତ୍ନା କେନ୍ଦ୍ରକୁ ନୋଟିସ ଜାରି କରିବାକୁ କହିଥିଲେ ଏବଂ ପରିସୀମା ନିର୍ଦ୍ଧାରଣ କେବେ ହେବ ବୋଲି ଜବାବ ମାଗିଥିଲେ। ତେବେ ସେ ସ୍ପଷ୍ଟ କରିଥିଲେ ଯେ ଆଇନ କାର୍ଯ୍ୟକାରୀ କରିବା କାର୍ଯ୍ୟପାଳିକା ଉପରେ ନିର୍ଭର କରୁଛି। ଏ ନେଇ କୋର୍ଟ ମାଣ୍ଡାମସ ରୁଜୁ କରିପାରିବେ ନାହିଁ।

## ଆମେରିକାରେ ଶେଷ ହେବ ସଟ୍‌ଡାଉନ୍

ୱାସିଂଟନ, ୧୦ା୧୧(ଏଜେନ୍ସି): ରେକର୍ଡ ୪୦ ଦିନ ହେବ ଆମେରିକାରେ ସଟ୍‌ଡାଉନ୍ ଜାରି ରହିଥିବା ବେଳେ ଏବେ ଏହା ଶେଷ ହେବା ନେଇ ଆଶା ସଞ୍ଚାର ହୋଇଛି। ରବିବାର ଆମେରିକାର ଉପର ଗୃହ ସିନେଟ୍‌ରେ ଫଣ୍ଡିଂ ବିଲ୍ ପାରିତ କରାଇବା ପ୍ରକ୍ରିୟା ଆଗକୁ ବଢ଼ିଛି। ଏହି ବିଲ୍ ସରକାରଙ୍କୁ ଜାନୁଆରୀ ୩୧ ପର୍ଯ୍ୟନ୍ତ ଫଣ୍ଡିଂ ଉପଲବ୍ଧ କରାଇବ। ଏହି ବିଲ୍ ଅନୁସାରେ ଜାନୁଆରୀ ୩୧ ପର୍ଯ୍ୟନ୍ତ କର୍ମଚାରୀଙ୍କୁ ଛଟେଇ କରିବାରୁ ରୋକାଯିବ। ଏଥିସହ ସଟ୍‌ଡାଉନ୍ ଅବସରରେ କାର୍ଯ୍ୟ କରିଥିବା କର୍ମଚାରୀଙ୍କ ବାକିଆ ପାଉଣା ପ୍ରଦାନ କରାଯିବ। ଏହି ବିଲ୍ ୬୦-୪୦ ଅନ୍ତରେ ପାରିତ ହୋଇଛି।

> **'ଓବାମା କେୟାର' ଉପରେ ଭୋଟିଂ ପାଇଁ ଟ୍ରମ୍ପ ରାଜି**

ଏବେ ସିନେଟ ଏଥିରେ ସଂଶୋଧନ କରିବ। ଏହାପରେ ଏହି ପ୍ରସ୍ତାବ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ ଅର୍ଥାତ ନିମ୍ନ ଗୃହରେ ମଞ୍ଜୁରୀ ଓ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦସ୍ତଖତ ପାଇଁ ପଠାଯିବ। ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟା ଶେଷ ହେବା ପାଇଁ ଏବେ ଆହୁରି କିଛି ଦିନ ଲାଗିବ। ସଟ୍‌ଡାଉନ୍ ଶେଷ କରିବା ପାଇଁ ରିପବ୍ଲିକାନ ପାର୍ଟି କେତେଜଣ ଡେମୋକ୍ରାଟ୍ ସିନେଟରଙ୍କୁ ଓବାମାକେୟାରର ସବ୍‌ସିଡ ବୃଦ୍ଧି କରିବା ପାଇଁ ଡିସେମ୍ବରରେ ଭୋଟିଂ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

ଇତିମଧ୍ୟରେ ସଟ୍‌ଡାଉନ୍ ଶେଷ ହେବା ଭଳି ମନେ ହେଉଥିବା ଟ୍ରମ୍ପ ହ୍ୱାଇଟ୍ ହାଉସ୍‌ରେ ସାମ୍ବାଦିକଙ୍କୁ କହିଛନ୍ତି। କିନ୍ତୁ ଓବାମା କେୟାର ସବ୍‌ସିଡ୍‌କୁ ହେଲଥ୍ ଇନସୁରାନ୍ସ କମ୍ପାନୀଗୁଡିକ ପାଇଁ ଲାଭଜନକ ଓ ଆମେରିକୀୟ ଲୋକଙ୍କ ପାଇଁ କ୍ଷତିକାରକ ବୋଲି ସେ କହିଛନ୍ତି। ଲୋକଙ୍କ ସବ୍‌ସିଡ୍ ବଦଳରେ ସିଧା ପଇସା ଦେଇ ସେମାନଙ୍କୁ ନିଜ ପସନ୍ଦର ଇନସୁରାନ୍ସ କ୍ରୟ କରିବାକୁ ସୁବିଧା ଦିଆଯିବ ଆବଶ୍ୟକ। ଦୁଇ ପାର୍ଟି ସହ ଆଲୋଚନା କରି ସମସ୍ୟାର ସମାଧାନ କରିବାକୁ ରାଜି ଅଛି ବୋଲି ଟ୍ରମ୍ପ କହିଛନ୍ତି।

## ସନ୍ଦେହଜନକ ଅବସ୍ଥାରେ ମଡେଲଙ୍କ ମୃତ୍ୟୁ




ଭୋପାଳ, ୧୦ା୧୧(ଏଜେନ୍ସି): ମଧ୍ୟପ୍ରଦେଶର ସେହୋର ଜିଲ୍ଲାର ଏକ ଘରୋଇ ହସ୍ପିଟାଲରେ ଖୁସ୍‌ବୁ ଅହିରୱାର ନାମକ ଜଣେ ୨୧ ବର୍ଷୀୟା ମଡେଲ ରହସ୍ୟଜନକ ଭାବେ ମୃତ୍ୟୁବରଣ କରିଛନ୍ତି। ସୋମବାର ସକାଳେ ପୁରୁଷ ବନ୍ଧୁ ଏହି ହସ୍ପିଟାଲରେ ଛାଡି ତାଙ୍କୁ ଚାଲିଯାଇଥିଲେ ବୋଲି ଅଭିଯୋଗ ହୋଇଛି। ତାଙ୍କୁ ମୃତ ଅବସ୍ଥାରେ ଅଣାଯାଇଥିବା ଡାକ୍ତରମାନେ କହିଛନ୍ତି। ମୃତ ବୋଲି ଜାଣିବା ପରେ ପୁଲିସକୁ ତୁରନ୍ତ ସୂଚନା ଦିଆଯାଇଥିଲା। ମାଜିଷ୍ଟ୍ରେଟ୍‌ଙ୍କ ତତ୍ତ୍ୱାବଧାନରେ ଖୁସ୍‌ବୁଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଭୋପାଳର ଗାନ୍ଧୀ ମେଡିକାଲ କଲେଜକୁ ପଠାଇ ଦିଆଯାଇଛି। 'ଝିଅକୁ ମାରି ଦିଆଯାଇଛି ଓ ଦେହସାରା ନୀଳ ଚିହ୍ନ ରହିଛି। ତାର ମୁହଁ ମଧ୍ୟ ଫୁଲି ଯାଇଛି ଓ ଗୁପ୍ତାଙ୍ଗରେ ଆଘାତ ଲାଗିଛି। ଝିଅକୁ ନିର୍ମମ ଭାବେ ପିଟି ପିଟି ହତ୍ୟା କରାଯାଇଛି। ଆମେ ନ୍ୟାୟ ଚାହୁଁଛୁ। ଝିଅର ହତ୍ୟାକାରୀକୁ କଠୋର ଦଣ୍ଡ ଦିଆଯାଉ' ବୋଲି ଖୁସ୍‌ବୁଙ୍କ ମା' ଲକ୍ଷ୍ମୀ ଅଭିଯୋଗ କରିଛନ୍ତି। ଖୁସ୍‌ବୁ ୨୭ ବର୍ଷୀୟ କାସିମଙ୍କ ସହ ଲିଭ୍ ଇନ୍‌ରେ ରହୁଥିଲେ ବୋଲି ତାଙ୍କ ପରିବାର ତରଫରୁ କୁହାଯାଇଛି। ଉଜ୍ଜୈନରୁ ଭୋପାଳ ଫେରିବା ବାଟରେ ଖୁସ୍‌ବୁ ଅସୁସ୍ଥ ହୋଇପଡ଼ିଥିଲେ। କିନ୍ତୁ କାସିମ ହସ୍ପିଟାଲରେ ରହିବା ପରିବର୍ତ୍ତେ ତାଙ୍କୁ ଛାଡି ପଳାଇଥିଲେ ବୋଲି ପୁଲିସ କହିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ସବୁ ଦିଗରୁ ତଦନ୍ତ କରାଯିବ ବୋଲି ପୁଲିସ କହିଛି। ନ୍ୟାୟ ପାଇଁ ଖୁସ୍‌ବୁଙ୍କ ଭଉଣୀ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବଙ୍କୁ ନିବେଦନ କରିଛନ୍ତି।

## ଭୟଙ୍କର ପ୍ରଦୂଷଣ; ଦିଲ୍ଲୀ ପ୍ରଶ୍ୱାସରେ ବିଷ

ନୂଆଦିଲ୍ଲୀ, ୧୦ା୧୧(ଏଜେନ୍ସି): ରାଜଧାନୀ ଦିଲ୍ଲୀରେ ପ୍ରଦୂଷଣ ସ୍ଥିତି ଆହୁରି ଖରାପ ସ୍ତରରେ ପହଞ୍ଚିଛି। ଘନ କୁହୁଡି ଓ ତାପମାତ୍ର ହ୍ରାସ ସମସ୍ୟାକୁ ଦ୍ୱିଗୁଣିତ କରିଛି। ଦିଲ୍ଲୀ ଏୟାର କ୍ୱାଲିଟି ଇଣ୍ଡେକ୍ସ (ଏକ୍ୟୁଆଇ) ବିପଜ୍ଜନକ ସ୍ଥିତିରେ ପହଞ୍ଚିଛି। ପିଏମ୍ ୨.୫ ଓ ପିଏମ ୧୦ ଦୁଇଟିର ସ୍ତର ଅତି ଖରାପ ହୋଇଯାଇଛି। ବିଷାକ୍ତ ବାୟୁରେ ପ୍ରଶ୍ୱାସ ନେବାକୁ ଲୋକେ ବାଧ ହେଉଛନ୍ତି। ଏଥିସହ (ଗ୍ରେଡେଡ ରେସପନ୍ସ ଆକ୍ସନ ପ୍ଲାନ)ଜିଆରଏପି-୨ ନିୟମର ଖୋଲାଖୋଲି ଉଲ୍ଲଙ୍ଘନ ହେଉଛି। ଦୀପାବଳି ପରେ ଦିଲ୍ଲୀରେ ପ୍ରଦୁଷଣ ଆହୁରି ଖରାପ ସ୍ଥିତିରେ ପହଞ୍ଚିଛି। ଏହି ସମସ୍ୟାର ସମାଧାନ ପାଇଁ ଇଣ୍ଡିଆ ଗେଟ୍ ନିକଟରେ ପିଲାମାନଙ୍କ ସହ ସେମାନଙ୍କ ପିତାମାତା ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପ୍ରଦୂଷଣ ନିୟନ୍ତ୍ରଣକୁ ଆଣିବା ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଏମାନେ ଦାବି କରିଛନ୍ତି। ବିନା ଅନୁମତିରେ ଇଣ୍ଡିଆ ଗେଟ୍ ନିକଟରେ ଏକାଠି ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିବାରୁ କେତେଜଣଙ୍କୁ ଅଟକ ରଖାଯାଇଛି ବୋଲି ଦିଲ୍ଲୀ ପୁଲିସ କହିଛି। କେବଳ ଜନ୍ତରମନ୍ତରରେ ଆନ୍ଦୋଳନ ତଥା ବିକ୍ଷୋଭ ପ୍ରଦର୍ଶନ କରିବାକୁ ଅନୁମତି ଦିଆଯାଇଛି। ତେବେ ନିୟମ ଅନୁସାରେ ଏଥିପାଇଁ ଅନୁମତିର ଆବଶ୍ୟକତା ଅଛି ବୋଲି ପୁଲିସ କହିଛି। ସୋମବାର ସକାଳ ୭ଟାରେ ଦିଲ୍ଲୀ ଏକ୍ୟୁଆଇ ୩୫୪ ଥିଲା। ଏହା ଅତ୍ୟନ୍ତ ଖରାପ ବର୍ଗରେ ରହିଥିବା ସେଣ୍ଟ୍ରାଲ ପଲ୍ୟୁସନ କଣ୍ଟ୍ରୋଲ ବୋର୍ଡ (ସିପିସିବି) କହିଛି। ଏହା ରବିବାର ୩୯୦ ଥିଲା।

ଅନ୍ୟ ସ୍ଥାନଗୁଡିକରେ ଏକ୍ୟୁଆଇ ଆହୁରି ଖରାପ ରହିଛି। ଏକ୍ୟୁଆଇ ଆନନ୍ଦ ବିହାରରେ ୩୭୯, ଦିଲ୍ଲୀ ଆଇଟିଓରେ ୩୭୬, ଚାନ୍ଦିନୀ ଚୌକରେ ୩୬୦, ଅଖଲା ଫେଜ-୨ରେ ୩୪୮, ଜବାହରଲାଲ ନେହେରୁ ଷ୍ଟାଡିୟମରେ ୩୧୬ ଓ ଇନ୍ଦିରାଗାନ୍ଧୀ ବିମାନ ବନ୍ଦର ଟର୍ମିନାଲ-୩ରେ ୩୦୫ ରହିଛି। ସେହିପରି ନୋଏଡାରେ ଏକ୍ୟୁଆଇ ୩୪୨, ସେକ୍ଟର-୧ରେ ୩୨୫ ଓ ସେକ୍ଟର ୧୧୬ରେ ୩୩୯, ଗ୍ରେଟର ନୋଏଡା ନଲେଜ ପାର୍କ-୩ ଓ ୫ରେ ଯଥାକ୍ରମେ ୩୧୬ ଓ ୩୧୪ ରହିଛି। ଅନ୍ୟପଟେ ଗୁରୁଗ୍ରାମ ସେକ୍ଟର ୫୧ରେ ଏକ୍ୟୁଆଇ ୩୨୭ ରହିଛି। ସେହିପରି ଫରିଦାବାଦ୍‌ର ନ୍ୟୁ ଇଣ୍ଡଷ୍ଟ୍ରିଆଲ ଟାଉନ୍ ଓ ସେକ୍ଟର ୧୧ରେ ଏକ୍ୟୁଆଇ ଯଥାକ୍ରମେ ୨୩୦ ଓ ୨୩୮ ରହିଛି। ରବିବାର ଦିଲ୍ଲୀ ସର୍ବାଧିକ ତାପମାତ୍ରା ୨୮.୧ ଓ ସର୍ବନିମ୍ନ ୧୧.୭ ରହିଥିଲା ଏବଂ ଏହା ସାଧାରଣ ତାପମାତ୍ରାଠାରୁ ଯଥେଷ୍ଟ କମ୍ ରହିଥିଲା।



ଭିଏନାର ସ୍ୱଚ୍ଛ ଆକାଶ (ବାମ) ଏବଂ ଦିଲ୍ଲୀର ପ୍ରଦୂଷିତ ଆକାଶ (ଡାହାଣ)ର ଦୃଶ୍ୟ। ଭିଏନାରୁ ଦିଲ୍ଲୀ ଆସିଥିବା ଏକ ବିମାନରୁ ଜଣେ ଯାତ୍ରୀ ଏହି ଫଟୋ ଉତ୍ତୋଳନ କରିଛନ୍ତି।






ନୂଆପଡ଼ା ଉପନିର୍ବାଚନ ପାଇଁ ବୁଥ୍ ଅଭିମୁଖେ ପୋଲିଂ କର୍ମଚାରୀ ଓ ସୁରକ୍ଷା କର୍ମୀ

■ ବେଆଇନ ମାଛ ଧରା

## ଆନ୍ଧ୍ରପ୍ରଦେଶର ଦୁଇ ଡଙ୍ଗା ଜବତ

ଛତ୍ରପୁର,୧୦ ।୧୧(ସମିସ): ଆର୍ଯ୍ୟପଲ୍ଲୀ ସମୁଦ୍ରକୁ ବେଆଇନ ଭାବେ ପଡୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶରୁ ଅଧିକାଂଶ ସମୟରେ ବଡ଼ ବଡ଼ ଡଙ୍ଗା ଓ ଟ୍ରଲର ଆସି ଏଠାରେ ଜାଲରେ ମାଛ ମାରୁଥିବା ନେଇ ସ୍ଥାନୀୟ ମତ୍ସ୍ୟଜୀବୀ ମାନେ ବହୁବାର ଅଭିଯୋଗ କରିଆସୁଥିଲେ । ସୋମବାର କିଛି ବଡ ବଡ ଡ଼ଙ୍ଗା କାକିନାଡା ଓ ବିଶାଖାପଟନମରୁ ଆର୍ଯ୍ୟପଲ୍ଲୀ ସମୁଦ୍ର ନିକଟରେ ମାଛ ମାରୁଥିବା ଛତ୍ରପୁର ସାମୁଦ୍ରିକ ମତ୍ସ୍ୟବିଭାଗ ଜାଣିପାରି ଦୁଇଟି ଡଙ୍ଗାକୁ ଜବତ କରି ଜେଟି ନିକଟକୁ ଆଣିଥିଲା । ସୀମା ପାର କରି ବେନିୟମ ଭାବେ ମାଛ ମାରୁଥିବାରୁ ସେମାନଙ୍କ ମତ୍ସ୍ୟଜୀବୀ ମାନଙ୍କୁ ବିଭାଗ ପକ୍ଷରୁ ତାଗିଦ କରାଯାଇଥିଲା । ପରେ ଦୁଇ ଡଙ୍ଗାକୁ ଛଡାଯାଇଥିଲା । ଯେପରି ଏହାର ପୁନାରୁବୃତ୍ତି ନହେବ ସେଥିପ୍ରତି ଧ୍ୟାନ ଦେବାକୁ ସେମାନଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଥିଲା । ଯଦି ପୁଣି ବେନିୟମ ଭାବେ ଏଠାକୁ ଆସି ମାଛ ଧରିବ ସେମାନଙ୍କ ଡଙ୍ଗାକୁ ଜବତ କରାଯିବ ବୋଲି ଛତ୍ରପୁର ସାମୁଦ୍ରିକ ମତ୍ସ୍ୟବିଭାଗ ପକ୍ଷରୁ କୁହାଯାଇଛି । ଏପରିକି ମେ ୩୧ ପର୍ଯ୍ୟନ୍ତ ଆର୍ଯ୍ୟପଲ୍ଲୀ ଠାରୁ ପ୍ରୟାଗି ଯାଏଁ ନୋ ଫିସିଂ ଜୋନ ରହିଛି । ବେନିୟମ ଭାବେ ଆନ୍ଧ୍ରରୁ ବଡ ବଡ ଡଙ୍ଗା ଓ ଟ୍ରଲର ଆସି ବଡ ବଡ ଜାଲରେ ବେନିୟମ ଭାବେ ମାଛ ଧରି ନେଇଯାଉଥିବା ବେଳେ ସ୍ଥାନୀୟ ମତ୍ସ୍ୟଜୀବିଙ୍କ ଛୋଟ ଡଙ୍ଗା ଓ ଜାଲ ଥିବାରୁ ସେମାନଙ୍କ ଜାଲରେ ମାଛ ସଂଖ୍ୟା କମିଯାଉଥିଲା ଏନେଇ ସେମାନେ ବହୁବାର ଅଭିଯୋଗ କରିଆସୁଥିଲେ ।

## ପ୍ରେମିକାର ବେକ କାଟିଦେଲା ପ୍ରେମିକ

ବାରିପଦା/କରଞ୍ଜିଆ, ୧୦।୧୧(ସମିସ): ଅନ୍ୟ ଜଣଙ୍କ ସହ ଫୋନ୍‌ରେ କଥା ହେବାରୁ ପ୍ରେମିକାର ତଣ୍ଟି କାଟିଦେଲା ପ୍ରେମିକ । ମୟୂରଭଞ୍ଜ ଜିଲ୍ଲା ଯଶିପୁର ଥାନା ଇଟାମୁଣ୍ଡି ଛକ ନିକଟରେ ଏଭଳି ଏକ ଘଟଣା ଘଟିଛି । ଗୁରୁତର ପ୍ରେମିକାକୁ ଯଶିପୁର ମେଡିକାଲରେ ଭର୍ତ୍ତି କରାଯାଇଛି । ପୁଲିସ ଅଭିଯୁକ୍ତ ପ୍ରେମିକକୁ ଥାନାରେ ଅଟକ ରଖି ପଚରାଉଚରା କରୁଛି । କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଅଞ୍ଚଳର ଜଣେ ଯୁବକ ଯଶିପୁର ଥାନା ମହାରାଜପୁର ଗାଁର ଏକ ଭଡ଼ାଘରେ ରହୁଥିଲେ । ସେଠାରେ ତାଙ୍କର ଜଣେ ଯୁବତୀଙ୍କ ସହ ପ୍ରେମ ସଂପର୍କ ଗଢ଼ି ଉଠିଥିଲା । ସବୁ ଠିକ୍‌ଠାକ୍ ଚାଲିଥିଲା । ରବିବାର ବିଳମ୍ବିତ ରାତିରେ ଯୁବତୀଜଣଙ୍କ ଅନ୍ୟ କାହା ସହ ଫୋନ୍‌ରେ ଦୀର୍ଘ ସମୟ ଧରି କଥା ହେଉଥିଲେ । ଏପଟେ ବାରମ୍ବାର ଫୋନ୍ କରି ନିରାଶ ହେବାରୁ ଯୁବକଜଣଙ୍କ ସନ୍ଦେହ କରିଥିଲେ ଏବଂ ରାତିରେ ଯୁବତୀଙ୍କ ଘରେ ପହଞ୍ଚି ତାଙ୍କୁ ଫୋନ୍ କାଟିବାକୁ କହିଥିଲେ । ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା । ଏଥିରେ ଉତ୍‌କ୍ଷିପ୍ତ ହୋଇ ଯୁବକଜଣଙ୍କ ଏକ ବ୍ଲେଡ୍‌ରେ ପ୍ରେମିକାର ବେକକୁ କାଟି ଦେଇଥିଲେ ।

## ନଦୀକୁ ମାଛ ଧରିବାକୁ ଯାଇ ବୃଦ୍ଧ ନିଖୋଜ

ମୋରଡ଼ା/ରାସଗୋବିନ୍ଦପୁର, ୧୦।୧୧ (ସମିସ): ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ କମାରଗଡ଼ିଆ ପଞ୍ଚାୟତ କାଛଗାଁ ଦେଇ ଯାଇଥିବା ନଦୀରେ ମାଛ ଧରିବାକୁ ଯାଇଥିବା ଜଣେ ବୃଦ୍ଧ ନିଖୋଜ ହୋଇଯାଇଛନ୍ତି । ବୃଦ୍ଧଜଣଙ୍କ ହେଲେ, ନାକିଚୁଆ ପଞ୍ଚାୟତ ଡେଙ୍ଗାଆମ୍ବ ଗାଁର ରାଧାଗୋବିନ୍ଦ ବେହେରା । ଦୁଇ ସାଙ୍ଗଙ୍କ ସହ ରାଧାଗୋବିନ୍ଦ ରାତିରେ ନଦୀରେ ଖଡା ପକାଇ କିଛି ଦୂରରେ ଶୋଇଥିଲେ । ରାତିରେ ରାଧାଗୋବିନ୍ଦ ଉଠି ଗୋଟିଏ ଖଡ଼ା ଉପରକୁ ଉଠାଉଥିବା ବେଳେ ନଦୀରେ ଭାସି ଯାଇଥିଲେ ।

ବାଘୁଣୀ 'ଜିନତ୍' ଗର୍ଭଧାରଣକୁ ନେଇ ଦ୍ୱନ୍ଦ୍ୱ

# ୨୦୦ ଦିନ ହେଲା କୋଳ ଖାଲି

ବାରିପଦା, ୨।୭ (ମନୋଜ ପଣ୍ଡା): ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ମହାବଳ ବାଘ ସଂଖ୍ୟା ବୃଦ୍ଧି ସହ ଏଠାକାର କଳାବାଘଙ୍କ ଜେନେଟିକ୍ ଡାଇଭର୍ସିଟିକୁ ନିୟନ୍ତ୍ରଣରେ ରଖିବା ପାଇଁ ନିଆଯାଇଥିବା ମିଶନ୍‌ର ସଫଳତା ଘୁଞ୍ଚିଘୁଞ୍ଚି ଯାଉଛି । ମହାରାଷ୍ଟ୍ର ତଡ଼ବା ଅନ୍ଧାରୀ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରୁ ଆସିଥିବା ୩ ବର୍ଷୀୟ ବାଘୁଣୀ ଜିନତ୍ ମା' ହେବାକୁ ଯାଉଛି ବୋଲି ପ୍ରମୁଖ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ (ପିସିସିଏଫ) ପ୍ରେମ କୁମାର ଝା ଜୁଲାଇ ପହିଲାରେ କହିଥିଲେ । ହେଲେ ଧାର୍ଯ୍ୟ ସମୟକୁ ୨ ମାସ ବିତିବା ପରେ ମଧ୍ୟ ଜିନତ ଶାବକ ଜନ୍ମ ଦେବା ନେଇ କୌଣସି ସୂଚନା ନାହିଁ । ଏନେଇ ଶିମିଳିପାଳ କର୍ତ୍ତୃପକ୍ଷ ମଧ୍ୟ ନିରବ ।

ପ୍ରକାଶ ଥାଉକି, ଶିମିଳିପାଳରେ କଳାରଙ୍ଗର ବାଘ(ମେଲାନିଷ୍ଟିକ୍ ଟାଇଗର୍) ଦେଖାଯିବା ଯଦିଓ ବିରଳ, କିନ୍ତୁ ଏହା ଏକ ଜିନ୍‌ଗତ ବିକୃତି ବୋଲି ବେଙ୍ଗାଲୁରର ନ୍ୟାସନାଲ ସେଣ୍ଟର୍ ଫର୍ ବାୟୋଲୋଜିକାଲ ସାଇନ୍ସ ବିଭାଗ ସୂଚନା ଦେଇଥିଲା । ଏହାକୁ ରୋକିବା ପାଇଁ ଅନ୍ୟ ରାଜ୍ୟରୁ ମାଈ ବାଘ ଆଣି ବାଘ ସଂଖ୍ୟା ବୃଦ୍ଧି କରିବାକୁ ପରାମର୍ଶ ଦିଆଯାଇଥିଲା । ଏହାଦ୍ୱାରା ଶିମିଳିପାଳର ଆଗାମୀ ପିଢ଼ିର ବାଘଙ୍କ ଜିନ୍‌ରେ ପରିବର୍ତ୍ତନ ଘଟିବ ଏବଂ ଧୀରେଧୀରେ ଏହି ବିକୃତି ନିୟନ୍ତ୍ରଣକୁ ଆସିପାରିବ ବୋଲି କୁହାଯାଇଥିଲା । ତଦନୁସାରେ ନ୍ୟାସନାଲ ଟାଇଗର କନର୍ଜଭେସନ ଅଥରିଟି (ଏନଟିସିଏ) ପକ୍ଷରୁ ଦୁଇଟି ବାଘୁଣୀ ଆଣିବାକୁ ସ୍ଥିର କରାଯାଇଥିଲା । ମହାରାଷ୍ଟ୍ରର ତଡ଼ବା ଅନ୍ଧାରୀ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରୁ ୨ ବାଘୁଣୀ ଯମୁନା ଓ ଜିନତକୁ ଶିମିଳିପାଳ ଅଣାଯାଇଥିଲା । ଗତ ଜୁଲାଇରେ ଜିନତ୍ ମା' ହେବ ବୋଲି ପିସିସିଏଫ୍ ଶ୍ରୀ ଝା କହିବା ପରେ ବନ୍ୟଜନ୍ତୁପ୍ରେମୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା । ଅଗଷ୍ଟ ଶେଷ ସପ୍ତାହ କିମ୍ବା ସେପ୍ଟେମ୍ବର ପ୍ରଥମ ସପ୍ତାହରେ ବାଘଛୁଆ ଜନ୍ମ ନେବେ ବୋଲି ଆଶା କରାଯାଉଥିଲା । କିନ୍ତୁ ନଭେମ୍ବର ଅଧା ହେବାକୁ ଆଉ ୫ ଦିନ ଥିବା ବେଳେ ଏଯାଏ ଜିନତ୍‌ର ଛୁଆ ସଂପର୍କରେ କିଛି ଜଣାପଡ଼ିନାହିଁ ।

ମେ' ମାସ ଦ୍ୱିତୀୟ ସପ୍ତାହ ଆଡ଼କୁ ୧୧ବର୍ଷୀୟ ମେଲାନିଷ୍ଟିକ୍ ଟି-୧୨ ମହାବଳ ବାଘ ସହ ଜିନତ୍‌ର ମିଳନ ହୋଇଥିଲା । ପରେ ତା'ର ସ୍ୱଭାବରେ ପରିବର୍ତ୍ତନ ଆସିଥିଲା । ଦୀର୍ଘ ୨୫-୩୦ ବର୍ଗକିମି ଅଞ୍ଚଳକୁ ସେ ନିଜର ଇଲାକା ଭାବେ ଗ୍ରହଣ କରିଥିଲା । ଯମୁନାଗଡ଼ରୁ ଗୁଡୁଗୁଡିଆ ମଧ୍ୟରେ ଖଞ୍ଜାଯାଇଥିବା ଟ୍ରାପ ଓ ଏଆଇ କ୍ୟାମେରାରେ ଉଭୟଙ୍କ ଫୁଟେଜ କଏଦ ହୋଇଥିଲା । ଉଭୟଙ୍କ ସହ ଶାରୀରିକ ମିଳନ ହେବା ପରେ ଜିନତ୍ ମା' ହେବାକୁ ଯାଉଛି ବୋଲି ଆଶା ଥିଲା । ସାଧାରଣତଃ ମିଳନର ୧୦୫ରୁ ୧୨୦ ଦିନ ମଧ୍ୟରେ ମହାବଳ ବାଘୁଣୀ ଶାବକକୁ ଜନ୍ମ ଦେଇଥାଏ । କିନ୍ତୁ



ତଦନୁସାରେ ଆହୁରି ୭୦ ଦିନ ଅତିକ୍ରାନ୍ତ ହେଲାଣି, ହେଲେ ଜିନତ ବିନା ଶାବକରେ ଚଳପ୍ରଚଳ କରୁଛି । ଜିନତ ଉପରେ ସ୍ୱତନ୍ତ୍ର ନଜର ରଖିବା ପାଇଁ ଏକ ଡାକ୍ତରୀ ଦଳକୁ ନିୟୋଜିତ କରାଯାଇଥିଲେ ମଧ୍ୟ ବିଭାଗୀୟ ସୂଚନା କିଛି ନାହିଁ ।

ଅପରପକ୍ଷରେ ବାଘୁଣୀ ଯମୁନା ଏ ପର୍ଯ୍ୟନ୍ତ ସାଥୀ ନ ପାଇ କୁଳଡିହା ଓ ହଦଗଡ଼ ଅଭୟାରଣ୍ୟରେ ଚଳପ୍ରଚଳ କରୁଛି । ଫଳରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ମହାବଳ ବାଘ ସଂଖ୍ୟା ସହ ବାଘର ଜେନେଟିକ ଡାଇଭର୍ସିଟିକୁ ନିୟନ୍ତ୍ରଣରେ ରଖିବା ପାଇଁ ନିଆଯାଇଥିବା ମିଶନର ସଫଳତା ବିଳମ୍ବିତ ହେଉଛି ।

ଏ ସଂପର୍କରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ନିର୍ଦ୍ଦେଶକ ଡ. ପ୍ରକାଶଚାନ୍ଦ ଗୋଗେନାନୀ କହିନ୍ତି ଯେ ବାଘୁଣୀ ଜିନତ୍ ବର୍ତ୍ତମାନ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣର ମୁଖ୍ୟ ଅଞ୍ଚଳରେ ବିଚରଣ କରୁଛି । ତାକୁ ମୁକ୍ତ କରାଯିବା ପରେ ସେ ଅଧିକାଂଶ ସମୟ ମୁଖ୍ୟ ଅଞ୍ଚଳରେ ରହିବା ସହ ସମ୍ବର, ଚିତଲ, ବଣୁଆ ପଶୁର ଆଦି ବନ୍ୟଜନ୍ତୁଙ୍କୁ ଶିକାର କରୁଥିବା ନଜର ଆସୁଛି ଏବଂ ୨୪/୭ ଟ୍ରାକିଂ ଟିମ୍ ଦ୍ୱାରା ନିରୀକ୍ଷଣ କରୁଛୁ । ତାର ଅବସ୍ଥାନ ସମ୍ପର୍କରେ ସାଟେଲାଇଟ୍ ମାଧ୍ୟମରେ ନିୟମିତ ଅପଡେଟ୍ ମିଳୁଛି । ସେ ଏବେ ସୁସ୍ଥ ଅଛି ଏବଂ ଭଲ ରହିଥିବା ବେଳେ ଯମୁନା ଏବେ ଶିମିଳିପାଳ ଲ୍ୟାଣ୍ଡସ୍କେପରେ ବିଚରଣ କରୁଛି । ତେବେ ଏକ ମୁକ୍ତ-ବିଚରଣଶୀଳ ଜଙ୍ଗଲୀ ଜନ୍ତୁର ଗର୍ଭଧାରଣ ସ୍ଥିତି ବିଷୟରେ ଆମେ କେବେ ହେଲେ ନିଶ୍ଚିତ ଭାବେ ଜାଣିପାରିବା ନାହିଁ । ନମୁନା ସଂଗ୍ରହ ବିନା କେବେ ହେଲେ ସ୍ପଷ୍ଟ କରିପାରିବୁ ନାହିଁ । ମୁଖ୍ୟ ଅଞ୍ଚଳରେ ସ୍ଥାପିତ କ୍ୟାମେରା ଟ୍ରାପ୍ ଜିନତ୍‌ର ଫଟୋ ଉଠାଯାଉଛି, ଯାହା ତାଙ୍କ ସାମଗ୍ରିକ ସ୍ୱାସ୍ଥ୍ୟ ନିରୀକ୍ଷଣରେ ସହାୟକ ହେଉଛି ବୋଲି ସେ କହିଛନ୍ତି ।

## ସୂର୍ଯ୍ୟସ୍ନାତ ତ୍ରିପାଠୀ ପାଇବେ 'ସୋଆ ଯୁବ ସାହିତ୍ୟ ପୁରସ୍କାର

ଭୁବନେଶ୍ୱର,୧୦।୧୧(ସମିସ): ଓଡ଼ିଆ ଯୁବ କବି ଓ ଲେଖକ ସୂର୍ଯ୍ୟସ୍ନାତ ତ୍ରିପାଠୀଙ୍କୁ ସୋଆ ଯୁବ ସାହିତ୍ୟ ପୁରସ୍କାର ୨୦୨୫ ପ୍ରଦାନ କରାଯିବ । ଆସନ୍ତା ୩୦ ତାରିଖରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ହେବାକୁ ଥିବା ତୃତୀୟ ସୋଆ ସାହିତ୍ୟ ଉତ୍ସବର ଉଦ୍‌ଯାପନୀ ଉତ୍ସବରେ ଶ୍ରୀ ତ୍ରିପାଠୀଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯିବ । ବର୍ଷା ପ୍ରକାଶନୀ ଦ୍ୱାରା ୨୦୨୪ରେ ପ୍ରକାଶିତ ଶ୍ରୀ ତ୍ରିପାଠୀଙ୍କର କ୍ଷୁଦ୍ର ଗଳ୍ପ ସଂକଳନ 'ଠିଆପୁଚି ନାରଙ୍ଗ' ନିମନ୍ତେ ସେ ଏହି ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି । ୧୯୯୧ ମସିହାରେ ଜନ୍ମିତ ଶ୍ରୀ ତ୍ରିପାଠୀଙ୍କର ୭ଟି କବିତା ସଂକଳନ, ଗୋଟିଏ କ୍ଷୁଦ୍ର ଗଳ୍ପ ସଂକଳନ ପ୍ରକାଶ ପାଇଛି । ସେ ଧରମବୀର ଭାରତୀଙ୍କ ଲିଖିତ 'କନୁପ୍ରିୟା'ର ଓଡିଆ ଅନୁବାଦ କରିଛନ୍ତି । ୨୦୧୭ ମସିହାରେ କେନ୍ଦ୍ର ସାହିତ୍ୟ ଅକାଦେମୀ ଯୁବ ପୁରସ୍କାରରେ ସମ୍ମାନିତ ଶ୍ରୀ ତ୍ରିପାଠୀ ହାଇଦ୍ରାବାଦସ୍ଥିତ ନାଟକ ସଂସ୍ଥା 'କାସ', 'କିସ୍ ସା ଗୋ' ଏବଂ 'ପ୍ଲେ ଅଫ୍ ଶିବା' ଭଳି ଅନୁଷ୍ଠାନଗୁଡିକ ନିମନ୍ତେ ନାଟକର ସଂଳାପ ଲେଖିଥିବା ବେଳେ 'ବୋତଲ ଅର୍ଜ ହେ, ଲାଷ୍ଟ ୱିସ, ଜେନେରେସନ୍ସ ଅଫ୍ ନ୍ୟୁଟନ୍ ଭଳି ନାଟକର ସଂଳାପ ଲେଖିଛନ୍ତି । ନିକଟରେ ସେ ଓଡ଼ିଆ ସିନେମା ଇନ୍ଦ୍ରଧନୁ ସମେତ ୨ଟି କ୍ଷୁଦ୍ର ଚଳଚ୍ଚିତ୍ର 'ମାଟି ମୁହାଣ' (ଓଡ଼ିଆ) ଏବଂ 'ଖିଡ଼କିଆଁ' (ହିନ୍ଦୀ) ନିମନ୍ତେ ସଂଳାପ ରଚନା କରିଛନ୍ତି । ପୁରସ୍କାର ପାଇଁ ମନୋନୀତ ହୋଇଥିବା ତାଙ୍କ କ୍ଷୁଦ୍ର ଗଳ୍ପ ସଂକଳନରେ ୧୨ଟି ଗଳ୍ପ ରହିଛି । ଏଥିରେ ଲେଖକ ମଣିଷର ମନସ୍ତତ୍ୱ ଏବଂ ସମସାମୟିକ ଅନୁଭୂତିର ନିଛକ ପରିପ୍ରକାଶ କରିଛନ୍ତି । ତାଙ୍କର କବିତା ପରି ସ୍ୱପ୍ନ ଏବଂ ପ୍ରେମ ତାଙ୍କ ଗଳ୍ପର ମୁଖ୍ୟ ସ୍ୱର । ଶ୍ରୀ ତ୍ରିପାଠୀ ସଂପ୍ରତି ଆଇଆଇଟି ରୋପାର୍ ବାୟୋମେଡିକାଲ୍ ଇଞ୍ଜିନିୟରିଂ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଭାବେ କାର୍ଯ୍ୟରତ ଅଛନ୍ତି ।



କବିତା, ଗଳ୍ପ, ଉପନ୍ୟାସ ଆଦି ସାହିତ୍ୟର ସୃଜନାତ୍ମକ କ୍ଷେତ୍ରରେ ଲେଖୁଥିବା ଯୁବପିଢ଼ିଙ୍କୁ ପ୍ରୋତ୍ସାହନ ଦେବା ସହ ଉତ୍ସାହିତ କରିବା ନିମନ୍ତେ ଚଳିତ ବର୍ଷଠାରୁ ସୋଆ ଯୁବ ସାହିତ୍ୟ ପୁରସ୍କାର ପ୍ରଦାନ କରିବା ନିମନ୍ତେ ସ୍ଥିର କରାଯାଇଛି । ମନୋନୀତ ସାହିତ୍ୟିକଙ୍କୁ ଏକ ଲକ୍ଷ ଟଙ୍କାର ପୁରସ୍କାର ରାଶି ସହିତ ମାନପତ୍ର, ରୌପ୍ୟ ଫଳକ ଓ ଉତ୍ତରୀୟ ପ୍ରଦାନ କରାଯିବ । ପ୍ରଖ୍ୟାତ କବି, ସଂଳାପ ଲେଖକ, ଗୀତିକାର ଏବଂ ଚିନ୍ତକ ଜାଭେଦ ଅଖତରଙ୍କୁ ଭାରତୀୟ ସିନେମା ଏବଂ ସାହିତ୍ୟ କ୍ଷେତ୍ରରେ ତାଙ୍କର ଜୀବନବ୍ୟାପୀ ସାଧନା ଏବଂ ଅବଦାନ ନିମନ୍ତେ ନଭେମ୍ବର ୨୯ ତାରିଖରେ ଆରମ୍ଭ ହେବାକୁ ଥିବା ତୃତୀୟ ସୋଆ ସାହିତ୍ୟ ଉତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସୋଆ ସାହିତ୍ୟ ସମ୍ମାନ ୨୦୨୫ରେ ସମ୍ମାନିତ କରାଯିବ । ସୋଆ ପରିଚାଳିତ ସେଣ୍ଟର ଫର୍ ପ୍ରିଜର୍ଭେସନ୍, ପ୍ରୋପାଗେସନ୍ ଆଣ୍ଡ ରେଷ୍ଟୋରେସନ୍ ଅଫ୍ ଏନ୍‌ସିଏଣ୍ଟ କଲ୍‌ଚର୍ ଆଣ୍ଡ ହେରିଟେଜ ଅଫ୍ ଇଣ୍ଡିଆ (ପ୍ରାଚୀନ) ପକ୍ଷରୁ ଆସନ୍ତା ନଭେମ୍ବର ୨୯ ଓ ୩୦ ତାରିଖରେ ଏହି ସାହିତ୍ୟ ଉତ୍ସବର ଆୟୋଜନ କରାଯାଇଛି । ଚଳିତ ବର୍ଷର ପ୍ରସଙ୍ଗ ରହିଛି 'କଲ୍‌ଚର, କ୍ରିଏଟିଭିଟି ଆଣ୍ଡ ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ' ଅର୍ଥାତ ସଂସ୍କୃତି, ସର୍ଜନଶୀଳତା ଓ କୃତ୍ରିମ ବୁଦ୍ଧିମତା । ଉତ୍ସବରେ ଦେଶର କୋଣଅନୁକୋଣରୁ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ବିଶିଷ୍ଟ ଲେଖକ, କବି, ଚିତ୍ରକାର, ଔପନ୍ୟାସିକ, ଅନୁବାଦକ, ପ୍ରକାଶକ, ଚିନ୍ତକ, ନାଟକ ଏବଂ ଗଣମାଧ୍ୟମ ଜଗତର ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏହି ଦୁଇ ଦିନିଆ ଉତ୍ସବରେ ୩୦ଟି ବିଭିନ୍ନ ଅଧିବେଶନ ରଖାଯାଇଛି ବୋଲି 'ପ୍ରାଚୀନ'ର ମୁଖ୍ୟ ତଥା ଉତ୍ସବର ନିର୍ଦ୍ଦେଶିକା ପ୍ରଫେସର ଗାୟତ୍ରୀବାଳା ପଣ୍ଡା ସୂଚନା ଦେଇଛନ୍ତି ।

## ପିଣ୍ଟୁ ଦାଶଙ୍କ ପିଟିସନର ଶୁଣାଣି ଶେଷ; ରାୟ ସଂରକ୍ଷିତ

ବ୍ରହ୍ମପୁର,୧୦ ।୧୧(ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଛନ୍ଦି ହୋଇ ଜେଲରେ ଥିବା ବ୍ରହ୍ମପୁରର ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ୍ ପିଣ୍ଟୁଙ୍କ ପକ୍ଷରୁ କୋର୍ଟରେ ବରିଷ୍ଠ ଆଇନଜୀବୀ କୈଳାସ ପଣ୍ଡା ପିଟିସନ ଦାଖଲ କରିଛନ୍ତି । ସ୍ଥାନୀୟ ଏସ୍‌ଡିଜେଏମ୍‌ଙ୍କ ଅଦାଲତରେ ଦାଖଲ ହୋଇଥିବା ପିଟିସନରେ ମୁଖ୍ୟତଃ ପିଣ୍ଟୁଙ୍କ ସ୍ୱାସ୍ଥ୍ୟଗତ ତଥା ପାରିବାରିକ ସମସ୍ୟା ଦର୍ଶାଇ ବିଭିନ୍ନ ସୁବିଧା ଓ ସୁଯୋଗ ପ୍ରଦାନ କରିବାକୁ ନିବେଦନ କରାଯାଇଛି । ବ୍ରହ୍ମପୁର ଜେଲରେ ପିଣ୍ଟୁଙ୍କ ଜୀବନ ପ୍ରତି ବିପଦ ଥିବା ଆଶଙ୍କା କରି ତାଙ୍କୁ ଫୁଲବାଣୀ ମଣ୍ଡଳ କାରାଗାରକୁ ସ୍ଥାନାନ୍ତର କରାଯାଇଛି । ତେବେ ପିଣ୍ଟୁ ଜଣେ ରକ୍ତଚାପ ରୋଗୀ ହୋଇଥିବାରୁ ତାଙ୍କୁ ଜୋତା ପିନ୍ଧିବା ଓ ସ୍ୱାସ୍ଥ୍ୟପୂର୍ଣ୍ଣ ଖାଦ୍ୟ ଖାଇବା ସହ ସେ କାନରେ ପିନ୍ଧିଥିବା କୁଣ୍ଡଳ ବାହାର ନ କରିବା ପାଇଁ କୋର୍ଟରେ ନିବେଦନ କରାଯାଇଛି । ସେହିଭଳି ପିଣ୍ଟୁଙ୍କୁ ଫୁଲବାଣୀ ଜେଲକୁ ସ୍ଥାନାନ୍ତର କରାଯାଇଥିବା ବେଳେ ତାଙ୍କ ପରିବାରବର୍ଗ ବ୍ରହ୍ମପୁରରେ ଅଛନ୍ତି । ଏଣୁ ଇ-ମୁଲାକାତ ମାଧ୍ୟମରେ ପରିବାର ସଦସ୍ୟଙ୍କ ସହ ସାକ୍ଷାତ କରିବାର ସୁଯୋଗ ଉପଲବ୍ଧ କରାଇବାକୁ ପିଣ୍ଟୁ କୋର୍ଟଙ୍କୁ ନିବେଦନ କରିଥିବା ଜଣାପଡ଼ିଛି । ଏହି ପିଟିସନ୍ ଉପରେ ସୋମବାର ଶୁଣାଣି ଶେଷ ହୋଇଥିବା ବେଳେ ମଙ୍ଗଳବାର ରାୟ ପ୍ରକାଶ ପାଇବ ବୋଲି ଜଣାପଡ଼ିଛି ।

**Government of India**
**Ministry of Environment, Forest & Climate Change**
**Regional Office, Bhubaneswar, Odisha**

**Online Proposal No.: FP/OR/RAIL/438606/2023** — **Dated: 24/01/2025**

**To,**
**The Addl. Chief Secretary,**
**Forest, Environment & CC Deptt.,**
**Government of Odisha,**
**Bhubaneswar – 751 001**

Subject: Diversion of 4.519 ha of forest land for construction of proposed Rail Corridor in village Kadei under Tangi Choudwar Tahasil of Cuttack District in Cuttack Forest Division by M/s My Home Industries Pvt. Ltd.

Sir/Madam,

I am directed to refer to State Govt. letter No.FE-DIV-FLD-0106-2023-25213/FE&CC dated 05.12.2023, No.26151/FE&CC dated 30.12.2024, No.2072/FE&CC dated 21.01.2025 and Online Proposal No.FP/OR/RAIL/438606/2023 on the above mentioned subject seeking prior approval of the Ministry of Environment, Forest & Climate Change under Section 2 of Van (Sanrakshan Evam Samvardhan) Adhiniyam, 1980.

2. After due consideration of the proposal of the State Government, the Ministry of Environment, Forest & Climate Change hereby conveys 'Stage-I/in-principle' approval for diversion of 4.519 ha of forest land for construction of proposed Rail Corridor in village Kadei under Tangi Choudwar Tahasil of Cuttack District in Cuttack Forest Division by M/s My Home Industries Pvt. Ltd., subject to the fulfillment of the following conditions.

**1. General Conditions**

| S. No | Conditions |
|---|---|
| 1.1 | The legal status of forest land proposed for diversion shall remain unchanged. |
| 1.2 | The user agency shall transfer online, the Net Present Value (NPV) of 4.519 ha forest land being diverted under this proposal, as per the Orders of Hon'ble Supreme Court of India dated 28.03.2008, 24.04.2008 and 09.05.2008 in Writ Petition (Civil) No.202/1995 and the guidelines issued by this Ministry vide its letter No.5-3/2011-FC (Vol-I) dated 06.01.2022, and 22.03.2022. The requisite funds shall be transferred through online portal in CAMPA account of the State concerned. |
| 1.3 | The non forest land of 4.654 ha identified in village Chhotapadagon under Tangi Choudwar Tahasil of Cuttack District under Cuttack Forest Division for raising compensatory afforestation shall be transferred and mutated in the name of Forest Department and notified as RF/PF prior to Stage-II approval. |
| 1.4 | The user agency shall transfer the cost of raising and maintaining the CA/Addl. CA at the current wage rate in consultation with State Forest Department in the account of CAMPA of the concerned State through online portal. The Scheme may include appropriate provision for anticipated cost increase for works scheduled for subsequent years. |
| 1.5 | Compensatory afforestation shall be raised over 4.654 ha identified in village Chhotapadagon under Tangi Choudwar Tahasil of Cuttack District under Cuttack Forest Division within two years from the date of Stage-II Clearance and maintained thereafter by the State Forest Department as per approved plan/scheme and maintained thereafter, at the cost of user agency. |
| 1.6 | Addl. Compensatory afforestation shall be raised over 5.2 ha of degraded forest land identified in Kaliamba PRF of Dalijoda Range under Cuttack Forest Division within two years from the date of Stage-II Clearance and maintained thereafter by the State Forest Department as per approved plan/scheme and maintained thereafter, at the cost of user agency. |
| 1.7 | The species to be planted in the CA scheme shall be of native species of the area. At least 18 month old seedlings should be planted. Intensive monitoring of the plantation needs to be done and documented using Geo tagging so that the increase of canopy density and survival and growth of plantation can be evaluated at regular intervals. |
| 1.8 | A Site Specific Wildlife Conservation Plan shall be prepared and duly approved by Chief Wildlife Warden, Odisha shall be implemented at project cost. The fund for implementation of Site Specific Wildlife Conservation shall be deposited by the user agency after duly vetted by Regional Office, MoEF&CC, Bhubaneswar. |
| 1.9 | At the time of payment of Net Present Value (NPV) at the then prevailing rate, the user agency shall furnish an undertaking to pay the additional amount of NPV, if so determined, as per the final decision of the Hon'ble Supreme Court of India. |
| 1.10 | The KML files of the area to be diverted and the CA areas shall be uploaded on the e-Green watch portal with all requisite details before issuing working permission towards linear projects or submitting compliance report for seeking Stage-II approval, as the case may be. |
| 1.11 | All the funds received from the user agency under the project shall be transferred/ deposited in CAMPA account only through e-portal (https://parivesh.nic.in/). Amount deposited through other mode will not be accepted as compliance of the Stage-I clearance. |
| 1.12 | The compliance report of the Stage-I approval shall be uploaded on e-portal (https://parivesh.nic.in/). |
| 1.13 | The complete compliance of the FRA, 2006 shall be ensured by way of prescribed certificate from the concerned District Collector. |
| 1.14 | The boundary of the proposed forest land for diversion, shall be demarcated on ground at the project cost, by erecting four feet high reinforced cement concrete pillars, each inscribed with its serial number, distance from pillar to pillar and GPS co-ordinates. |
| 1.15 | The user agency shall obtain Environment Clearance as per the provisions of the Environmental (Protection) Act, 1986, if applicable. |
| 1.16 | Speed regulating signage will be erected along the railway line at regular intervals in Protected Areas/Forest Areas. |
| 1.17 | The State Govt. shall ensure controlled speed limit of 20 Km/Hr, if the trains passing through the forest portion to enable the trains drivers to react to the sudden appearance of the wild animals on the track. As and when required speed of train shall be regulated in consultation with CWLWL of the State Govt. There should be regular communication with the local forest department to know the presence/movement of elephant near the track. |
| 1.18 | The designing of culverts/bridges, if any over the natural streams/rivers/canals should be done in such a manner that it does not hamper the natural course of water, does not give rise to water logging, and also does not hamper movement of wild animals including elephant. |
| 1.19 | The reclamation of quarry, if any, should be done under the supervision of the State Forest Department. The quarry shall be reclaimed and afforested completely before the project is closed |
| 1.20 | The user agency shall take up Avenue Plantation on either side of alignment of the track at its own cost in consultation with the DFO. |
| 1.21 | The user agency shall explore the possibility of successful transplantation of maximum number of trees identified to be felled and shall ensure that any tree felling shall be done only when it is unavoidable and that too under strict supervision of the State Forest Department. |
| 1.22 | No labour camp shall be established on the forest land and the user agency shall provide fuels preferably alternate fuels to the labourers and the staff working at the site so as to avoid any damage and pressure on the nearby forest areas. |
| 1.23 | No additional or new path will be constructed inside the forest area for any activity related to the project work. |
| 1.24 | The user agency while executing works, shall not fell any tree or damage forest growth in the surrounding forest area in any manner. |
| 1.25 | The layout plan of the proposed forest land shall not be changed without the prior approval of Ministry of Environment, Forest & Climate Change. |
| 1.26 | The forest land shall not be used for any purpose other than that specified in the proposal. |
| 1.27 | The forest land proposed to be diverted shall under no circumstances be transferred to any other user agency, department or person without the prior approval of Ministry of Environment, Forest & Climate Change. |
| 1.28 | No damage to the flora and fauna of the adjoining area shall be caused. |
| 1.29 | The concerned Divisional Forest Officer, will monitor and take necessary mitigative measures to ensure that there is no adverse impact on the forests in the surrounding area. |
| 1.30 | The user agency shall submit annual self monitoring report on compliance of stipulated conditions to the Nodal Officer (FCA) of the State and concerned Regional Office of this Ministry by the end of March every year. |
| 1.31 | Any other conditions that the Ministry of Environment, Forests & Climate Change may impose from time to time in the interest of afforestation, conservation and management of flora and fauna in the area, shall be complied by the user agency. |
| 1.32 | The State Govt. and user agency shall ensure compliance to provisions of the all Acts, Rules, Regulations, Guidelines, NGT Order (s) & Hon'ble Court Order (s) pertaining to this project, if any, for the time being in force, as applicable to the project. |
| 1.33 | Violation of any of these conditions will amount to violation of Van (Sanrakshan Evam Samvardhan) Adhiniyam, 1980 and action would be taken as prescribed in Para 1.16 of Consolidated Guidelines and Clarification issued under Van (Sanrakshan Evam Samvardhan) Adhiniyam, 1980 and Van (Sanrakshan Evam Samvardhan) Rules, 2023 vide Ministry's letter dated 29.12.2023. |

**2. Standard conditions**
**3. Specific Conditions**

3. After receipt of the report on compliance to the conditions stipulated above, from the State Government of Odisha, final/Stage-II approval for diversion of the said forest land under Section 2 of Van (Sanrakshan Evam Samvardhan) Adhiniyam, 1980 will be issued by this Ministry. Transfer of forest land to user agency should not be effected by the State Government of Odisha till final/Stage-II approval for its diversion is issued by the Ministry of Environment, Forest & Climate Change.

4. "The State Govt. or a Senior Office not below the Rank of a Divisional Forest Officer, having jurisdiction over the forest land proposed to be diverted, duly authorized in this behalf by the State Govt. can pass an order for tree cutting and commencement of work of a linear project in forest land for a period of one year ("working permission" means permission granted to linear project before final approval to mobilize the resources to commence the preliminary project work other than black topping, concretization, laying of railway tracks, charging of transmission lines, etc.). Such order shall be passed only after full realization of funds for compensatory afforestation, Net Present Value (NPV), Wildlife conservation Plan, plantation of dwarf species of medicinal plants, and all other compensatory levies, specified in the Stage-I (in-principle) approval from the User Agency, and where ever applicable, transfer and mutation of nonforest/ revenue forest land in favour of State Forest Department, declaration of PF/RF and compliance of other statues including ST&OTFD (Recognition of Forest Rights) Act, 2006" as stipulated in Para 11.1 of Chapter-11 of Consolidated Guidelines and Clarification issued under Van (Sanrakshan Evam Samvardhan) Adhiniyam, 1980 and Van (Sanrakshan Evam Samvardhan) Rules, 2023 vide Ministry's letter dated 29.12.2023.

**Copy To**

1. The Inspector General of Forests (ROHQ), Ministry of Environment, Forest & Climate Change, Indira Paryavaran Bhawan, Jor Bagh Road, Aliganj, New Delhi – 110003.
2. The PCCF & Nodal Officer (FCA), Forest Department, Govt. of Odisha, Aranya Bhawan, Chandrasekharpur, Bhubaneswar-751023.
3. The Deputy General Manager (Projects), M/s My Home Industries Pvt. Ltd., 9th Floor, Block-3, My Home Hub, Madhapur, Hyderbad-500081, Telangana.

**Your's faithfully**
**(Dr. Padma Mahanti)**
**Dy. Inspector General of Forests (C)**

### ଶିଳ୍ପ ନଗରୀକୁ ଉପେକ୍ଷା

# କାଗଜ କଲମରେ ଅଟକିଛି ଭୂବନ୍ଦୋବସ୍ତ କାର୍ଯ୍ୟ

**ଦାନଗଦି,୧୦।୧୧(ସମିସ):** ଶିଳ୍ପ ପ୍ରତିଷ୍ଠା ପାଇଁ ଯାଜପୁର ଜିଲ୍ଲା କଳିଙ୍ଗନଗରକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସବୁବେଳେ ପ୍ରାଧାନ୍ୟ ଦେଇ ଆସୁଛନ୍ତି। ହେଲେ ସେଠାକାର ଲୋକମାନଙ୍କୁ ମୌଳିକ ସମସ୍ୟା ପ୍ରତି ଆଦୌ ଗୁରୁତ୍ୱ ଦେଉନାହାଁନ୍ତି। ଯାହାଫଳରେ ଲୋକେ ନାହିଁ ନଥିବା ହଇରାଣ ହେଉଛନ୍ତି। ଶିଳ୍ପ ପ୍ରତିଷ୍ଠା ଯୋଗୁ କଳିଙ୍ଗନଗରରେ ଜମି ମୂଲ୍ୟ ଦିନକୁ ଦିନ ମାତ୍ରାଧିକ ଭାବେ ବୃଦ୍ଧି ପାଉଛି। କିନ୍ତୁ ଅଧିକାଂଶ ଜମିର ଏଯାବତ ଭୂ-ବନ୍ଦୋବସ୍ତ ହୋଇ ନ ଥିବାରୁ ସ୍ଥାନୀୟ ଲୋକେ ଜମିର ପ୍ରକୃତମୂଲ୍ୟ ପାଇ ପାରୁନାହାଁନ୍ତି। ନିଜ ଭିଟାମାଟି ଏବଂ ଚାଷ ଜମି ଉପରେ ନିଜ ଅଧିକାରକୁ ସାବ୍ୟସ୍ତ କରି ପାରୁନାହାନ୍ତି।

ସୂଚନା ମୁତାବକ କଳିଙ୍ଗନଗର ଅଞ୍ଚଳରେ ଛୋଟ ବଡ଼ ମିଶି ଏବେ ୧୪ଟି କାରଖାନା ପ୍ରତିଷ୍ଠା ହୋଇଛି। ସେସବୁ ପାଇଁ ଆବଶ୍ୟକ ଭିତ୍ତିଭୂମି ରାଜ୍ୟ ସରକାର ଯୋଗାଇ ଦେଇଛନ୍ତି। ହେଲେ ଅଧିକ ଶିଳ୍ପ ପ୍ରତିଷ୍ଠା ଆଶାରଖି ଶିଳ୍ପାଞ୍ଚଳର ୨୯ଟି ମୌଜା ଯଥା (ଦାନଗଦି ବ୍ଲକର ୨୨ଟି ଓ ସୁକିନ୍ଦା ବ୍ଲକର ୭ଟି ମୌଜା)କୁ ପ୍ରଶାସନ ଭୂ-ବନ୍ଦୋବସ୍ତ ପ୍ରକ୍ରିୟାରୁ ବାଦ୍ ଦେଇଛି। ଯାହାଫଳରେ ସେସବୁ ମୌଜାରେ ବସବାସ କରୁଥିବା ଓ ଚାଷ କରି ନିଜ ପରିବାର ଭରଣପୋଷଣ କରୁଥିବା ଲୋକେ ନିଜର ଜମିର ମାଲିକାନା ପାଇପାରୁନାହାଁନ୍ତି। ଅପରପକ୍ଷରେ ବନ୍ଦୋବସ୍ତ ହୋଇ ନଥିବାରୁ ବାସିନ୍ଦା ଓ ଜାତି ପ୍ରମାଣପତ୍ର ପାଇବାରେ ବାଧା ସୃଷ୍ଟି ହେଉଛି। ଏପରିକି ଛାତ୍ରଛାତ୍ରୀ ମଧ୍ୟ ଏଥିନେଇ ହାଇରାଣ ହରକତ ହେଉଛନ୍ତି। ଭୂ-ବନ୍ଦୋବସ୍ତ ପାଇଁ ପ୍ରଶାସନଠାରେ ବାରମ୍ବାର ଦାବି ପରେ ୨୦୨୩ ସେପ୍ଟେମ୍ବର ୮ ତାରିଖରେ ୨୯ ମୌଜା ସର୍ଭେ କାର୍ଯ୍ୟ ପାଇଁ ପ୍ରଶାସନ ପ୍ରସ୍ତୁତି ଆରମ୍ଭ କରିଥିଲା। ଏହି ସର୍ଭେ ଉନ୍ନତ ବୈଷୟିକ ଜ୍ଞାନ କୌଶଳରେ ୩ ମାସ ମଧ୍ୟରେ ସାଟେଲାଇଟ ପ୍ରକ୍ରିୟାରେ ଶେଷ ହେବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଫଳରେ ପୁରୁଷ ପୁରୁଷ ଧରି ଅପେକ୍ଷାରେ ଥିବା ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି ହୋଇଥିଲା। ହେଲେ ସେଥିପାଇଁ ଆବଶ୍ୟକ ଅଧିକାରୀ ଓ କର୍ମଚାରୀ ନ ଥିବାରୁ ସର୍ଭେ ପ୍ରକ୍ରିୟା ସେଭଳି କିଛି ଆଗେଇ ପାରୁନାହିଁ। ସାଧାରଣ ନିର୍ବାଚନ ପରେ ଏହି କାର୍ଯ୍ୟ ଠପ ହୋଇଯାଇଛି। ଗତ ୨ ବର୍ଷ ମଧ୍ୟରେ ଶତକଡ଼ା ୨୫ ଭାଗ ଜମି ସର୍ଭେ ହୋଇଥିବା ସ୍ଥାନୀୟ ତହସିଲଦାର କହିଛନ୍ତି।

- ଅଧିକାରୀ ଓ କର୍ମଚାରୀ ନ ଥିବାରୁ କାମ ବନ୍ଦ
- ଭିଟାମାଟିର ମାଲିକାନା ପାଇ ପାରୁନାହାନ୍ତି ୨୯ ମୌଜା ଲୋକେ

ସରକାର ବଦଳିବା ପରେ ନୂଆ ସରକାର ଆସିଲା। ହେଲେ ଏହି କାର୍ଯ୍ୟ ତ୍ୱରାନ୍ୱିତ ନ ହୋଇ କାଗଜ କଲମରେ ଅଟକି ରହିଛି। ଫଳରେ ମଣ୍ଡପଡ଼ା, ରଣାଗୁଣ୍ଡି, ଶୁଳିଆ, ଧନଞ୍ଜୟପୁର, ଜାମୁପଶି ନଡ଼ିଆଜଙ୍ଗା, ସରାଂଶ, ଗୋବରଘାଟି, ମିରିଗିଚରା, ଗୋଲାଗାଁ, ପଞ୍ଚଟାଟିଆ, ମନୋହରପୁର, ରାବଣା, ମାନତାରା, ଦଶମାଣିଆ, ଡୁବୁରୀ, ଗାଡ଼ପୁର, ମଙ୍ଗଳପୁର, ଯଖପୁରା, ଖୁରୁଣ୍ଟି, ନୂଆଗାଁ, ବାରଗାଡ଼ିଆ, ସାରଙ୍ଗପୁର, ଗୋଡ଼ିଗୋଠ, ମାନଗୋବିନ୍ଦପୁର, ବଡସୁଲିଡିହ, ଚାନ୍ଦିଆ ଏବଂ ଧୂଳିଗଡ଼ ଆଦି ୨୯ଟି ମୌଜାରେ ଭୂ-ବନ୍ଦୋବସ୍ତ କାର୍ଯ୍ୟ ଅଟକିରହିଛି। ଏହି ୨୯ ମୌଜାରେ ସର୍ବାଧିକ ଅନୁସୂଚିତ ଜନଜାତି ଓ ପାରମ୍ପରିକ ଆଦିବାସୀ ସମ୍ପ୍ରଦାୟର ଲୋକେ ବସବାସ କରୁଥିବା ଜଣାପଡିଛି। ତେବେ ବନ୍ଦୋବସ୍ତରୁ ବାଦ ପଡ଼ିଥିବା ଏହିଁ ୨୯ଟି ମୌଜାର ଲୋକେ ନିଜ ଜମି ଉପରେ ଅଧିକାର ସାବ୍ୟସ୍ତ କରିପାରୁ ନାହାନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥାହେଉଛି, ଆର୍ଥିକ ଅନଟନ ସମୟରେ ନିଜର ଜମି ଥାଇ ବି ବନ୍ଦୋବସ୍ତ ହୋଇ ନଥିବାରୁ ଉକ୍ତ ଜମି ବିକ୍ରି କରିପାରୁନାହାନ୍ତି। ତେବେ ଏକ ଏଜେନ୍ସି ଦ୍ୱାରା ସର୍ଭେକୁ ଆରମ୍ଭ କରାଯାଇ ପରେ ଏହାକୁ ମନ୍ଥର ଗତିରେ ଚଳାଇବା ଦ୍ୱାରା ଲୋକେ ନାପସନ୍ଦ କରୁଛନ୍ତି। ଏହା କେବେ ଶେଷ ହେବ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତୁରନ୍ତ ମୁଖ୍ୟମନ୍ତ୍ରୀ ଏବଂ ରାଜସ୍ୱ ମନ୍ତ୍ରୀ ଏହାକୁ ଗୁରୁତର ଭାବେ ଦୃଷ୍ଟି ଦେବା ସହ କାମକୁ ତ୍ୱରାନ୍ୱିତ କରିବାକୁ ୨୯ ମୌଜାର ଲୋକେ ଦାବି କରିଛନ୍ତି।

## ହୃଦ୍‌ଘାତରେ ସହକାରୀ ଶିକ୍ଷକଙ୍କ ମୃତ୍ୟୁ



**ବିଞ୍ଝାରପୁର,୧୦।୧୧(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଫତେପୁରସ୍ଥିତ ପୂର୍ଣ୍ଣଚନ୍ଦ୍ର ୟୁପି ବିଦ୍ୟାଳୟର ସହକାରୀ ଶିକ୍ଷକ ବିଜୟ ରାୟ (୫୮)ଙ୍କର ରବିବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ରବିବାର ରାତିରେ ସେ ରଣପୁର ପଞ୍ଚାୟତ କଣ୍ଟିପୁରସ୍ଥିତ ନିଜ ବାସଭବନରେ ଶୋଇଥିବା ସମୟରେ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପରିବାର ଲୋକେ ଚିକିତ୍ସା ନିମନ୍ତେ ନିକଟସ୍ଥ ବିଞ୍ଝାରପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ହେଲେ ସେଠାରେ ଚିକିତ୍ସକ ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ହୃଦ୍‌ଘାତ ହୋଇଥିବା ଜଣାପଡିଛି। ଏହା ଜଣାପଡ଼ିବା ପରେ ଛାତ୍ରୀଛାତ୍ର, ଶିକ୍ଷକ, ଅଭିଭାବକମାନଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ସୋମବାର ସକାଳେ ତାଙ୍କ କଣ୍ଟିପୁରସ୍ଥିତ ବାସଭବନରେ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ରବିନାରାୟଣ ମହାନ୍ତି, ସମ୍ପାଦକ ସୁବାସ ଚନ୍ଦ୍ର ନାଏକ, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ବଳରାମ ପଡି, ସେକ ନେଜାମଉଦ୍ଦିନ, ସିଆର୍‌ସିସି ରଶ୍ମିରଞ୍ଜନ ଧଳ, ଦେବେନ୍ଦ୍ର ନାଏକ, ଶିକ୍ଷାବିତ ଚିନ୍ମୟ ତ୍ରିପାଠୀ, ନିରାକାର ସାହାଣୀ, ସଂଗ୍ରାମ ସାମଲ, ବିଶ୍ୱନାଥ ସାମଲ ପ୍ରମୁଖ ତାଙ୍କର ମରଶରୀରର ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ଅପରାହ୍ନରେ ମରଶରୀରକୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା ସହିତ ନିଜ କର୍ମଭୂମି ଫତେପୁର ସ୍ଥିତ ପୂର୍ଣ୍ଣଚନ୍ଦ୍ର ୟୁପି ବିଦ୍ୟାଳୟକୁ ନିଆଯାଇଥିଲା। ସେଠାରେ ବିଦ୍ୟାଳୟର ଶିକ୍ଷକ ଓ ଛାତ୍ରୀଛାତ୍ର, ଗ୍ରାମବାସୀ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। ସନ୍ଧ୍ୟାରେ ଅନ୍ତିମ ସଂସ୍କାର କରାଯାଇଥିଲା। ବଡ଼ପୁଅ ବିଶ୍ୱଜିତ ମୁଖାଗ୍ନି ଦେଇଥିଲେ।

## ଗାଡ଼ି ଧକ୍କାରେ ଯୁବକ ମୃତ

**ବଡ଼ଚଣା,୧୦।୧୧(ସମିସ):** ଗତକାଲି ବିଳମ୍ବିତ ରାତ୍ରୀରେ ୧୬ନମ୍ବର ଜାତୀୟ ରାଜପଥ କଡ଼େଇ ଛକ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକର ମୃତ୍ୟୁ ଘଟିଛି। ଘଟଣାରୁ ପ୍ରକାଶ କଟକ ଜିଲ୍ଲା ମାହାଙ୍ଗା ଥାନା ଅନ୍ତର୍ଗତ ଜୟପୁର ଗ୍ରାମର ସେକ୍ ମକସୁଦ୍‌ଙ୍କ ପୁଅ ସେକ୍ ମଞ୍ଜୁର (୩୫) ନିଜ ସ୍କୁଟିରେ ନିଜ ଶଶୁର ଘର ନେଉଳପୁରରୁ ନିଜ ଘରକୁ ଫେରୁଥିବା ସମୟରେ ୧୬ନମ୍ବର ଜାତୀୟ ରାଜପଥ କଡ଼େଇ ଛକ ନିକଟରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ବଡ଼ଚଣା ଥାନା ଅଧିକାରୀ ମଞ୍ଜୁରଙ୍କ ଶବ ଜବତ କରି ବଡଚଣା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଶବ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ମୃତକଙ୍କ ଭାଇ ବଡଚଣା ଥାନାରେ ଅଭିଯୋଗ କଲା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି।

## ଅଗ୍ନିକାଣ୍ଡରେ ଜଳିଗଲା ୭ ବଖରା



**ବରୀ,୧୦।୧୧(ସମିସ):** ବରୀ ବ୍ଲକ ଅନ୍ତର୍ଗତ କଳାମାଟିଆ ପଞ୍ଚାୟତ ତଳ କାଇପଡା ଗ୍ରାମରେ ଘଟିଛି ବଡ଼ ଧରଣର ଅଗ୍ନିକାଣ୍ଡ। ଅଗ୍ନିକାଣ୍ଡ ପ୍ରଭାବରେ ୨ଟି ପରିବାର ସର୍ବସ୍ୱାନ୍ତ ହୋଇଯାଇଛନ୍ତି। ଅଗ୍ନିକାଣ୍ଡରେ ୨ଟି ପରିବାରର ୭ ବଖରା ଘର ଜଳି ପାଉଁଶ ହୋଇ ଯାଇଥିବା ବେଳେ ୪ ଗୋଟି ଗାଈ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ତଳ କାଇପଡ଼ାର ବିନୋଦ ଦାସଙ୍କ ଗୁହାଳ ଘରେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟି ତାଙ୍କର ୩ ବଖରା ଘର ସହିତ ସମସ୍ତ ଆସବାବ ପତ୍ର ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଯିବା ସହିତ ୪ ଗୋଟି ଗାଈ ଜୀବନ୍ତ ଜଳି ଯାଇଛନ୍ତି। ଏମିତିକି ପିନ୍ଧା ବସ୍ତ୍ର ବ୍ୟତିତ କୌଣସି ଜିନିଷ ଉଦ୍ଧାର ହୋଇ ପାରି ନାହିଁ। ବିନୋଦଙ୍କ ଘରକୁ ଲାଗିଥିବା ବଳଭଦ୍ର ଦାସଙ୍କ ୪ ବଖରା ଘର ସହିତ ସମସ୍ତ ଆସବାବ ପତ୍ର ସମ୍ପୂର୍ଣ୍ଣ ପୋଡି ଯାଇଛି। ଖବରପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ନିଆଁର ପ୍ରକୋପ ଏତେ ତୀବ୍ର ଥିଲା ଯେ କୌଣସି ଜିନିଷ ଉଦ୍ଧାର କରିବା ସମ୍ଭବ ହୋଇ ପାରିନଥିଲା। ଅଗ୍ନି ବିପନ୍ନ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

**୪ ଗାଈ ଜୀବନ୍ତ ଦଗ୍ଧ**

## ଶ୍ରୀଜଗନ୍ନାଥ ବଣିକ ସଂଘର ଜରୁରୀ ବୈଠକ

**ବାଲିଚନ୍ଦ୍ରପୁର,୧୦।୧୧(ସମିସ):** ବାଲିଚନ୍ଦ୍ରପୁର ବଜାର ଶ୍ରୀଜଗନ୍ନାଥ ବଣିକ ସଂଘର ଏକ ଜରୁରୀ ବୈଠକ ମା' ମଲ୍ୟାବୁଢ଼ୀ ମନ୍ଦିର ପ୍ରାଙ୍ଗଣରେ ସଙ୍ଘ ସଭାପତି ମୃତ୍ୟୁଞ୍ଜୟ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସମ୍ପାଦକ ବିଜୟ କୁମାର ପ୍ରଧାନ ବିବରଣୀ ପାଠ ସହିତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପରେ ପରେ ବୈଠକରେ ଶ୍ରୀଜଗନ୍ନାଥ ବଜାରର ବିଭିନ୍ନ ସମସ୍ୟା ସମ୍ପର୍କରେ ବିଭିନ୍ନ ଆଲୋଚନା କରାଯାଇଥିଲା। ବିଶେଷକରି ବାଲିଚନ୍ଦ୍ରପୁର ବଜାରରେ ପାନୀୟ ଜଳ ସମସ୍ୟା ଓ ଶୌଚାଳୟ ସମସ୍ୟା ଏବେ ଏକ ପ୍ରମୁଖ ସମସ୍ୟା ଭାବେ ଠିଆହୋଇଛି ବୋଲି ଏନେଇ ବିଭିନ୍ନ ଆଲୋଚନା କରାଯାଇଥିଲା। ଏହି ବଜାରରେ ଶୌଚାଳୟ ବ୍ୟବସ୍ଥା ରହିଥିବା ବେଳେ ଏବେ ତାହା ବନ୍ଦ ରହିଥିବାରୁ ତାହା କୌଣସି କାମରେ ଆସୁନାହିଁ। ଏହାକୁ ପୁନଃ କାର୍ଯ୍ୟକାରୀ କରିବାକୁ ଦାବି କରାଯାଇଥିଲା। ତେବେ ଏହି ବଜାରରେ ଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ବଡ଼ଚଣା ବିଧାୟକ ଅମର କୁମାର ନାୟକଙ୍କୁ ଅବଗତ କରିବାକୁ ସଙ୍ଘ ସଭାପତି ଓ ସମ୍ପାଦକଙ୍କୁ ବୈଠକରେ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଏହି ବୈଠକରେ ସଭ୍ୟ ସଭ୍ୟା ଦମୟନ୍ତୀ ଷଣ୍ଢ, ଶ୍ୟାମ ସୁନ୍ଦର ଦାସ, କବିତା ବିଶ୍ୱାଳ, ହରିହର ବଳ, ଜେଶସ ରାଉତରାୟ, ଅନନ୍ତ ମହାରଣା, ଅଲୋକ ପ୍ରଧାନ, ସେକ ଆକବର, ଅଚ୍ୟୁତାନନ୍ଦ ସିଂ, ସେକ୍ ୱାହିଦ, ସଞ୍ଜୟ ମହାରଣା, ମନୋଜ ନାୟକ ରୂପରେଖା ପଣ୍ଡା ଓ ବିଚିତ୍ରନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଶେଷରେ ସଙ୍ଘ ଉପ ସଭାପତି ଗୌରାଙ୍ଗ ଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବେସରକାରୀ ଅଧ୍ୟାପକ ଓ କର୍ମଚାରୀଙ୍କ ଅନୁଦାନ ଦାବି




**ଧର୍ମଶାଳା,୧୦।୧୧(ସମିସ):** ଅନୁଦାନ ଓ ଅଣଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟରେ ୨୦୧୮ ମସିହା ଜୁନ ମାସ ଠାରୁ ଅଦ୍ୟାବଧି କାର୍ଯ୍ୟରତ ବେସରକାରୀ ଅଧ୍ୟାପକ ଓ କର୍ମଚାରୀଙ୍କୁ ଅନୁଦାନ ପ୍ରଦାନ କରିବାକୁ ନିଖିଳ ଓଡିଶା ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ତରଫରୁ ଦାବି କରାଯାଇଛି। ଏନେଇ ଆଜି ଧର୍ମଶାଳା ବ୍ଲକ ଜାରକା ନିକଟସ୍ଥ ଗୋକର୍ଣ୍ଣେଶ୍ୱର ମନ୍ଦିରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଅଛି। ଅନୁଦାନ ଓ ଅଣଅନୁଦାନ ପ୍ରାପ୍ତ ଉଚ୍ଚ ମାଧ୍ୟମିକ, ଡିଗ୍ରୀ ଓ କପାଳିଟ ମହାବିଦ୍ୟାଳୟରେ ୨୦୧୮ ଜୁନ୍ ମାସ ଠାରୁ ଅଦ୍ୟାବଧି ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ସମସ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ସମାନ କାମ ପାଇଁ ସମାନ ଦରମା ଦାବି ରଖାଯାଇଛି। ସରକାର ଏକ ନୂତନ ପଲିସି ଆଣି ପୂର୍ଣ୍ଣ ଅନୁଦାନ କରନ୍ତୁ ବୋଲି ସଂଘ ତରଫରୁ ଦାବି ଉପସ୍ଥାପନା କରାଯାଇଛି। ବିନା ବେତନରେ ବହୁ ବର୍ଷ ଧରି ଅଧ୍ୟାପକ ଓ କର୍ମଚାରୀମାନେ କାର୍ଯ୍ୟ କରିବା ପରେ ମଧ୍ୟ ସରକାର କୌଣସି ପଦକ୍ଷେପ ନ ନେବା ସେମାନଙ୍କ ପରିବାର ପ୍ରତି କୁଠାରଗାତ ହୋଇଛି। ସଂଘର ସଭାପତି ନୀତିଶ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଂଘର ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ଜିଲ୍ଲା ସଂଯୋଜକ ଇଂରାଜୀ ଅଧ୍ୟାପକ ଶ୍ରୀପ୍ରସାଦ ନାୟକ, ଅଧ୍ୟାପିକା ତନୟା ମିଶ୍ର, ଜ୍ଞାନରଞ୍ଜନ ମଲ୍ଲିକ, ଚିତ୍ତ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ। ଉପରୋକ୍ତ ସମସ୍ୟାର ସମାଧାନ କରାନଗଲେ ଆନ୍ଦୋଳନ ବ୍ୟାପକ ହେବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

### ଶ୍ରମ ଅଧିକାରୀଙ୍କ ବିରୋଧରେ ବଢୁଛି ଅସନ୍ତୋଷ

## ଘଣ୍ଟ ଘୋଡ଼ାଇବାକୁ ଶ୍ରମିକ ସଂଗଠନର ପ୍ରୟାସ

**ଯାଜପୁର/ବଡ଼ଚଣା,୧୦।୧୧(ସମିସ):** ଯାଜପୁର ଜିଲ୍ଲା ଶ୍ରମ ଅଧିକାରୀ ସୁଧିର କୁମାର ସାହୁଙ୍କ ବିରୋଧରେ ଓଡ଼ିଶା କନଷ୍ଟ୍ରକସନ ୱର୍କର୍ସ ୟୁନିୟନ (ସିଆଇଟିୟୁ) ପକ୍ଷରୁ ସାଂଘାତିକ ଅଭିଯୋଗ କରାଯାଇ ତାଙ୍କ ନିଲମ୍ବନ ଦାବି କରିଥିଲା। ଶ୍ରମିକ ନେତାଙ୍କୁ ଦୁର୍ବ୍ୟବହାର, ବିଭିନ୍ନ ଶ୍ରମିକ ମାରଣନୀତି ପ୍ରତିବାଦରେ ତୁରନ୍ତ ଜିଲ୍ଲା ଶ୍ରମ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରି ରାଜ୍ୟ ଶ୍ରମ କମିଶନର ଠାରୁ ଆରମ୍ଭ କରି ଶ୍ରମମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଥିଲା। ଫଳରେ ଶ୍ରମ ଅଧିକାରୀଙ୍କ ପାଇଁ ଅଡୁଆ ବଢ଼ିବା ପରେ ଏହାକୁ କାଉଣ୍ଟର କରିବା ପାଇଁ ଜିଲ୍ଲାର ଅନ୍ୟ ଶ୍ରମିକ ସଂଗଠନମାନେ ସାମ୍ନାକୁ ଆସି ଶ୍ରମ ଅଧିକାରୀଙ୍କୁ କ୍ଲିନ୍‌ଚିଟ ଦେବାକୁ ଉଦ୍ୟମ କରାଯାଇଛି। ଓଡ଼ିଶା ରାଜ୍ୟ ଅସଂଗଠିତ ଶ୍ରମିକ ସଂଘ ସମନ୍ୱୟ କମିଟି ଜିଲ୍ଲା ଶ୍ରମ ଅଧିକାରୀଙ୍କ ସପକ୍ଷରେ ଓକିଲାତି କରି ତାଙ୍କୁ ଜଣେ ସଚ୍ଚୋଟ ବ୍ୟକ୍ତି ଭାବେ ଚିତ୍ରଣ କରିବା ସହିତ ତାଙ୍କ ବିରୋଧରେ ଆଣିଥିବା ବ୍ୟକ୍ତି ଓ ସଂଗଠନ ମାନଙ୍କ କାର୍ଯ୍ୟକଳାପ ଉପରେ ପ୍ରଶ୍ନ ଉଠାଇଛନ୍ତି। ଏହା ଉପରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ମଧ୍ୟ ଦାବି କରାଯାଇଛି। ଏ ସଂକ୍ରାନ୍ତରେ କମିଟି ତତଫରୁ ଯାଜପୁର ଯୁଗ୍ମ ଶ୍ରମ କମିଶନର, ଯାଜପୁର ଜିଲ୍ଲାପାଳ, ରାଜ୍ୟ ଶ୍ରମ କମିଶନର, ଓ ରାଜ୍ୟ ପ୍ରମୁଖ ଶ୍ରମ ସଚିବ ମାନଙ୍କୁ ଅନୁରୋଧ କରାଯାଇଛି। ଆବଶ୍ୟକ ପଡିଲେ ଏବିଷୟରେ ମୁଖ୍ୟମନ୍ତ୍ରୀ, ଶ୍ରମମନ୍ତ୍ରୀଙ୍କ ନଜରକୁ ଅଣାଯିବ ବୋଲି କମିଟିର ସଭାପତି ନୃସିଂହ ମିଶ୍ର, ସାଧାରଣ ସମ୍ପାଦକ ଦୀନବନ୍ଧୁ ସାହୁ, ସଙ୍ଗଠନ ସମ୍ପାଦକ ନାରାୟଣ ନାୟକ, ସହ ସମ୍ପାଦକ ରମେଶ ଜେନା, ଧିରେନ୍ଦ୍ର ନାୟକ, ଈଶ୍ୱର ଚନ୍ଦ୍ର ପ୍ରଧାନ, କାର୍ତ୍ତିକ ପଲେଇ ପ୍ରମୁଖ ଜଣାଇଛନ୍ତି। ତେବେ ପୂର୍ବରୁ ସଂପୃକ୍ତ ଜିଲ୍ଲା ଶ୍ରମ ଅଧିକାରୀଙ୍କ ସପକ୍ଷରେ ଯୁକ୍ତି ବାଢୁନଥିବା ଏହି ସଂଗଠନ କାହିଁକି ଏବେ ଶ୍ରମ ଅଧିକାରୀଙ୍କ ସପକ୍ଷରେ ଆଗକୁ ଆସିଛି କିମ୍ବା ଏହି ସଂଗଠନ କୁ ବ୍ୟବହାର କରାଯାଉଛି ତାକୁ ନେଇ ସାଧାରଣରେ ଚର୍ଚ୍ଚା ହେଉଛି।

### ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା

## ବାଲିଆପାଳ ନାଟ୍ୟ ପରିଷଦ ପ୍ରଥମ



**ବରୀ,୧୦।୧୧(ସମିସ):** ଆଞ୍ଚଳିକ ହରିହର ପୂଜାକମିଟି, ବରୁଣ୍ଡେଇ କୋରେଇ ଆନୁକୂଲ୍ୟରେ ଚଳିତ ବର୍ଷ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୋଟ ପାଞ୍ଚ ଗୋଟି ଅନୁଷ୍ଠାନ ଅଂଶଗ୍ରହଣ କରିଥିଲେ। ଚଳିତବର୍ଷ ପାଇଁ ମା' ତାରିଣୀ ନାଟ୍ୟ ପରିଷଦ, ବାଲିଆପାଳ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ମା' କରୁଣେଇ ନାଟ୍ୟ ପରିଷଦ ଗୁହାଳି ଦ୍ୱିତୀୟ ସ୍ଥାନ ହାସଲ କରିଛି। ଶ୍ରେଷ୍ଠ ଚରିତ୍ର ଅଭିନେତା ଭାବେ ମନୋରଞ୍ଜନ ପୋଥାଳ, ଶ୍ରେଷ୍ଠ ନାୟକ ଚନ୍ଦ୍ରକାନ୍ତ ନାୟକ, ଶ୍ରେଷ୍ଠ କୁନି କଳାକାର ଲିଜାରାଣୀ, ଶ୍ରେଷ୍ଠ ଗାୟିକା ଶଶିରେଖା ସ୍ୱାଇଁ, ଶ୍ରେଷ୍ଠ ହାସ୍ୟ ଅଭିନେତା ପ୍ରସନ୍ନଜିତ୍ ବାରିକ ଶ୍ରେଷ୍ଠ ପାର୍ଶ୍ୱର୍ନାୟକ ଭାବେ ଗୋପିନାଥ ସାହୁ ମନୋନୀତ ହୋଇଛନ୍ତି। ମା' ତାରିଣୀ ନାଟ୍ୟ ପରିଷର କଳାକାରମାନେ ନିଜର ଚମତ୍କାର କଳା ପରିବେଷଣ କରିଥିଲେ। ଯୁବ ନିର୍ଦ୍ଦେଶକ ଦେବେନ୍ଦ୍ର କୁମାର ସାହୁ, ସହନିର୍ଦ୍ଦେଶକ ସୁମନକଲ୍ୟାଣ ଦାସ, ସଭାପତି ପ୍ରଶାନ୍ତ କୁମାର ସାହୁ, ସମ୍ପାଦକ ଅପୂର୍ବ ରଂଜନ ସାହୁ ପ୍ରମୁଖ ଉପସ୍ଥିତ ରହି ଟ୍ରଫି ଓ ମାନପତ୍ର ଗ୍ରହଣ କରିଥିଲେ।

## ମଙ୍ଗଳପୁର କଲେଜରେ ତମାଖୁ ମୁକ୍ତ ଅଭିଯାନ



**କୁୟାଁଗୋଲା/ମଙ୍ଗଳପୁର,୧୦।୧୧(ସମିସ):** ଦଶରଥପୁର ବ୍ଲକ ସ୍ଥିତ ମଙ୍ଗଳପୁର ମହିଳା ସ୍ନାତକ ମହାବିଦ୍ୟାଳୟରେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଯୁବ ସମାଜ ପାଇଁ ତମାଖୁ ମୁକ୍ତ ଅଭିଯାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଅଧ୍ୟାପିକା ଶୁଭଶ୍ରୀ ଘଡ଼ାଇଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରିଣୀ ବନିତା ଦାଶ ଯୋଗ ଦେଇ ଛାତ୍ରୀମାନଙ୍କୁ ତମାଖୁ ବର୍ଜନ ନିମିତ୍ତ ଯୁବପିଢ଼ି ପାଇଁ ଆହ୍ୱାନ ଦେଇଥିଲେ। ଧୂମପାନ ସହ ତମାଖୁ ଭଳି ଦ୍ରବ୍ୟର ସେବନରେ ଯୁବପିଢ଼ି କ୍ୟାନ୍ସର ସହ ଫୁସଫୁସ୍ ରୋଗ ଆଦିରେ ଆକ୍ରାନ୍ତ ହେଉଛନ୍ତି। ତେଣୁ ନିଜେ ସଚେତନ ହେବା ସହ ନିଜ ଚତୁଃପାର୍ଶ୍ୱର ଲୋକଙ୍କୁ ସଚେତନ କରିବାକୁ ପରାମର୍ଶ ଦେଇଥିଲେ ଶ୍ରୀମତୀ ଦାଶ। ଏହି ଅବସରରେ ତମାଖୁ ବର୍ଜନ ନେଇ ଏକ ବକ୍ତୃତା ପ୍ରତିଯୋଗିତା ଆୟୋଜିତ କରାଯାଇଥିଲା। ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପିକା ତପସ୍ୱିନୀ ଭଞ୍ଜ, ସୁଷମା ସାହୁ, ରଶ୍ମି ଦଳାଇ, ଶୁଭସ୍ମିତା ସାହୁ, କାଦମ୍ବିନୀ ମିଶ୍ର, ଶ୍ରଦ୍ଧାଞ୍ଜଳି ନାୟକ, ଶୁଭଶ୍ରୀ ଦାଶଙ୍କ ସହ ଚିତରଞ୍ଜନ ବାରିକ, କୁସେନ୍ଦ୍ର ପ୍ରଧାନ ଆଦି ସହଯୋଗ କରିଥିଲେ।

## ଶ୍ରୀରଘୁନାଥଜୀଉ ମନ୍ଦିରର ଦଧିନଉତି ସ୍ଥାପନ



**ପାଣିକୋଇଲି,୧୦।୧୧(ସମିସ):** ଗୋଲେଇପୁର ପଞ୍ଚାୟତ ଅନ୍ତର୍ଗତ ସୋତି ଗ୍ରାମର ଆରାଧ୍ୟ ଦେବତା ଶ୍ରୀଶ୍ରୀରଘୁନାଥ ଜୀଉଙ୍କର ନୂତନ ମନ୍ଦିରର ଦଧିନଉତି ସ୍ଥାପନ ହୋଇଯାଇଛି। ଶତାଧିକ ବର୍ଷ ପୁରାତନ ଶ୍ରୀଜୀଉଙ୍କ ପୁର୍ବ ମନ୍ଦିରଟି ଭାଙ୍ଗି ଯିବା ପରେ ଗ୍ରାମର ସତ୍ୟବ୍ରତ ମହାପାତ୍ର, ଦେବୀଦତ୍ତ ମହାପାତ୍ର, ରମାକାନ୍ତ ମହାପାତ୍ର, ପ୍ରଭାତ ମହାପାତ୍ର ପ୍ରମୁଖ ଠାକୁରଙ୍କ ନୂତନ ମନ୍ଦିରର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି। ସତ୍ୟବ୍ରତ ସପତ୍ନୀକ ସଂକଳ୍ପ କରି ଦଧିନଉତି ସ୍ଥାପନ କରିଥିଲେ। ନାମ ସଂକୀର୍ତ୍ତନ ସହ ହୁଳହୁଳି ସହିତ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ଦଧିନଉତି ସ୍ଥାପନା କରାଯାଇଥିଲା।

## ଶ୍ରୀରାଧାଗୋପୀନାଥ ଜୀୟୁ ମନ୍ଦିର ପ୍ରତିଷ୍ଠା



**ବ୍ରହ୍ମବରଦା,୧୦।୧୧(ସମିସ):** ରସୁଲପୁର ବ୍ଲକ ଅନ୍ତର୍ଗତ ମଙ୍ଗରାଜପୁର ପଞ୍ଚାୟତ ବାଲିଗୁଡା ଗ୍ରାମରେ ଶ୍ରୀରାଧାଗୋପିନାଥଜିୟୁ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ରୀତି ନୀତି ଅନୁଯାୟୀ ହୋମଯଜ୍ଞ ଓ ପୂଜାପାଠରେ ସୃଷ୍ଟି ହୋଇଥିଲା ଭକ୍ତିମୟ ପରିବେଶ। ଆଖପାଖ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁ ଯୋଗ ଦେଇ ଶ୍ରୀରାଧାଗୋପିନାଥଜିଉଙ୍କ ଅପାର କରୁଣା ଲାଭ କରିଥିଲେ। ବିଭିନ୍ନ ଗ୍ରାମର ନାମ ସଂକୀର୍ତ୍ତନ ଦଳ ଏହି ପ୍ରତିଷ୍ଠା ଉତ୍ସବରେ ଅଂଶଗ୍ରହଣ କରିଥିଲେ। ଶ୍ରୀ ରାଧାଗୋପିନାଥଜିୟୁ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ପରିଚାଳନାରେ ବିଜୟ ପାଢ଼ୀ, ପ୍ରଫୁଲ ସାମଲ, ଭାସ୍କର ମୁଦୁଲି, ଡମ୍ବରୁଧର ରାଉତ, ପ୍ରଫୁଲ ବାରିକ, ଦିଲ୍ଲୀପ ସାମଲ, ଅଜୟ ଗନ୍ତାୟତ, ପ୍ରଭାକର ନାୟକ, ଚକ୍ରଧର ରାଉତ, ରାଜେଶ ରାଉତ ଓ ହରିହର ରାଉତ ସହ ସମସ୍ତ ଗ୍ରାମବାସୀଙ୍କ ସହଯୋଗ ରହିଥିଲା।

### ଡିହକୂଳା ରାଜସ୍ୱ ନୀରିକ୍ଷକଙ୍କ କାର୍ଯ୍ୟାଳୟରେ ଅଚଳାବସ୍ଥା

## ଲୋକଙ୍କ ଭରସା ଚତୁର୍ଥ ଶ୍ରେଣୀ କର୍ମଚାରୀ

**ପ୍ରୀତିପୁର,୧୦।୧୧(ସମିସ):** ତହସିଲ ସଂଖ୍ୟା ବଢ଼ିଲେ ଲୋକେ ସହଜ ଓ ସୁବିଧାରେ ଆବଶ୍ୟକୀୟ ସେବା ପାଇ ପାରିବେ ବୋଲି ସରକାର ବହୁ ବଡ଼ ବଡ଼ ରାଜସ୍ୱ ଅଞ୍ଚଳକୁ ଭାଗି ସଂଖ୍ୟାଧିକ ଆର୍‌ଆଇ ଅଫିସ ସ୍ଥାପନ କରିଥିଲେ। ମାତ୍ର ଲୋକେ ସୁବିଧା ପାଇବେ କ'ଣ ସେମାନଙ୍କର ଦୁର୍ଦ୍ଦଶା ଦିନକୁ ଦିନ ବଢ଼ି ବଢ଼ି ଚାଲିଛି। ଲୋକେ ମାସ ମାସ ଧରି ଆବଶ୍ୟକୀୟ ପ୍ରମାଣପତ୍ର ନପାଇ ହତାଶ ହେଉଛନ୍ତି। ଛାତ୍ରଛାତ୍ରୀ ଆବଶ୍ୟକୀୟ ପ୍ରମାଣ ପତ୍ର ନପାଇ ନାମଲେଖା, ବୃତ୍ତି ଆଦି ନ ପାଇ ହତାଶ ହେଉଥିବା ବେଳେ ଚାକିରି ଆଶାୟୀମାନେ ଠିକ୍ ସମୟରେ ପ୍ରମାଣପତ୍ର ନପାଇ ଆବେଦନରୁ ବଞ୍ଚିତ ହେଉଛନ୍ତି। ସବୁର ମୂଳରେ ଆର୍‌ଆଇଙ୍କ ରିପୋର୍ଟ ଓ ଆପ୍ରୁଭାଲରେ ଅହେତୁକ ବିଳମ୍ବ ବୋଲି ଜଣାଯାଇଛି। ପ୍ରକାଶ ଯେ ବିଞ୍ଝାରପୁର ତହସିଲ ଅନ୍ତର୍ଗତ ପ୍ରୀତିପୁର ରାଜସ୍ୱ ସର୍କଲକୁ ଭାଙ୍ଗି ଆଉଁରୀ ପଞ୍ଚାୟତକୁ ପ୍ରଥମେ ଫତେପୁର ରାଜସ୍ୱ ସର୍କଲରେ ମିଶାଇ ଦିଆଯାଇଥିଲା। ପରେ ଲୋକମାନଙ୍କ ଆପତ୍ତି ଅଭିଯୋଗ ଯୋଗୁ ଡିହକୂଳା ରାଜସ୍ୱ ସର୍କଲ ନାମରେ ଏକ ନୂତନ ଆର୍‌ଆଇ ଅଫିସ ସ୍ଥାପନ ହୋଇଥିଲା। ପ୍ରାରମ୍ଭିକ ଅବସ୍ଥାରେ ଏହା ପ୍ରୀତିପୁର ଆର୍‌ଆଇ ଅଫିସରେ ଚାଲିଥିବା ବେଳେ ଏବେ ଏହା ଡିହକୂଳାରେ ଚାଲିଥିବା ଜଣାଯାଇଛି। ଏଠାରେ ନିଯୁକ୍ତ ଆର୍‌ଆଇ ଜଣକ ଶାରୀରିକ ଅସୁସ୍ଥତା ଯୋଗୁଁ ଦୀର୍ଘଦିନ ହେଲା ଛୁଟିରେ ଅଛନ୍ତି। ଏହାର ସୁଯୋଗରେ ଜନୈକ ଚତୁର୍ଥ ଶ୍ରେଣୀ କର୍ମଚାରୀ ସର୍ବେସର୍ବା ଅନୁଭବ କରି ଲୋକଙ୍କ ଠାରୁ ଅନୈତିକ ଭାବେ ଅର୍ଥ ଆଦାୟ କରୁଥିବା ଅଭିଯୋଗ ହୋଇଛି। ଡିହକୂଳା ଆର୍‌ଆଇ ଅଫିସରେ ଲାଗିରହିଥିବା ଅନିୟମିତତା ଓ ଦୁର୍ନୀତି ସମ୍ପର୍କରେ ଜିଲ୍ଲାପାଳ ଓ ରାଜସ୍ୱ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ବିଞ୍ଝାରପୁର ସଚେତନଶୀଳ ନାଗରିକ ମଞ୍ଚ ତରଫରୁ ଚେତାବନୀ ଦିଆଯାଇଛି। ବିଞ୍ଝାରପୁର ତହସିଲର ଅତିରିକ୍ତ ତହସିଲଦାରଙ୍କୁ ଏ ସମ୍ପର୍କରେ ଅଭିଯୋଗ କରାଯାଇଥିବା ମଧ୍ୟ ଜଣାପଡିଛି। ଏ ଦିଗରେ ଜିଲ୍ଲା ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

# ଚାଷୀଙ୍କୁ ମିଳୁନି ବିହନ; ପ୍ରତିବାଦରେ ଗଣଧାରଣା




**ଯାଜପୁର, ୧୦।୧୧(ସମିସ):**

ଚାଷୀଙ୍କ ବିଭିନ୍ନ ସମସ୍ୟା ଓ ବିହନ ଯୋଗାଇ ଦେବା ଦାବିରେ କଂଗ୍ରେସ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତୀକ ଗଣଧାରଣା ଦିଆଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଜିଲ୍ଲା କଂଗ୍ରେସ ସଭାପତି ମାଗୁଣି ଜେନାଙ୍କ ଆହ୍ୱାନ କ୍ରମେ କଂଗ୍ରେସ ଦଳ ଗଣଧାରଣାରେ ସାମିଲ ହୋଇଥିଲେ। ଯାଜପୁର ଜିଲ୍ଲା ବନ୍ୟା ପ୍ରପୀଡ଼ିତ ଜିଲ୍ଲା ଭାବେ ପରିଗଣିତ। ନଦୀକୂଳିଆ ଅଞ୍ଚଳରେ ଚାଷୀ ଚିନାବାଦାମ ଚାଷ କରିଥାନ୍ତି। ଜିଲ୍ଲାର ରସୁଲପୁର, ଯାଜପୁର, ବିଞ୍ଝାରପୁର, ବରୀ, ଧର୍ମଶାଳା, ବଡ଼ଚଣା ବ୍ଲକର ଚାଷୀଙ୍କର ଚିନା ବାଦାମ ମୁଖ୍ୟ ଅର୍ଥକାରୀ ଫସଲ। କିନ୍ତୁ ଚାଷୀଙ୍କୁ ବିହନ ସରକାରଙ୍କ ପକ୍ଷରୁ ଠିକଣା ସମୟରେ ଯୋଗାଇ ଦିଆଯାଉନାହିଁ। ବାଧ ହୋଇ ଚାଷୀ ଖୋଲା ବଜାରରୁ ଅଧିକ ଦାମରେ ଚିନାବାଦାମ ବିହନ କିଣୁଛନ୍ତି। ଚିନାବାଦାମର ସର୍ବନିମ୍ନ ସହାୟକ ମୂଲ୍ୟ ୭୨୬୩ ଟଙ୍କା ଥିବା ବେଳେ ଚାଷୀ ଉତ୍ପାଦିତ ଚିନାବାଦାମକୁ ବ୍ୟବସାୟୀଙ୍କୁ କ୍ୱିଣ୍ଟାଲ ପିଛା ମାତ୍ର ୫ହଜାର ଟଙ୍କାରେ ବିକ୍ରୟ କରୁଛି। ସରକାରଙ୍କ ପକ୍ଷରୁ ଚିନାବାଦାମ ବିହନ ଯୋଗାଇ ଦେବା ନେଇ କଂଗ୍ରେସ ଦଳ ଦାବି କରିଥିଲେ।

ଜିଲ୍ଲାରେ ମୁଗ ଓ ବିରି ବ୍ୟାପକ ଭାବେ ଚାଷ କରାଯାଉଥିବାରୁ ଏହାର ସର୍ବନିମ୍ନ ସହାୟକ ମୂଲ୍ୟ ଧାର୍ଯ୍ୟ କରାଯାଉ। ଉଠା ଜଳ ସେଚନ ପ୍ରକଳ୍ପ ଗୁଡ଼ିକୁ କାର୍ଯ୍ୟକ୍ଷମ କରାଯାଉ। ବନ୍ୟା ଓ ବର୍ଷା ଦ୍ୱାରା ଫସଲ ହାନୀ ଘଟୁଥିବାରୁ ଫସଲ ବୀମା ଯୋଜନା ମାଧ୍ୟମରେ ତୁରନ୍ତ କ୍ଷତି ପୂରଣ ପ୍ରଦାନ କରାଯାଉ ଆଦି ଦାବି କରାଯାଇଥିଲା। ଏଥିରେ ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକ, ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତ୍ରୀ କନକଲତା ମଲ୍ଲିକ, ଅଖିଳ ଭାରତୀୟ କଂଗ୍ରେସ କମିଟି ସଦସ୍ୟା ମଧୁସ୍ମିତା ଆଚାର୍ଯ୍ୟ, ଦଳିତ ନେତା ଦୁର୍ଯ୍ୟୋଧନ ବେହେରା, ଯାଜପୁର ବ୍ଲକ ସଂଯୋଜକ ଗଦାଧର ଦାସ, ରାଜ୍ୟ ସେବା ଦଳ ନେତା ଶୁଭେନ୍ଦୁ ମହାନ୍ତି, ଧର୍ମଶାଳା ନେତା କିଷାନ ପଣ୍ଡା, ସଂଗ୍ରାମ ସାହାଣି, ବରୀ ନେତା ଦେବେନ୍ଦ୍ର ପ୍ରଧାନ, ଦୀପକ କୁମାର ବଳ, ଅଧିର କୁମାର ଜେନା, ପ୍ରମୋଦ ମହାନ୍ତି, ସନତ ଜେନା, ସୁଧାଂଶୁ ଶେଖର ଦେଓ, ମିହିର କୁମାର ମିଶ୍ର, ଚିନ୍ମୟ ପ୍ରଧାନ, ଯୁବ ନେତା ରାକେଶ ସାହୁ, ଭାଗ୍ୟବାନ ବେହେରା ପ୍ରମୁଖ ଯୋଗଦେଇଥିଲେ। ସଞ୍ଜୟ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ଖରସ୍ରୋତା ପୋଲ ଉପରେ ପୋକ ଆତଙ୍କ

## ପଦକ୍ଷେପ ଗ୍ରହଣ କରିବାକୁ ପ୍ରଶାସନର ନିର୍ଦ୍ଦେଶ

**ଯାଜପୁର, ୧୦।୧୧(ସମିସ):** ଗତ କିଛି ଦିନ ଧରି କୁଆଖିଆ କୟାଁଗୋଲା ଜାତୀୟ ରାଜପଥର ବରୁଆଁ ନିକଟସ୍ଥ ଖରସ୍ରୋତା ପୋଲ ଉପରେ ଦେଖାଦେଇଥିବା ଅଜଣା ପୋକ ଆତଙ୍କ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି। ଗଣମାଧ୍ୟମ ପ୍ରତିନିଧି ମାନଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରି ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ପୁଲିସକୁ ନିର୍ଦ୍ଦେଶ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ପୋଲ ଉପରେ ହଜାର ହଜାର ସଂଖ୍ୟାରେ ଅଜଣା ପୋକ ସାଲୁବାଲୁ ହୋଇଥିବା ବେଳେ ଯାତାୟତରେ ସମସ୍ୟା ଭୋଗି ଅନେକ ଯାତ୍ରୀ ଆହତ ହୋଇଥିଲେ। କ୍ରମାଗତ ଭାବେ ଏହି ରାସ୍ତାରେ ହରିପୁର କୁଞ୍ଜ ପାଇଁ ଅଧିକ ମାତ୍ରାରେ ଗାଡି ଚଳାଚଳ କରିବା ଫଳରେ ପୋକର ମାତ୍ରା କମିଥିବା ଯାତ୍ରୀମାନେ ମତ ରଖିଛନ୍ତି। ଅନ୍ୟପଟେ ଏହି ପୋଲରେ ଯିବା ବେଳେ ସତର୍କତା ଅବଲମ୍ବନ କରିବା ପାଇଁ ଏକ ସତର୍କ ସୂଚନା ଲଗାଯାଇଛି। କିନ୍ତୁ ସେହି ରାସ୍ତାରେ ଯିବା ବେଳେ ଦୁର୍ଗନ୍ଧ ହେଉଥିବାରୁ ଏହାର ପ୍ରତିକାର କରିବା ପାଇଁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଯାଜପୁର ଆର୍‌ଟିଓଙ୍କ ମତାମତ ପାଇଁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇନଥିଲେ।

## ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

**ପାଣିକୋଇଲି, ୧୦।୧୧(ସମିସ):** ପାଣିକୋଇଲି ଥାନା ଗୋଳେଇପୁର ପଞ୍ଚାୟତ ଅନ୍ତର୍ଗତ ସାନ ସୋତି ଗ୍ରାମର ଜଣେ ଯୁବକ ବିଷପାନ କରି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ପ୍ରକାଶ ଯେ ସାନସୋତି ଗ୍ରାମର ବିଦ୍ୟାଧର ଦାସଙ୍କ ପୁଅ ଶଶୀକାନ୍ତ କୌଣସି କାରଣରୁ ଶନିବାର ରାତିରେ ବାହାରେ ବିଷପାନ କରିଥିଲେ। ପରେ ଖବର ପାଇ ପରିବାର ଲୋକମାନେ ତାଙ୍କୁ ଖୋଜାଖୋଜି କରି ସଠିପୁର ନିକଟରୁ ପାଇଁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। କିନ୍ତୁ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି।

## ସାପ କାମୁଡ଼ାରେ ଦୁଇ ଗାଈ ମୃତ

**ପାଣିକୋଇଲି, ୧୦।୧୧(ସମିସ):** ଗୋଳେଇପୁର ପଞ୍ଚାୟତ ଅନ୍ତର୍ଗତ ସୋତି ଗ୍ରାମରେ ରବିବାର ଦିନ ବିଷାକ୍ତ ସାପ କାମୁଡ଼ାରେ ଦୁଇଟି ଗୋରୁ ମୃତ୍ୟବରଣ କରିଛନ୍ତି। ଗ୍ରାମର ବାବାଜୀ ନାଥ ଓ ନଣ୍ଡା ନାଥ ନିଜ ନିଜର ଗାଈଙ୍କୁ ନିଜ ଘରଠାରୁ ଅଳ୍ପ ଦୁରରେ ଏକ ପଡ଼ିଆ ନିକଟରେ ଚରିବା ଲାଗି ବାନ୍ଧିଥିଲେ। ପରେ ଗୋରୁଙ୍କୁ ଆଣିବା ପାଇଁ ଯିବା ସମୟରେ ଦୁଇଟି ଗୋରୁ ପଘାରେ ବନ୍ଧା ହୋଇଥବା ଅବସ୍ଥାରେ ପାଟିରୁ ଫେଣ ବାହାରୁ ଥିବା ସହିତ ମରି ପଡ଼ିଥବାର ଦେଖିଥିଲେ। ଏ ନେଇ ଗ୍ରାମରେ ଭୟର ବାତାବରଣ ଖେଳିଯାଇଛି।

## ଧାନ ବିଲରେ ଓଲଟିଲା ଅଟୋ; ୨ ଗୁରୁତର

**ଦଶରଥପୁର, ୧୦।୧୧(ସମିସ):** ଦଶରଥପୁର ବ୍ଲକ ରଙ୍ଗପୁର ଛକରେ ଭାରସାମ୍ୟ ହରାଇବା ଯୋଗୁଁ ଅଟୋଟି ରଙ୍ଗପୁର ଛକ ପାର୍ଶ୍ୱ ବିରଜାପୁର ଗ୍ରାମ ରାସ୍ତା କଡ଼ରେ ଥିବା ଧାନ ବିଲକୁ ଓଲଟି ପଡ଼ିଛି। ଅଟୋ ଭିତରେ ବସିଥିବା ମୋଟ ୫ ଜଣ ଯାତ୍ରୀ ପାଖାପାଖି ଅଧଘଣ୍ଟାଏ ପର୍ଯ୍ୟନ୍ତ ଓଲଟି ପଡ଼ିଥିବା ଅଟୋ ଭିତରେ ଫସି ରହି ଚିତ୍କାର କରିଥିଲେ। କିଛି ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଅଟୋ ଭିତରୁ ଯାତ୍ରୀ ମାନଙ୍କୁ ଉଦ୍ଧାର କରିଥିବା ବେଳେ ଫସି ରହିଥିବା ଯାତ୍ରୀମାନଙ୍କ ମଧ୍ୟରୁ ୨ଜଣ ବୟସ୍କା ମହିଳା ଯାତ୍ରୀ ଗୁରୁତର ଆହତ ହୋଇଥିଲେ। ଅଟୋରୁ ଉଦ୍ଧାର କରିଥିବା ଲୋକମାନେ ସେମାନଙ୍କୁ ତୁରନ୍ତ ଅନ୍ୟ ଏକ ଅଟୋରେ ଚିକିତ୍ସା ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ।



## ଡିଭାଇଡରରେ ପିଟି ହୋଇ ଯୁବକ ଆହତ

**ପାଣିକୋଇଲି, ୧୦।୧୧(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ବଜାର ଉପରେ ଭାରସାମ୍ୟ ହରାଇ ଡିଭାଡର ସହିତ ଧକ୍କା ହୋଇ ଜଣେ ଯୁବକ ଆହତ ହୋଇଛନ୍ତି। ପ୍ରକାଶଯେ ଭଦ୍ରକ ଜିଲ୍ଲା ମଞ୍ଜୁରୀ ରୋଡ୍ ଅଞ୍ଚଳର ଆଶୀର୍ବାଦ ଦାସ କୌଣସି ଏକ କାମରେ ନିଜ ବାଇକରେ ଯାଜପୁର ରୋଡ୍ ଅଭିମୂଖେ ଯାଉଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା ଡିଭାଇଡ଼ରରେ ବାଇକ ସହିତ ପିଟି ହୋଇଯାଇଥିଲେ। ଫଳରେ ବାଇକରୁ ପଡ଼ି ଆହତ ହୋଇଥିଲେ। ସ୍ଥାନୀୟ ଲୋକମାନେ ଓ ରାଜପଥ ପେଟ୍ରୋଲିଂ ପୁଲିସ ତାଙ୍କୁ ଉଦ୍ଧାର କରି ରାଜପଥ ଆମ୍ବୁଲାନ୍ସ ଯୋଗେଁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି।

## ପୂର୍ବତନ ବ୍ୟାଙ୍କ କର୍ମଚାରୀଙ୍କ ପରଲୋକ

**ପାଣିକୋଇଲି, ୧୦।୧୧(ସମିସ):** ପାଣିକୋଇଲି ପଞ୍ଚାୟତର ଚାନ୍ଦପୁର ଗ୍ରାମର ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ରାମଚନ୍ଦ୍ର ନାୟକ (୮୦)ଙ୍କ ନିଜ ବାସଭବନରେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ସ୍ୱର୍ଗତ ନାୟକ କଟକ ସେଣ୍ଟ୍ରାଲ କୋ-ଅପେରେଟିଭ ବ୍ୟାଙ୍କର ଯାଜପୁର ରୋଡ଼ ଶାଖା ପରିଚାଳକ ଭାବେ ଦାୟିତ୍ୱ ନିର୍ବାହ କରି ଅବସର ଗ୍ରହଣ କରିଥିଲେ। ତାଙ୍କର ମୃତଶରୀରକୁ ଗ୍ରାମ୍ୟ ପରିକ୍ରମା କରାଇବା ପରେ ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁତ୍ର ପଦ୍ମନାଭ ମୁଖାଗ୍ନି ଦେଇଥିବା ବେଳେ ଗ୍ରାମର ସମସ୍ତ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ।

## ସାନ ଓରାଳି ହରିହାଟ ଉତ୍ସବ ଉଦ୍‌ଯାପିତ

**ମଧୁବନ, ୧୦।୧୧(ସମିସ):** ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ ବଜାର ନିକଟରେ ତାରିଣୀ ମନ୍ଦିର ନିକଟରେ ଓରାଳୀ ହରିହାଟ ଉତ୍ସବ ଦୈନିକ ରୀତିନୀତି ଅନୁଯାଇ ଉଦଯାପିତ ହୋଇଯାଇଛି। ହରିହାଟରେ ଜଗନ୍ନାଥଙ୍କ, ବଳଭଦ୍ର, ସୁଭଦ୍ରାଙ୍କ ଦାରୁବ୍ରହ୍ମ ବିଗ୍ରହ ମୂର୍ତ୍ତି ଗାଦିରେ ସ୍ଥାପନ କରାଯାଇ ନାମ ସଙ୍କୀର୍ତ୍ତନ କରିବା ସହ ୩୨ ଜଣ ବ୍ରାହ୍ମଣ ଗାଦିରେ ବସି ପୂଜାପାଠ କରିଥିଲେ। ପ୍ରାଚୀନ ପରମ୍ପରା ଅନୁଯାୟୀ ୩୨ ଜଣ ବ୍ରାହ୍ମଣ ନିଷ୍ଠାପର ଭାବରେ ଭାଗବତ ପାଠ କରିଥିଲେ। ଶ୍ରଦ୍ଧାଳୁ ଭକ୍ତମାନେ ଗାଦିରେ ଶ୍ରଦ୍ଧା ସହକାରେ ବ୍ରାହ୍ମଣ ମାନଙ୍କୁ ଅର୍ଥ ଓ ଦ୍ରବ୍ୟ ଦାନ କରିବା ସହ ଜନ୍ମ ଜନ୍ମାନ୍ତର ଦୋଷ ଅପରାଧରୁ ମୁକ୍ତି ନିମନ୍ତେ କ୍ଷମା ପ୍ରାର୍ଥନା କରୁଥିଲେ। ସାନ ଓରାଳି ଗ୍ରାମ୍ୟ କମିଟିର ସଭାପତି ସହଦେବ ସାହୁ, ସମ୍ପାଦକ ଲକ୍ଷ୍ମଣ ସାହୁ, ସତ୍ୟବ୍ରତ ସାହାଣୀ, ନିର୍ମଳ ସେଠୀ, ଅମୂଲ୍ୟ ବେହେରା ପ୍ରମୁଖ କାର୍ଯକ୍ରମକୁ ପରିଚାଳନା କରୁଥିଲେ।

## ଜିଲ୍ଲାପାଳ ଅଫିସ ପରିସରରେ ଆବର୍ଜନା

## ଅଳିଆ ସଫା କଲେ କଂଗ୍ରେସ କର୍ମୀ

**ଯାଜପୁର, ୧୦।୧୧(ସମିସ):** ଯାଜପୁର ଜିଲ୍ଲାପାଳ ଅଫିସ ସମେତ ବିଭିନ୍ନ ସରକାରୀ ଅଫସ ସଫେଇ କରିବା ପାଇଁ ଠିକା ସଂସ୍ଥା ମାନେ ନିଯୁକ୍ତ ହୋଇଛନ୍ତି। ଏଥିପାଇଁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ସରକାରୀ ତହବିଲରୁ ଖର୍ଚ୍ଚ ହେଉଛି। କିନ୍ତୁ ଠିକା ସଂସ୍ଥା ମାନେ କାମ ନ କରି ଠକାମୀ କରି ଏହି ସରକାରୀ ଟଙ୍କା ହଡ଼ପ୍ କରୁଥିବା ଅଭିଯୋଗ ହୋଇଛି। ଫଳରେ ଜିଲ୍ଲାପାଳ ଅଫସ ପରିସରରେ ଅଳିଆ ଆବର୍ଜନାରେ ପରିଣତ ହୋଇଛି। ଆଜି ଏହା ଦେଖି କଂଗ୍ରେସ କର୍ମୀ ମାନେ ଅସନ୍ତୋଷ ପ୍ରକାଶ କରିବା ସହିତ ଜିଲ୍ଲାପାଳ ଅଫସ ପରିସରକୁ ସଫେଇ କରିଥିଲେ। ଧର୍ମଶାଳା ବ୍ଲକର ପୂର୍ବତନ ଅଧ୍ୟକ୍ଷ କିଶାନ ପଣ୍ଡାଙ୍କ ନେତୃତ୍ୱରେ ବହୁ କଂଗ୍ରେସ କର୍ମୀ ହାତରେ ଝାଡୁ ଧରି ସଫେଇ କରି ଅଳିଆରେ ନିଆଁ ଲଗେଇ ଥିଲେ। ଏଥିସହିତ ଜିଲ୍ଲାପାଳ ଅଫିସ ସଫେଇ ଦାୟିତ୍ୱ ନେଇଥିବା ଠିକା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ।



## ‘ସ୍ମୃତି ଓ ପ୍ରଣତି’ର ବାର୍ଷିକ ଉତ୍ସବ

**ଯାଜପୁର, ୧୦।୧୧(ସମିସ):** ଯାଜପୁର ଜିଲ୍ଲା ପରିଷଦ ସଭାଗୃହରେ ‘ସ୍ମୃତି ଓ ପ୍ରଣତି’ ଅନୁଷ୍ଠାନର ବାର୍ଷିକ ଉତ୍ସବ ଓ ପ୍ରଦ୍ୟୁମ୍ନ ବଳଙ୍କ ୯୩ ତମ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଶିଶିର କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଫେସର ଡ. ଦାମୋଦର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ମୁଖ୍ୟଅତିଥି, ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ ମୁଖ୍ୟବକ୍ତା, ବିଶିଷ୍ଟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ ଯୋଗଦେଇ ଯୁବ ସମାଜ ପ୍ରଦ୍ୟୁମ୍ନ ବଳଙ୍କ ନୀତି ଆଦର୍ଶକୁ ଅନୁସରଣ କରନ୍ତୁ ବୋଲି ଆହ୍ୱାନ ଦେଇଥିଲେ। ସାଧାରଣ ସମ୍ପାଦକ କୈଳାଶ ଚନ୍ଦ୍ର ନାୟକ ଅତିଥିମାନଙ୍କ ପରିଚୟ ପ୍ରଦାନ ସହିତ କାର୍ଯ୍ୟକ୍ରମ ସମ୍ବନ୍ଧରେ ସୂଚନା ରଖିଥିଲେ। ଡ. ନିତ୍ୟାନନ୍ଦ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପୂର୍ବତନ ବିଧାୟକ ପବିତ୍ର ମୋହନ ଜେନା, ବରିଷ୍ଠ ଶଲ୍ୟ ବିଶାରଦ ପ୍ର.ଡାକ୍ତର ପ୍ରଫୁଲ୍ଲ କୁମାର ମହାପାତ୍ର ଏବଂ ବରିଷ୍ଠ ସାମ୍ବାଦିକ ଦେବାଶିଷ ମିଶ୍ରଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟତମ କର୍ମକର୍ତ୍ତା ଡ. ଗିରିଶ ବିହାରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ବୃନ୍ଦାବନ ମିଶ୍ର, ଶେଖ୍ ମନିରୁଦ୍ଦିନ, ପ୍ରଦୀପ କୁମାର ଜେନା, ଯତୀନ୍ଦ୍ର କୁମାର କର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।

## ପୂର୍ବତନ ସରପଞ୍ଚଙ୍କ ସ୍ମୃତିସଭା



**ପାଣିକୋଇଲି, ୧୦।୧୧(ସମିସ):** ଯାଜପୁର ନିର୍ବାଚନ ମଣ୍ଡଳୀ ଭୁବନେଶ୍ୱରପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବରିଷ୍ଠ ଶିକ୍ଷାବିତ ଏବଂ ଯାଜପୁର ବିଧାୟିକା ସୁଜାତା ସାହୁଙ୍କ ଭାଇ ଏବଂ ବର୍ତ୍ତମାନ ଭୁବନେଶ୍ୱରପୁର ପଞ୍ଚାୟତର ସରପଞ୍ଚ ଥିବା ମନଦୀପା ରାୟଙ୍କ ପିତା ସୂର୍ଯ୍ୟନାରାୟଣ ରାୟଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ତାଙ୍କ ଗ୍ରାମ କଳସଡିଅଠାରେ ଏକ ରକ୍ତଦାନ ଶିବିର, ପ୍ରତିମୂର୍ତ୍ତି ଉନ୍ମୋଚନ, ଭଜନ ସମାରୋହ, ସ୍ମରଣିକା ଉନ୍ମୋଚନ ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସୁନାମଧନ୍ୟ କଣ୍ଠଶିଳ୍ପୀ ସୁଶ୍ରୀ ଦିପ୍ତିମୟୀ ଦାସଙ୍କ ସହ ତାଙ୍କ ଟିମ୍ ଭଜନ ପରିବେଷଣ କରିଥିଲେ। ଅନ୍ୟାନ୍ୟ ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ଯାଜପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷା ନଳିନୀପ୍ରଭା ଜେନା, ବରିଷ୍ଠ ନେତା କର୍ଣ୍ଣାଟ କେଶରୀ ଦାସ, ଯାଜପୁର ବିଧାୟିକା ସୁଜାତା ସାହୁ, ଅଶୋକ ଦାସ ଫାଉଣ୍ଡେସନର ମହାସଚିବ ଭବପ୍ରସାଦ ଦାସ, ଯୁବନେତା ଇଂ. ସୌମ୍ୟରଞ୍ଜନ ଧଳ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ଯାଜପୁର ପୌରପାଳିକାର ଅଧ୍ୟକ୍ଷା ରଞ୍ଜୁଲତା ହୋତା, ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ବିଧାୟିକାଙ୍କ ପ୍ରତିନିଧି ପ୍ରକାଶ ତ୍ରିପାଠୀ, ପଞ୍ଚାୟତର ସମିତିସଭ୍ୟା ଜୟପ୍ରଦା ଦାସ, ପୂର୍ବତନ ସରପଞ୍ଚ ଜଗବନ୍ଧୁ ପଣ୍ଡା, ପ୍ରଫୁଲ୍ଲ ସାହୁ, ମାନସ ରାୟଙ୍କ ସମେତ ବହୁ ରାଜନେତା, ବୁଦ୍ଧିଜୀବୀ, ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଦଶରଥପୁର ପଞ୍ଚାୟତରେ ବିଜେଡିର ଜନସମ୍ପର୍କ ପଦଯାତ୍ରା




**ଦଶରଥପୁର, ୧୦।୧୧(ସମିସ):** ବିଜୁ ଜନତା ଦଳର ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହେଉଥିବା ବେଳେ ଦଶରଥପୁର ବ୍ଲକ ଦଶରଥପୁର ପଞ୍ଚାୟତର ବ୍ଲକ ନିକଟ ରାଧାଗୋବିନ୍ଦଜୀଉ ମନ୍ଦିର ପ୍ରାଙ୍ଗଣରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଓ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଦଶରଥପୁର ବ୍ଲକ ବିଜେଡି ସଭାପତି ଅଜୟ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଯାଜପୁର ବିଧାୟିକା ସୁଜାତା ସାହୁ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସମାଜସେବୀ କର୍ଣ୍ଣାଟକେଶରୀ ଦାସ, ଯାଜପୁର ଜିଲ୍ଲା ବିଜେଡି ସଭାପତି ସରୋଜ ମହାପାତ୍ର, ପଞ୍ଚାୟତ ସମିତି ଅଧ୍ୟକ୍ଷ ଦିଗାମ୍ବର ମଲ୍ଲିକ, ୬ନମ୍ବର ଜୋନ ଜିଲ୍ଲାପରିଷଦ ସଭ୍ୟା ମାମିନା ମଲ୍ଲିକ, ୫ନମ୍ବର ଜୋନ ଜିଲ୍ଲାପରିଷଦ ସଭ୍ୟା ମନସ୍ୱିନୀ ଦାସ, ଦଶରଥପୁର ସରପଞ୍ଚ ନୀନାରାଣୀ ବେହେରା, ଚମ୍ପେଇପାଳ ସରପଞ୍ଚ ହିମାଂଶୁ ନାୟକ, ଦଶରଥପୁର ସମିତିସଭ୍ୟ ପ୍ରଶାନ୍ତ ମଲ୍ଲିକ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଆଦିକନ୍ଦ ସହିବିଘ୍ର, ପଞ୍ଚାୟତ ସଭାପତି ସୁଦର୍ଶନ ସେନାପତି, ବରିଷ୍ଠ ବିଜେଡି ନେତା ମନୋଜ ରାଉତ, ଧର୍ମାନନ୍ଦ ଧିର, ଧୀରେନ୍ଦ୍ର ମହାପାତ୍ର, ପ୍ରମୋଦ ସାହୁ, ଚନ୍ଦ୍ରକାନ୍ତ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

## ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି

## ୫୮ ଟି ଅଭିଯୋଗର ତ୍ୱରିତ ଫଇସଲା



**ଧର୍ମଶାଳା, ୧୦।୧୧(ସମିସ):** ଧର୍ମଶାଳା ବ୍ଲକ କାର୍ଯ୍ୟାଳୟରେ ଆଜି ଯାଜପୁର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଆଜି ପୂର୍ବାହ୍ନରେ ଧର୍ମଶାଳା ବ୍ଲକ ପରିସରରେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର, ଆରକ୍ଷୀ ଅଧିକ୍ଷକ ଯସ୍‌ପ୍ରତାପ ଶ୍ରିମଲ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଶିବାନନ୍ଦ ସ୍ୱାଇଁ, ପିଡି ଡିଆର୍‌ଡିଏ ଦେବୀ ପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେଉରୀ, ସଡିଏମ୍‌ଓ ବିଜୟ କୁମାର ମିଶ୍ର ସମେତ ସମସ୍ତ ଲାଇନର ଅଧିକାରୀମାନେ ଉପସ୍ଥିତ ରହି ଏହି ଜନଶୁଣାଣି କରିଥିଲେ। ଏହି ଶିବିରରେ ଆଜି ୧୮୮ ଗୋଟି ଅଭିଯୋଗ ଆସିଥିବା ବେଳେ ୯୪ଟି ସାଧାରଣ, ୩୮ଟି ବ୍ୟକ୍ତିଗତ, ୪ଟି ସମୂହ, ମୁଖ୍ୟମନ୍ତ୍ରୀଙ୍କ ପାଣ୍ଠିରୁ ସହାୟତା ଲାଗି ୫୨ ଗୋଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୫୮ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ତୁରନ୍ତ ଫାଇସଲା ହୋଇପାରିନଥିବା ଅଭିଯୋଗ ଗୁଡିକୁ ସମାଧାନ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବିଶେଷ କରି ପିଇବା ପାଣି, ଆବାସ, ସ୍ୱାସ୍ଥ୍ୟଗତ ସମସ୍ୟା ନେଇ ଅଧିକ ଅଭିଯୋଗ ଅସିଥିବା ଜଣାଯାଇଛି। ଧର୍ମଶାଳା ବିଡିଓ ଜ୍ୟୋତିର୍ମୟ କର, ତହସିଲଦାର ସମୀର ରଞ୍ଜନ ଦାସ ସମେତ ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ ଓ କର୍ମଚାରୀମାନେ ଜନଶୁଣାଣି ଶିବିରକୁ ପରିଚଳନାରେ ସହାୟତା କରିଥିଲେ। ତେବେ ଜନଶୁଣାଣି ସମ୍ପର୍କରେ ପ୍ରଶାସନ ପକ୍ଷରୁ ପୂର୍ବରୁ ସେଭଳି ପ୍ରଚାର ଓ ପ୍ରସାର କରାଯାଉ ନଥିବା ନେଇ ଅନେକ ବୁଦ୍ଧିଜୀବୀ ଅସନ୍ତୋଷ ପ୍ରକାଶ କରିଥିଲେ। ତେବେ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଅଭିଯୋଗ ଶିବିର ପାଇଁ ଆଗାମୀ ଦିନରେ ସାଧାରଣ ଲୋକମାନଙ୍କୁ ଅବଗତ କରାଯିବା ପାଇଁ ବ୍ୟବସ୍ଥା ଗ୍ରହଣ କରାଯିବ। ଯାହା ଫଳରେ ଅଧିକରୁ ଅଧିକ ଲୋକେ ଏହି ଶିବିରରେ ସାମିଲ ହୋଇ ନିଜର ଅଭିଯୋଗ ରଖିପାରିବେ ବୋଲି ଜିଲ୍ଲାପାଳ ଶ୍ରୀ କର ସୂଚନା ଦେଇ କହିଛନ୍ତି।

## ରାଜ୍ୟ ସରକାର ନିଜ ଛେପକୁ ନିଜେ ଢୋକିଲେ

# ଜାତୀୟ ରାଜପଥ ସର୍ଭିସ ରୋଡ୍ ସମ୍ପ୍ରସାରଣକୁ ବିରୋଧ

**ଯାଜପୁର, ୧୦।୧୧(ସମିସ)**




ଗମନାଗମନ ବ୍ୟବସ୍ଥାରେ ସୁଧାର ଆଣିବା ଲକ୍ଷ୍ୟରେ ନବୀନ ସରକାରଙ୍କ ସୁପାରିସ କ୍ରମେ କୁଆଖିଆ-କୟାଁଗୋଲା ରାସ୍ତାକୁ ୨୦ ନଂ ଜାତୀୟ ରାଜପଥର ମାନ୍ୟତା ମିଳିଥିଲା। ଏହି ରାସ୍ତାଟି ବରୁଆଁ ପରେ ବୁଢ଼ା ଘାଟରୁ ସିଧା ରାସ୍ତା କୟାଁଗୋଲା ଅଭିମୁଖେ ଯାଇଛି। କିନ୍ତୁ ଯାଜପୁର ସହର ଦେଇ ଭିଡ଼ରୁ ରକ୍ଷା

**ପ୍ରକଳ୍ପ ମଞ୍ଜୁରି ହେଲେ ଆନ୍ଦୋଳନ ଚେତାବନୀ**

ପାଇଁ ଏହି ଜାତୀୟ ରାଜପଥକୁ ସହରରୁ ବାଦ ଦେଇ ରାସ୍ତାକୁ ସିଧା କରାଯାଇଛି। ସହର ଭିତର ଦେଇ ମାନସା ପୋଲ-ବଢ଼ାଘାଟ ବାଇପାସ ବା ସର୍ଭିସ ରୋଡ୍ ଯିବା ପାଇଁ ପ୍ରସ୍ତାବ ରହିଥିଲା। ସେହି ଅନୁଯାୟୀ ଜମି ଅଧିଗ୍ରହଣ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ଗତ ବର୍ଷ ସରକାର ପରିବର୍ତ୍ତନ ହେବା ପରେ ପରେ ତୁରନ୍ତ ଏହି ପ୍ରକଳ୍ପର ଟେଣ୍ଡରକୁ ବାତିଲ କରାଯାଇ ଏହି ପ୍ରକଳ୍ପ ବନ୍ଦ ହେବ ବୋଲି ପ୍ରଚାର କରାଯାଇଥିଲା। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଖୁସି ଅନୁଭବ କରିଥିଲେ। ଏହି ପ୍ରକଳ୍ପ ପାଇଁ କ୍ଷତିଗ୍ରସ୍ତ ପରିବାର ଲୋକେ ଏଥିପାଇଁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଦେଇଥିଲେ। କିନ୍ତୁ ଇତିମଧ୍ୟରେ ପ୍ରକଳ୍ପର ଆବଶ୍ୟକତା ଅନୁଭବ କରି ପୂର୍ବ ସରକାରଙ୍କ ଯୋଜନାକୁ କାର୍ଯ୍ୟକାରୀ କରିବାକୁ ପୁର୍ନବାର ଅଣ୍ଟା ଭିଡିଛନ୍ତି। ଅର୍ଥାତ ରାଜ୍ୟ ସରକାର ପକାଇଥିବା ଛେପକୁ ନିଜେ ପୁଣି ଢୋକିବା ପରେ ବିବାଦ ଆରମ୍ଭ ହୋଇଛି। ଏହି ସର୍ଭିସ ରୋଡ୍ ନିର୍ମାଣ ହେଲେ ଏହା ଦ୍ୱାରା ଶତାଧିକ ପରିବାର କ୍ଷତିଗ୍ରସ୍ତ ହେବେ ବୋଲି ଅଭିଯୋଗ କରି ଆଜି ସ୍ଥାନୀୟ ଅଞ୍ଚଳବାସୀ ସାମ୍ବାଦିକ ସମ୍ମିଳନୀ କରି ରାଜ୍ୟ ସରକାରଙ୍କ ପଦକ୍ଷେପକୁ ନିନ୍ଦା କରିବା ସହିତ ପ୍ରତିବାଦ କରିଛନ୍ତି। ସର୍ଭିସ ରୋଡ ପ୍ରଶସ୍ତୀକରଣ ବିରୋଧୀ ମଞ୍ଚ ପକ୍ଷରୁ ଆହୂତ ସାମ୍ବାଦିକ ସମ୍ମିଳନୀରେ ଏଭଳି ରାସ୍ତା ପ୍ରଶସୀକରଣର ଆବଶ୍ୟକତା ନାହିଁ ଏବଂ ଏହା ପ୍ରଶସ୍ତୀକରଣ ହେଲେ ଅନେକ ବ୍ୟବସାୟୀ ସେମାନଙ୍କ ଜୀବିକା ହରାଇବା ସହିତ ଅନେକ ପରିବାର ଭୂମିହୀନ ହୋଇଯିବେ ବୋଲି ଅଭିଯୋଗ କରାଯାଇଛି। ବିରୋଧୀ ମଞ୍ଚର ସଭାପତି ପ୍ରଭୁପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିମ୍ବାଧର ପଣ୍ଡା, ନିରଞ୍ଜନ ମହାରଣା, ନୃସିଂହ ଚରଣ ଶତପଥି, ବାବାଜୀ ଚରଣ ସାହୁ, ମହେଶ୍ୱର ମାହୁନ୍ତ, ଭରତ ଚନ୍ଦ୍ର ସାହୁ, ସୁମିତ୍ରା ପଣ୍ଡା, ଜୟନ୍ତୀ ନାୟକ ପ୍ରମୁଖ ଉପସ୍ଥିତ ରହି ଆଗାମୀ ଦିନରେ ସମ୍ପ୍ରସାରଣ କାର୍ଯ୍ୟକୁ ଜୋରଦାର କରାଯିବ ବୋଲି ଘୋଷଣା କରିଥିଲେ।

# ସମ୍ପାଦକୀୟ



ଆମ ଭିତରୁ ଆଜି ଶାନ୍ତି ହଜିଯାଉଛି, କାରଣ ସମସ୍ତେ ସମସ୍ତଙ୍କ ପରିପୂରକ ବୋଲି ଆମେ ଭୁଲି ଯାଉଛେ।
-ମଦର ଟେରେସା

ସକାଳ
THE SAKALA

## ଅଘଟଣ ପାଇଁ ଦାୟୀ କିଏ?

ହଜାରେ ବର୍ଷର ପୁରୁଣା ସହର କଟକ। ଯେଉଁଠି ସମ୍ଭ୍ରାନ୍ତୀୟ ଠାଣିରେ ହାକିମ ଓ ଜମିଦାରଙ୍କ ସୌଧ ମୁଣ୍ଡ ଟେକିଛି ସେଠି ଅଛି ଛୋଟ ବଡ଼ ଚାଳଘର। ସମୟ ବଦଳିବା ସହ ସେହି ଜୀବନଧାରା କୁଆଡ଼େ ହଜିଗଲାଣି। ଚାଳ ଛପର ଘର ସ୍ଥାନରେ ମୁଣ୍ଡ ଟେକିଲାଣି ଛାତ ଘର। କିନ୍ତୁ ସେହି ପୁରଣା ସୌଧ ସେମିତି ମୁଣ୍ଡ ଟେକି ରହିଛି। ତିନି ପୁରୁଷର ଘରକୁ ମରାମତି ପାଇଁ ଏବେ ଯେଉଁମାନେ ଅଛନ୍ତି ସେମାନଙ୍କ ଖୋସଣିରେ ପଇସା ନାହିଁ। ଏମିତି କିଛି ଘର ଅଛି ଯାହାକି ଭଙ୍ଗାରୁଜା ଅବସ୍ଥାରେ ପଡ଼ି ରହିଛି। ତାହାର ଦେଖାଶୁଣା ଦାୟିତ୍ୱରେ ଥିବା ଉତ୍ତର ପିଢ଼ି ସହର ଛାଡ଼ି ଅନ୍ୟତ୍ର ଘରବାଡ଼ି କରି ଅବସ୍ଥାନ କରିଛନ୍ତି। ଯେଉଁଠି ବିଶାଳକାୟ ସୌଧ ବା ଇମାରତ୍ ଅଛି ତତ୍‌ସଂଲଗ୍ନ ଅଞ୍ଚଳରେ ଗରିବ ଗୁରୁବାଙ୍କ ଛୋଟବଡ଼ ଘର ଅଛି। ଏମାନେ ପରସ୍ପର ଉପରେ ନିର୍ଭରଶୀଳ। ଆଜିକାଲି ସହରତଳି ଅଞ୍ଚଳରେ ଦିନ ମଜୁରିଆଙ୍କ ବସ୍ତି ମୁଣ୍ଡ ଟେକିଲାଣି। ବିପଦସଂକୁଳ ଅବସ୍ଥାରେ କୋଠାବାଡ଼ିଗୁଡ଼ିକୁ ଠିକଣା ସମୟରେ ଭାଙ୍ଗି ଦିଆନଗଲେ ତାହା ପାଖ ପଡ଼ିଶାଙ୍କ ପାଇଁ ନିଶ୍ଚୟ ଦିନେ ନା ଦିନେ ବିପଦ ହେବ। ଯାହା ଗତ ଶନିବାର କଟକ ମଣି ସାହୁ ଛକରେ ପରିଲକ୍ଷିତ ହୋଇଥିଲା। ଅସୁରକ୍ଷିତ ଘୋଷିତ ଆପାର୍ଟମେଣ୍ଟରେ ବାଲକୋନି ଭୁଶୁଡ଼ି ପଡ଼ିଲା। ତଳେ ଟିଣ ଛପର ଘରେ ରହୁଥିବା ଗୋଟିଏ ପରିବାରର ୩ ଜଣ ଙ୍କ ପ୍ରାଣହାନି ଘଟିଲା ଏବଂ ଅନ୍ୟ ୪ ଜଣ ଆହତ ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି।

ଗତ ଦଶ ବର୍ଷ ତଳେ ସହରରେ ଭୂମିକମ୍ପ ଅନୁଭୂତ ହୋଇଥିବାରୁ ବହୁ କୋଠାରେ ଫାଟ ସୃଷ୍ଟି ହୋଇଥିଲା। ଜିଲ୍ଲା ପ୍ରଶାସନ ମହାନଗର ନିଗମ ଓ ପୂର୍ତ୍ତ ବିଭାଗ ପକ୍ଷରୁ କରାଯାଇଥିବା ମିଳିତ ସର୍ଭେରେ ସହରର ୨୩୭ ଟି ବିପଦସଂକୁଳ କୋଠା ଚିହ୍ନଟ କରାଯାଇଥିଲା। ସେଥିମଧ୍ୟରୁ ୧୬ଟିକୁ ଭାଙ୍ଗି ସେଠାରେ ନୂଆ ଇମାରତ ମୁଣ୍ଡଟେକିଛି। ଅବଶିଷ୍ଟ ଅସୁରକ୍ଷିତ ୨୨୧ ଟି ପ୍ରାସାଦ ସେମିତି ମୁଣ୍ଡ ଟେକି ରହିଛି। କେତେବେଳେ କାହା ଉପରେ ଭୁଶୁଡ଼ି ପଡ଼ିବ ତାହାର କୌଣସି ଠିକଣା ନାହିଁ। ହାଇକୋର୍ଟଙ୍କ ତାଗିଦ ସତ୍ତ୍ୱେ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଘରମାଲିକଙ୍କୁ କେବଳ ନୋଟିସ ଦେଇ ଚୁପ ରହିଛି ପ୍ରଶାସନ। ସବୁଠାରୁ ଉଲ୍ଲେଖନୀୟ ହେଲା, ସରକାରୀ କ୍ୱାଟର୍ସ ଅଫିସ ଓ ଅବ୍ୟବହୃତ ଗୋଦାମ ଘର ସଂଖ୍ୟା ସବୁଠାରୁ ଅଧିକ। ଏକ୍ଷେତ୍ରରେ କିଏ କାହାକୁ ନୋଟିସ ଦେବ? ଅନ୍ତତଃ ସରକାରୀ ବ୍ୟବସ୍ଥା ଏଥିପ୍ରତି ସଚେତନ ହେବା ଜରୁରୀ। ମଣିସାହୁ ଛକ ଘଟଣା ପରେ ଜିଲ୍ଲା ପ୍ରଶାସନ, ମହାନଗର ନିଗମ ଓ ସିଡିଏ କର୍ତ୍ତୃପକ୍ଷ ଏହି ଦିଗ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବେ ବୋଲି ଆମେ ଆଶା କରୁ। ରାଜ୍ୟର ଐତିହାସିକ ସ୍ମୃତିର ସ୍ମାରକ ରୂପେ ପ୍ରସିଦ୍ଧ ଅଟ୍ଟାଳିକାର ମଧ୍ୟ ବ୍ୟବସ୍ଥିତ ଢଙ୍ଗରେ ସୁରକ୍ଷା ହେବା ଜରୁରୀ। ●

## କୁହାମୁଣ୍ଡା କପିଳା

ଜୁନ୍ ୨୯ ତାରିଖରେ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଘଟିଥିବା ଦଳାଚକଟା ଓ ଚରମ ବିଶୃଙ୍ଖଳାର କାରଣ ସଂପର୍କରେ ତଦନ୍ତ କମିଟି ରିପୋର୍ଟ ସରକାରଙ୍କ ହସ୍ତଗତ ହୋଇଛି। ଏହି ଘଟଣାରେ ୩ ଜଣଙ୍କ ପ୍ରାଣହାନି ଘଟିଥିବା ବେଳେ ୨୦ ରୁ ଉର୍ଦ୍ଧ୍ୱ ଆହତ ହୋଇଥିଲେ। ସେତେବେଳେ ସରକାର ତୁରନ୍ତ ପୁରୀ ଜିଲ୍ଲାପାଳ ଓ ଏସପିଙ୍କୁ ବଦଳି କରି ଜନଅସନ୍ତୋଷକୁ ପ୍ରଶମିତ କରିଥିଲେ। ଉନ୍ନୟନ କମିଶନଙ୍କ ରିପୋର୍ଟ କିନ୍ତୁ ସରକାରଙ୍କ ମୁଖା ଖୋଲି ଦେଇଛି। ରାଜ୍ୟ କ୍ଷମତାରେ ଥିବା ନୂଆ ସରକାର, ଅନଭିଜ୍ଞ ଓ ଅପରିପକ୍ୱ। କିନ୍ତୁ ବାକ୍ୟବୀରଙ୍କ ବାକ୍‌ପଟୁତାରେ କେହି ତାଙ୍କ ସରି ହେବେନାହିଁ। ସମନ୍ୱିତ ନିୟନ୍ତ୍ରଣ କେନ୍ଦ୍ର(ଆଇସିସିସି )ର ଦାୟିତ୍ୱ ଥିଲା ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ ପରିଚାଳନା, ଆଇନ ଶୃଙ୍ଖଳା ନିୟନ୍ତ୍ରଣ ଏବଂ ଜରୁରୀସ୍ଥିତି ଓ ଭିଆଇପିଙ୍କ ଗସ୍ତକୁ ସୁନିଯୋଜିତ ଉପାୟରେ ପରିଚାଳନା କରିବା। ଅସଲ ସମୟରେ ଏହି ବ୍ୟବସ୍ଥା ଫସର ଫାଟି ଯାଇଥିଲା। ଆଇସିସିସିକୁ ସହାୟତା ଯୋଗାଇବା ସକାଶେ ଯେଉଁ ଯାନ୍ତ୍ରିକ ବ୍ୟବସ୍ଥା ଉପରେ ନିର୍ଭର କରାଯାଉଥିଲା ସେ ସବୁ ଥିଲା ନିମ୍ନମାନର। ଅଥଚ ସେସବୁରୁ ଉପଯୋଗିତା ସଂପର୍କରେ ଧାରଣା ନଥିବା ଲୋକେ ବଡ଼ ବଡ଼ କଥା କହି ରାଜ୍ୟବାସୀଙ୍କୁ ଭରସା ଦେଇଥିଲେ। ଏବର୍ଷ ପ୍ରଥମ ଥର ପାଇଁ ବ୍ୟବହୃତ ହୋଇଥିବା ଏଆଇ (କୃତ୍ରିମ ବୁଦ୍ଧିମତ୍ତା) ସଂପୂର୍ଣ୍ଣ ଭାବେ ବିଫଳ ହୋଇଥିଲା। ସେହିଭଳି ଖଞ୍ଜାଯାଇଥିବା ସିସିଟିଭି ଭିଡ଼ ନିୟନ୍ତ୍ରଣ ପାଇଁ ଆଦୌ ଉପଯୋଗୀ ନଥିଲା। ଡ୍ରୋନ ମାଧ୍ୟମରେ ବ୍ୟବସ୍ଥାର ତଦାରଖ ଉଦ୍ୟମ ଅନ୍ୟ ଏକ ନିଷ୍ଫଳ ପ୍ରୟାସ। ଏହିସବୁ ସାଜ ସରଂଜାମ ଯୋଗାଇଥିବା ସଂସ୍ଥା (ଭେଣ୍ଡର) କୁ ରିପୋର୍ଟରେ କଳାତାଲିକାଭୁକ୍ତ କରିବାକୁ ପରାମର୍ଶ ଦିଆଯାଇଛି।

ଏକଥା ସତ ଯେ ରଥଯାତ୍ରାରେ ଭିଡ଼ ନିୟନ୍ତ୍ରଣରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପୁଲିସ ବାହିନୀର। ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ରଥାରୁଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ ପାଇଁ ଯାତ୍ରୀ ଭିଡ଼ ହେବାରେ କିଛି ଅସ୍ୱାଭାବିକ ନାହିଁ। ରଥ ସାମ୍ନାରେ ଯାତ୍ରୀଙ୍କ ପ୍ରବଳ ଭିଡ଼ ଲାଗି ରହିଥିବା ବେଳେ ଚାରମାଳ ଲଦା ଯାଇଥିବା ଟ୍ରକ ଧସେଇ ପଶି ଆସିଲା। ଏହି ଟ୍ରକର ପ୍ରବେଶ ଅନୁମତି ହିଁ ତଥାକଥିତ ବିଭ୍ରାଟ ପାଇଁ ଅନେକାଂଶରେ ଦାୟୀ। ଘଟଣାସ୍ଥଳରେ ଉପସ୍ଥିତ ଅଧିକାରୀ ଓ ନିୟନ୍ତ୍ରଣ କକ୍ଷ ମଧ୍ୟରେ ଯୋଗାଯୋଗ ନ ରହିବା ଅନ୍ୟତମ ପ୍ରମୁଖ କାରଣ। ଗୁଣ୍ଡିଚା ମନ୍ଦିର ସମ୍ମୁଖ ରଥରୁ ତିନିଠାକୁରଙ୍କ ବିଳମ୍ବିତ ପହଣ୍ଡି ବିଜେ ହେଉ ବା ଦାୟିତ୍ୱରେ ଥିବା ୭ ଜଣ ବିରଷ୍ଠ ପୁଲିସ୍ ଅଧିକାରୀଙ୍କ ଅନୁପସ୍ଥିତି ହେଉ ଦାୟିତ୍ୱ ନିର୍ବାହରେ ଗୁରୁତର ତ୍ରୁଟି ହୋଇଛି, ଯାହା ଅକ୍ଷମଣୀୟ। ତେଣୁ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସକାଶେ ତଦନ୍ତ ରିପୋର୍ଟରେ ପରାମର୍ଶ ଦିଆଯାଇଛି। ଗୃହ ବିଭାଗ ପକ୍ଷରୁ ଏ ସଂପର୍କରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଡ଼ିବ। ରିପୋର୍ଟର ତଥ୍ୟ ଅନୁଯାୟୀ ରଥଯାତ୍ରା ସମୟରେ ଅତି ବେପରବାୟ ଢଙ୍ଗରେ କର୍ତ୍ତୃପକ୍ଷ କାର୍ଯ୍ୟନିର୍ବାହ କରିଛନ୍ତି। ୨୭୫ ଟି ଏଆଇ ସିସିଟିଭି ଲଗାଇବାକୁ ନିର୍ଦ୍ଦେଶ ଥିବାବେଳେ ୧୨୩ ଟି କ୍ୟାମେରା କାର୍ଯ୍ୟକ୍ଷମ ଥିଲା। କ୍ୟାମେରାଠାରୁ କର୍ତ୍ତୃପକ୍ଷଙ୍କ ପର୍ଯ୍ୟନ୍ତ ସମସ୍ତେ ଉପର ମୁହାଁ। ତେଣୁ ଯାତ୍ରୀ ଭିଡ଼ ଉପରେ ନଜର ରଖାଯାଇ ପାରିଲା ନାହିଁ। ଏପରିକି କିଛି କ୍ୟାମେରାରେ ନିୟନ୍ତ୍ରିଣ କକ୍ଷ ସହ ସଂଯୋଗ ନଥିଲା। ବଡ଼ ବଡ଼ ଏଲଇଡି ପ୍ୟାନେଲ ଓ ତଥାକଥିତ ଡ୍ରୋନର ମଧ୍ୟ ସଦୁପଯୋଗ ହୋଇପାରିନାହିଁ।

ଶୃଙ୍ଖଳିତ ରଥଯାତ୍ରା ଆୟୋଜନ ସକାଶେ ଯେଉଁ ଆଡ଼ମ୍ବରପୂର୍ଣ୍ଣ ପ୍ରତିଶ୍ରୁତି ଦିଆଯାଇଥିଲା ତାହା ଯେ ମିଛ ହାୱା ଏହା ପ୍ରମାଣିତ ହୋଇଛି ତଦନ୍ତ ରିପୋର୍ଟରୁ। ସରକାରଙ୍କୁ ମଧ୍ୟ ଏଥିରୁ ଶିକ୍ଷା ମିଳିଛି। ପଦାଧିକାରୀଙ୍କ ମିଛ ପ୍ରତିଶ୍ରୁତି ଉପରେ ନିର୍ଭର ନ କରି ତାହାର ଠିକଣା ଭାବେ ତଦାରଖ ନକଲେ ନିନ୍ଦା ଓ ଅପଯଶ ମୁଣ୍ଡାଇବାକୁ ପଡ଼ିବ। ●

## ନିଆଁ ସହ ଖେଳୁଛି ବାଂଲାଦେଶ



ତୀବ୍ର ଜନଆନ୍ଦୋଳନ ଓ ବିଦ୍ରୋହର ପୃଷ୍ଠଭୂମିରେ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ଦେଶାନ୍ତର ପରେ ବାଂଲାଦେଶରେ ସୃଷ୍ଟ ଅରାଜକତାକୁ ଦୂର କରିବାରେ ନୋବେଲ୍ ପୁରସ୍କାର ପ୍ରାପ୍ତ ଅର୍ଥନୀତିଜ୍ଞ ମହମ୍ମଦ ୟୁନୁସ୍‌ଙ୍କ ନେତୃତ୍ୱରେ ଗଠିତ କାମଚଳା ସରକାର ଏ ପର୍ଯ୍ୟନ୍ତ ଆଶାନୁରୂପ ଅଗ୍ରଗତି କରିପାରିନାହିଁ। ଏହାର ଫାଇଦା ଆମେରିକା ଓ ଚୀନ୍ ନେବାକୁ ଯେ ଚାହିଁ ବସିଛନ୍ତି ଏହା ୟୁନୁସ୍ ବୋଧହୁଏ ବୁଝିପାରୁନାହାନ୍ତି କିମ୍ବା ତାଙ୍କ ଭଳି ବିଜ୍ଞ ବୁଦ୍ଧିଜୀବୀଙ୍କ ପକ୍ଷରେ ମୌଳବାଦୀ ରାଜନୀତିର ଜଟିଳ ଅଙ୍କ ବୁଝିବା ସହଜ ହେଉନାହିଁ। ସେ ତାଙ୍କ ଜାଣ ଅଜାଣତରେ ବାଂଲାଦେଶର ଭବିଷ୍ୟତକୁ ଏକପ୍ରକାର ଚୀନ୍ ଓ ପାକିସ୍ତାନ ହାତକୁ ଟେକି ଦେଉଛନ୍ତି। ଭାରତରେ ଅସ୍ଥିରତା ସୃଷ୍ଟି ପାଇଁ ପ୍ରଚ୍ଛନ୍ନ ଧମକ ହେଉ କିମ୍ବା ଚିକେନ୍ ନେକ୍ ଉପରେ ଆକ୍ରମଣ ଚେତାବନୀ ହେଉ କିମ୍ବା ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକ ଭାରତର ମୂଳଭୂଖଣ୍ଡଠାରୁ ସ୍ୱାଧୀନ କରିବା ଏବଂ ବଙ୍ଗୋପସାଗରରେ କେବଳ ଚୀନ୍‌ର ଅଧିକାର ରହିଛି ବୋଲି ୟୁନୁସ୍‌ଙ୍କ ବିବାଦୀୟ ମନ୍ତବ୍ୟ ହେଉ - ସେଥିରୁ ସେଠାକାର କାମଚଳା ସରକାରର ଭାରତ ବିରୋଧୀ ମନୋଭାବ ଓ ଚୀନ୍-ପାକିସ୍ତାନ ପ୍ରତି ବଶମ୍ବଦତା ପ୍ରମାଣିତ ହୋଇଛି। ଇସ୍‌ଲାମ୍ ମୌଳବାଦୀଙ୍କ ସଖିକଣ୍ଢେଇ ସାଜିଥିବା ବାଂଲାଦେଶର କାମଚଳା ସରକାରର ଏଭଳି ଅପକର୍ମ ଓ ଅଯୋଗ୍ୟତା ପାଇଁ ଖୁବ୍‌ଶୀଘ୍ର ବାଂଲାଦେଶକୁ ବହୁମୂଲ୍ୟ ଦେବାକୁ ପଡ଼ିପାରେ।

ୟୁନୁସ୍ ଅପରିଣାଦର୍ଶୀ ଭାବେ ସାମରିକ ଓ ପ୍ରତିରକ୍ଷା ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ବାଂଲାଦେଶର ବିଭିନ୍ନ ଭିତ୍ତିଭୂମି ବିକାଶ କାର୍ଯ୍ୟ ଚୀନ୍ ଓ ପାକିସ୍ତାନ ହାତକୁ ଟେକି ଦେବାରେ କୁଣ୍ଠା ପ୍ରକାଶ କରୁ ନଥିବା ବେଳେ ନିକଟରେ ପାକିସ୍ତାନର ଏକ ଯୁଦ୍ଧଜାହାଜ ବଙ୍ଗୋପସାଗର ଉପକୂଳ ପାରି ହୋଇ ବାଂଲାଦେଶର ଚଟଗାଁରେ ପହଞ୍ଚିଛି। ଏଥିସହିତ ପାକିସ୍ତାନ ନୌସେନାର ଅନେକ ଉଚ୍ଚ ଅଧିକାରୀ ବାଂଲାଦେଶ ଆସିଛନ୍ତି। ବାଂଲାଦେଶର ନୌସେନା ଚୀନ୍ ନିର୍ମିତ ଏହି ଯୁଦ୍ଧଜାହାଜକୁ ବିପୁଳ ସ୍ୱାଗତ କରିଛି। ପ୍ରାୟ ୫୦ ବର୍ଷ ପରେ ପାକିସ୍ତାନ ସହିତ ଏଭଳି ସାମରିକ ସମ୍ପର୍କ ବୃଦ୍ଧି ଜରିଆରେ ବାଂଲାଦେଶ ଭାରତକୁ ପରାଭବ ଦେବା ପାଇଁ ଷଡ଼ଯନ୍ତ୍ର କରିପାରୁଥାଇପାରେ। କିନ୍ତୁ ନିଆଁ ସହିତ ଖେଳିଲେ ପରାଭବ କ'ଣ ହୁଏ ତାହା ବୋଧହୁଏ ୟୁନୁସ୍‌ଙ୍କୁ ୧୯୭୧ ମସିହାରେ ପାକିସ୍ତାନ ସେନାର ବର୍ବରତା ବିଷୟରେ ବିଶ୍ୱ ସମୁଦାୟ ସ୍ମରଣ କରିବା ଆବଶ୍ୟକ ନୁହେଁ। ପାକିସ୍ତାନ-ବାଂଲାଦେଶ ବନ୍ଧୁତ୍ୱକୁ ତ୍ୱରାନ୍ୱିତ କରିବା ଏହାପଛର କାରଣ ବୋଲି ବାଂଲାଦେଶ ପକ୍ଷରୁ କୁହାଯାଉଥିଲେ ହେଁ ପ୍ରଚ୍ଛନ୍ନ କାରଣ ବିଷୟରେ ପ୍ରାୟ ବିଶ୍ୱବାସୀ ଜାଣିଛନ୍ତି। ଭାରତକୁ ପରାଭବ ଦେବା ଲକ୍ଷ୍ୟରେ ବାଂଲାଦେଶର ଚୀନ୍ ଓ ପାକିସ୍ତାନକୁ ଏଭଳି ଅକୁଣ୍ଠ ସମର୍ଥନ ନିଆଁ ସହିତ ଖେଳିବା ଭଳି। ଏହା ୟୁନୁସ୍ ଯେତେଶୀଘ୍ର ବୁଝିବେ ତାହା ତାଙ୍କ ଦେଶ ସହିତ ଭାରତ ପାଇଁ ଶୁଭଙ୍କର। ବାଂଲାଦେଶ ପୁଣି ପୂର୍ବ-ପାକିସ୍ତାନ ନାମ ଫେରି ପାଇବା ପୂର୍ବରୁ ୟୁନୁସ୍‌ଙ୍କ ଚେତନା ଉଦୟ ହେବା ଆବଶ୍ୟକ।

ଭୂ-ରାଜନୈତିକ ଦୃଷ୍ଟିକୋଣରୁ ଦକ୍ଷିଣ-ଏସିଆ ପ୍ରଶାନ୍ତ ମହାସାଗର ଅଞ୍ଚଳରେ ବାଂଲାଦେଶର ଭୌଗୋଳିକ ଅବସ୍ଥିତି ଆମେରିକା ପାଇଁ ଗୁରୁତ୍ୱପୂର୍ଣ୍ଣ। ସେଠାରେ ନୌସେନା ଘାଟି ସ୍ଥାପନ କରି ଦକ୍ଷିଣ-ଚୀନ୍ ସାଗର ଓ ତାଇୱାନ୍ ଉପରେ ଚୀନ୍‌ର ଆଧିପତ୍ୟକୁ ପ୍ରତିହତ କରିବାକୁ ଆମେରିକା ସଦା ଚେଷ୍ଟିତ। ଏଥିପାଇଁ ଆମେରିକା ଦେଇଥିବା ପ୍ରସ୍ତାବକୁ ଯଦି ହସିନା ଗ୍ରହଣ କରି ନେଇଥା'ନ୍ତେ ତେବେ ତାଙ୍କୁ ଗାଦିଚ୍ୟୁତ ହେବାକୁ ପଡ଼ି ନଥା'ନ୍ତା। ବାଂଲାଦେଶର ଅସ୍ଥିରତା ଓ ଏଥିରେ ଆମେରିକା-ପାକିସ୍ତାନର ପ୍ରଚ୍ଛନ୍ନ ଭୂମିକା ପୃଷ୍ଠଭୂମିରେ ଚୀନ୍ ମଧ୍ୟ ବାଂଲାଦେଶକୁ ହାତଛଡ଼ା କରିବାକୁ ଚାହୁଁନାହିଁ। ଇତିମଧ୍ୟରେ ଚୀନ୍ ସହିତ ଆମେରିକାର ବାଣିଜ୍ୟ ଯୁଦ୍ଧ ପ୍ରମଶିତ ହେବା ସ୍ଥିତିକୁ ଆସିଯାଇଛି। ତେଣୁ ଆମେରିକା-ଚୀନ୍-ପାକିସ୍ତାନ ବାଂଲାଦେଶକୁ ସାମରିକ ଉପନିବେଶ କରିବାର ସମ୍ଭାବନା ଉଜ୍ଜ୍ୱଳ।

କାମଚଳା ଶାସନ ମୁଖ୍ୟ ୟୁନୁସ୍ ଜଣେ ଭଦ୍ର ଓ ଜ୍ଞାନୀ ବ୍ୟକ୍ତି। କିନ୍ତୁ ବୁଦ୍ଧିଜୀବୀର ଦୁନିଆ ରାଜନୀତିର ଦୁନିଆଠାରୁ ସମ୍ପୂର୍ଣ୍ଣ ଭିନ୍ନ ହୋଇଥିବାରୁ ସେ ଖୁବ୍‌ଶୀଘ୍ର ଆମେରିକା, ଚୀନ୍ ଓ ପାକିସ୍ତାନର ଜାଲରେ ଫସିଗଲେ। ତେଣୁ ୟୁନୁସ୍ ଯେ ଆଗାମୀ ଦିନରେ ବାଂଲାଦେଶରେ ଢାଞ୍ଚାଗତ ସଂସ୍କାର ଏବଂ ନୀତି ନିର୍ଦ୍ଧାରଣରେ ଅନେକ ସମସ୍ୟାର ସମ୍ମୁଖୀନ ହେବେ ଏହା ଏବେଠାରୁ ଜଳଜଳ ଦିଶିଲାଣି। ବାଂଲାଦେଶରେ ଯାହା ଘଟୁଛି ତାହା ସେହି ଦେଶର ଆଭ୍ୟନ୍ତରୀଣ ବ୍ୟାପର; କିନ୍ତୁ ତା'ର ପାର୍ଶ୍ୱ ପ୍ରତିକ୍ରିୟା ସ୍ୱରୂପ ଯାହା ଘଟିବାକୁ ଯାଉଛି ତାହା ଭାରତ ପାଇଁ ଆଦୌ ଶୁଭଙ୍କର ନୁହେଁ।

ପ୍ରଥମତଃ, ଭାରତ ସହିତ ବାଂଲାଦେଶ ସୀମାନ୍ତ ସବୁଠାରୁ ଦୀର୍ଘ ୪୦୯୬ କିମି, ଯାହା ଉନ୍ମୁକ୍ତ। ଏଣୁ ସେଠାରେ ଯେକୌଣସି ଅଶାନ୍ତି, ଅସ୍ଥିରତା, ଅରାଜକତା ସୃଷ୍ଟି ହେଲେ ଅନୁପ୍ରବେଶକାରୀଙ୍କ ସମେତ ବିଭିନ୍ନ ସଶସ୍ତ୍ର ଉଗ୍ରବାଦୀ ସଂଗଠନର କାର୍ଯ୍ୟକଳାପ ଭାରତରେ ବୃଦ୍ଧି ପାଇବା ନିଶ୍ଚିତ। ଭୌଗୋଳିକ ଅବସ୍ଥିତି ଦୃଷ୍ଟିକୋଣରୁ ବାଂଲାଦେଶ ବାତ୍ୟା, ମରୁଡ଼ି, ଚାଷଜମିରେ ଲୁଣା ମାଡ଼ିଯିବା ଆଦି ପ୍ରାକୃତିକ ଦୁର୍ବିପାକରେ ଗୁରୁତର ପ୍ରଭାବିତ ଦେଶ। ତେଣୁ ସେଠାରେ ସାମାନ୍ୟତମ ବିପର୍ଯ୍ୟୟରେ ଭାରତ ଉପରେ ଅନୁପ୍ରବେଶ ସମସ୍ୟା ବୋଝ ଆହୁରି ବଢ଼ିବ। ଭାରତ ବିରୋଧୀ ଆଭିମୁଖ୍ୟରେ ଚୀନ୍ ଓ ପାକିସ୍ତାନ ବାଂଲାଦେଶର ମୌଳବାଦୀ ଉଗ୍ର ସଂଗଠନଗୁଡ଼ିକୁ ଆର୍ଥିକ ଓ ସାମରିକ ସହାୟତା ଓ ସମର୍ଥନ ଯୋଗାଇ ଆସୁଛନ୍ତି। ବାଂଲାଦେଶର ଅର୍ଥନୀତି ଗୁରୁତର ଚାପରେ ରହିଛି। କୃଷି, ଶିଳ୍ପ ଗୁରୁତର ପ୍ରଭାବିତ ହୋଇଥିବାରୁ ବେକାରୀ ସମସ୍ୟା ଉତ୍କଟ ହୋଇଛି। ଏଥିରୁ ଚୀନ୍ ଫାଇଦା ଉଠାଇବା ବିଚିତ୍ର ନୁହେଁ।

ବାଂଲାଦେଶର ଅସ୍ଥିରତା ଭାରତକୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଭୂରାଜନୈତିକ, କୂଟନୈତିକ, ଅର୍ଥନୈତିକ, ଆଭ୍ୟନ୍ତରୀଣ ସୁରକ୍ଷା, ସାର୍ବଭୌମ ଓ ଅଖଣ୍ଡତା ଦୃଷ୍ଟିରୁ ପ୍ରଭାବିତ କରିବା ନିଶ୍ଚିତ। ଉତ୍ତର-ପୂର୍ବ ଭାରତୀୟ ରାଜ୍ୟ ସହିତ ମୂଳ ଭୂଖଣ୍ଡକୁ ସଂଯୋଗ ପଥ(ଚିକେନ୍ ନେକ୍)ଅଧିକ ବିପଦସଂକୁଳ ହୋଇପଡ଼ିବ। ଏହାଦ୍ୱାରା ଉତ୍ତର-ପୂର୍ବ ରାଜ୍ୟ ମଣିପୁର, ତ୍ରିପୁରା, ମେଘାଳୟ ଓ ଆସାମ ସୀମା ଦେଇ ଆତଙ୍କବାଦୀ, ଡ୍ରଗ୍ସ, କଳା ଟଙ୍କା ଓ ବେଆଇନ କାରବାର ଭାରତରେ ବଢ଼ିବାର ଆଶଙ୍କା ଅଧିକ। ଯଦି ସେଠାରେ ପରିବର୍ତ୍ତିତ ଦୃଶ୍ୟପଟ୍ଟରେ ବିଏନ୍‌ପି ନେତ୍ରୀ ଖଲିଦା ଜିଆ କିମ୍ବା ଜମାତ୍ ଏ ଇସ୍‌ଲାମ୍ ନେତା ସଫିକ୍ ଉର ରହମାନ୍ ଶାସନ କ୍ଷମତାକୁ ଆସନ୍ତି ତେବେ ସେମାନେ ଯଥାକ୍ରମେ ଚୀନ୍ ଓ ପାକିସ୍ତାନର ଇଙ୍ଗିତରେ ଭାରତରେ ଅଶାନ୍ତି ଓ ଅସ୍ଥିରତା ସୃଷ୍ଟି କରିବାର ଆଶଙ୍କା ରହିଥିବା ବେଳେ ବାଂଲାଦେଶର ଶାନ୍ତି ଓ ସ୍ଥିରତା ମଧ୍ୟ ବ୍ୟାଘାତ ହେବ।

ଏବେ ୟୁନୁସ୍‌ଙ୍କ ଆଗରେ ମୁଖ୍ୟ ଆହ୍ୱାନ ରହିଛି ସେ ଦେଶରେ ନୀତିଗତ ସଂସ୍କାର ଏବଂ ଗଣତାନ୍ତ୍ରିକ ସରକାରର ପ୍ରତିଷ୍ଠା। ପାକିସ୍ତାନ ଓ ଚୀନ୍ କୋଳରେ ବସିଲେ ତାହା ଆଦୌ ସମ୍ଭବ ନୁହେଁ। କିନ୍ତୁ ଏ କଥା ୟୁନୁସ୍‌ଙ୍କୁ ବୁଝାଇବ କିଏ? ଓଡ଼ିଆରେ ଗୋଟେ ଢଗ ଅଛି - ନିଆଁ ଗିଳିଲେ ଅଙ୍ଗାର ବାହାରିବ। ଏବେ ପାକିସ୍ତାନ ରୂପୀ ଯେଉଁ ନିଆଁକୁ ୟୁନୁସ୍ ଗଳାହାର କରିଛନ୍ତି ତାହାର ପରାଭବ ବୁଝିବା ବେଳକୁ ବାଂଲାଦେଶର ରାଜନୀତି, ଅର୍ଥନୀତି, ଶାନ୍ତି, ସ୍ଥିରତା, ଗଣତନ୍ତ୍ର ଅଙ୍ଗାର ପାଲଟି ଯାଇଥିବ। ●

(ସକାଳ ମିଡିଆ ସର୍ଭିସ୍)

## କ୍ୱାଣ୍ଟମ୍ କମ୍ପ୍ୟୁଟିଂ: ଆଶା ଓ ଆହ୍ୱାନ

ଡ. ଗୌରୀ ଶଙ୍କର ତ୍ରିପାଠୀ

୨୦୨୫ କ୍ୱାଣ୍ଟମ୍ ମେକାନିକ୍ସର ପ୍ରଥମ ୧୦୦ ବର୍ଷ। ଏକ ବିରାଟ ମାଇଲଖୁଣ୍ଟ। କ୍ୱାଣ୍ଟମ୍ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାର ଅନ୍ତର୍ଜାତୀୟ ବର୍ଷ (ଆଇୱାଇକ୍ୟୁ) ରେ ବହୁତ କିଛି ଲେଖାଯାଇଛି। ତଥାପି ମୁଁ କ୍ୱାଣ୍ଟମ୍ ପ୍ରଯୁକ୍ତିର ଏକ ନିର୍ଦ୍ଦିଷ୍ଟ ଅଂଶ, ଅର୍ଥାତ୍ କ୍ୱାଣ୍ଟମ୍ କମ୍ପ୍ୟୁଟିଂ ଉପରେ ଏହି ଆଲେଖ୍ୟରେ କିଞ୍ଚିତ ଆଲୋଚନା କରିବାକୁ ଚାହେଁ।

ଲୋକମାନେ ନିଶ୍ଚିତ ଭାବରେ କ୍ୱାଣ୍ଟମ୍ କମ୍ପ୍ୟୁଟରକୁ ଭଲ କାମ କରିବା ପାଇଁ ବ୍ୟବହାର କରୁଛନ୍ତି ଏବଂ ନିଶ୍ଚିତ ଭାବରେ ଏଗୁଡ଼ିକ ଖୁବ୍‌ଶୀଘ୍ର ଶାସ୍ତ୍ରୀୟ କମ୍ପ୍ୟୁଟର ପରି ସାଧାରଣ ହୋଇଯିବ। କିନ୍ତୁ ପ୍ରକୃତରେ ଅବସ୍ଥା କ'ଣ, ତାହାର ଏକ ସ୍ୱଷ୍ଟ ଚିତ୍ର ଏବେବି ଅସ୍ୱଷ୍ଟ। ଆମେ ଏ କ୍ଷେତ୍ରରେ ଆହୁରି ଅଗ୍ରଗତି କରିବା ପୂର୍ବରୁ ମନେ ପକାଇବା ଉଚିତ ଯେ କ୍ୱାଣ୍ଟମ୍ କମ୍ପ୍ୟୁଟିଂ ଅନେକ ପ୍ରମୁଖ କ୍ୱାଣ୍ଟମ୍ ଗୁଣଧର୍ମ ଉପରେ ନିର୍ଭର କରେ, ଯେଉଁଥିରେ ସୁପରପୋଜିସନ୍ ଅନ୍ତର୍ଭୁକ୍ତ। ଏହା କ୍ୱାଣ୍ଟମ୍ ବିଟ୍ କିମ୍ବା କ୍ୟୁବିଟ୍ ସୃଷ୍ଟି କରେ। କ୍ୱାଣ୍ଟମ୍ କମ୍ପ୍ୟୁଟର ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ହେଉଛି ଜଡ଼ିତ ହେବାର ଧାରଣା (ଏନଟାଙ୍ଗଲମେଣ୍ଟ), ଯାହା ଦ୍ୱାରା ଦୁଇ କିମ୍ବା ଅଧିକ କ୍ୱିବିଟ୍ ମଧ୍ୟରେ ସମନ୍ୱୟସ୍ଥାପନ ହୁଏ। ଏହା କ୍ୱିବିଟ୍‌ଗୁଡ଼ିକୁ କ୍ୱାଣ୍ଟମ୍ ସୂଚନା ପ୍ରଣାଳୀକୁ ଅନ୍ତର୍ଭୁକ୍ତ କରେ।

ଏକ ଅତ୍ୟନ୍ତ ସହବନ୍ଧିତ ବ୍ୟବସ୍ଥାରେ କ୍ୱାଣ୍ଟମ୍ କମ୍ପ୍ୟୁଟର ଏକକାଳୀନ ଅନେକ ପଥ ଅନୁସନ୍ଧାନ କରିପାରିବ। ଏହି ବୃହଦାକାର ସମାନ୍ତରାଳ ପ୍ରକ୍ରିୟାକରଣ ଦ୍ୱାରା କ୍ୱାଣ୍ଟମ୍ କମ୍ପ୍ୟୁଟର ଏକ ଶାସ୍ତ୍ରୀୟ କମ୍ପ୍ୟୁଟର ଅପେକ୍ଷା କିଛି ସମସ୍ୟାକୁ ଅତି ଦ୍ରୁତ ଗତିରେ ସମାଧାନ କରିପାରେ। କ୍ୱାଣ୍ଟମ୍ କମ୍ପ୍ୟୁଟର ପାଇଁ ଅନ୍ୟ ଏକ ପ୍ରମୁଖ ପ୍ରଣାଳୀ ହେଉଛି କ୍ୱାଣ୍ଟମ୍ ହସ୍ତକ୍ଷେପ (ଇଣ୍ଟରଫେରେନ୍ସ)। କ୍ୱାଣ୍ଟମ୍ କମ୍ପ୍ୟୁଟିଂରେ କ୍ୱାଣ୍ଟମ୍ ହସ୍ତକ୍ଷେପ ଗୁରୁତ୍ୱପୂର୍ଣ୍ଣ। କାରଣ ଏହା କ୍ୱାଣ୍ଟମ୍ ଆଲଗୋରିଦମରେ ସଠିକ୍ ଉତ୍ତରର ସମ୍ଭାବନାକୁ ବୃଦ୍ଧି କରେ ଏବଂ ଭୁଲ ଉତ୍ତରଗୁଡ଼ିକୁ ଦମନ କରେ, ଯାହା ଗଣନାକୁ ବହୁତ ଦ୍ରୁତ କରିଥାଏ। ସୁପରପୋଜିସନ୍ ଓ ଜଡ଼ିତ କରିବା ସହିତ କ୍ୱାଣ୍ଟମ୍ କମ୍ପ୍ୟୁଟରଗୁଡ଼ିକ ଏକାଥରେ ବିପୁଳ ସଂଖ୍ୟକ ସମ୍ଭାବନାକୁ ପ୍ରକ୍ରିୟାକରଣ ଓ ସଂରକ୍ଷଣ କରିପାରିବ। ସର୍ବୋତ୍ତମ ସୁପର କମ୍ପ୍ୟୁଟର ପକ୍ଷରେ ମଧ୍ୟ ଏହା ସମ୍ଭବ ନୁହେଁ।

ଯଦିଓ ଏହି ସବୁ ଉତ୍ସାହଜନକ ଲାଗୁଛି, ଏପର୍ଯ୍ୟନ୍ତ କ୍ୱାଣ୍ଟମ୍ କମ୍ପ୍ୟୁଟରଗୁଡ଼ିକର ସଫଳତା ଅସ୍ୱଷ୍ଟ। ଏହା ସ୍ୱଷ୍ଟ ଯେ କ୍ୱାଣ୍ଟମ୍ କମ୍ପ୍ୟୁଟରଗୁଡ଼ିକ ବାସ୍ତବ ଦୁନିଆରେ ନିୟୋଜିତ ହେବା ପାଇଁ ପ୍ରସ୍ତୁତ ନୁହନ୍ତି। ସମ୍ପୂର୍ଣ୍ଣ ଉପଲବ୍ଧ ହେବା ପୂର୍ବରୁ ଗୁରୁତ୍ୱପୂର୍ଣ୍ଣ ପ୍ରଯୁକ୍ତିବିଦ୍ୟା ଚ୍ୟାଲେଞ୍ଜଗୁଡ଼ିକୁ ଦୂର କରିବାକୁ ପଡ଼ିବ। ତଥାପି ଏହା ଦେଖାଯାଉଛି ଯେ କ୍ୱାଣ୍ଟମ୍ କମ୍ପ୍ୟୁଟିଂର ଦୃଢ଼ତା ହେଉଛି ଏହାର ଦୁର୍ବଳତା। ଯୋଉ କ୍ୱାଣ୍ଟମ୍ ଗୁଣଗୁଡ଼ିକ ଯଥା ସୁପରପୋଜିସନ୍, ଏନଟାଙ୍ଗଲମେଣ୍ଟ ଏବଂ ଇଣ୍ଟରଫେରେନ୍ସ- ଏହାକୁ ଏତେ ଶକ୍ତିଶାଳୀ କରେ, ସେମାନଙ୍କ ସୃଷ୍ଟି ଏବଂ ରକ୍ଷଣାବେକ୍ଷଣ କରିବା ମଧ୍ୟ ଅତ୍ୟନ୍ତ କଷ୍ଟକର। କ୍ୟୁବିଟ୍‌ଗୁଡ଼ିକ ସେମାନଙ୍କର ପାରିପାର୍ଶ୍ୱିକ ପରିବେଶ ପ୍ରତି ଅତ୍ୟନ୍ତ ସମ୍ବେଦନଶୀଳ। ସେଥିପାଇଁ କ୍ୱାଣ୍ଟମ୍ କମ୍ପ୍ୟୁଟରଗୁଡ଼ିକୁ ସଠିକ୍ ଗଣନା ପାଇଁ ଆବଶ୍ୟକ କ୍ୱାଣ୍ଟମ୍ ଅବସ୍ଥା ବଜାୟ ରଖିବା ପାଇଁ ବିଶେଷ ଏବଂ ପ୍ରାୟତଃ କ୍ରାୟୋଜେନିକାଲି-ନିୟନ୍ତ୍ରିତ ପରିବେଶ ଆବଶ୍ୟକ। ତେଣୁ ଅନେକ ପରସ୍ପର ସହିତ ଜଡ଼ିତ କ୍ୱିବିଟ୍ ସହିତ ଏକ କ୍ୱାଣ୍ଟମ୍ ସିଷ୍ଟମ୍ ନିର୍ମାଣ କରିବା ଏକ ମହଙ୍ଗା ଏବଂ ଜଟିଳ ଯାନ୍ତ୍ରିକ ଆହ୍ୱାନ। କ୍ୱାଣ୍ଟମ୍ ସିଷ୍ଟମ୍ ପାଇଁ ସଫ୍ଟୱେର୍ ଏବଂ ଆଲଗୋରିଦମର ବିକାଶ ନିମନ୍ତେ ଆବଶ୍ୟକ ଉପକରଣ ଓ ଫ୍ରେମୱାର୍କର ଅତ୍ୟନ୍ତ ଅଭାବ ଅଛି।

ଏତେ ବିପୁଳ ପରିମାଣର କାମର ଆବଶ୍ୟକତା ସତ୍ତ୍ୱେ କ୍ୱାଣ୍ଟମ୍ କମ୍ପ୍ୟୁଟରଗୁଡ଼ିକ ପୂର୍ବରୁ କିଛି ଆଶ୍ଚର୍ଯ୍ୟଜନକ ସମ୍ଭାବନା ପ୍ରଦର୍ଶନ କରିସାରିଛନ୍ତି। ଉଦାହରଣ ସ୍ୱରୂପ, ଆମେରିକୀୟ ଫାର୍ମ ଡି-ୱେଭ୍ ଏହି ବର୍ଷ ଆରମ୍ଭରେ ଦାବି କରିଥିଲା ଯେ ସେମାନେ କ୍ୱାଣ୍ଟମ୍ ଚୁମ୍ବକୀୟ ପର୍ଯ୍ୟାୟ ପରିବର୍ତ୍ତନ(କ୍ୱାଣ୍ଟମ ମାଗ୍ନେଟିକ ଫେଜ ଟ୍ରାଞ୍ଜିସନ)ର ସିମୁଲେସନ୍ କରିଛନ୍ତି, ଯାହା ସବୁଠାରୁ ଶକ୍ତିଶାଳୀ ଶାସ୍ତ୍ରୀୟ ଡିଭାଇସ୍ ଦ୍ୱାରା ସମ୍ଭବ ହେବ ନାହିଁ। ଯଦି ସତ୍ୟ, ତେବେ ଏହା ପ୍ରଥମ ଥର ପାଇଁ ଏକ କ୍ୱାଣ୍ଟମ୍ କମ୍ପ୍ୟୁଟରର ଏକ ବ୍ୟବହାରିକ ସଫଳତା ବୋଲି ଧରା ହେବ। କ୍ୱିବିଟ୍ ସ୍ଥିରତା ସମସ୍ୟାର ସମାଧାନ ପାଇଁ ସାରା ବିଶ୍ୱରେ ବହୁତ ଗବେଷଣା ଓ ବିକାଶ ଚାଲିଛି। କୌଣସି ପର୍ଯ୍ୟାୟରେ ଦୃଢ଼ ଓ ନିର୍ଭରଯୋଗ୍ୟ କ୍ୱାଣ୍ଟମ୍ କମ୍ପ୍ୟୁଟର ସ୍ଥାପତ୍ୟ ପାଇଁ ଏକ ଯୁଗାନ୍ତକାରୀ ଡିଜାଇନ୍ ହେବାର ସମ୍ଭାବନା ଅଛି। ପ୍ରଚ୍ଛଦପଟରେ ବର୍ତ୍ତମାନ ବହୁତ ବୈଷୟିକ ଉନ୍ନତି ଘଟୁଛି।

ବିଶ୍ୱାସ କରାଯାଉଛି ଯେ କ୍ୱାଣ୍ଟମ୍ କମ୍ପ୍ୟୁଟରଗୁଡ଼ିକ ଶାସ୍ତ୍ରୀୟ କମ୍ପ୍ୟୁଟରଗୁଡ଼ିକୁ ବଦଳାଇବ ନାହିଁ, ଅତି କମରେ ପ୍ରାରମ୍ଭିକ ଭାବରେ ନୁହେଁ, ବରଂ ସେମାନଙ୍କ ସହିତ କାମ କରିବ। କାରଣ ପ୍ରତ୍ୟେକର ନିଜସ୍ୱ ଆପେକ୍ଷିକ ଶକ୍ତି ଅଛି। କ୍ୱାଣ୍ଟମ୍ କମ୍ପ୍ୟୁଟରଗୁଡ଼ିକ ଔଷଧ ଆବିଷ୍କାର, ସାମଗ୍ରୀ ବିଜ୍ଞାନ, ଆର୍ଥିକ ମଡେଲିଂ, ଜଟିଳ ଅପ୍ଟିମାଇଜେସନ୍ ସମସ୍ୟା ଏବଂ ବର୍ଦ୍ଧିତ ବଡ଼ କୃତ୍ରିମ ବୁଦ୍ଧିମତ୍ତା ଏବଂ ମେସିନ୍-ଶିକ୍ଷଣ ମଡେଲ ଭଳି ନିର୍ଦ୍ଦିଷ୍ଟ ଏବଂ ଅତ୍ୟନ୍ତ ଦାବିପୂର୍ଣ୍ଣ (ଡିମାଣ୍ଡିଙ୍ଗ ) କମ୍ପ୍ୟୁଟେସନାଲ କାର୍ଯ୍ୟ ପାଇଁ ଉପଯୁକ୍ତ ହେବ। ଏଗୁଡ଼ିକ ସମସ୍ତ ଶାସ୍ତ୍ରୀୟ କମ୍ପ୍ୟୁଟର ସମ୍ବଳର ସୀମା ବାହାରେ। ଶାସ୍ତ୍ରୀୟ କମ୍ପ୍ୟୁଟରଗୁଡ଼ିକ ୱେବ୍ ବ୍ରାଉଜିଂ, ୱାର୍ଡ ପ୍ରୋସେସିଂ ଏବଂ ଡାଟାବେସ୍ ପରିଚାଳନା ଭଳି ଦୈନନ୍ଦିନ କାର୍ଯ୍ୟ ପାଇଁ ପ୍ରାସଙ୍ଗିକ ରହିବ ଏବଂ କ୍ୱାଣ୍ଟମ୍ ସିଷ୍ଟମ ଦ୍ୱାରା ଆବଶ୍ୟକ ତଥ୍ୟ ପ୍ରସ୍ତୁତି, ଭିଜୁଆଲାଇଜେସନ୍ ଏବଂ ତ୍ରୁଟି ସଂଶୋଧନ ପରିଚାଳନା ପାଇଁ ଅତ୍ୟାବଶ୍ୟକ ହେବ।

ଶେଷରେ, ଏଠାରେ ଉଲ୍ଲେଖ କରିବା ପାଇଁ ଗୋଟିଏ ବିଶେଷ କଥା ରହିଛି। ତାହା ହେଉଛି ସାଇବର ସୁରକ୍ଷା। କ୍ୱାଣ୍ଟମ୍ କମ୍ପ୍ୟୁଟିଂ ବର୍ତ୍ତମାନର ଏନକ୍ରିପ୍ସନ୍ ପଦ୍ଧତି ପାଇଁ ଏକ ବଡ଼ ବିପଦ ସୃଷ୍ଟି କରେ, ଯାହା ବହୁଳ ଭାବରେ ବ୍ୟବହୃତ ପବ୍ଲିକ୍-କୀ କ୍ରିପ୍ଟୋଗ୍ରାଫିକୁ ଦୁର୍ବଳ କରିବାର ଆଶଙ୍କା ରଖେ। ଏହା ଚିନ୍ତାର ବିଷୟ ଯେ ଆଜିକାଲି ହ୍ୟାକର୍ସମାନେ ଭବିଷ୍ୟତର କ୍ୱାଣ୍ଟମ୍ ଡିକ୍ରିପ୍ସନ୍ ଆଶାରେ ସେମାନଙ୍କର ଚୋରି ହୋଇଥିବା ତଥ୍ୟ ସଂରକ୍ଷଣ କରୁଛନ୍ତି। ଏହା ସତ୍ତ୍ୱେ ଆମେ ଆଶା କରିପାରିବା ଯେ କ୍ୱାଣ୍ଟମ୍ କମ୍ପ୍ୟୁଟରର ଭବିଷ୍ୟତ ଉଜ୍ଜ୍ୱଳ। ●

(ପୂର୍ବତନ ପ୍ରାଧ୍ୟାପକ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ)
ବ୍ରହ୍ମପୁର, ମୋ: ୯୯୩୭୧୮୮୪୮୫

## ମାଇକ୍ରୋଓଏଭ ଚୁଲିର ଭଲ-ମନ୍ଦ

ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ବର୍ତ୍ତମାନ ବିଶେଷ କରି ସହରାଞ୍ଚଳମାନଙ୍କରେ ମାଇକ୍ରୋଓଏଭ ଚୁଲି ପ୍ରାୟ ଘରେ ଘରେ ବ୍ୟବହାର ହେଉଛି। ଦିନକୁ ଦିନ ଏହାର ଚାହିଦା ବଢ଼ିବାରେ ଲାଗିଛି। ଏଥିରେ ରନ୍ଧନ ସହଜ ଓ ପରିଷ୍କାର ରହୁଥିବାରୁ ଆଦର ବଢ଼ୁଚି। କିନ୍ତୁ ଏହାର ଭଲ ଗୁଣ ଯେତିକି, ମନ୍ଦ ଗୁଣ ତା'ଠାରୁ ନିହାତି କମ ନୁହେଁ ବୋଲି ବୈଜ୍ଞାନିକମାନେ ମତ ଦେଲେଣି।

ମାଇକ୍ରୋଓଏଭ ଚୁଲିର ଉଦ୍ଭାବନ କରିଥିଲେ ଆମେରିକାର ପ୍ରସିଦ୍ଧ ପ୍ରତିରକ୍ଷା ସାମଗ୍ରୀ ପ୍ରସ୍ତୁତ ଓ ଯୋଗାଣକାରୀ କମ୍ପାନୀର ପ୍ରଯୁକ୍ତି ବିଜ୍ଞାନୀ ପର୍ସି ସ୍ପେନସର। ତପ୍ରରେ ଏ କମ୍ପାନୀ ୧୯୪୬ ମସିହାରେ ମାଇକ୍ରୋଓଏଭ ରନ୍ଧନ ପଦ୍ଧତିକୁ ସ୍ୱାଧିକାର ଭୁକ୍ତ (ପାଟେଣ୍ଟ) କଲା ଏବଂ ୧୯୪୭ ଦଶକର ପ୍ରାରମ୍ଭରେ ଲିଟନ୍ ନାମକ ଅନ୍ୟ ଏକ କମ୍ପାନୀ ଏହାର ସତ୍ତ୍ୱାଧିକାର କ୍ରୟ କରି ଆଧୁନିକ ମାଇକ୍ରୋଓଏଭ୍ ଚୁଲିମାନ ତିଆରି କରି ବଜାରକୁ ଛାଡ଼ିଲା। ଏ ଚୁଲିରେ ରନ୍ଧନ ଆନେକ ଦୃଷ୍ଟିରୁ ସୁବିଧାଜନକ। ପ୍ରଥମତଃ, ଏହା ପାରମ୍ପରିକ ପଦ୍ଧତିଗୁଡ଼ିକ ଠାରୁ କମ୍ ସମୟ ନିଏ ଏବଂ ସେଥିପାଇଁ କମ୍ ଶକ୍ତି ଆବଶ୍ୟକ କରେ। ପୁନଶ୍ଚ ଏଥିରେ ପ୍ରସ୍ତୁତ ଖାଦ୍ୟରେ ଥିବା ବିବଧ ପୁଷ୍ଟିକର। ବିଶେଷକରି, ପ୍ରୋଟିନ ଓ ଭିଟାମିନ୍ ଏହିପ୍ରକାର ରନ୍ଧନ ପ୍ରଣାଳୀରେ ସୁରକ୍ଷିତ ରହେ। ଏପରିକି ଏଥିରେ ଖାଦ୍ୟକୁ ବାରମ୍ବାର ଗରମ କଲେ ମଧ୍ୟ ତାର ପୌଷ୍ଟିକମାନ ବିଶେଷ ପ୍ରଭାବିତ ହୁଏ ନାହିଁ।

ତେବେ ଏ ରନ୍ଧନର କେତେକ ନକାରାତ୍ମକ ଦିଗ ଥିବା କଥା ବୈଜ୍ଞାନିକମାନେ ସୂଚୀତ କଲେଣି। ତଦନୁଯାୟୀ ଏଥିରେ ଖାଦ୍ୟ ଅଳ୍ପ ସମୟ ପାଇଁ ଗରମ କରାଯାଉଥିବାରୁ ତାହା ଅସମାନ ହୁଏ। ଅଧିକାଂଶ ସମୟରେ ଆମେ ଏଥିରେ ଆଗରୁ ପ୍ରସ୍ତୁତ ଖାଦ୍ୟକୁ ପୁନର୍ବାର ଗରମ କରି ଖାଇଥାଉ। ସେଥିରେ ଜୀବାଣୁ ସମେତ କିଛି ସୂକ୍ଷ୍ମଜୀବ ବଢ଼ି ପାରିଥା'ନ୍ତି। ଅସମାନ ଗରମ ସେଗୁଡ଼ିକୁ ମାରି ପାରେ ନାହିଁ। ପୁନଶ୍ଚ ମାଇକ୍ରୋଓଏଭ ଚୁଲିରେ ବାରମ୍ବାର ପ୍ରକ୍ରିୟାକରଣ ଖାଦ୍ୟରେ କିଛି ଅଜଣା ଉପଜାତ ପଦାର୍ଥ ସୃଷ୍ଟି କରିପାରେ ବୋଲି କୁହାଯାଉଛି। ଏଗୁଡିକୁ ଆମ ଚୟାପ୍ରଚ (ମେଟାବୋଲିଜିମ୍) ପ୍ରକ୍ରିୟା ବିଭାଜିତ କରିପାରେ ନାହିଁ। ଏହା ଆମ ମସ୍ତିଷ୍କର ସ୍ନାୟୁତନ୍ତୁଗୁଡ଼ିକୁ କ୍ଷତି ପହଞ୍ଚାଇ ପାରନ୍ତି। ଏହାବ୍ୟତୀତ ଏଥିରେ ରନ୍ଧା ହେଲେ ପନିପରିବାରେ ଥିବା ଖଣିଜ ଲବଣଗୁଡ଼ିକ କର୍କଟ ରୋଗକାରୀ ମୁକ୍ତ ମୂଳକ (ଫ୍ରି-ରାଡିକାଲସ୍)ରେ ପରିଣତ ହୋଇପାରନ୍ତି। ସେହିପରି ଏତଦ୍ୱାରା ଖାଦ୍ୟର ଅନ୍ୟାନ୍ୟ ପୁଷ୍ଟିକାରକ ଅଣୁଗୁଡ଼ିକର ସଂରଚନା ବଦଳି ସେମାନେ ଭିନ୍ନ ରୂପ ନେଇପାରନ୍ତି, ଯାହାକି ଆମ ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇପାରେ।

ତେବେ ବର୍ତ୍ତମାନ ମାଇକ୍ରୋଓଏଭ ଚୁଲି ଆମର ଏକ 'ଅତ୍ୟାବଶ୍ୟକ ହାନିକାରୀ'ରେ ପରିଣତ ହୋଇଛି। ଏଣୁ ଏହାକୁ ଆଉ ପରିତ୍ୟାଗ କରିବା ସମ୍ଭବପର ନୁହେଁ। ଏପରିସ୍ଥଳେ ତାହା ବ୍ୟବହାର କଲାବେଳେ କେତେକ ପ୍ରତିକାର ପଦକ୍ଷେପ ନିର୍ଦ୍ଧାରଣ କରାଯାଇଛି। ସେଗୁଡ଼ିକ ହେଲା ଖାଦ୍ୟ ପଦାର୍ଥଗୁଡ଼ିକୁ ସମାନଭାବେ ଛୋଟ ଛୋଟ କରି କାଟିଲେ ଏଥିଷର ଭଲ ରାନ୍ଧି ହୁଏ। କାରଣ ସେଥିମଧ୍ୟକୁ ମାଇକ୍ରୋଓଏଭ ତରଙ୍ଗ ସମାନ ଭାବେ ପ୍ରବେଶ କରେ। ଏଥିରୁ ଜୀବାଣୁ ନଷ୍ଟ ହୋଇଯାଆନ୍ତି। ଏଥିରେ ବ୍ୟବହୃତ ରନ୍ଧନ ପାତ୍ର କାଚ ବା ସେରାମିକ ହେବା ଦରକାର। ତାହା ଟେକା ବା ଗୋଲ ହୋଇଥିଲେ ତାହାର ଚାରିଆଡ଼େ ତାପମାତ୍ରା ସମାନ ହୁଏ। ଯେଉଁ ଖାଦ୍ୟ ଯେତିକି ସମୟ ରନ୍ଧାଯିବା କଥା ତା'କୁ ସେତିକି ସମୟ ରନ୍ଧିବା ଉଚିତ। ଏଥିରେ ମାଂସ, କୁକୁଡ଼ା ମାଂସ, ମାଛ କିମ୍ବା ଅଣ୍ଡା ରାନ୍ଧିଲେ ବିଶେଷ ସାବଧାନତା ଅବଲମ୍ବନ କରିବା ଦରକାର। ଯେତେଦୂର ସମ୍ଭବ, ଏଥିରେ ତାହା ନ ରାନ୍ଧିଲେ ଭଲ। ରାନ୍ଧିବା ଭିତରେ ଖାଦ୍ୟକୁ ଅନ୍ତତଃ ଥରେ ଘାଣ୍ଟିବା ଦରକାର। ନଚେତ୍ ତାହାକୁ ଚୁଲି ଭିତରୁ କାଢ଼ିବା ଆଗରୁ କିଛିସମୟ ରହିବାକୁ ଦେବା ଭଲ। ତା'ହେଲେ ତହିଁରେ ତାପମାତ୍ରା ସୁଷମ ରୂପେ ଆବଣ୍ଟନ ହେବା ସମ୍ଭବ ହେବ।

ମାଇକ୍ରୋଓଏଭ ଚୁଲିରେ ପ୍ଲାଷ୍ଟିକ ବାସନ ବ୍ୟବହାର ଯେତେ କମ କରାଯିବ ସେତେ ଭଲ। କାରଣ ଏ ସମୟରେ ତହିଁରୁ ସୂକ୍ଷ୍ମ ପ୍ଲାଷ୍ଟିକ କଣିକା ନିର୍ଗତ ହୋଇ ଖାଦ୍ୟରେ ମିଶିପାରେ। ଏଥିପାଇଁ କିଛି ବିଶେଷ ଧରଣର ମାଇକ୍ରୋଓଏଭ ନିରାପଦ ରନ୍ଧନ ପାତ୍ର ରହିଛି। ତାହାର ବ୍ୟବହାର ନିରାପଦ ବୋଲି ମନେ କରାଯାଏ। ●

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପୋଷ୍ୟ ଓଡ଼ିଆ ଝିଅକୁ ଆମେରିକୀୟ ଦମ୍ପତିଙ୍କ ନିର୍ଯାତନା

# ଉଦ୍ଧାର ପାଇଁ ଜିଲ୍ଲାପାଳଙ୍କୁ ଗୁହାରି କଲେ ବନ୍ଧୁ

ବାଲେଶ୍ୱର, ୧୦।୧୧ (ସମିସ): ପୋଷ୍ୟ ଓଡ଼ିଆ ଝିଅ ପୂଜାକୁ ଆମେରିକୀୟ ଦମ୍ପତିଙ୍କ ଅକଥନୀୟ ନିର୍ଯାତନା। ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ଯୁବତୀଜଣଙ୍କ ଏ ସଂପର୍କରେ କହିବା ସହ ଆମେରିକାରୁ ତାଙ୍କୁ ଉଦ୍ଧାର କରିବାକୁ ଆକୁଳ ନିବେଦନ କରିଛନ୍ତି। ଅନ୍ୟପଟେ ଯୁବତୀଙ୍କ ଜଣେ ବନ୍ଧୁ ଅମର ଦାସ ଏନେଇ ସୋମବାର ବାଲେଶ୍ୱର ଜିଲ୍ଲାପାଳଙ୍କୁ ଭେଟି ପୂଜାଙ୍କୁ ସୁରକ୍ଷିତ ଉଦ୍ଧାର କରିବାକୁ ଗୁହାରି କରିଛନ୍ତି।

୨୦୦୬ ମସିହାରେ ଜନ୍ମିତ ପୂଜା ଭୁବନେଶ୍ୱରର କୋଲଥିଆ ଅଞ୍ଚଳ ନିବାସୀ। ବାପା, ମା'ଙ୍କ ସହ ଟ୍ରେନ୍‌ରେ ଯାଉଥିବା ବେଳେ ସେ ଅନ୍ୟ ଏକ ରାଜ୍ୟରେ ହଜି ଯାଇଥିଲେ। ଚାଇଲଡ ଲାଇନ ତାଙ୍କୁ ଉଦ୍ଧାର କରି ପ୍ରଥମେ ବାଲେଶ୍ୱର ଜିଲ୍ଲାର ନୀଳଗିରି ଏବଂ ପରେ ଭୁବନେଶ୍ୱର ନହରକଣ୍ଟାରେ ଥିବା ଏକ କନ୍ୟାଶ୍ରମରେ ରଖାଇଥିଲା। ୨୦୧୮ ମସିହାରେ ଆମେରିକାର ଏକ ଦମ୍ପତି ପୂଜାଙ୍କୁ ପୋଷ୍ୟକନ୍ୟା ଭାବେ ସାଥିରେ ନେଇଯାଇଥିଲେ। ସେଠାରେ ତାଙ୍କ ନାମ ବଦଳାଯାଇ ସେଜଲ ଜନ୍ ରଖାଯାଇଛି। ତେବେ କିଛି ଦିନ ଠିକ୍‌ଠାକ୍ ଚାଲିବା ପରେ



ଉକ୍ତ ଆମେରିକୀୟ ଦମ୍ପତି ସେଠାରେ ତାଙ୍କୁ ନିର୍ଯାତନା ଦେଉଛନ୍ତି ବୋଲି ପୂଜା ଏକ ଭିଡିଓ ଜରିଆରେ କହିଛନ୍ତି। ତାହା ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ପୂଜା ଓଡ଼ିଶା ଫେରିବାକୁ ଚାହୁଁଥିବା ବେଳେ ତାଙ୍କ ଭିସାର ଅବଧି ଶେଷ ହୋଇଯାଇଯାଇଛି। ତେଣୁ ସେ ଫେରିପାରୁନାହାନ୍ତି। ସେହିଭଳି ତାଙ୍କ ପାଳିତ ମା' ମଧ୍ୟ ତାଙ୍କୁ ଛାଡ଼ିବାକୁ ନାରାଜ ବୋଲି ଉକ୍ତ ଭାଇରାଲ ଭିଡିଓରେ ସେ କହିଛନ୍ତି।

ଅନ୍ୟପଟେ, ପୂଜା ଇନଷ୍ଟାଗ୍ରାମ୍‌ରେ ତାଙ୍କର ଜଣେ ସାଙ୍ଗ ବାଲେଶ୍ୱରର ଅମରଙ୍କ ସହ ଯୋଗାଯୋଗ କରିଛନ୍ତି। ଅମରଙ୍କ କହିବା ଅନୁସାରେ, ୨୦୨୩ ମସିହାରେ ଇନଷ୍ଟାଗ୍ରାମରେ ପୂଜା ତାଙ୍କ ସହ ଯୋଗାଯୋଗ କରିଥିଲେ। ଦୁହେଁ ସାଙ୍ଗ ହୋଇ ସ୍କୁଲରେ ପଢୁଥିଲେ। ପୂଜା ପାଖରେ ମୋବାଇଲ ନ ଥିବାରୁ ସେ ତାଙ୍କ ଘରେ ଥିବା କମ୍ପ୍ୟୁଟର୍‌ରୁ ସୋସିଆଲ ମିଡିଆ ମାଧ୍ୟମରେ ଯୋଗାଯୋଗ କରନ୍ତି। ତେବେ ସେଠାରେ ତାଙ୍କର ପାଳିତ ମା' ସୁସେନ ତାଙ୍କୁ ନିର୍ଯାତନା ଦେଉଛନ୍ତି ଏବଂ ସେ ଓଡ଼ିଶା ଫେରିବାକୁ ଚାହୁଁଥିବା ସେ ଅମରଙ୍କୁ କହିଛନ୍ତି। ଅମର ଆଜି ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପୂଜାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବାକୁ ଗୁହାରି କରିଛନ୍ତି। ଏ ସଂପର୍କରେ ସେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକଙ୍କ ସହ ବିସ୍ତୃତ ଆଲୋଚନା କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ଏହି ଘଟଣାକୁ ନେଇ ସରକାରଙ୍କୁ ଜଣାଇବା ପରେ ଯାହା କିଛି ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିସ୍ଫୋରଣରେ ଥରିଲା...

ବିସ୍ଫୋରଣ ଯୋଗୁଁ ନିଆଁ ଆଖପାଖକୁ ବ୍ୟାପିଯାଇଥିଲା। ଏଥିରେ ଅନେକ କାର ଜଳିଯାଇଛି। ତେବେ ବିସ୍ଫୋରଣର କାରଣ ଜଣାପଡ଼ି ନାହିଁ।

ଜଣେ ଆହତ ବ୍ୟକ୍ତି କହିଛନ୍ତି ଯେ ବିସ୍ଫୋରଣ ଶବ୍ଦ ଏତେ ପ୍ରଚଣ୍ଡ ଥିଲା ଯେ ସେ ତିନି ଥର ତଳେ ପଡ଼ି ଯାଇଥିଲେ। ଅନ୍ୟ ଜଣେ କହିଛନ୍ତି ଯେ ନିଆଁ ଗୋଳା ଉଠିବା ପରେ ସେ ଭୟରେ ଛାତରୁ ତଳକୁ ଚାଲି ଆସିଥିଲେ। କ'ଣ ହେଇଛି ଜାଣିବା ପାଇଁ ଚାହିଁଥିଲେ। ଏକାଧିକ କାର୍‌ରେ ବିସ୍ଫୋରଣ ହୋଇଥିବା ସେ କହିଥିଲେ। ଏହି ବିସ୍ଫୋରଣ ସ୍ଥଳଠାରୁ ଗୁରୁଦ୍ୱାର ସିସ୍ ଗଞ୍ଜ ସାହିବ କିଛି ଶହ ମିଟର ଦୂରରେ ଏବଂ ଜାମା ମସ୍‌ଜିଜ ଏକ କିମି ଦୂରରେ ରହିଛି।

### ଆଜି ନୂଆପଡ଼ା...

ମିଳିଥିବା ସୂଚନା ଅନୁଯାୟୀ ମତଦାନ ପ୍ରକ୍ରିୟାରେ ମୋଟ୧୫୮୪ଜଣ କର୍ମଚାରୀ ଭାଗ ନେଉଛନ୍ତି। ସେହିପରି ମତଦାନ ପ୍ରକ୍ରିୟା ପରିଚାଳନାରେ ନିର୍ବାଚନ ମଣ୍ଡଳୀରେ ମୋଟ ୧୫୮୪ଜଣ କର୍ମଚାରୀ ଅଂଶଗ୍ରହଣ କରିଛନ୍ତି। ମୋଟ ୩୫୮ଟି ବୁଥ୍‌ରେ ୧୫୫୨ଜଣ ପୁରୁଷ ଏବଂ ୩୨ଜଣ ମହିଳା କର୍ମଚାରୀ ନିୟୋଜିତ ହୋଇଛନ୍ତି। ମୋଟ୍ ବୁଥ ଗୁଡ଼ିକ ମଧ୍ୟରୁ ୬ଟି ସଖି(ପିଙ୍କ) ବୁଥ୍ ରହିଥିବାବେଳେ ଏଥି ସକାଶେ ୮ଟି ପାର୍ଟି ବ୍ୟବସ୍ଥା କରାଯାଇଛି। ମତଦାନକୁ ନିରପେକ୍ଷ ଏବଂ ଅବାଧ କରିବାକୁ ନୂଆପଡ଼ାକୁ ନିର୍ବାଚନ ମଣ୍ଡଳୀ ବାହାର ଅର୍ଥାତ ଖଡ଼ିଆଳ ନିର୍ବାଚନ ମଣ୍ଡଳୀରୁ କର୍ମଚାରୀମାନଙ୍କୁ ନିୟୋଜିତ କରାଯାଇଛି। ଜିଲ୍ଲାରେ ମୋଟ ୩୫୮ଟି ବୁଥ୍‌ରେ ଭୋଟଗ୍ରହଣ କରାଯାଉଥିବାବେଳେ ଏଥିରୁ ୪୭ଟି ମାଓବାଦୀ ପ୍ରଭାବିତ ବୁଥ୍ ରହିଥିବା ତଥ୍ୟ ରହିଛି। ତନ୍ମଧ୍ୟରୁ ୮ଟି ବୁଥ ଦୁର୍ଗମ ଅଞ୍ଚଳରେ ଥିବା ଯଥା ୩୨୦ନମ୍ବର ବୁଥ୍ ସୋସେଙ୍ଗ ସେବାଶ୍ରମ, ସୋସେଙ୍ଗ-୨, ଦେଓସିଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସୁନାବେଡା -୧, ସୁନାବେଡା ସେବାଶ୍ରମ ୧(କ), ଜାମଗାଁ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ଗାତିବେଡା ଉଚ୍ଚପ୍ରାଥମିକ ବିଦ୍ୟାଳୟ- ୧, ଗାତିବେଡା ୨ ପାଇଁ ହେଲିକପ୍ଟର ଯୋଗେ ପୋଲିଂ କର୍ମଚାରୀମାନଙ୍କୁ ସ୍ୱତନ୍ତ୍ର ଭାବେ ନିଆଯାଇଛି। ଏହାକୁ ଜିଲ୍ଲାପାଳ ମଧୁସୂଦନ ଦାଶ ଏବଂ ଏସପି ଅମ୍ରିତ ପାଲ ସିଂ ଉପସ୍ଥିତ ରହି ପ୍ରତ୍ୟକ୍ଷ ମାର୍ଗଦର୍ଶନ କରିଥିଲେ। ନିର୍ବାଚନକୁ ଅବାଧ, ମୁକ୍ତ ଏବଂ ନିରପେକ୍ଷ କରିବାକୁ ବ୍ୟାପକ ପୁଲିସ ବଳ ନିୟୋଜିତ କରାଯାଇଛି। ଏଥିରେ ମୋଟ୍ ୧୨୩୧ଜଣ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଜଣେ ଏସ୍‌ପି, ଏଏସ୍‌ପି, ୬ଜଣ ଡିଏସପି, ୯ଜଣ ଇନ୍ସପେକ୍ଟର, ୩୭ଜଣ ହାବିଲଦାର, ୧୨୩ଜଣ ଓଆର କନଷ୍ଟେବଲ, ୪୧ଜଣ ଏପିଆର କନ୍‌ଷ୍ଟେବଲ, ୩୭ଜଣ ଓଏପିଏଫ, ୫୭ଜଣ ହୋମଗାର୍ଡ ନିୟୋଜିତ ରହିଥିବା ଏକ ସୂତ୍ରରୁ ପ୍ରକାଶ। ଏହାବ୍ୟତୀତ ୧୪ କମ୍ପାନୀ ସିଏପିଏଫ, ୬ ପ୍ଲାଟୁନ ୨ସେକ୍ସନ ଏସପି ନିୟୋଜିତ ଥିବା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ସୂଚନା ପ୍ରଦାନ କରାଯାଇଛି।

### ଆତଙ୍କବାଦର ନୂଆ...

ଏଠାରେ ଇସ୍ତଫା ଦେବା ସହ ସାହାରନପୁରରେ ପ୍ରାକ୍ଟିସ କରୁଥିଲା। ମୁଜାମ୍ମିଲ ଫରିଦାବାଦ୍‌ର ଧୋଜ ଗାଁରେ ୩ ମାସ ତଳେ ଘରଭଡ଼ା ନେଇଥିଲା।। ସେ ଏଠାରେ ରହୁ ନଥିଲେ ମଧ୍ୟ କେବଳ ଜିନିଷପତ୍ର ରଖୁଥିଲା। ଗତ ୧୫ ଦିନ ହେବ ଜମ୍ମୁ-କଶ୍ମୀର ଓ ହରିୟାଣା ପୁଲିସ ମିଳିତ ଭାବେ ଜଏଣ୍ଟ ଅପରେସନ କରିଥିଲେ। ନଭେମ୍ବର ୯ରେ ଚଢ଼ାଉ କରାଯାଇ ମୁଜାମ୍ମିଲ ଘରର ତଲାସି ନିଆଯାଇଥିଲା ବୋଲି ଫରିଦାବାଦ୍ ପୁଲିସ କମିଶନର ସତେନ୍ଦ୍ର କୁମାର ଗୁପ୍ତା କହିଛନ୍ତି। ଏଥିରେ ୩୬୦ କେଜିର ବିସ୍ଫୋରକ ଜବତ କରାଯାଇଥିଲା। ଏହା ଆମୋନିୟମ ନାଇଟ୍ରେଟ। କିନ୍ତୁ ଏହା ଆରଡିଏକ୍ସ ନୁହଁ ବୋଲି ସ୍ପଷ୍ଟ କରାଯାଇଛି। ଆତଙ୍କବାଦୀ ଗତିବିଧି ସହିତ ଜଡିତ ବହୁ ଜିନିଷପତ୍ର ମଧ୍ୟ ଜବଦ କରାଯାଇଥିଲା। ସେଗୁଡିକ ମଧ୍ୟରେ ୨୦ ଟାଇମର୍ସ, ବେଟୋରୀ ଓ ଅନ୍ୟ ଜିନିଷ ଜବତ କରାଯାଇଥିଲା। ସେହିପରି ଏକ ଆସଲ୍ଟ ରାଇଫଲ, ୩ ମ୍ୟାଗାଜିନ, ୮୩ ଗୁଳି, ଗୋଟିଏ ପିସ୍ତଲ ଓ ତା'ର ୮ ରାଉଣ୍ଡ ଗୁଳି, ୨ଟି ଖାଲି ଗୁଳି ଓ ଦୁଇଟି ଅତିରିକ୍ତ ମ୍ୟାଗାଜିନ ଜବତ କରାଯାଇଛି। ଜାତୀୟ ସୁରକ୍ଷା ଦୃଷ୍ଟିରେ ରଖି ଏ ନେଇ ଅଧିକ ସୂଚନା ଦେବାକୁ ମନା କରିଦିଆଯାଇଛି। ସେହିପରି ଆଦିଲକୁ ପଚରା ଉଚରା ଜାରି ରହିଛି। ବେଆଇନ୍ ତଥା ସଂଦିଗ୍ଧ ଗତିବିଧି ନେଇ ୟୁଏପିଏ ଆଇନ୍ ଅନୁଯାଇ ମାମଲା ରୁଜୁ କରାଯାଇଛି।

### ନିରବ ଅବଧିରେ...

ନୂଆପଡ଼ା ଉପନିର୍ବାଚନର ବିଶ୍ୱସନୀୟତା ରକ୍ଷା ପାଇଁ ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଭାରତୀୟ ନିର୍ବାଚନ ଆୟୋଗ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ନବୀନ ଅନୁରୋଧ କରିଛନ୍ତି।

ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ନବୀନ କହିଛନ୍ତି ଯେ ଭାରତୀୟ ନିର୍ବାଚନ ଆୟୋଗ ନିର୍ଦ୍ଦେଶାବଳୀ ଅନୁସାରେ ସାଇଲେଣ୍ଟ ପିରିୟଡ ଆରମ୍ଭ ହେଲେ ବାହାର ଅଞ୍ଚଳର ରାଜନୈତିକ ନେତା ଓ ପ୍ରଚାରକମାନଙ୍କୁ ନିର୍ବାଚନମଣ୍ଡଳୀରୁ ବାହାରିବାକୁ ପଡ଼େ। ମାତ୍ର ବିଜେପିର ନିର୍ବାଚନମଣ୍ଡଳୀ ବାହାରର ମନ୍ତ୍ରୀ, ବିଧାୟକ ଏବଂ ନେତାମାନେ ନୂଆପଡ଼ାରେ ଅବାଧ ଭାବେ ଘୁରି ବୁଲୁଛନ୍ତି। ସେମାନେ ଅସତ୍ ଉପାୟରେ ଭୋଟ ଦାତାମାନଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କରୁଛନ୍ତି। ବଡ଼ ଆଶ୍ଚର୍ଯ୍ୟର କଥା ଯେ ସ୍ଥାନୀୟ ବିଜେଡି ନେତାମାନେ ଯେତେବେଳେ ଏହାର ବିରୋଧରେ ସ୍ୱର ଉଠାଉଛନ୍ତି ସେମାନଙ୍କୁ ପୁଲିସ ଅଟକ ରଖୁଛି। ଜିଲ୍ଲା ପ୍ରଶାସନ ଏବଂ ସ୍ଥାନୀୟ ପୁଲିସ ଏକ ନିରପେକ୍ଷ ନିର୍ବାଚନ ସୁନିଶ୍ଚିତ କରିବା ପରିବର୍ତ୍ତେ କିପରି ସରକାରୀ ଦଳର ସ୍ୱାର୍ଥ ପୂରଣ ପାଇଁ ପଡ଼ିଥିବା ଏଥିରୁ ସ୍ପଷ୍ଟ ସୂଚୀତ ହେଉଛି।ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଏପରି ଘଟଣା ଆଘାତ ପହଞ୍ଚାଇବା ସହ ନିର୍ବାଚନ ପ୍ରକ୍ରିୟା ଉପରେ ଜନସାଧାରଣଙ୍କ ଥିବା ବିଶ୍ୱାସକୁ ମଳିନ କରୁଛି। ଏହା ଜାରି ରହିଲେ ନୂଆପଡ଼ା ଉପନିର୍ବାଚନର ସ୍ୱଚ୍ଛତା ଏବଂ ବିଶ୍ୱସନୀୟତା ଉପରେ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହେବ। ତେଣୁ ଏହାକୁ ରୋକିବା ଦିଗରେ ଭାରତୀୟ ନିର୍ବାଚନ ଆୟୋଗ ତୁରନ୍ତ କେତେକ ପଦକ୍ଷେପ ନେବାକୁ ନବୀନ ଅନୁରୋଧ କରିଛନ୍ତି। ୩୬ ଘଣ୍ଟାର ମୌନ ପର୍ଯ୍ୟାୟକୁ କଡ଼ାକଡ଼ି ଲାଗୁ କରିବା ସହ ବିଜେପିର ମନ୍ତ୍ରୀ, ବିଧାୟକ ଓ ନେତାମାନେ ନିର୍ବାଚନ କ୍ଷେତ୍ର ଛାଡ଼ିବା ନିର୍ବାଚନ ଆଚରଣବିଧି ଅନୁଯାୟୀ ସୁନିଶ୍ଚିତ କରାଯାଉ। ନିର୍ବାଚନ ପ୍ରକ୍ରିୟାର ପବିତ୍ରତା ବଜାୟ ରଖିବା ପାଇଁ ନିରପେକ୍ଷ ଭାବେ କାର୍ଯ୍ୟ କରିବାକୁ ଜିଲ୍ଲା ପ୍ରଶାସନ ଏବଂ ପୁଲିସକୁ ନିର୍ଦ୍ଦେଶ ଦିଆଯାଉ। ଏଥିସହ ବିଜେପି ଦ୍ୱାରା ହେରଫେର ହେବାର ଆଶଙ୍କା ନେଇ ବିଜେଡି ଏବଂ ଅନ୍ୟ ରାଜନୈତିକ ଦଳ ପକ୍ଷରୁ ତାଲିକାରେ ଦିଆଯାଇଥିବା ସମ୍ବେଦନଶୀଳ ବୁଥ୍ ଉପରେ ମଧ୍ୟ ସ୍ୱତନ୍ତ୍ର ନଜର ରଖାଯାଉ ବୋଲି ନବୀନ ନିଜ ଦାବି କରିଛନ୍ତି। ସେ କହିଛନ୍ତି ଯେ ପୂର୍ବଜମାନଙ୍କ ବହୁ ତ୍ୟାଗ ଓ ସଂଘର୍ଷ ବଳରେ ଆମେ ଭାରତର ଜନସାଧାରଣମାନେ ଏହି ଗଣତନ୍ତ୍ର ପାଇଛୁ। ଏହିପରି ସମୟରେ ପ୍ରତ୍ୟେକ ପ୍ରତିଷ୍ଠାନ, ବିଶେଷକରି ନିର୍ବାଚନ ଆୟୋଗ, ଗଣତନ୍ତ୍ରର ପବିତ୍ରତା ରକ୍ଷା କରିବା ଏବଂ ଏହାର ସୁରକ୍ଷା କରିବା ହେଉଛି ପ୍ରଧାନ କର୍ତ୍ତବ୍ୟ ବୋଲି ନବୀନ ନିଜ ଟୁଇଟରେ ଉଲ୍ଲେଖ କରିଛନ୍ତି।

### ସମ୍ବୋଧିତ କରିବେ...

ଥିବାବେଳେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଦୃଷ୍ଟିରୁ ଅଧିବେଶନଟି ଐତିହାସିକ ହେବାକୁ ଯାଉଛି।

ବିଜ୍ଞପ୍ତି ଅନୁଯାୟୀ ୨୮ ତାରିଖରେ ଅତିରିକ୍ତ ବଜେଟ ଆଗତ ହେବା ପରେ ଏହା ଉପରେ ଡିସେମ୍ବର ୪, ୫ ଓ ୬ ତାରିଖ ତିନିଦିନ ଧରି ଅତିରିକ୍ତ ଖର୍ଚ୍ଚଦାବି ଆଲୋଚନା ହେବ। ଏହାପରେ ୭ ତାରିଖ ଛୁଟି ଥିବାବେଳେ ୮ ତାରିଖରେ ବ୍ୟୟମଞ୍ଜୁରୀ ବିଧେୟକ ଆଗତ ହେବ। ଉଲ୍ଲେଖଯୋଗ୍ୟ ଯେ ଓଡ଼ିଶା ବିଧାନସଭାର ଏକ ଅଧିବେଶନକୁ କୌଣସି ଅଧିବେଶନକୁ ରାଷ୍ଟ୍ରପତି ସମ୍ବୋଧନ କରିବା ପ୍ରଥମ ଘଟଣା । ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖାଯାଇ ବିଧାନସଭା ପରିସରକୁ ନୂଆ ରୂପ ଦିଆଯାଉଛି। ବିଶେଷକରି ରାଷ୍ଟ୍ରପତି ଓଡ଼ିଶା ବିଧାନସଭାର ସଦସ୍ୟ ତଥା ମନ୍ତ୍ରୀ ଥିବାବେଳେ ଯେଉଁ କୋଠରୀରେ ବସୁଥିଲେ, ତାହାର ନବୀକରଣ କରାଯାଉଛି। ସୂଚନାଯୋଗ୍ୟ ଯେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅତୀତରେ ରାଇରଙ୍ଗପୁର ବିଧାନସଭା ଆସନରୁ ବିଧାନସଭାକୁ ପ୍ରତିନିଧିତ୍ୱ କରିଥିବା ବେଳେ ବିଜେଡି-ବିଜେପି ମେଣ୍ଟ ସରକାର ସମୟରେ ବାଣିଜ୍ୟ ଓ ପରିବହନ ବିଭାଗର ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ।

### ବିରାଦରୀ ପ୍ରୀତି...

କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଲେ। ରଥଯାତ୍ରା ପରିଚାଳନା ପାଇଁ ୨୦ ବରିଷ୍ଠ ଆଇପିଏସ୍, ୪୫୦ ଓପିଏସ୍ ପାହ୍ୟାର ଅଧିକାରୀ, ଶ୍ରୀମନ୍ଦିର ପ୍ରଶାସନ, ପୁରୀ ଜିଲ୍ଲା ପ୍ରଶାସନ ରଥଯାତ୍ରା ପରିଚାଳନା ଦାୟିତ୍ୱରେ ଥିବା ଏଡ଼ିଜି, ସିସିଟିଭି ଲଗାଇବା ଦାୟିତ୍ୱରେ ଥିବା ଏଡ଼ିଜି (ମୁଖ୍ୟାଳୟ ଓ କମ୍ୟୁନିକେସନ)ଙ୍କୁ ରିପୋର୍ଟରେ ଏକପ୍ରକାର କ୍ଲିନ୍‌ଚିଟ୍ ଦିଆଗଲା। ଅର୍ଥାତ୍ ରଥଯାତ୍ରାରେ ଯାହା ସବୁ ଘଟଣା ଘଟିଲା, କେବଳ ଏହି ସାତ ଜଣକ କନିଷ୍ଠ ଅଧିକାରୀଙ୍କ ପାଇଁ ଓ ଏଥିରେ ଅନ୍ୟମାନଙ୍କର କୌଣସି ଭୂମିକା ନାହିଁ। ରଥଯାତ୍ରାରେ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ପ୍ରଥମଥର ପାଇଁ ଇଣ୍ଟିଗ୍ରେଟେଡ୍ କମାଣ୍ଡ କଣ୍ଟ୍ରୋଲ ସିଷ୍ଟମ ସହ ଏଆଇ ସିସିଟିଭି କ୍ୟାମେରା ଲଗାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ୫ ମେଗାପିକ୍ସଲର ୨୮୨ଟି ଏଆଇ କ୍ୟାମେରା ଲଗାଯିବା ପାଇଁ ୮୮ ଲକ୍ଷ ଟଙ୍କା ବରାଦ ବି କରାଗଲା। ମାତ୍ର ୨୮୨ କ୍ୟାମେରା ବଦଳରେ ମାତ୍ର ୧୭୦ଟି କ୍ୟାମେରା ଲାଗିଲା ଓ ଯେଉଁ କ୍ୟାମେରା ଲଗାଗଲା, ତାହାର ମେଗାପିକ୍ସଲ ଓ ଫଟୋର ମାନ ଥିଲା ଅତ୍ୟନ୍ତ ଖରାପ। ୫ ମେଗାପିକ୍ସଲ ବଦଳରେ ୨ ମେଗାପିକ୍ସଲ କ୍ୟାମେରା ଲଗାଯାଇଥିବା ପରେ ଜଣାପଡ଼ିଲା। ମୋଟାମୋଟି ଦେଖିଲେ ଭିଡ଼, ଦଳାଚକଟା, ଶ୍ରଦ୍ଧାଳୁଙ୍କ ମୃତ୍ୟୁ ପଛରେ ଏଆଇ କ୍ୟାମେରା ପରିଚାଳନାରେ ଦାୟିତ୍ୱହୀନତା ପ୍ରମୁଖ କାରଣ ହୋଇଥିଲେ ବି ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ତଦନ୍ତ ରିପୋର୍ଟରେ ଏକପ୍ରକାର କ୍ଲିନ୍‌ଚିଟ୍ ଦିଆଯାଇଥିବା ଅଭିଯୋଗ ହୋଇଛି। କାହିଁକି କମ୍ କ୍ୟାମେରା ଲାଗିଲା, କ୍ୟାମେରାର ମେଗାପିକ୍ସଲ କିଏ ଓ କାହିଁକି ପରିବର୍ତ୍ତନ କଲେ, କ୍ୟାମେରା ଲଗାଇଥିବା ସମ୍ପୃକ୍ତ ଠିକା ସଂସ୍ଥାକୁ ବାଛିଥିବା ଅଧିକାରୀଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ସୁପାରିସ ହେଲା ନାହିଁ ତାହା ସନ୍ଦେହ ସୃଷ୍ଟି କରିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ସିସିଟିଭି ଲଗାଇବା ଦାୟିତ୍ୱରେ ଥିବା ପୁଲିସ ଏଡ଼ିଜି (ହେଡ଼କ୍ୱାର୍ଟର ଓ କମ୍ୟୁନିକେସନ)ଙ୍କୁ ଏ ସମ୍ପର୍କରେ ପ୍ରଶ୍ନଟିଏ ବି କରାଯାଇ ନାହିଁ। କନିଷ୍ଠ ପୁଲିସ କର୍ମଚାରୀଙ୍କୁ ବଳି ଦେଇ ତାଙ୍କୁ ପୁରା ଦୋଷମୁକ୍ତ କରି ଦିଆଯାଇଛି। ଆଇଏଏସ୍ ଓ ଆଇପିଏସ୍ ଅଧିକାରୀଙ୍କ ବିରାଦରୀ ପ୍ରୀତି ଯୋଗୁଁ ରିପୋର୍ଟ ନିରପେକ୍ଷତାର ଉର୍ଦ୍ଧ୍ୱକୁ ଉଠି ପାରି ନ ଥିବା ଅଭିଯୋଗ ହୋଇଛି। ଅନୁରୂପ ଭାବରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ରୀତିନୀତି ପରିଚାଳନାରେ ହୋଇଥିବା ଅବ୍ୟବସ୍ଥା ଓ ପହୁଡ଼ ବେଳେ ଉପଯୁକ୍ତ ପରିମାଣର ପୁଲିସ ମୁତୟନ କରା ନ ଯିବା ମଧ୍ୟ ଦର୍ଶନ ବ୍ୟବସ୍ଥାରେ ବିଶୃଙ୍ଖଳା ସୃଷ୍ଟି କରିଥିଲା। ସବୁଠାରୁ ସ୍ପର୍ଶକାତର ଘଟଣାଟି ଘଟିଥିଲା ଶରଧାବାଲିରେ। ରଥଯାତ୍ରା ଦିନ ରାତିରେ ଶୋଇଥିବାବେଳେ ଶରଧାବାଲିରେ ଦଳାଚକଟା ଘଟି ୩ ଜଣଙ୍କ ମୃତ୍ୟୁ ଘଟଣାକୁ ସମ୍ପୂର୍ଣ୍ଣ ଗୁରୁତ୍ୱହୀନ କରି ଦିଆଯାଇଛି। କାହିଁକି ସେଠାରେ ଭିଡ଼ ଏକାଠି ହେବାକୁ ଦିଆଗଲା, ଦାୟିତ୍ୱରେ ଥିବା ପ୍ରଶାସନିକ ଓ ପୁଲିସ ଅଧିକାରୀମାନେ କ'ଣ କରୁଥିଲେ, ଏଆଇ କ୍ୟାମେରାର ଭୂମିକା ଏଠାରେ କ'ଣ ଥିଲା ଏବଂ ଦଳାଚକଟା ସମୟରେ ଓ ଦଳାଚକଟା ପରେ ଦାୟିତ୍ୱରେ ଥିବା ଅଧିକାରୀମାନେ କୁଆଡ଼େ ଯାଇଥିଲେ ତାହାର ଉତ୍ତର କାହାରି ପାଖରେ ନାହିଁ। ତଦନ୍ତ ରିପୋର୍ଟରେ ଏଥିପାଇଁ କେବଳ କେଇଜଣ କନିଷ୍ଠ ପୁଲିସ ଅଧିକାରୀଙ୍କୁ ଦାୟୀ କରାଯାଇଛି। ଯେଉଁ ବରିଷ୍ଠ ଅଧିକାରୀମାନେ ଦାୟିତ୍ୱରେ ଥିଲେ, ସେମାନେ କାହିଁକି ଉତ୍ତରଦାୟୀ କରାଯାଇ ନାହିଁ; ସେ ସମ୍ପର୍କରେ ସ୍ୱାଭାବିକ ପ୍ରଶ୍ନ ଉଠିଛି।

### ନକଲି ଘିଅ ଦେଇଥିଲା...

ଫେରାଇ ନେବା ପରିବର୍ତ୍ତେ ବୈଷ୍ଣବୀ ଡାଏରୀ ନାମରେ ପଠାଇ ଦିଆଯାଇଥିଲା। ଗୁଜରାଟର ଏକ ଲ୍ୟାବ୍ ରିପୋର୍ଟରେ ଜଣାପଡ଼ିଥିଲା ଯେ ଏଆର ଡାଏରୀର ଘିଅରେ ମାଛ ତେଲ, ଗୋଚର୍ବି, ଲାଳ ମିଶା ଯାଉଥିଲା। ଏଥିପାଇଁ ଲାଞ୍ଚ କାରବାର ହେଉଥିଲା। ଯାଞ୍ଚରୁ ଜଣାପଡ଼ିଛି ଯେ ୫୦ ଲକ୍ଷ ଟଙ୍କା ଲୁଚାଇ ଟ୍ରାନ୍ସଫର କରାଯାଇଥିଲା। ଏହି ରାଶି ୱାଇଏସଆର କଂଗ୍ରେସର ପୂର୍ବତନ ସାଂସଦ ତଥା ଟିଟିଡିର ପୂର୍ବତନ ଅଧକ୍ଷ ୱାଇଭି ସୁଭା ରେଡ୍ଡୀଙ୍କ ବ୍ୟକ୍ତିଗତ ସହାୟକ ଚିନ୍ନପନ୍ନାଙ୍କୁ ଦିଆଯାଇଥିଲା। ଦିଲ୍ଲୀର ଦୁଇଟି ଅଲଗା ଅଲଗା ଟ୍ରାଞ୍ଜାକ୍ସନରେ ଏଜେଣ୍ଟ ଅମନ ଗୁପ୍ତାଠାରୁ ୨୦ ଲକ୍ଷ ଟଙ୍କା ଏବଂ ବାକି ଟଙ୍କା ଏଗ୍ରି ଫୁଡ୍ସର ଅଧିକାରୀ ବିଜୟ ଗୁପ୍ତାଙ୍କଠାରୁ ମିଳିଥିଲା। ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଦାବି କରିଥିଲେ ଯେ ପୂର୍ବତନ ଜଗନ ମୋହନ ରେଡ୍ଡୀଙ୍କ ସରକାରର ସମୟରେ ପଶୁ ଚର୍ବି ଥିବା ଘିଅ ଲଡୁ ପ୍ରସ୍ତୁତିରେ ବ୍ୟବହାର କରାଯାଉଥିଲା। ଏହି ମାମଲା ସେତେବେଳେ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଯାଇଥିଲା। ରାଜନୀତି ଏବଂ ଧର୍ମକୁ ମିଶାଇବା ଭୁଲ୍ ବୋଲି କୋର୍ଟ କହିଥିଲେ।


**JOB VACANCY**

Advertisement Ref no- BWFPC/2025-26/026

Marketing Manager (01 no's): Experienced; Graduate (Age limit 40)
**Rs- 15,000/- to 16,000/-**

Accountant (01 no's): Experienced; Graduate in Commerce (Age limit40)
**Rs-8,000/- to 10,000/-.**

Send CVs through Email Id- **bonaigadawomenfpc@gmail.com** or Postal through registered office address C/c - Jaimati Kisan, At/Po Sarsara Bolang, Block Bonaigarha Dist-Sundargarh Postal - 770051 Contact No - 7606999010, 8260444056)

**Deadline for receiving applications: 25.11.2025, 5:00 PM.**

**DARWIN MEMORIAL HIGHER SECONDARY SCHOOL, KUDUMULUGUMMA, MALKANGIRI**

**WALK-IN-INTERVIEW**

A walk-in-interview for **Matron (contractual basis)** in Girls Hostel will be conducted on **19th November 2025 (Wednesday) at 10.00 A.M.** Interested candidates having necessary eligibility and documents be as follows:

1. She must be a graduate.
2. Residence certificate by competent authority.
3. NOC from concerned police station/police verification report.
4. Character certificate by any Gazetted officer.
5. Age must be 18 years as on 01.01.2025. No TA/DA is admissible.

The authority reserves the right to cancel or reject the Walk-in-Interview for any reason thereof.

**Sd/-Principal-cum-Secretary**
**Darwin Memorial H.S.S., Kudumulugumma**



**Government of India**
**Ministry of Environment, Forest & Climate Change**
**Regional Office, Bhubaneswar, Odisha**

**Online Proposal No.: FP/OR/RAIL/438606/2023** — **Dated: 07/10/2025**

**To,**
**The Addl. Chief Secretary,**
**Forest, Environment & CC Deptt.,**
**Government of Odisha,**
**Bhubaneswar – 751 001**

Subject: Diversion of 4.519 ha of forest land for construction of proposed Rail Corridor in village Kadei under Tangi Choudwar Tahasil of Cuttack District in Cuttack Forest Division by M/s My Home Industries Pvt. Ltd.

Sir/Madam,

I am directed to refer to State Govt. letter No.FE-DIV-FLD-0106-2023-25213/FE&CC dated 05.12.2023, No.26151/FE&CC dated 30.12.2024, No.2072/FE&CC dated 21.01.2025 and Online Proposal No.FP/OR/RAIL/438606/2023, wherein prior approval of the Ministry of Environment, Forest & Climate Change for non-forestry use of 4.519 ha of forest land for construction of proposed Rail Corridor in village Kadei under Tangi Choudwar Tahasil of Cuttack District in Cuttack Forest Division by M/s My Home Industries Pvt. Ltd., was sought in accordance with Section-2 (1)(ii) of the Van (Sanrakshan Evam Samvardhan) Adhiniyam, 1980. After due consideration of the proposal by the Ministry of Environment, Forest & Climate Change, the in-principle approval for diversion of the said forest land was accorded by Ministry vide this office letter of even number dated 24.01.2025, subject to fulfillment of certain conditions. The State Government has furnished the compliance report in respect of the conditions stipulated in the in-principle approval and has requested to grant final approval of the proposal.

2. In this connection, I am directed to say that on the basis of the compliance report furnished by the Addl. PCCF & Nodal Officer (FCA), Odisha vide their letter No.19249/9F (Rail)-391/2023 dated 15.09.2025 and submission of the compliance report by the State Govt. in Parivesh web portal on 26.09.2025, Stage-II/final approval of the Ministry of Environment, Forest & Climate Change is hereby granted under Section 2 (1)(ii) of the Van (Sanrakshan Evam Samvardhan) Adhiniyam, 1980 for non-forestry use of 4.519 ha of forest land for construction of proposed Rail Corridor in village Kadei under Tangi Choudwar Tahasil of Cuttack District in Cuttack Forest Division by M/s My Home Industries Pvt. Ltd., subject to the fulfillment of the following conditions:-

**1. General Conditions**

| S. No | Conditions |
|---|---|
| 1.1 | The State Govt. shall ensure that the legal status of diverted forest land shall remain unchanged. |
| 1.2 | The State Govt. shall ensure that the user agency shall pay the additional amount of NPV, if so determined, as per the final decision of the Hon'ble Supreme Court of India. |
| 1.3 | The State Govt. should ensure that the non-forest land proposed for CA shall be notified as PF under Section 29 of the IFA, 1927 or local Act before handing over of the diverted forest land to the user agency and after notification of such non-forest land, the Nodal Officer, Odisha shall upload a copy of said notification on the PARIVESH portal. |
| 1.4 | The State Govt. shall ensure the compliance on FRA, 2006 as per Van (Sanrakshan Evam Samvardhan) Rules and guidelines issued from time to time before handing over of the diverted forest land to user agency. |
| 1.5 | The State Govt. shall ensure that the KML files of the area to be diverted, CA and Addl. CA areas shall be uploaded on the e-Green watch portal with all requisite details before handing over of the diverted forest land to the user agency. |
| 1.6 | The State Govt. shall ensure that the boundary of the diverted forest land shall be demarcated on ground at the project cost, by erecting four feet high reinforced cement concrete pillars, each inscribed with its serial number, distance from pillar to pillar and GPS co-ordinates. |
| 1.7 | The State Govt. shall ensure that the State Forest Department will raise compensatory afforestation over 4.654 ha identified in village Chhotapadagon under Tangi Choudwar Tahasil of Cuttack District under Cuttack Forest Division within two years from the date of Stage-II Clearance and maintained thereafter by the State Forest Department as per approved plan/scheme and maintained thereafter, at the cost of user agency. |
| 1.8 | The State Govt. shall ensure that the State Forest Department will raise additional compensatory afforestation over 5.2 ha of degraded forest land identified in Kaliamba PRF of Dalijoda Range under Cuttack Forest Division within two years from the date of Stage-II Clearance and maintained thereafter by the State Forest Department as per approved plan/scheme and maintained thereafter, at the cost of user agency. |
| 1.9 | The State Govt. shall ensure that the species to be planted in the CA and Addl. CA scheme shall be of native species of the area. At least 18 month old seedlings should be planted. Intensive monitoring of the plantation needs to be done and documented using Geo tagging so that the increase of canopy density and survival and growth of plantation can be evaluated at regular intervals. |
| 1.10 | The State Govt. shall ensure that State Forest Department shall implement the Site Specific Wildlife Conservation Plan duly approved by Chief Wildlife Warden, Odisha the project cost. |
| 1.11 | The State Govt. shall ensure controlled speed limit of 20 Km/Hr, if the trains passing through the forest portion to enable the trains drivers to react to the sudden appearance of the wild animals on the track. As and when required speed of train shall be regulated in consultation with CWLW of the State Govt. There should be regular communication with the local forest department to know the presence/movement of elephant near the track. |
| 1.12 | The State Govt. and User Agency shall ensure that speed regulating signage will be erected along the railway line at regular intervals in Protected Areas/Forest Areas. |
| 1.13 | The State Govt. and the User Agency shall ensure that the designing of new culverts/bridges, if any, over the natural streams/ rivers/canals should be done in such a manner that it does not hamper the natural course of water, does not give rise to water-logging, so that it does not hamper movement of wild animals. |
| 1.14 | The State Govt. and the User Agency shall ensure that the reclamation of quarry, if any, should be done under the supervision of the State Forest Department. The quarry shall be reclaimed and afforested completely before the project is closed. |
| 1.15 | The State Govt. shall ensure that the user agency shall take up Avenue Plantation on either side of alignment of the track at its own cost in consultation with the DFO. |
| 1.16 | The State Govt. shall ensure that the user agency shall explore the possibility of successful transplantation of maximum number of trees identified to be felled and shall ensure that any tree felling shall be done only when it is unavoidable and that too under strict supervision of the State Forest Department. |
| 1.17 | The State Govt. shall ensure that the period of diversion under this approval shall be co-terminus with the period of lease granted in favour of user agency or the project life, whichever is less. |
| 1.18 | The State Govt. shall ensure that no labour camp shall be established on the forest land and the user agency shall provide fuels preferably alternate fuels to the labourers and staff working at the site so as to avoid any damage and pressure on the nearby forest areas. |
| 1.19 | The State Govt. and user agency shall ensure that while executing works, the user agency shall not fell any tree or damage forest growth in the surrounding forest area in any manner. |
| 1.20 | The State Govt. and user agency shall ensure that earth or any material shall neither be brought from nor the debris resulting during construction be disposed of in the adjoining forest area by the user agency. |
| 1.21 | The State Govt. and user agency shall ensure that the layout plan of the proposal shall not be changed without prior approval of the Ministry of Environment, Forest & Climate Change. |
| 1.22 | The State Govt. shall ensure that the forest land shall not be used for any purpose other than that specified in the proposal and under no circumstances be transferred to any other user agency, department or person without prior approval of the Ministry of Environment, Forest & Climate Change. |
| 1.23 | The State Govt. shall ensure that no damage to the flora and fauna of the adjoining area shall be caused. |
| 1.24 | The State Govt. shall ensure that the DFO concerned will monitor and take necessary mitigative measures to ensure that there is no adverse impact on the forests in surrounding area. |
| 1.25 | The State Govt. shall ensure that the user agency shall submit annual self monitoring report on compliance of stipulated conditions to the Nodal Officer (FCA) of the State and Integrated Regional Office of this Ministry by the end of March every year regularly. |
| 1.26 | The State Govt. shall ensure that any other conditions that the Ministry of Environment, Forests & Climate Change may impose from time to time in the interest of afforestation, conservation and management of flora and fauna in the area, which shall be complied by the user agency. |
| 1.27 | The State Govt. and user agency shall ensure compliance to provisions of the all Acts, Rules, Regulations, Guidelines, NGT Order (s) & Hon'ble Court Order (s) pertaining to this project, if any, for the time being in force, as applicable to the project. |
| 1.28 | Any other direction issued by the Ministry as a result of Hon'ble Supreme Court order will have bearing on this approval. |
| 1.29 | Violation of any of these conditions will amount to violation of Van (Sanrakshan Evam Samvardhan) Adhiniyam, 1980 and action would be taken as prescribed in Para 1.16 of Consolidated Guidelines and Clarification issued under Van (Sanrakshan Evam Samvardhan) Adhiniyam, 1980 and Van (Sanrakshan Evam Samvardhan) Rules, 2023 vide Ministry's letter dated 29.12.2023. |

**2. Standard conditions**

**3. Specific Conditions**

1. The Inspector General of Forests (ROHQ), Ministry of Environment, Forest & Climate Change, Indira Paryavaran Bhawan, Jor Bagh Road, Aliganj, New Delhi – 110003.
2. The PCCF & Nodal Officer (FCA), Forest Department, Govt. of Odisha, Aranya Bhawan, Chandrasekharpur, Bhubaneswar-751023.
3. The Deputy General Manager (Projects), M/s My Home Industries Pvt. Ltd., 9th Floor, Block-3, My Home Hub, Madhapur, Hyderbad-500081, Telangana.

**Your's faithfully**
**(Sujoy Dutta)**
**Assistant Commissioner (Forestry)**



**NOTICE**

By virtue of an affidavit sworn before Executive Magistrate, Banpur, Vide No.- 4068, dated- 06/11/2025 I, Adeitya Baghasingh, Address:- S/o- Prasanna Baghasingh, At- Paladhuapalli, Po.- Ayatpur, Ps.- Nachuni, Dist.- Khordha, Odisha, Pin- 752035, declare that I have changed my name from **Ajita Baghasingh** to **Adeitya Baghasingh**. Henceforth, I shall be known as **Adeitya Baghasingh** for all purposes.
Adeitya Baghasingh

**AFFIDAVIT**

**I, Sri Rajesh Kumar Behera, S/o- Sri Chandra Sekhar Behera, R/o At/PO- Bijabandali, PS- Ambadola, Dist.- Rayagada declare that from now onwards my wife named Kshirodara shall be known as KSHIRODRA for all legal purposes by an affidavit No.384 sworn on Dt.09.06.2025.**

**AFFIDAVIT**

I, Rajib Lochan Ratha, S/o- Niranjan Ratha, resident of Po/Ps-Bhanjpur, Baripada, Mayurbhanj, Pin-757002, Odisha declare by this affidavit No. 1373 dtd- 31/10/25 that I will be known and signed as Rajib Lochan Ratha for all future purpose instead of Rajib Lachan Ratha, that reflects in my Matric Certificate.

**AFFIDAVIT**

I, Hasamtun Nisha, aged about 42 years, W/o- Fazle Karim, resident of At- Mahemudabad, Po- Kerang, Ps/Dist- Khurda, Odisha, Pin- 752055 declare by this affidavit No. 2281, dtd- 10/11/2025, that now onwards I shall be known as **HASMATUN NISHA** for all future purposes.

**AFFIDAVIT**

By virtue of an affidavit (CF No. 8003, date- 04/11/2025 sworn before the Executive Magistrate, Jharsuguda. I, **Basanti Nayak,** W/o- Keshab Parida, permanent resident of At- A.N. Guhalane, Laxmi Narayan Lane, PO: Budharaja, PS: Town, Dist: Sambalpur, PIN- 768004, Odisha declare that I have changed my minor daughter's name from **Nivedita Parida** (old name) to **Siddhi Parida** (new name). Henceforth, she shall be known as **Siddhi Parida** (new name) for all purposes.
**Basanti Nayak**

**AFFIDAVIT**

By virtue of an affidavit sworn before The Executive Magistrate, Panposh, Uditnagar, Rourkela , date- 23/05/2025. I, **Santosh Kumar Mohanty,** permanent resident of Qr No. D-418, Koelnagar, PO: Saktinagar, PS: Jhirpani, Rourkela, Dist: Dundargarh, PIN: 769014 Odisha declare that I have changed my minor son's name from **Rohan Mohnaty** to **Swarit Mohanty**. Henceforth, he shall be known as **Swarit Mohanty** (new name) for all purposes.
**Santosh Kumar Mohanty**

**AFFIDAVIT**

By virtue of an affidavit sworn before The Executive Magistrate, Deogarh, date- 31/10/2025. I, **Prema Manjari Acharya,** W/o Sribatsha Kumar Acharya, resident of Deogarh Town, Panda Sahi, New Colony, Ward No.2, PO/PS: Deogarh, Tahasil/Dist: Deogarh, Pin: 768108, Odisha declare that I have changed my name from **Premalata Acharya to Prema Manjari Acharya.** Henceforth, I shall be known as **Prema Manjari Acharya** (new name) for all purposes.
**Prema Manjari Acharya**

**AFFIDAVIT**

By virtue of an Affidavit No.6588 dt.04.07.2025 before the Executive Magistrate, Bhadrak I, Balaram Rout, aged 34 years, S/o-Nirmal Rout, At- Ajimatpur, Po-Ananda Bazar, Ps-Dhamnagar, Dist- Bhadrak have declare that my previous nick name was Deepak Kumar Jena S/o-Antaryami Jena and accordingly in my service documents at ATG Tyre Pvt. Ltd. has maintained, but my real name is Balaram Rout S/o-Nirmal Rout. Aadhaar No.6892 3027 4597 and both Deepak Kumar Jena S/o- Antaryami Jena is one and same person and both the names are belong to the deponent and I am known as Balaram Rout S/o-Nirmal Rout for all future purposes.
**Sd/- Balaram Rout**

### ସ୍ୱୟଂସହାୟିକା ମହିଳାଙ୍କୁ ଲୁଟୁଛନ୍ତି ବେସରକାରୀ ଅର୍ଥଲଗାଣକାରୀ ସଂସ୍ଥା

# ଜିଲ୍ଲାପାଳଙ୍କୁ ଭେଟିଲା ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି

ଭଦ୍ରକ, ୧୦ ।୧୧(ସମିସ)



ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ମହିଳାଙ୍କ ଆର୍ôଥକ ସ୍ଥିତିର ସୁଧାର ଓ ମାଇକ୍ରୋଫାଇନାନ୍ସ ସଂସ୍ଥାକୁ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟରେ ଦସ୍ତଖତ ଅଭିଯାନ ଚାଲିଥିଲା । ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ପ୍ରଣୟନ ହୋଇଥିବା ନୂତନ ନୀତିଗୁଡ଼ିକ ମହିଳାଙ୍କୁ ଲୁଟ କରିବା ପାଇଁ ଅର୍ଥ ଲଗାଣକାରୀ ସଂସ୍ଥାକୁ ପ୍ରୋତ୍ସାହିତ କରାଯାଉଛି । ପ୍ରଚଳିତ ସୁଧ ହାରକୁ ପ୍ରବଳ ମାତ୍ରାରେ ବୃଦ୍ଧି କରାଯାଇଛି; ଯାହାଦ୍ୱାରା କି ଜାତୀୟ ବ୍ୟାଙ୍କ୍ ଗୁଡ଼ିକ କ୍ଷୁଦ୍ର ଋଣ ଦେବା କଥା; କିନ୍ତୁ ଋଣ ଦେଉନାହାନ୍ତି । ସେହି ଜାତୀୟ ବ୍ୟାଙ୍କଗୁଡିକ ବେସରକାରୀ ସଂସ୍ଥା ଯଥା ମାଇକ୍ରୋ ଫାଇନାନ୍ସ ସଂସ୍ଥାକୁ ଅଗ୍ରାଧିକାର ତାଲିକାରେ ସାମିଲ କରି ଶହ ଶହ କୋଟି ଟଙ୍କା ଋଣ ଦେଇଛନ୍ତି । ଏହି ସଂସ୍ଥାଗୁଡିକ ନିଜ ଇଚ୍ଛାରେ ସୁଧ ହାର କୀ ଗରିବଙ୍କଠାରୁ ଚଢା ସୁଧ ଆଦାୟ କରୁଛନ୍ତି । ଏଥିରେ ବିଶେଷ ଭାବରେ ମହିଳାମାନେ ପ୍ରଭାବିତ ହେଉଛନ୍ତି । ଏପରିକି ୧ରୁ ଅଧିକ ଋଣ କରି ମହିଳାମାନେ ହନ୍ତସନ୍ତ ହେଉଛନ୍ତି । ଗରିବ, କୃଷକ ଓ ମହିଳାଙ୍କୁ ଲୋଭ ଦେଖାଇ ବ୍ୟକ୍ତିଗତ ଓ ସାମୂହିକ ଋଣ ଦେଇ ସେମାନଙ୍କଠାରୁ ପ୍ରସେସିଂ ଫି, ବିମା ଫି ଆଦି ଆଦାୟ କରାଯାଉଛି । ସାପ୍ତାହିକ ଓ ୧୫ଦିନିଆ ବୈଠକ ନାମରେ ଗୁଣ୍ଡାମାନଙ୍କୁ ବ୍ୟବହାର କରି ଅର୍ଥ ଆଦାୟ କରାଯାଉଛି । ସେଥିପାଇଁ ରାଜ୍ୟରେ ଏହା ବିରୋଧରେ ଦସ୍ତଖତ ଅଭିଯାନ ଚାଲିଥିଲା । ଭଦ୍ରକ ଜିଲ୍ଲାରେ ୨୦୦୦ରୁ ଊର୍ଦ୍ଧ୍ୱ ଦସ୍ତଖତ କରାଯାଇ ପରେ ୮ଦଫା ଦାବି ସମ୍ବଳିତ ଏକ ପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା । ୮ଦଫା ଦାବି ମଧ୍ୟରେ- ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସରଳ ପଦ୍ଧତିରେ ସମସ୍ତ ସରକାରୀ ବ୍ୟାଙ୍କ ଦ୍ୱାରା ବିନା ସୁଧରେ ଋଣ ଯୋଗାଇବା, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କ ଋଣ ପାଇଁ ଅଗ୍ରାଧିକାର ଦେବା ସହିତ ପ୍ରତି ବ୍ୟାଙ୍କରେ ସ୍ୱତନ୍ତ୍ର ବ୍ୟବସ୍ଥା କରିବା, ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପାଇଁ ସିଭିଲ (ସିପିଆଏଲ)କୁ ବାଧ୍ୟତାମୂଳକ କରା ନ ଯାଉ, କୋଭିଡ ସମୟରେ ନିଆଯାଇଥିବା କିସ୍ତି ଓ ଜୋରିମାନାକୁ ଫେରସ୍ତ କରାଯାଉ, ମାଇକ୍ରୋ ଫାଇନାନ୍ସ ସମେତ ବେ ସରକାରୀ ସଂସ୍ଥା ଦ୍ୱାରା ପ୍ରଦାନ କରା ଯାଇଥିବା ଋଣ ୧୨ପ୍ରତିଶତରେ ସୀମିତ କରାଯାଉ, ମାଇକ୍ରୋ ଫାଇନାନ୍ସ ସଂସ୍ଥାକୁ ନିୟନ୍ତ୍ରଣ କରିବା ପାଇଁ ଆଇନ ପ୍ରଣୟନ କରାଯାଉ, ମାଇକ୍ରୋ ଫାଇନାନ୍ସ ସଂସ୍ଥା ଦ୍ୱାରା ମହିଳାଙ୍କ ଉପରେ ହେଉଥିବା ନିର୍ଯାତନା ଓ ଅଭିଯୋଗର ସମାଧାନ ନିମନ୍ତେ ପ୍ରତି ବ୍ଲକରେ ସ୍ୱତନ୍ତ୍ର ଅଭିଯୋଗ ନିବାରଣ ପ୍ରକୋଷ୍ଠ ଗଠନ, ମହିଳା ଶିଶୁ ବିକାଶ ବିଭାଗ ତରଫରୁ ମାଇକ୍ରୋ ଫାଇନାନ୍ସର ଶୋଷଣ ବିରୋଧରେ ସଚେତନତା କାର୍ଯ୍ୟକ୍ରମ ସହିତ ସେମାନଙ୍କୁ ମାଗଣା ସେବା ଯୋଗାଇ ଦିଆଯାଉ ବୋଲି

**୧୨ ତାରିଖରେ ବିକ୍ଷୋଭ କରିବାକୁ ଆହ୍ୱାନ**

ଦାବିପତ୍ରରେ ଉଲ୍ଲେଖ ରହିଛି । ଯଦି ଏହିସବୁ ଦାବିପ୍ରତି ଗୁରୁତ୍ୱ ଦିଆନଯାଏ ତେବେ ଆଗାମୀ ଡିସେମ୍ବର ୧୯ ତାରିଖରେ ଭୁବନେଶ୍ୱରରେ ରିଜର୍ଭ ବ୍ୟାଙ୍କ ଆଗରେ ବିକ୍ଷୋଭ କରାଯିବ । ଏହି ବିକ୍ଷୋଭରେ ଭଦ୍ରକ ଜିଲ୍ଲା ରୁ ବହୁ ସଂଖ୍ୟାରେ ମହିଳା ଯୋଗ ଦେବାପାଇଁ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ର ରାଜ୍ୟ ସମ୍ପାଦିକା ସୁରଜୀତା ନାୟକ, ଜିଲ୍ଲା ସଭାପତି ମମତା ଜେନା, ଜିଲ୍ଲା ସମ୍ପାଦିକା ପ୍ରଭାତୀ ଜେନା, ସୀତା ରାଣୀ ଦାଶ, ରୋଜାଲିନ ସାମ୍ୟବାଦୀ, ସଂଯୁକ୍ତ ଯାଦବ, ଶାନ୍ତିଲତା ବାରିକ, ପ୍ରତିମା ସ୍ୱାଇଁ, ଶାନ୍ତିଲତା ନାୟକ, ଜାନକୀ ସେଠୀ, ପୂର୍ଣ୍ଣିମା ଜେନା, ବର୍ଷାରାଣୀ ନାୟକ, ସୁମତୀ ସ୍ୱାଇଁ, ବର୍ଷା ରାଣୀ ରାଉଳ ପ୍ରମୁଖ ଆହ୍ୱାନ ଦେଇଛନ୍ତି ।

### ଭଣ୍ଡାରୀପୋଖରୀରେ ସାଇବର ସୁରକ୍ଷା ଅଭିଯାନ

## 'ସୋସିଆଲ ମିଡ଼ିଆ ବନ୍ଧୁ ପ୍ରକୃତ ବନ୍ଧୁ ନୁହେଁ'




**ଭଣ୍ଡାରିପୋଖରୀ/ବାରିକପୁର, ୧୦ ।୧୧ (ସମିସ):** ଭଣ୍ଡାରିପୋଖରୀ ବ୍ଲକ ସଭାଗୃହରେ ସାଇବର ସୁରକ୍ଷା ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଥାନା ଅଧିକାରୀ କମଳାକାନ୍ତ ଦାସଙ୍କ ସଂଯୋଜନା ଏବଂ ଅଧ୍ୟାପକ ଭରତ ଚନ୍ଦ୍ର କରଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ ଯୋଗଦେଇ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଆଡିସନାଲ ଏସ୍‌ପି ଅଂଶୁମାନ ଦ୍ୱିବେଦୀ ଯୋଗଦେଇ ସୋସିଆଲ ମିଡ଼ିଆରେ ଯୋଡି ହୋଇଥିବା ବନ୍ଧୁମାନଙ୍କ ମଧ୍ୟରୁ ଅଧିକାଂଶ ପ୍ରକୃତ ବନ୍ଧୁ ନୁହେଁ ବୋଲି ମତବ୍ୟକ୍ତ କରିଥିଲେ । ସାମ୍ପ୍ରତିକ ସମୟରେ ହ୍ୱାଟ୍ସଆପ, ଫେସବୁକ, ଇନଷ୍ଟଗ୍ରାମ ମାଧ୍ୟମରେ ସାଇବର ଠକମାନେ ଅପରାଧିକ ସାମ୍ରାଜ୍ୟ ବିସ୍ତାର କରୁଥିବା ବେଳେ ସେଥିରେ ସବୁବର୍ଗର ଜନସାଧାରଣ ଶିକାର ହେଉଛନ୍ତି । ତେଣୁ ଅଜଣା ଲୋକଙ୍କଠାରୁ ଆସୁଥିବା କଲ ଓ ସୂଚନା ଗ୍ରହଣ କରନ୍ତୁ ନାହିଁ ବୋଲି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପରାମର୍ଶ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ପୁଲିସ ଉପଖଣ୍ଡ ଅଧିକାରୀ ତ୍ରିଲୋଚନ ସେଠୀ ଯୋଗଦେଇ କିଭଳି ସାଇବର ଅପରାଧୀଙ୍କ କବଳରେ ନ ପଡ଼ିବେ ସେ ନେଇ ବିସ୍ତୃତ ସୂଚନା ଦେଇଥିଲେ । ଏବାବଦରେ ପ୍ରଶିକ୍ଷଣ ମଧ୍ୟ ଦିଆଯାଇଥିଲା । ନିମନ୍ତ୍ରିତ ଅତିଥି ଭାବେ ଏବିଡ଼ିଓ ନିଶିକାନ୍ତ ଖୁଣ୍ଟିଆ, ଜିଲ୍ଲା ପୋଲିସ ପକ୍ଷରୁ ବନ୍ଦନା ଦେବୀ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରିଣୀ ବିଳାସିନୀ ସେନାପତି, ସାନ୍ତ୍ୱନା ଦାସ, ଜିଲ୍ଲା ପରିଷଦ ସଭ୍ୟ ବଦ୍ରିନାରାୟଣ ରାଉତ ପ୍ରମୁଖ ସାଇବର ଅପରାଧ ସମ୍ପର୍କରେ ମତ ପ୍ରକାଶ କରିଥିଲେ । ଆୟୋଜିତ କର୍ମଶାଳାରେ ବ୍ଲକ କର୍ମଚାରୀଙ୍କ ସମେତ ଅଙ୍ଗନବାଡି କର୍ମୀ, ଏମବିକେ, ସିଆରପି, କଲେଜ ଛାତ୍ରଛାତ୍ରୀ ଓ ବିଭିନ୍ନ ପଞ୍ଚାୟତର ପ୍ରତିନିଧି ମାନେ ଯୋଗଦେଇଥିଲେ । ଜିଲ୍ଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ପୁଲିସ ପକ୍ଷରୁ ପ୍ରଥମେ ଥାନା ଛକ ଠାରୁ ବ୍ଲକ ଛକ ଯାଏଁ ସାଇବର ସଚେତନତା ଶୋଭାଯାତ୍ରା ବାହାରିଥିଲା ।

### ଉପଭୋକ୍ତାଙ୍କୁ ଲୁଟୁଛି ଟିପିଏନ୍‌ଓଡିଏଲ୍

# ଚଢ଼ଉ ନ କରି କମ୍ପାନୀ କରୁଛି ଜରିମାନା

**ଦୋବଲ, ୧୦ ।୧୧(ସମିସ):** ବିଦ୍ୟୁତ ବିତରଣ କଂପାନୀ ଟିପିଏନ୍‌ଓଡିଏଲ୍ (ଟାଟା ପାୱାର) ଗ୍ରାହକଙ୍କୁ ଲୁଟୁଥିବା ଅଭିଯୋଗ ହୋଇଛି । ନଦୀଗାଁ ଷ୍ଟ୍ରକଚର ଅଧୀନରେ ଥିବା ଧାମନଗର ବ୍ଲକ ଫଳପୁର ଗାଁର ସୁରତୀ ନାୟକ ଅଭିଯୋଗ କରିଛନ୍ତି ଯେ, ଟାଟା ପାୱାର ଏନଫୋର୍ସମେଣ୍ଟ ଟିମ୍ ତାଙ୍କ ବିରୋଧରେ ମିଛ ଜରିମାନା ଲଗାଇଛି । ଏ ନେଇ ଟିପିଏନ୍‌ଓଡିଏଲ ଅସୁରାଳୀ ଅଫିସ ତରଫରୁ ତାଙ୍କୁ ଅବଗତ କରାଯିବା ପରେ ସେ ଚକିତ ହୋଇଛନ୍ତି । ସେ ଗତ ୧୦ ମାସ ଧରି ଚୋରାରେ ବିଦ୍ୟୁତ ବ୍ୟବହାର କରୁଥିଲେ । ଏଥିପାଇଁ ଏନଫୋର୍ସମେଣ୍ଟ ଟିମ୍ ତାଙ୍କ ବିରୋଧରେ ୨୨ ହଜାର ୧୧ ଟଙ୍କା ଜରିମାନା କରିଛନ୍ତି । ଏଥିସହ ତାଙ୍କ ସ୍ୱାମୀଙ୍କୁ ଡାକି ବିଦ୍ୟୁତ ବିଭାଗ କର୍ମଚାରୀ ଏକ ଚିଠି ଓ ରସିଦ ଦେଇଛନ୍ତି । ଚିଠିରେ ଦର୍ଶାଯାଇଛି ଯେ, ଗତ ଅକ୍ଟୋବର ୧୩ ତାରିଖରେ ଏନଫୋର୍ସମେଣ୍ଟ ଟିମ ତାଙ୍କ ଘରେ ଚଢ଼ଉ କରିଥିଲା । ଚଢ଼ଉ ବେଳେ ଜାଣିବାକୁ ପାଇଥିଲେ ଯେ, ସେ ବିଦ୍ୟୁତ ଚୋରି କରୁଛନ୍ତି । ୨୦୨୪ ଡିସେମ୍ବର ୨ରୁ ୨୦୨୫ ଅକ୍ଟୋବର ୧୩ ମଧ୍ୟରେ ସେ ୨୩୭୦ ୟୁନିଟ ବିଦ୍ୟୁତ ବ୍ୟବହାର କରିଛନ୍ତି । ଏ ବାବଦରେ ୟୁନିଟ ପିଛା ସର୍ବାଧିକ ତାରିଫ ଦର ୯ ଟଙ୍କା ୨୯ ପଇସା ହିସାବରେ ୨୨ ହଜାର ୧୧ ଟଙ୍କା ଜରିମାନା କରାଯାଇଛି । ତେବେ ଜରିମାନା ଚିଠି ପାଇବା ପରେ ସୁରତୀ ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି । ଅକ୍ଟୋବର ୧୩ରେ କୌଣସି ଏନଫୋର୍ସମେଣ୍ଟ ଟିମ ତାଙ୍କ ଘରକୁ ଆସିନଥିଲେ । ଏପରିକି ତାଙ୍କ ଘରେ କୌଣସି ଗୃହକୁ ବି ଯାଇନାହାନ୍ତି । ବିଦ୍ୟୁତ ଆଇନ-୨୦୦୩ର ଧାରା ୧୨୬ (ଖ) ଅନୁସାରେ ଚଢ଼ଉ କରିବାକୁ ଆସିଥିବା ଟିମ ବେଆଇନ ବିଦ୍ୟୁତ ବ୍ୟବହାର ସମ୍ପର୍କିତ ପ୍ରମାଣ ସଂଗ୍ରହ କରିବା କଥା । ଯଦି ଟାମ୍ପରିଂ ହୋଇଛି, ତାହାର ଭିଡିଓ କରିବା କଥା ଓ ହୁକ ପକାଇ ଜାଳୁଥିଲେ ବି ତାହାର ଫଟୋ ଉଠାଇବା କଥା । ଏମିତିକି ଚଢ଼ଉ ପରେ ତାଙ୍କୁ କୌଣସି ପ୍ରକାର ନୋଟିସ ବି ଦେଇନାହିଁ କମ୍ପାନୀ । କେବଳ ସୁରତୀଙ୍କ କ୍ଷେତ୍ରରେ ଏଭଳି ଘଟଣା ଘଟିନାହିଁ । ଏମିତି ବହୁ ଉପଭୋକ୍ତା ହଇରାଣ ହେଉଛନ୍ତି । ଜରିମାନା ଦେବାକୁ ବାଧ୍ୟ ହୋଇଛନ୍ତି । ବିଦ୍ୟୁତ କାର୍ଯ୍ୟାଳୟର ଜଣେ କର୍ମଚାରୀ ନିଜର ନାମ ଗୋପନ ରଖି କହିଛନ୍ତି ଯେ, ଏନଫୋର୍ସ ଟିମ୍ କେଉଁଠୁ ଆସନ୍ତି ଆମ ପାଖରେ କିଛି ସୂଚନା ନଥାଏ । ସେମାନେ ଫାଇନ କରିବା ପରେ କାଗଜପତ୍ର ଆମକୁ ଦେଇ ଯାଆନ୍ତି । ସୂଚନା ଥାଉକି, ବିଦ୍ୟୁତ ଚୋରି ଚଢ଼ଉ ପାଇଁ ଥାର୍ଡ ପାର୍ଟି କୁ ଦାୟିତ୍ୱ ଦିଆଯାଇଛି । ସେମାନେ ନିଜର ଟାର୍ଗେଟ ପୂରଣ ପାଇଁ ମନଇଚ୍ଛା ଚଢ଼ଉ କରିଥିବା ଦେଖାଇ ଫାଇନ ଲଗାଇଥାନ୍ତି । ଥାର୍ଡ ପାର୍ଟିଙ୍କ ଟାର୍ଗେଟ ପୂରଣ ନିଶାରେ ନିରୀହ ଗ୍ରାହକ ହଇରାଣ ହେଉଥିବା ଲୋକେ ଅଭିଯୋଗ କରିଛନ୍ତି । ଏନେଇ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ ନଜର ରଖିବା ଉଚିତ । ତେବେ ଉକ୍ତ ଟିମ୍ ଏହି ବେଆଇନ ଜରିମାନା ପାଇଁ ଶ୍ରୀମତୀ ନାୟକ ଆଇନ୍‌ର ଆଶ୍ରୟ ନେବେ ବୋଲି କହିଛନ୍ତି ।

## କଳମ ବଣରେ ଭର୍ତ୍ତି ଡ୍ରେନେଜ୍ ▸ ପାଚିଲା ଧାନ କ୍ଷେତରୁ ନିଷ୍କାସନ ହେଉନି ପାଣି



**ବାରିକପୁର, ୧୦ ।୧୧(ସମିସ):** ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସ୍ଥାନରେ ରହିଥିବା ଡ୍ରେନେଜ ନାଳଗୁଡିକର ଅବସ୍ଥା ଏବେ ଜରାଜୀର୍ଣ୍ଣ ପାଲଟିଯାଇଛି । ଅଧିକାଂଶ ଡ୍ରେନେଜ ନାଳ ପ୍ରାୟ ୫ବର୍ଷରୁ ଅଧିକ ହେବ ସଫା ହୋଇନଥିବା ବେଳେ ସେଗୁଡିକ କଳମ ବଣରେ ଭର୍ତ୍ତି ହୋଇଗଲାଣି । ଏହାଛଡା ନାଳ ସବୁ ଏଭଳି ଲତା ଗୁଳ୍ମରେ ଆଚ୍ଛାଦିତ ହୋଇଯାଇଛି ଯେ ତାହା ସ୍ଥାନେ ସ୍ଥାନେ ବଣ ବୁଦାର ଭ୍ରମ ସୃଷ୍ଟି କରୁଛି । ତେଣୁ ଚାଷ ଜମିରୁ ଜଳ ନିଷ୍କାସନ ପାଇଁ ବାଧା ସୃଷ୍ଟି ହେଉଛି । ସୂଚନା ଅନୁଯାୟୀ, ବୟାବନାପୁର ଗାଁ ନିକଟରୁ ଧାମନଗର ଦକ୍ଷିଣବାଡ଼ ଅଞ୍ଚଳକୁ ସଂଯୋଗ ହୋଇଥିବା କଣ୍ଟି ଡ୍ରେନେଜ ଅବସ୍ଥା ଏବେ ଶୋଚନୀୟ । ଡ୍ରେନେକ ନାଳର କୁରିକଣା, ନେନ୍ତିପୁର, ପଟାପୋଲ, ଉତ୍ତରାଗଡ଼ିଆ, କୁରିଗାଁ ସ୍ଥାନରେ କଳମ ଲତା ଭର୍ତ୍ତି ହୋଇରହିଛି । ତେଣୁ ନାଳ ସଂଲଗ୍ନ ଏକର ଏକର ପାଚିଲା ଧାନ କ୍ଷେତରୁ ଜଳ ନିଷ୍କାସନ ହେବା କଷ୍ଟକର ହୋଇଛି । ଧାନ କିଆରୀରୁ ନାଳ ଯୋଗେ ଦୃତ ଭାବେ ଜଳ ନିଷ୍କାସନ ନହେବା କାରଣରୁ ଚାଷୀ ହନ୍ତସନ୍ତ ହେଉଛନ୍ତି । ସେହିଭଳି ଜୋରାଗଡ଼ିଆ ଠାରୁ ବିରୋଳି ଗେଙ୍ଗୁଟି ଯାଏଁ ରହିଥିବା ସର୍ତା ନାଳ, ଛତାବର ଠାରୁ ପର୍ବତୀ ଯାଏଁ ରହିଥିବା ପୁରାତନ ଜଳ ନିଷ୍କାସନ ପଥ, ଅରେଇକଣା ଠାରୁ ବଣସାହି ଯାଏଁ ରହିଥିବା ଡ୍ରେନେଜ ନାଳ ଅତ୍ୟନ୍ତ ଜରାଜୀର୍ଣ୍ଣ । ଯଦିଓ ଏଗୁଡିକର ପୁନରୁଦ୍ଧାର ପାଇଁ ବିଭାଗ ପକ୍ଷରୁ ଟେଣ୍ଡର ଜରିଆରେ ବ୍ୟବସ୍ଥା ହୋଇଛି; କିନ୍ତୁ ଏଯାଏଁ କେଉଁଠି କାମ ଆରମ୍ଭ ହୋଇନାହିଁ । ପାର୍ବତୀ ସାଇଫନ ନିକଟରେ ଦଳ ସଫାକୁ ଛାଡିଦେଲେ ଆଉ କେଉଁଠି ବି ସଫେଇ କରାଯାଇନାହିଁ । ତେଣୁ ଏପରିସ୍ଥଳେ ଜଟିଳ ସମସ୍ୟା ସୃଷ୍ଟି କରୁଥିବା ସ୍ଥାନରେ ନାଳକୁ ଅସ୍ଥାୟୀ ଭାବେ ସଫେଇ ପାଇଁ ଦାବି ହୋଇଛି ।

## ଭାସିଯାଉଥିବା ୨ ନାବାଳିକାଙ୍କୁ ଉଦ୍ଧାର କରିଥିବା ଛାତ୍ର ସମ୍ବର୍ଦ୍ଧିତ

**ଧାମନଗର, ୧୦।୧୧ (ସମିସ):** ବୈତରଣୀ ନଦୀରେ ଭାସିଯାଉଥିବା ଧାମନଗର ଅଞ୍ଚଳର ୨ଜଣ ନାବାଳିକାଙ୍କୁ ଉଦ୍ଧାର କରିଥିବା ସାହସୀ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ହେମେନ୍ଦ୍ର ନାଥ ମହାନ୍ତି । ଏଥିସହିତ ସମ୍ପୃକ୍ତ ଛାତ୍ରଙ୍କ ପାଠପଢ଼ା ଦାୟିତ୍ୱ ମଧ୍ୟ ସେ ନେଇଛନ୍ତି । ପ୍ରକାଶ ଥାଉକି, ଦୁଇଦିନ ତଳେ ଧାମନଗର ବ୍ଲକ ଗାରଡେଶ୍ୱର ଗ୍ରାମର ୨ ଜଣ ନାବାଳିକା ବୈତରଣୀ ନଦୀର ସିଦ୍ଧେଶ୍ୱର ଘାଟରେ ଗାଧୋଉଥିଲେ । ଏହି ସମୟରେ ନଦୀର ପ୍ରଖର ସ୍ରୋତରେ ସେମାନେ ଭାସି ଯାଇଥିଲେ । ଏହାଦେଖି ନିଜର ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି ସେହି ଗାରଡ଼େଶ୍ୱର ଗାଁର ସୁରେନ୍ଦ୍ର ସେଠୀ ଓ ସତ୍ୟଭାମା ସେଠୀଙ୍କ ଏକମାତ୍ର ପୁତ୍ର ସତ୍ୟପ୍ରକାଶ ସେଠୀ(୧୪) ନିଜ ଜୀବନକୁ ବାଜି ଲଗାଇ ୨ ଜଣଙ୍କୁ ଉଦ୍ଧାର କରିଥିଲେ । ଏଥିପାଇଁ ବିଭିନ୍ନ




ମହଲରୁ ସମସ୍ତେ ସତ୍ୟପ୍ରକାଶଙ୍କୁ ପ୍ରଶଂସା କରିଥିବା ବେଳେ ଧନ୍ୟବାଦ ସହ ଶୁଭେଚ୍ଛା ଜଣାଇଛନ୍ତି । ଖବର ପାଇ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଶ୍ରୀ ମହାନ୍ତି ତାଙ୍କ ଗାଁରେ ପହଞ୍ଚି ଦୁଃସାହସିକ କାର୍ଯ୍ୟ ପାଇଁ ଭୂୟସୀ ପ୍ରଶଂସା କରିବା ସହ ଆଶୀର୍ବାଦ ପ୍ରଦାନ କରି ପ୍ରେରଣା ପାଇବା ପାଇଁ କିଛି ସାହସୀ ମହାପୁରୁଷଙ୍କ ଜୀବନୀ ପୁସ୍ତିକା, ଉତରୀୟ, ପୁଷ୍ପଗୁଚ୍ଛ, ଓ ଉପଢୌକନ ପ୍ରଦାନ ପୂର୍ବକ ସତ୍ୟପ୍ରକାଶଙ୍କୁ ସମ୍ବଦ୍ଧିତ କରିଥିଲେ । ଏଥିସହିତ ପ୍ରଥମାଷ୍ଟମୀ ଉପଲକ୍ଷେ ନୂତନ ବସ୍ତ୍ର ପାଇଁ ଆର୍ôଥକ ସହାୟତା ସହ ମିଷ୍ଟାନ୍ନ ଖୁଆଇ ଶ୍ରୀ ମହାନ୍ତି ତାଙ୍କୁ ଆଶୀର୍ବାଦ କରିଥିଲେ । ଆଗାମୀ ୫ ବର୍ଷ ପାଇଁ ତାଙ୍କୁ ସହଯେଗା କରିବାକୁ ସେ ପ୍ରତିଶ୍ରୁତି ଦେଇଥିଲେ । ସୂଚନାଯୋଗ୍ୟ, ସତ୍ୟପ୍ରକାଶ ସ୍ଥାନୀୟ ଯଯାତି କେଶରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ୮ମ ଶ୍ରେଣୀରେ ଅଧ୍ୟୟନରତ ।

## ଜିଲ୍ଲାପାଳଙ୍କ ଜନଶୁଣାଣି; ୩୮ ଅଭିଯୋଗର ତତ୍କାଳ ସମାଧାନ




**ଭଦ୍ରକ, ୧୦ ।୧୧(ସମିସ):** ସୋମବାର ଚାନ୍ଦବାଲି ବ୍ଲକ ପରିସରରେ ଜିଲ୍ଲାପାଳଙ୍କ ଏକ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦିଲୀପ ରାଉତରାଏ, ଆରକ୍ଷୀ ଅଧୀକ୍ଷକ ମନୋଜ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସରୋଜ ଦଉ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ, ଶୁଭେନ୍ଦ୍ର ସାମଲ, ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ ସୁଧିର୍ରଞ୍ଜନ ନାୟକ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଡେପୁଟି କଲେକ୍ଟର ଜ୍ଞାନରଞ୍ଜନ ସାହୁ, ଚାନ୍ଦବାଲି ବିଡିଓ ସଞ୍ଜୀବ ମହାପାତ୍ର, ତହସିଲଦାର ଭବତୋଷ ମଲିକ ଓ ଅନ୍ୟ ବିଭାଗର ଅଧିକାରୀ ଯୋଗଦେଇଥିଲେ । ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଦାଖଲ ହୋଇଥିବା ଅଭିଯୋଗ ପତ୍ରକୁ ସମାଧାନ ପାଇଁ ପଦକ୍ଷେପ ନେଇଥିଲେ । ଆଜିର ଶିବିରରେ ମୋଟ ୨୦୪ ଆବେଦନପତ୍ର ଦାଖଲ ହୋଇଥିଲା । ସେଥିରୁ ୧୬୮ଟି ବ୍ୟକ୍ତିଗତ ଥିବାବେଳେ ୩୬ଟି ସାମୁହିକ ଥିଲା । ଶିବିରରେ ୩୮ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ରୁ ୨ ଜଣଙ୍କୁ ଓ ରେଡକ୍ରସରୁ ୩ ଜଣଙ୍କୁ ୩୭ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ଆଜିର ଜନଶୁଣାଣିରେ ମୁଖ୍ୟତଃ ଚାଷୀ ପଞ୍ଜୀକରଣ, ମଧୁବାବୁ ପେନସନ, ପିଏମ ଆବାସ ଯୋଜନାରେ ଗୃହ ବଣ୍ଟନ, ଜମିଜମା ସମ୍ପର୍କିତ, ସରକାରୀ ଜମିରେ ବସବାସ କରୁଥିବା ଲୋକଙ୍କୁ ଉଚ୍ଛେଦ ବଦଳରେ ଜମି/ଗୃହ ଆବଣ୍ଟନ ଅଭିଯୋଗ ସହିତ ଚିକିତ୍ସା ପାଇଁ ଆର୍ôଥକ ସହାୟତା ଦରଖାସ୍ତ ହସ୍ତଗତ ହୋଇଥିଲା ।

## ଭଦ୍ରକରେ ଡ. ଅଗ୍ରୱାଲ ଚକ୍ଷୁ ଚିକିତ୍ସାଳୟ ଶୁଭାରମ୍ଭ




**ଭଦ୍ରକ, ୧୦ ।୧୧(ସମିସ):** ଭଦ୍ରକ ସାଳନ୍ଦୀ ବାଇପାସ ରାସ୍ତା ମେନ୍‌ରୋଡରେ ରାଜ୍ୟ ପ୍ରତିଷ୍ଠିତ ଘରୋଇ ଚକ୍ଷୁ ଚିକିତ୍ସାଳୟ ଡ.ଅଗ୍ରୱାଲ ଚକ୍ଷୁ ଚିକିତ୍ସାଳୟର ଏକ ଶାଖା ସୋମବାର ଉଦଘାଟିତ ହୋଇଯାଇଛି । ଦେଶରେ ଏହା ୧୧୮ତମ ଓ ଓଡ଼ିଶାରେ ଏହା ୧୬ତମ ଶାଖା । ଅଭିଜ୍ଞ ଚିକିତ୍ସକ ଓ ଅତ୍ୟାଧୁନିକ ଯନ୍ତ୍ରାଂଶରେ ଏଠାରେ ଚକ୍ଷୁରୋଗୀଙ୍କ ଚିକିତ୍ସା କରାଯିବ ବୋଲି ଉଦଘାଟନ କରି ଡିଜିଏମ୍ ଡାକ୍ତର ପିକେ ମହାନ୍ତି ସୂଚନା ଦେଇଛନ୍ତି । ଏହି ଉଦଘାଟନ ବେଳେ କ୍ଲିନିକାଲ ହେଡ୍ ଡାକ୍ତର ନବରିନ ଧନକୁଆ, ମ୍ୟାନେଜର ଜ୍ୟୋତିରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ସରକାରୀ ଜମି ଜବରଦଖଲ ଉଚ୍ଛେଦ ଓ ଟ୍ରାଫିକ୍ ସମସ୍ୟା ଦୂର କେବେ

ଧାମନଗର, ୧୦ ।୧୧(ସମିସ)



ଧାମନଗର ଏନଏସି ଘୋଷଣା ହେବାପରେ ବିଭିନ୍ନ ଉନ୍ନତିକରଣ କାର୍ଯ୍ୟ, ସହରାଞ୍ଚଳର ଅଭିବୃଦ୍ଧି ହେତୁ ଅତ୍ୟଧିକ ଜନ ସମାଗମ ବଢ଼ିବାରେ ଲାଗିଛି । ଏପରିକି ସହରେ ଟ୍ରାଫିକ ସମସ୍ୟା ବୃଦ୍ଧି ପାଉଛି । ଧାମନଗର ସହର ମାନ୍ୟତା ପାଇବା ପରେ ବହୁ ଛୋଟ ବଡ଼ ଦୋକାନ ମଧ୍ୟ ଖୋଲିଛି । ଦୋକାନୀ ଓ ଉଠା ଦୋକାନୀ ରାସ୍ତା ଉଭୟ ପାର୍ଶ୍ୱରେ ସେମାନଙ୍କ ପସରା ମେଲାଇ ବ୍ୟବସାୟ କରୁଥିବାବେଳେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି । ଫଳରେ ସାନ ବଜାର ଠାରୁ ମେଡିକାଲ ବଜାର ପର୍ଯ୍ୟନ୍ତ ରାସ୍ତାଟି ବହୁ ସମୟରେ ଗହଳି ହୋଇ ଯାତାୟତରେ ଘୋର ବାଧା ସୃଷ୍ଟି ହେବା ସହ ଘଣ୍ଟାଂ ଘଣ୍ଟାଂ ଧରି ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି । ବିଶେଷ କରି ସପ୍ତାହର ଦୁଇଦିନ ରବିବାରରେ ଓ ବୁଧବାର ସାପ୍ତାହିକ ହାଟ ହେତୁ ଅଧିକ ଗହଳି ହେଉଛି । ସେଥି ମଧ୍ୟରୁ ରବିବାର ଛୁଟି ଦିନ ଥିବାରୁ କମ ଗହଳି ହେଉଥିବା ସ୍ଥଳେ ବୁଧବାର ସମସ୍ତ କାର୍ଯ୍ୟାଳୟ ଖୋଲା ରହୁଥିବାରୁ ଦୀର୍ଘ ସମୟ ଧରି ରାସ୍ତା ଜାମ ରହୁଛି । ଫଳରେ ଆମ୍ବୁଲାନ୍ସ, ଦମକଳ ଗାଡ଼ି ଏପରିକି ପୁଲିସ ଗାଡ଼ି ମଧ୍ୟ ଫଶି ରହୁଛି । ଏଥିପାଇଁ ପୁଲିସକୁ ନାକେଦମ ହେବାକୁ ପଡୁଛି । ସାନ ବଜାରଠାରୁ ମେଡିକାଲ ବଜାରଯାଏ ୫ଟି ବ୍ୟାଙ୍କ ରହୁଥିବାରୁ କାର୍ଯ୍ୟ ଦିବସରେ ବହୁ ଜନ ସମାଗମ ହେଉଛି । କେତେକ ସମୟରେ ଟ୍ରାଫିକ ସମସ୍ୟାକୁ ନେଇ ବିଗତ ଦିନରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି । ଜିଲ୍ଲା ପ୍ରଶାସନ ଏହାର ସ୍ଥାୟୀ ସମାଧାନ ଓ ଦୂରୀକରଣ ନିମନ୍ତେ ଧାମନଗର ଏନଏସି ପରିଷଦ ଅନ୍ତର୍ଗତ ସ୍ୱାଗତ ତୋରଣ ପାଖରୁ ଧାମନଗର କଲେଜ ପର୍ଯ୍ୟନ୍ତ ରାସ୍ତାରେ ଡିଭାଇଡର ନିର୍ମାଣ ପୂର୍ବକ ଦୁଇଥାକିଆ ରାସ୍ତା କରାଯାଉ ବୋଲି ଲୋକେ ଦାବି କରୁଛନ୍ତି । ଏଥିସହିତ ବଡ଼ ଓ ସାନ ବଜାର ଛକରେ ଗୋଲେଇ ନିର୍ମାଣ ଏବଂ ଜୟନଗର ଠାରୁ ମେଡିକାଲ ବଜାର ଯାଏ ଏକ ବାଇପାସ ରାସ୍ତା ନିର୍ମାଣ କରାଯାଉ । ଏଥି ସହିତ ସହରୀ ମାଷ୍ଟରପ୍ଲାନ ପ୍ରସ୍ତୁତ ପୂର୍ବକ ଘର ଓ ଦୋକାନ ଘର ନିର୍ମାଣ କରୁଥିବା ଲୋକଙ୍କୁ ଡ୍ରେନ ନିର୍ମାଣ ପାଇଁ ବାଧ୍ୟତାମୂଳକ କରାଯାଉ । ତେବେ ରାଜ୍ୟରେ ସରକାର ବଦଳିବା ପରେ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରିବା ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ଏହି ପରିପ୍ରେକ୍ଷୀରେ ଧାମନଗର ରାଜସ୍ୱ ସର୍କଲ ଅଧୀନରେ ଥିବା ତହସିଲ ଓ ବ୍ଲକରୁ ଆରମ୍ଭ କରି କଲେଜ ପର୍ଯ୍ୟନ୍ତ ଏବଂ ଜଗୁ ସାଗର ପୋଖରୀର ତିନି ପାର୍ଶ୍ୱରେ ଫିସରୀ ଜମି ଉପରେ ଦୋକାନ ଓ ବାସଗୃହ ନିର୍ମାଣ, ଥାନା ଗେଟ ସମ୍ମୁଖରେ ମାର୍କେଟ କମ୍ପଲେକ୍ସ, ମେଡିକାଲ ବଜାର ନିକଟସ୍ଥ ପୂର୍ବ ପଞ୍ଚାୟତ କାର୍ଯ୍ୟାଳୟର ସରକାରୀ ଜମି ଉପରେ ମହାପାତ୍ର ମାର୍କେଟ କମ୍ପଲେକ୍ସ ନିର୍ମାଣ, ପଶୁ ସମ୍ପଦ ଚିକିତ୍ସା କେନ୍ଦ୍ରର ସରକାରୀ ଜମି ଉପରେ କୋଠା ଘର ନିର୍ମାଣ, ସାନ ବଜାର ଛକରୁ ତେଲ ଟାଙ୍କି, କୋର୍ଟ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ସରକାରୀ ଜମି ଉପରେ କେନାଲକୁ ପୋତି ଦୋକାନ ଘର ନିର୍ମାଣ କରି ଭଡା ଆଦାୟ କରାଯାଉଥିବାର ଅଭିଯୋଗ ହେଉଛି । ତେବେ ଉଭୟ ପାର୍ଶ୍ୱରେ ସରକାରୀ ଜମି ଜବରଦଖଲ ଉଚ୍ଛେଦ ଏବଂ ରାସ୍ତାରେ ଉଠା ଦୋକାନ ଦ୍ୱାରା ଟ୍ରାଫିକ ସମସ୍ୟା ଉପରେ ଭଦ୍ରକ ଜିଲ୍ଲାପାଳ, ସ୍ଥାନୀୟ ତହସିଲଦାର, ବିଧାୟକ ତଥା ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଜବରଦଖଲ ଉଚ୍ଛେଦ ସହିତ ସମସ୍ୟାର ସମାଧାନ କରିବା ପାଇଁ ସାଧାରଣ ଜନତା ଓ ବୁଦ୍ଧିଜୀବୀ ମହଲରେ ଦାବି କରିଛନ୍ତି ।

**ପୁଣି ଚରମ୍ପାରୁ ଲୁଟ୍**

# ଶିଶୁକୁ ଖୁଆଇବା ବେଳେ ନେଇଗଲେ ୧୦ ଭରି ସୁନା

ଭଦ୍ରକ,୧୦ ।୧୧(ସମିସ)



କୌଣସି ଉତ୍ସବରେ ଯୋଗଦେଇ ଜଣେ ମହିଳା ଫେରୁଥିବାବେଳେ ରାସ୍ତାରେ ଛୋଟଛୁଆକୁ ଖାଇବାକୁ ଦେଉଥିଲେ। ଏହି ସମୟରେ ତାଙ୍କଠାରୁ ୧୦ ଭରି ଓଜନର ସୁନା ଓ ରୁପା ଅଳଙ୍କାର ଭର୍ତ୍ତି ବ୍ୟାଗକୁ ଲୁଟିନେଲେ ଦୁର୍ବୃତ୍ତ। ସୂଚନା ଅନୁଯାୟୀ, ଜଗତସିଂପୁର ଅଞ୍ଚଳର ପଦ୍ମଲୋଚନ ସ୍ୱାଇଁ ଓ ତାଙ୍କ ପତ୍ନୀ ଚିନ୍ମୟୀ ସାହୁ ବାଲେଶ୍ୱରରେ ଏକ ଘରୋଇ କମ୍ପାନୀରେ କାମ କରନ୍ତି। କୌଣସି ଘରୋଇ କାର୍ଯ୍ୟକ୍ରମ ପାଇଁ ସେ କଟକ ଯାଇଥିଲେ। ସେଠାରୁ ବାଇକ୍ ଯୋଗେ ଫେରିବାବେଳେ ଚିନ୍ମୟୀ ତାଙ୍କ ଛୁଆକୁ ୧୬ ନମ୍ବର ଜାତୀୟ ରାଜପଥର ଭଦ୍ରକ ସହରାଞ୍ଚଳ ଥାନା ଅଧୀନ ଚରମ୍ପା ସର୍ଭିସ୍‌ରୋଡ କଡରେ ଥିବା କପିଳା ସାହୁଙ୍କ ଜଳଖିଆ ଦୋକାନରେ ପୂର୍ବାହ୍ନ ସାଢ଼େ ୧୧ଟା ବେଳେ ଖୁଆଇବା ପାଇଁ ଅଟକିଥିଲେ। ପିଲାକୁ ଖୁଆଇବା ବେଳେ ଚିନ୍ମୟୀଙ୍କ ଭ୍ୟାନିଟି ବ୍ୟାଗରେ ଥିବା ୧୦ ଭରି ଓଜନର ସୁନା ଓ ରୁପା ଗହଣା ନେଇ ଲୁଟେରା ଚମ୍ପଟ ମାରିଥିଲା। ତେବେ ସେ ଏ ନେଇ ସଙ୍ଗେ ସଙ୍ଗେ ଭଦ୍ରକ ଟାଉନ ପୁଲିସକୁ ଜଣାଇବା ପରେ ପୁଲିସର ୨ଟି ଟିମ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ନିକଟରେ ଗତ ଅକ୍ଟୋବର ମାସ ୧୦ ତାରିଖ ଦିନ ଭଦ୍ରକ ଟାଉନ ଥାନା ଅନ୍ତର୍ଗତ ଚରମ୍ପାର ଷ୍ଟେସନ ରୋଡ଼ରୁ ୪ ଲକ୍ଷ ୬୦ ହଜାର ଟଙ୍କା ଲୁଟ୍ ହୋଇଥିଲା। ତେବେ ପୁଲିସ ଉକ୍ତ ଲୁଟ୍ ଟଙ୍କାରୁ ୪ଲକ୍ଷ ୧୦ହଜାର ଟଙ୍କା ଜବତ କରି ଟଙ୍କାର ମାଲିକ ଗୌରହରି ମହାନ୍ତିଙ୍କୁ ଫେରାଇ ଦେଇଥିଲେ।

# ଅନ୍ୟ ପାଇଁ ପ୍ରେରଣା ପାଲଟିଛନ୍ତି ଦୀପକ

**ଜୀବନର କେତେ ରଙ୍ଗ**

ଭୁବନେଶ୍ୱର, ୧୦।୧୧(ସମିସ): ସବୁଦିନ ଭଳି ସେଦିନ ବି ବସ୍ ଚଢ଼ି ସ୍ୱପ୍ନ ଖୋଜିବାକୁ ଯାଇଥିଲେ। ହେଲେ ନିୟତିର ନିୟମ ଆଗରେ ସବୁ କିଛି ଯେମିତି ଓଲଟପାଲଟ ହେଇଗଲା। ଆଖି ପିଛୁଳାକେ ସୁସ୍ଥ ସବଳ ମଣିଷର ପରିଚୟ ବଦଳିଗଲା। ଭାଗ୍ୟକୁ ନା ଆଉ କାହାକୁ ଦୋଷ ଦେବା ଆଗରୁ ସବୁ କଷ୍ଟ ଯନ୍ତ୍ରଣା ନିଜକୁ ଭୋଗିବାକୁ ପଡ଼ିଥିଲା।



ଏ ହେଉଛନ୍ତି ଦୀପକ କୁମାର ଦାସ। ଭଦ୍ରକ ଜିଲ୍ଲାର ଭଣ୍ଡାରିପୋଖରୀ ଅନ୍ତର୍ଗତ ତଠଙ୍ଗା ଗ୍ରାମରେ ତାଙ୍କ ଘର। ସମୟର ପଶାପାଲି ଖେଳରେ ସିନା ନିଜ ଗୋଡ଼ ହରାଇ ବସିଛନ୍ତି ହେଲେ ଦୃଢ଼ ଇଚ୍ଛା ଶକ୍ତି ଆଜି ବି ତାଙ୍କୁ ବାଟ ଚଲାଇବାରେ ସାହାଯ୍ୟ କରୁଛି। ଘରର ବଡ଼ ପୁଅ ହିସାବରେ ଯେଉଁ ଦାୟିତ୍ୱର ଦାୟାଦ ସେ ପାଲଟି ଥାଆନ୍ତେ ସେଥିରୁ ସେ ଓହରି ଯାଇ ନାହାନ୍ତି କି ହାର ମାନିନାହାନ୍ତି। ହଁ ଯା ଭିତରେ ସ୍ୱପ୍ନ ବଦଳିଛି, ସାହାରା ବଦଳିଛି ହେଲେ ସଂଘର୍ଷର ସ୍ରୋତରେ ନିଜେ ନିଜ ଜୀବନର ଆହୁଲା ମାରି ଆଗେଇ ଚାଲିଛନ୍ତି ଦୀପକ। ସମ୍ଭବତଃ ଅନ୍ୟମାନଙ୍କ ପାଇଁ ପ୍ରେରଣାର ପ୍ରଦୀପ ପାଲଟିଛନ୍ତି।

ସେଦିନର ଦୁର୍ଘଟଣା ତାଙ୍କ ଜୀବନର ଏକ ଭିନ୍ନ ମୋଡ଼ ଆଣି ଦେଇଥିଲା। ଦ୍ୱାଦଶରେ ପଢୁଥିବାବେଳେ ବସ୍ ଯୋଗେ ପରୀକ୍ଷା ଦେବାକୁ ଘରୁ କଲେଜ ବାହାରିଥିଲେ। ହେଲେ ସେଦିନର ଦୁର୍ଘଟଣା ଯୋଗୁଁ ତାଙ୍କ ଗୋଡ଼ରେ ଗଭୀର ଭାବେ ଆଘାତ ଦେଇଥିଲା। ଫଳରେ ତାଙ୍କୁ ଏକ ପାର୍ଶ୍ୱ ଗୋଡ଼ ହରାଇବାକୁ ପଡ଼ିଥିବାବେଳେ ଅନ୍ୟ ପାର୍ଶ୍ୱର ଚାଲିବା ଶକ୍ତି ମଧ୍ୟ ଚାଲିଗଲା। ସେପଟେ ଘରର ଆର୍ଥିକ ସ୍ଥିତି ଠିକ୍ ନଥାଏ। ହେଲେ ପାଠପଢ଼ିବାର ତାଙ୍କ ଇଚ୍ଛା ସେଇଠି ଅଟକି ଯାଇ ନଥିଲା। ଅପରେସନରେ ଗୋଡ଼ କଟାଯିବାର ୪ ବର୍ଷ ପର୍ଯ୍ୟନ୍ତ ସେ ଶଯ୍ୟାଶାୟୀ ଥିଲେ। ପରେ ଟିକେ ସୁସ୍ଥ ହେବା ପରେ ପୁଣି ପାଠପଢ଼ିବାକୁ ମନସ୍ଥ କଲେ। ଯାଜପୁର ଏକ କଲେଜରେ ନିଜର ସ୍ନାତକ ସାରି ଏବେ ଓଡ଼ିଆରେ ସ୍ନାତକୋତ୍ତର ରାଜଧାନୀ ମହାବିଦ୍ୟାଳୟରେ କରୁଛନ୍ତି। ସେଥିପାଇଁ ତାଙ୍କୁ ପ୍ରତିଦିନ ଭଦ୍ରକରୁ ଭୁବନେଶ୍ୱର ବସ ଯୋଗେ ଯିବା ଆସିବା କରିବାକୁ ପଡ଼ିଥାଏ। ସକାଳ ୫ଟାରୁ ଘରୁ ବାହାରିଲେ ରାତି ୯ଟାରେ ନିଜର କ୍ଲାସ କିମ୍ବା ପରୀକ୍ଷା ସାରି ଫେରିଥାନ୍ତି। ଏଥିପାଇଁ ତାଙ୍କୁ ଅଧ୍ୟାପକଙ୍କଠାରୁ ଆରମ୍ଭକରି ସହପାଠୀମାନେ ମଧ୍ୟ ସାହାଯ୍ୟ କରନ୍ତି। କେତେବେଳେ ପାଠପଢ଼ା ଏବଂ ନୋଟ୍‌ସ୍ ତିଆରିରେ ମଧ୍ୟ ଗାଇଡ୍ କରିଥାନ୍ତି। ତେଣୁ ଭବିଷ୍ୟତରେ ସେ ଆହୁରି ପାଠପଢ଼ି ଘରର ଆର୍ଥିକ ସମସ୍ୟା ଦୂର କରିବା ସହ ପରିବାର ଦାୟିତ୍ୱ ନେବାକୁ ଚାହୁଁଛନ୍ତି। ଆଗକୁ ଅଧ୍ୟାପକ ହେବାର ଲକ୍ଷ୍ୟ ମଧ୍ୟ ରଖିଛନ୍ତି। ଏଥିପାଇଁ ତାଙ୍କୁ ସମସ୍ତଙ୍କ ସହାୟତା ଓ ଆଶୀର୍ବାଦ ଆବଶ୍ୟକ ବୋଲି କୁହନ୍ତି। ହେଲେ ନିଜ ସ୍ୱପ୍ନ ବିଷୟରେ ସେ ଉତ୍ତର ଦେଇଥିଲେ ସଙ୍ଗୀତ କଳାକାର ହେବାର ସେ ପିଲାବେଳୁ ସ୍ୱପ୍ନ ଦେଖିଥିଲେ। ଯାହା ଆଜି ବି ତାଙ୍କ ମନରେ ସାଇତା ହୋଇ ରହିଛି। ସମୟ ମିଳିଲେ ସେ ଏକୁଟିଆ ବସି ସଙ୍ଗୀତ ଅଭ୍ୟାସ କରନ୍ତି ତ କେତେବେଳେ ସାମାଜିକ ଗଣମାଧ୍ୟମରେ ସଙ୍ଗୀତ ପ୍ରତିଭା ଦେଖାଇ ଲୋକଙ୍କ ଆଦର ସାଉଁଟିଥାନ୍ତି।

## ବିଦ୍ୟୁତ୍ ଆଘାତରେ ଶ୍ରମିକଙ୍କ ମୃତ୍ୟୁ

ବାସୁଦେବପୁର,୧୦ ।୧୧(ସମିସ): ଚିଙ୍ଗୁଡ଼ି ପ୍ଲାଣ୍ଟରେ କାମ କରୁଥିବା ସମୟରେ ବିଦ୍ୟୁତ ଆଘାତରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗୋପବନ୍ଧୁନଗରର ରବୀନ୍ଦ୍ର ରାଉତଙ୍କ ପୁଅ ଗୋବିନ୍ଦ। ବିନୋବାଭାବେ ନଗରଠାରେ ଥିବା ଏକ ଘରୋଇ ଚିଙ୍ଗୁଡ଼ି ପୋଖରୀରେ ସେ ଶ୍ରମିକ ଭାବରେ କାମ କରୁଥିଲେ। ଏହି ସମୟରେ ସେ ବିଦ୍ୟୁତ ସଂସ୍ପର୍ଶରେ ଆସି ଚେତାଶୂନ୍ୟ ହୋଇପଡ଼ିଥିଲେ। କିଛି ସମୟ ପରେ ପ୍ଲାଣ୍ଟରେ ଅନ୍ୟ ଜଣେ ଶ୍ରମିକ ପହଂଚିବା ପରେ ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ବାସୁଦେବପୁର ଡାକ୍ତରଖାନାକୁ ଆଣିଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

**● ପାଳବାଡିରୁ ଆମଦାନୀ ବିଳମ୍ବ**

# ପଞ୍ଚୁକ ପରେ ବି ପରିବା ଦର ଆକାଶ ଛୁଆଁ



ବାରିକପୁର,୧୦ ।୧୧(ସମିସ): ଗତ ଜୁନ-ଜୁଲାଇରୁ ଅକ୍ଟୋବର ନଭେମ୍ବର ମାସ ଯାଏଁ ପ୍ରାୟତଃ ବର୍ଷା ଲାଗି ରହିଥିଲା। ତେଣୁ ବର୍ଷା ଦିନିଆ ପନିପରିବାକୁ ଛାଡିଦେଲେ ଶୀତ ଦିନିଆ ପରିବା ଚାଷ ପାଇଁ ବିଳମ୍ବ ଦେଖାଦେଇଛି। ଫଳରେ ପଞ୍ଚୁକ ପରେ ବି ବଜାରରେ ପରିବାଦର ସୁଦ୍ଧା ଆକାଶ ଛୁଆଁ ରହିଛି। ଭଣ୍ଡାରିପୋଖରୀ ବ୍ଲକର ପଞ୍ଚୁକ ପୂର୍ବରୁ ସବୁଜ ପନିପରିବା ଦର ଯେତିକି ରହିଥିଲା ବ୍ରତ ଶେଷ ହେବା ପରେ ମଧ୍ୟ ମୂଲ୍ୟ ଅପରିବର୍ତ୍ତିତ ରହିଛି। ଏପରିକି କେତେକ ପରିବା ଦର ବୃଦ୍ଧି ମଧ୍ୟ ପାଇଛି। ମଞ୍ଜୁରୀରୋଡ଼, କୁଲଣା, ମାଳଦା, ଖୋଳାମୁହଁ, ବାରିକପୁର, ସରସଦା ପ୍ରମୁଖ ସ୍ଥାନରେ ଏବେବି ପରିବା ଦର ଆକାଶ ଛୁଆଁ ରହିଛି। ବର୍ଷା ଲାଗି ରହିବା କାରଣରୁ ବୈତରଣୀ ଓ ଗେଙ୍ଗୁଟି ନଦୀ ସଂଲଗ୍ନ ସ୍ଥାନରେ ରହିଥିବା ପାଳବାଡ଼ିରେ ପନି ପରିବା ଚାଷ ହୋଇପାରିନଥିଲା। ସପ୍ତାହେ କିମ୍ବା ଦୁଇ ସପ୍ତାହ ପୂର୍ବରୁ ସେଥିରେ ଚାରା ଲାଗିଥିବା ବେଳେ ଚାଷୀ ମାନେ ଏବେ ସେଗୁଡିକର ବେଉଷଣ କରୁଛନ୍ତି। ତେଣୁ ପାଳରୁ ପନିପରିବା ଆମଦାନୀ ହେବା ଆଉ ମାସେ ଲାଗିବ ବୋଲି ବିଭିନ୍ନ ଅଂଚଳର ଚାଷୀ ମାନେ କହିଛନ୍ତି। ତେଣୁ ଏପରିସ୍ଥଳେ ବାହାରୁ ଆସୁଥିବା ପରିବାର ମୂଲ୍ୟ କମ ହେଉନାହିଁ। କେବଳ କଖାରୁ, ଅମୃତଭଣ୍ଡା ଓ ପୋଇକୁ ଛାଡି ଦେଲେ ଅନ୍ୟ ସମସ୍ତ ସାମଗ୍ରୀ କିଣିବା ସାଧାରଣ ଖାଉଟିଙ୍କ ପାଇଁ କଷ୍ଟକର ହୋଇ ପଡୁଛି। ବଜାରରେ ବାଇଗଣ କେଜି ପ୍ରତି ୬୦ରୁ ୭୦ଟଙ୍କା ବିକ୍ରି ହେଉଥିବା ବେଳେ ଫୁଲକୋବି ୮୦, ବନ୍ଧା ୫୦, ସଜନା କେଜି ପ୍ରତି ୧୦୦, ଗାଜର ୬୦, ଭେଣ୍ଡି ୬୦, ଝୁଡ଼ଙ୍ଗ ୬୦, ବିମସ ୬୦ ଓ କଲରା କେଜି ପ୍ରତି ୮୦ଟଙ୍କାରେ ବିକ୍ରି ହେଉଛି। ଜଣେ ସାଧାରଣ ଲୋକ ୧୦୦/୨୦୦ଟଙ୍କା ନେଇ ବଜାରକୁ ଗଲେ ସମସ୍ତ ପରିବା ଏକାଥରେ କ୍ରୟ କରିବା ସମ୍ଭବ ହେଉନାହିଁ। ତେଣୁ ସ୍ଥାନୀୟ ଅଞ୍ଚଳର ପରିବା ,ବଜାର ଗୁଡ଼ିକୁ ନ ଆସିବା ଯାଏଁ ଲୋକେ ବର୍ଦ୍ଧିତ ମୂଲ୍ୟର ଶିକାର ହେବେ।

## ଶିକ୍ଷାବିତ୍‌ଙ୍କ ପରଲୋକ

ଧାମନଗର,୧୦ ।୧୧(ସମିସ): ଧାମନଗର ବ୍ଲକ ରାଧାବଲ୍ଲଭପୁର ପଂଚାୟତ ଷୋଳଗାଁର କଳା ଓ ଆଦର୍ଶ ଶିକ୍ଷକ ଚୈତନ୍ୟ ଚରଣ ଲେଙ୍କାଙ୍କ (୮୪) ବର୍ଷରେ ବାର୍ଦ୍ଧକ୍ୟ ଜନିତ କାରଣରୁ



ପରଲୋକ ଘଟିଛି। ସେ ସ୍ୱଭାବରେ ଜଣେ ଶାନ୍ତ, ସରଳ, ନମ୍ର ବ୍ୟକ୍ତିତ୍ୱ ସହିତ ଜଣେ ଆଦର୍ଶ ଓ ଛାତ୍ର ବତ୍ସଳ ଶିକ୍ଷକ ଭାବରେ ବହୁ ପରିଚିତ ଥିଲେ। ଶିକ୍ଷକତା ସହିତ ସାହିତ୍ୟ ଓ କଳା ଜଗତରେ ନିଜର ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲେ। ଯାଜପୁର ଦଶାଶ୍ୱମେଧ ଘାଟରେ ଶେଷକୃତ୍ୟ ସଂପନ୍ନ କରାଯାଇଛି। ବଡ ପୁଅ ଶିକ୍ଷକ ସୁବ୍ରତ ଲେଙ୍କା ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ଜିଲ୍ଲା ପରିଷଦ ଉପାଧକ୍ଷା ଟୁନିବାଳା ବିଶ୍ୱାଳ, ସରପଂଚ ପ୍ରିତମ ଦାସ, ସମିତିସଭ୍ୟ ସୂର୍ଯ୍ୟକାନ୍ତ ନାୟକ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଶୋକବ୍ୟକ୍ତ କରିଛନ୍ତ।

# ‘ମା, ମାଟି ଓ ମଣିଷଙ୍କ ସେବା ଏନ୍‌ଏସ୍‌ଏସ୍‌ର ମୂଳ ମନ୍ତ୍ର’




ଅସୁରାଳି,୧୦ ।୧୧(ସମିସ): ସାରଦା ଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା ଅଧୀନରେ ଚାଲିଥିବା ସ୍ୱତନ୍ତ୍ର ସେବା ଶିବିରର ୫ମ ଦିନର ପ୍ରଥମ ଅଧିବେଶନ ଉତ୍ସାହ ଓ ଉଦ୍ଦୀପନାରେ ଅନୁଷ୍ଠିତ ହେଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଲାୟନସ କ୍ଲବର ପି.ଡି.ଜି. ପ୍ରକାଶ କୁମାର ଜେନା ଓ ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ପ୍ରଦୀପ ମହାପାତ୍ର ଉପସ୍ଥିତ ଥିଲେ। ପ୍ରଦୀପ ମହାପାତ୍ର ତାଙ୍କ ଉଦ୍‌ବୋଧନରେ ଶିବିରାର୍ଥୀ ଛାତ୍ରଛାତ୍ରୀଙ୍କୁ ଦେଶସେବା ପ୍ରତି ନିବେଶିତ ହେବାକୁ ଆହ୍ୱାନ କରି କହିଥିଲେ, ‘ମା, ମାଟି ଓ ମଣିଷଙ୍କ ସେବା ହେଉଛି ଏନ୍‌ଏସ୍‌ଏସ୍‌ର ମୂଳ ମନ୍ତ୍ର।’ ପ୍ରକାଶ କୁମାର ଜେନା ମଧ୍ୟ ତାଙ୍କ ଅଭିଭାଷଣରେ ଯୁବପିଢ଼ିଙ୍କୁ ସାମାଜିକ ଦାୟିତ୍ୱ ବୋଧ ଓ ନୈତିକ ମୂଲ୍ୟବୋଧ ଉନ୍ନତ କରିବା ପାଇଁ ପ୍ରେରିତ କରିଥିଲେ। ଅପରାହ୍ନ ଅଧିବେଶନରେ ପ୍ରାକ୍ତନ ଅଧକ୍ଷ ବିଶ୍ୱମ୍ବର ଦାସ, ଧୂଷୁରୀ ପ୍ରେସ ୟୁନିଅନ କୋଷାଧକ୍ଷ ରତିକାନ୍ତ ନାୟକ ଓ ଅଧ୍ୟାପକ ଶ୍ରୀଧର ସାହୁ ଯୋଗ ଦେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ। ସେମାନେ ନୈତିକ ଶିକ୍ଷା ମାଧମରେ ସେବା ଓ ଏକତାର ମୂଲ୍ୟ ବିକାଶ ଉପରେ ଜୋର ଦେଇଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ଅଧ୍ୟାପକ ପ୍ରଭାତ ଧଳ ଦକ୍ଷତାର ସହିତ ପରିଚାଳନା କରିଥିଲେ। ଶିବିର ମାଧମରେ ଛାତ୍ରଛାତ୍ରୀମାନେ ନିଜ ଜୀବନରେ ଏକ ଉତମ ନାଗରିକ ଭାବେ ଗଢିଉଠିବା ପାଇଁ ନୈତିକ ଓ ସାମାଜିକ ଶିକ୍ଷା ଅନୁଭବ କରୁଛନ୍ତି।

# ଶ୍ରୀଜଗନ୍ନାଥ ମହୋତ୍ସବର ତୃତୀୟ ସନ୍ଧ୍ୟା

ଅସୁରାଳି,୧୦ ।୧୧(ସମିସ): ବିଶ୍ୱର ସକଳ ଧର୍ମଶାସ୍ତ୍ରର ସାରତତ୍ୱ ଶ୍ରୀଜଗନ୍ନାଥ ସଂସ୍କୃତିରେ ଅନୁଭବନୀୟ, ଅଥଚ ଏହି ସଂସ୍କୃତି କୈଣସି ଧର୍ମଧାରାରେ ସୀମାବଦ୍ଧ ନୁହେଁ। ଜଗନ୍ନାଥ ସଂସ୍କୃତିରେ କୌଣସି ପ୍ରକାର ଆଂଚଳିକ ସଂକୀର୍ଣ୍ଣତା ନାହିଁ। ଏହା ଅତୀତ, ବର୍ତମାନ ଓ ଭବିଷ୍ୟତର ସଂଯୋଗକାରୀ ସେତୁ। ପରିବର୍ତ୍ତିତ ସ୍ଥିତିରେ ଏହାର ବାହ୍ୟ ରୂପର ପରିବର୍ତନ ଘଟିଥିଲେ ହେଁ ମୂଳତତ୍ୱ ଅପରିବର୍ତିତ ରହିଛି। ପରିଣାମ ସ୍ୱରୂପ ବିଶ୍ୱର ସକଳ ସଂସ୍କୃତି ମଧ୍ୟରେ ଏହା ସମନ୍ୱୟ ପ୍ରତିଷ୍ଠା କରିପାରିଛି। ଜଗନ୍ନାଥ ସଂସ୍କୃତି ସମସ୍ତ ଜାତି, ଧର୍ମ, ପ୍ରଥା, ପରମ୍ପରା ଓ ସଂସ୍କୃତିକୁ ପ୍ରଶ୍ରୟ ଦେଇଛି। ନିଜେ ବଂଚିବା ଓ ଅନ୍ୟକୁ ବଂଚାଇବା ଏହାର ମୌଳିକ ନୀତି। ଏହି ସଂସ୍କୃତିରେ ଏକତା, ସମାନତା, ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଓ ଭ୍ରାତୃତ୍ୱର ବାଣୀ ଅତି ସୁସ୍ପଷ୍ଟ। ଚତୁର୍ଦ୍ଧା ମୂର୍ତିଙ୍କର ଚାରିଗୋଟି ବର୍ଣ୍ଣ ସମଗ୍ର ମାନବ ଜାତିର ବିଭିନ୍ନ ରଙ୍ଗର ନିଦର୍ଶନ।




ଏହି ଜଗନ୍ନାଥ ସଂସ୍କୃତି ର ପ୍ରଚାର ପ୍ରସାର ଘଟାଉଛି ଗୋବିନ୍ଦପୁର ରେ ଚାଲୁଥିବା ୧୩୩ ତମ ଜଗନ୍ନାଥ ମହୋତ୍ସବ। ଉକ୍ତ ମହୋତ୍ସବ ର ତୃତୀୟ ସନ୍ଧ୍ୟାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ତଥା ଜଗନ୍ନାଥ ପ୍ରେମୀ ପହଂଚି ଜଗନ୍ନାଥ ସଂସ୍କୃତି ର ନିଦର୍ଶନ ଓ ସାର ତତ୍ୱ କୁ ବ୍ୟାଖ୍ୟା କରିଥିଲେ। ଏହି ପରିପ୍ରେକ୍ଷୀରେ ସୃଷ୍ଟି ହୋଇଥିବା ସଭାରେ ସଭାପତିତ୍ୱ ସାମ୍ବାଦିକ ସନ୍ତୋଷ ଦାସ କରିଥିଲେ। ସଭା ସଂଚାଳନ କରିଥିଲେ ଧୁଷୁରୀ ପ୍ରେସ୍ ୟୁନିଅନ କୋଷାଧକ୍ଷ ରତିକାନ୍ତ ନାୟକ। ମୁଖ୍ୟ ଅତିଥି ଭାବେ ସଙ୍ଗୀତ ନିର୍ଦ୍ଦେଶନା ସୁବାଷ ରାଓ ଯୋଗଦେଇ ଥିଲେ ଓ ସମ୍ମାନିତ ଅତିଥି ଭାବେ ସଙ୍ଗୀତ ନିର୍ଦ୍ଦେଶକ ରାମନାରାୟଣ ମହାନ୍ତି, ହାସ୍ୟ ଅଭିନେତା ବିପିନ ନନ୍ଦ ସାହୁ, ସଙ୍ଗୀତକାର ମନୋଜ ପଣ୍ଡା, କବି ଜଗନ୍ନାଥ କର, ଅଧ୍ୟାପକ ଶ୍ରୀଧର ସାହୁ, ଅଧ୍ୟାପକ ପ୍ରଭାତ ଧଳ , କୃଷକ ନେତା ଶ୍ୟାମସୁନ୍ଦର ସେଠୀ ପ୍ରମୁଖ ଯୋଗଦେଇ ଥିଲେ। ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ମହାପ୍ରଭୁ ଜଗନ୍ନାଥ ଙ୍କ ଫଟୋଚିତ୍ର ଉପରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ସହିତ । ପରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ର ମୁଖ୍ୟ ଆକର୍ଷଣ ଥିଲା ଉତ୍କଳ ମ୍ୟୁଜିକ୍ ବିଶ୍ୱ ଗ୍ରୁପ ନିଜର କଳା ନୈପୁଣ୍ୟତା ଦେଖାଇ ଉପସ୍ଥିତ ଦର୍ଶକ ତଥା ଶ୍ରଦ୍ଧାଳୁ ଙ୍କ ମନ ମୋହିଥିଲେ! ଭିନ୍ନ ଭିନ୍ନ ଜଗନ୍ନାଥ ଭଜନ ରେ ସଙ୍ଗୀତ ପରିବେଷଣ ହୋଇଥିଲା ଯାହା ସମ୍ପୂର୍ଣ୍ଣ ପରିବେଶ କୁ ଆଧ୍ୟାତ୍ମିକତା ର ପାବନ ପୀୟୂଷ ରେ ରସାମୃତ କରିଥିଲା । ଶେଷରେ ସନ୍ତୋଷ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ଦୁଇ ଗାଡ଼ି ମୁହାଁମୁହିଁ; ଯୁବକ ମୃତ

ଧାମନଗର,୧୦ ।୧୧(ସମିସ): ଧାମନଗର ଥାନା ମହୁରା ଛକ ନିକଟରେ ରବିବାର ରାତିରେ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ନିର୍ଗୁଣ୍ଡି ପଞ୍ଚାୟତ ଶିବବିନ୍ଧା ଗାଁର ମୁକ୍ତିକାନ୍ତ ସାମଲଙ୍କ ପୁଅ ଧନଞ୍ଜୟ ସାମଲ (୩୦)। ଏକ ଟାଟା ମେଜିକ ଗାଡ଼ି ଧାମନଗର ଛକ ଆଡ଼କୁ ଆସୁଥିଲା। ସେହି ସମୟରେ ଧନଞ୍ଜୟ ବୁଲେଟ୍ ନେଇ ଆସୁଥିବା ବେଳେ ମହୁରା ଛକ ନିକଟରେ ଧକ୍କା ହୋଇଥିଲା। ଫଳରେ ଧନଞ୍ଜୟ ରାସ୍ତା ପାର୍ଶ୍ୱରେ ଛିଟିକି ପଡ଼ି କଟା ଗଛରେ ପିଟି ହୋଇଯାଇଥିଲେ। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ଦମକଳ ବାହିନୀକୁ ସୂଚନା ଦେଇଥିଲେ। ଦମକଳ ବାହିନୀ ପହଞ୍ଚି ଧନଞ୍ଜୟଙ୍କୁ ଗୁରୁତର ଅବସ୍ଥାରେ ଧାମନଗର ମେଡିକାଲକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଧାମନଗର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଘଟଣା ସ୍ଥଳରୁ ଟାଟା ମେଜିକ ଫେରାର ହୋଇଯାଇଥିବା ଜଣାଯାଇଛି।

## ବୈତରଣୀଶ୍ୱରୀ ପାଲା କମିଟିର ୫୦ ବର୍ଷ ପୂର୍ତ୍ତି



ଦୋବଲ,୧୦ ।୧୧(ସମିସ): ଦୋବଲ ନିକଟସ୍ଥ ସୋହଡ଼ା ପଞ୍ଚାୟତ ଷେଣ୍ଡପୁର ଠାରେ ବୈତରଣୀଶ୍ୱରୀ ପାଲା କମିଟିର ୫୦ ବର୍ଷ ପୂର୍ତ୍ତି ଏବଂ ରାସ ପୂର୍ଣ୍ଣିମା ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ ସଭାରେ କମିଟିର ସଭାପତି ଦଶରଥ ଗାହଣଙ୍କ ସଭାପତିତ୍ୱ କରିଥିଲେ। ସମାଜସେବୀ ପ୍ରମୋଦ କୁମାର ସୁତାର ସଂଯୋଜନା କରିଥିଲେ। ଅତିଥି ଭାବେ ସୁବାସ ଚନ୍ଦ୍ର ମଲ୍ଲିକ, ଦାମୋଦର ସୁତାର, ବାବୁଲି ବାଭି, ରମେଶ ଚନ୍ଦ୍ର ଦତ୍ତ, ଆନନ୍ଦ ଚନ୍ଦ୍ର ଦାସ, ଶିଶିର ମିଶ୍ର, ବିଷ୍ଣୁ ମୋହନ ମିଶ୍ର ଯୋଗଦେଇ ଥିଲେ। ସମ୍ପାଦକ ଗଗନ ବିହାରୀ ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଭରତ ଚନ୍ଦ୍ର ତରାଇ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଆଖପାଖ ଅଞ୍ଚଳର ପାହଡ଼ପୁର, ସୋଧ, ପିତେଇପୁର, ରାମେଶ୍ୱରପୁର, ଭଗବାନପୁର, ପଳିକିରି, ବିରୁହଁ, ମୁହାଁଣପଡା, ବଉଳାଙ୍ଗ ଓ କଟିକଟା ପୁରାତନ ପାଲା କମିଟିକୁ ସମ୍ବର୍ଦ୍ଧନା କରାଯାଇଥିଲା ଏହି ଅବସରରେ ସେଠାରେ ମାଳିକାଚାର୍ଯ୍ୟ ବିଭୁତି ଭୂଷଣ ପାଳଙ୍କ ଦ୍ୱାରା ପ୍ରବଚନ ଏବଂ ଗାୟକ ପ୍ରବୀର ସନାତନ ଦାସ ଓ ଗାୟକ ପିୟୁଷ ସତ୍ୟନାରାୟଣ ଜେନାଙ୍କ ଦ୍ୱାରା ବାଦିପାଲା ପରିବେଷଣ ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଛି। ପୂର୍ବତନ ସରପଞ୍ଚ ଭରତ ତରାଇ ଧନ୍ୟବାଦ ଅର୍ପଣ କରିଥିଲେ।

# ‘ସାଂସ୍କୃତିକ ଜାଗରଣ ଭଦ୍ରକ ଭୂଖଣ୍ଡର ଅସ୍ମିତା’

ଭଦ୍ରକ,୧୦ ।୧୧(ସମିସ)



ଭାରତ ବର୍ଷ ତଥା ସମଗ୍ର ଓଡ଼ିଶା ରାଜ୍ୟରେ ଭଦ୍ରକ ଜିଲ୍ଲାର ସ୍ଥାନ ସ୍ୱତନ୍ତ୍ର। ଭାରତର ସ୍ୱାଧୀନତା ସଂଗ୍ରାମରେ ଏହି ମାଟିର ମଣିଷମାନେ ଯୋଗଦେଇ ଯେପରି ଅଦମ୍ୟ ସାହସ ପ୍ରଦର୍ଶନ କରି ବଳିଦାନ ଦେଇଛନ୍ତି। ସେପରି ଏହି ମାଟି ସଂସ୍କୃତି, ସାହିତ୍ୟ, ଐତିହ୍ୟର ଗୌରବ ଗୀତିକା ଗାଉଛି। ଏହି ମାଟିର ମଣିଷ ଉତ୍କଳ କେଶରୀ ହରେକୃଷ୍ଣ ମହତାବ ନୂତନ ଓଡ଼ିଶା ଗଠନରେ ଯେପରି ନେତୃତ୍ୱ ନେଇଥିଲେ ସେପରି ଏହି ମାଟିର ଅମର କବି କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ କାଳଜୟୀ ରଚନା ବନ୍ଦେ ଉତ୍କଳ ଜନନୀ....ଆମ ରାଜ୍ୟର ଜାତୀୟ ସଂଗୀତ ହୋଇ ଆମ ମାଟିର ଅସ୍ମିତାକୁ ଉର୍ଦ୍ଧ୍ୱକୁ ଟେକି ଧରିଛି। ଏଣୁ ଭାରତର ସ୍ୱାଧୀନତା ସଂଗ୍ରାମ ତଥା ସାଂସ୍କୃତିକ ଜାଗରଣ ଏହି ଭୂମିର ଅସ୍ମିତା ବୋଲି ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଟ୍ରଷ୍ଟ ଆନୁକୂଲ୍ୟରେ ଭଦ୍ରକ ସହର ମନମୋହନ ସଂଗୀତ ପରିଷଦ ପଡ଼ିଆଠାରେ ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଉଦଘାଟନ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଟ୍ରଷ୍ଟର ସଭାପତି ଇଂ. ଅଭୟ ସୁତାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହକୁ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ ଏବଂ ପୁସ୍ତକର ଉପାଦେୟତା ଉପରେ ଆଲୋକପାତ କରିଥିଲେ। ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ମୁଖ୍ୟ ବକ୍ତା, ଚରମ୍ପା ଆଇ.ଟି.ଆଇ. ଅଧକ୍ଷା ତଥା ‘ନୂଆ ଯୁଗର ନୂଆ ସକାଳ’ ସମ୍ପାଦିକା କବୟିତ୍ରୀ ଅବନ୍ତୀ ମଲ୍ଲିକ, ରୋଟାରିୟାନ ଶିଶିର କୁମାର ମିଶ୍ର, ଅଧ୍ୟାପକ ରୋଟାରିୟାନ ଶେଖ୍ ନାଶିର ବକ୍ସ, କବୟିତ୍ରୀ ନିରୁପମା ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ମହୋତ୍ସବ ଆବାହକ ଅଧ୍ୟାପକ ନୀହାର ରଞ୍ଜନ କର ସ୍ୱାଗତ ଭାଷଣ ତଥା ଅତିଥି ପରିଚୟ ଦେଇଥିବା ବେଳେ ମହୋତ୍ସବ ଓ ପୁସ୍ତକ ମେଳାର ସମ୍ପାଦକ ରବିନାରାୟଣ ଖିଲାର ସମ୍ପାଦକୀୟ ବକ୍ତବ୍ୟ ପ୍ରଦାନ କରିଥିଲେ ଓ ଡା. ଅନିଲ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କବୟିତ୍ରୀ ନିରୁପମା ମିଶ୍ରଙ୍କ କବିତା ପୁସ୍ତକ ‘ଅସ୍ତରାଗ’ ଲୋକାର୍ପିତ ହୋଇଥିଲା। ସହ ସମ୍ପାଦିକା କଳ୍ପନା ଜେନା ଅତିଥି ମାନଙ୍କୁ ମଂଚ ନିମନ୍ତ୍ରଣ କରିଥିବାବେଳେ ସାଂସ୍କୃତିକ ସମ୍ପାଦକ ରାମନାରାୟଣ ମହାନ୍ତି ସ୍ୱାଗତ ଭାଷଣ ସଂଗୀତ ପରିବେଷଣ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଡ.ଜାନକୀ ପାଢ଼ୀ ଓ ଅଧକ୍ଷା ଦିପ୍ତୀମୟୀ ସାହୁ, କବୟିତ୍ରୀ ତଥା ଶିକ୍ଷୟିତ୍ରୀ ମନୋରମା ରାୟ, କବୟିତ୍ରୀ ସଂଯୁକ୍ତା ବଳ ମମତା ଦାଶ ଓଡ଼ିଶା ଜାତୀୟ ସଂଗୀତ ପରିବେଷଣ କରିଥିଲେ।, ସୁଶ୍ରୀ ଅଞ୍ଜନା ମିଶ୍ର, କବୟିତ୍ରୀ ଚୈତାଳି ଖିଲାର, ଆଡଭୋକେଟ୍ ଅଞ୍ଜୁବାଳା ରାଉତ, ସୁପ୍ରଭା ମିଶ୍ର, ସୁମିତ୍ରା ପାଣି, ଶଶିକଳା ମିଶ୍ର ଙ୍କ ପ୍ରମୁଖ ମଞ୍ଚ ଓ ମହୋତ୍ସବ ପରିଚାଳନା କରିଥିଲେ। ବ୍ରହ୍ମପୁର ଉଚ୍ଚ ବିଦ୍ୟାଳୟ ର ଛାତ୍ରୀ, ଉତ୍ସବ ଡ୍ୟାନ୍ସ ଗ୍ରୁପର କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ନଭେମ୍ବର ୧୦ରୁ ୨୩ ପର୍ଯ୍ୟନ୍ତ ୧୪ଦିନ ଧରି ଅନୁଷ୍ଠିତ ଉକ୍ତ ସାରସ୍ୱତ ଓ ସାଂସ୍କୃତିକ ସମାବେଶରେ ଓଡ଼ିଶା ସଂସ୍କୃତି ବିଭାଗ ଓ ଭଦ୍ରକ ଜିଲ୍ଲାର ବହୁ କଳାକାର ଓ ପୁସ୍ତକ ପ୍ରକାଶକ ଅଂଶଗ୍ରହଣ କରିବେ ବୋଲି ମହୋତ୍ସବ କମିଟିର ମିଡିଆ ସେଲ୍ ଅଧକ୍ଷ ପ୍ରମୋଦ ରାୟ ପ୍ରକାଶ କରିଛନ୍ତି।

**ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଉଦ୍‌ଘାଟିତ**

# ମୟୂରଭଞ୍ଜ ବନ୍ଦ ଡାକରା ପ୍ରଭାବ ହୀନ



ବାରିପଦା, ୧୦।୧୧(ସମିସ): ଆଦିବାସୀ ଛାତ୍ର ସଂଗଠନ ମାସାଆର୍ମୀ ପକ୍ଷରୁ ସୋମବାର ୧୨ ଘଣ୍ଟିଆ ମୟୂରଭଞ୍ଜ ବନ୍ଦ ଡାକରା ପ୍ରଭାବ ହୀନ ରହିଥିଲା। ରାସଗୋବିନ୍ଦପୁର ଥାନା ଅଞ୍ଚଳରେ ଗତମାସ ଯାତ୍ରା ଦେଖି ଫେରୁଥିବା ବେଳେ ଦୁଇ ଆଦିବାସୀ ନାବାଳିକା ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣାର ପ୍ରତିବାଦ ତଥା ଦୁଇ ନାବାଳିକା ଛାତ୍ରୀଙ୍କୁ ସାମଜିକ ଓ ଆର୍ଥିକ ନ୍ୟାୟ ପ୍ରଦାନ ସହ ସମସ୍ତ ଦୋଷୀଙ୍କୁ ଗିରଫ କରାଯାଇ ଫାଶୀ ଦଣ୍ଡରେ ଦଣ୍ଡିତ ଦାବିରେ ମାସା ବନ୍ଦ ଡାକରା ଦେଇଥିଲା। ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡିଙ୍କ ଆହ୍ୱାନ କ୍ରମେ ସୋମବାର ୧୨ ଘଣ୍ଟିଆ ମୟୂରଭଞ୍ଜ ବନ୍ଦ ପାଳନ କରାଯାଇଥିଲା। ସକାଳୁ ସକାଳୁ ମାସା ଆର୍ମୀ କର୍ମୀ ମାନଙ୍କର ପିକେଟିଂ ଦ୍ୱାରା କିଛି ଦୋକାନ ବଜାର, ସରକାରୀ ବିଦ୍ୟାଳୟ, ମହାବିଦ୍ୟାଳୟ, ସରକାରୀ କାର୍ଯ୍ୟାଳୟରେ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା କ୍ଷ ତେବେ ପୁଲିସ ପ୍ରଶାସନ ପକ୍ଷରୁ ପ୍ରାକ୍ ପ୍ରସ୍ତୁତି ପାଇଁ ବନ୍ଦ ଡାକରା ସଫଳ ହୋଇ ନ ଥିଲା। ବସ ସେବା ଓ ଯାନବାହନ ଚଳାଚଳ ସ୍ୱାଭାବିକ ଥିଲା। ଆଜିର ବନ୍ଦ ପାଳନରେ ମାସାଆର୍ମୀ କାର୍ଯ୍ୟକାରୀ ସଭାପତି ସୂର୍ଯ୍ୟନାରାୟଣ ମୁର୍ମୁ, ଜିଲ୍ଲା ଉପସଭାପତି ଲକ୍ଷ୍ମୀକାନ୍ତ ବାସ୍କେ, ରାଜ୍ୟ ସମ୍ପାଦକ ପଦ୍ମ ଲୋଚନ ମୁର୍ମୁ, ଅବିନାଶ ମାରାଣ୍ଡି, ବ୍ରଜେଶ୍ ମୁର୍ମୁ, କୃଷ୍ଣ ଟୁଡୁ, ସନେଲ୍ ମୁର୍ମୁ, ଗୌତମ ସିଂ, କିରଣ ମାରାଣ୍ଡି, ରଣଜିତ୍ ମୁର୍ମୁ, ପପୁ ମୁର୍ମୁ, ମୁକେଶ କିସ୍କୁ, ରାହୁଲ୍ ମୁର୍ମୁ, ବିକ୍ରମ ମୁର୍ମୁ, ଲାଲମୋହନ ବାସ୍କେ, ଅଜୟ ମାରାଣ୍ଡି, ଶଙ୍କର ବାସ୍କେ, ଜିତେନ୍ଦ୍ର ମାରାଣ୍ଡି, ଶିବ ମୁର୍ମୁ, ଦିବୁ ମାରାଣ୍ଡି, ନିମାଇ ସରେନ, ଶିବ ଶଙ୍କର, ଦୀପକ ହେମ୍ବ୍ରମ, ଖେଲା ପ୍ରଦୀପ ସିଂ, ଚାନ୍ଦ୍ରାୟ ମାରାଣ୍ଡି, ଚାନ୍ଦ୍ରାୟ ସରେନ, ଜନ ହାଁସଦା ଓ ସଂଜୀବ ସରେନ ପ୍ରମୁଖ ସାମିଲ ଥିଲେ।

# ବହଳଦାରେ ମାସା ଆର୍ମୀର ବନ୍ଦ ଡାକରା ଆଂଶିକ ପ୍ରଭାବ



ବହଳଦା, ୧୦।୧୧ (ସମିସ): ରାସଗୋବିନ୍ଦପୁରଠାରେ ଦୁଇ ଆଦିବାସୀ ନାବାଳିକାଙ୍କ ଉପରେ ଘଟିଥିବା ଗଣବଳାତ୍କାର ଘଟଣାରେ ଅଭିଯୁକ୍ତଙ୍କୁ ଫାଶି ଦଣ୍ଡରେ ଦଣ୍ଡିତ କରାଯିବା ଦାବିରେ ମାସାଆର୍ମୀ ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିଲା। ତେବେ ବହଳଦାରେ ଏହାର ଆଂଶିକ ପ୍ରଭାବ ପଡିଥିବା ଦେଖିବାକୁ ମିଳିଛି। ବହଳଦାରେ ପିକେଟିଂ କରାଯାଇ ଦୋକାନ ବଜାର ବନ୍ଦ କରାଯିବା ସହିତ ମୁର୍ମୁ ଛକରେ ଜାତୀୟ ରାଜପଥ ଅବରୋଧ କରାଯାଇଥିବା ବେଳେ ବହଳଦା ପୁଲିସ୍ ରାସ୍ତା ଅବରୋଧ ହଟାଇବା ପରେ ଯାନବାହନ ଚଳାଚଳ କରିଥିଲା। ବହଳଦା ଧୃଜଲାଲ କଲେଜର ମାସାଆର୍ମୀ ଛାତ୍ର ସଂଗଠନ ପକ୍ଷରୁ ଛାତ୍ରଛାତ୍ରୀ ୩ ଘଣ୍ଟା ଧରି ଜାତୀୟ ରାଜପଥ ଅବରୋଧ କରିଥିଲେ। ପରେ ପୁଲିସ୍ ପ୍ରଶାସନ ପକ୍ଷରୁ ରାସ୍ତା ଅବରୋଧ ହଟାଯିବା ପରେ ଗାଡି ମୋଟର ଚଳାଚଳ ସାମାନ୍ୟ ହୋଇଥିଲା। ତେବେ ବନ୍ଦ ପାଳନ ବେଳେ ବହୁ ମାଲବାହୀ ଟ୍ରକ ସହିତ ଯାତ୍ରୀବାହୀ ବସ ଏବଂ ଚାରିଚକିଆ ଯାନରେ ଥିବା ଲୋକେ ଅଟକି ରହି ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବହଳଦା ବଜାରର ପ୍ରାୟ ସମସ୍ତ ଦୋକାନ ବଜାର ସବୁ ଖୋଲିଥିବା ଦେଖିବାକୁ ମିଳିଥିଲା।

# ବାଲି ବୋଝେଇ ଟ୍ରାକ୍ଟର ଜବତ

ରାଇରଙ୍ଗପୁର,୧୦।୧୧(ସମିସ): ବେଆଇନ ଭାବେ ବାଲି ଚୋରା ଚାଲାଣ ବେଳେ ବହଳଦା ଥାନା ପୁଲିସ ବାଲି ବୋଝେଇ ଟ୍ରାକ୍ଟର ଜବତ କରିବା ସହ ମାଲିକ ଓ ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ମାଲିକ ଜଣକ ହେଲେ ବହଳଦା ଥାନା ଅନ୍ତର୍ଗତ ତେନ୍ତଲ ଗ୍ରାମର ଅମିତ ବାରିକ(୩୨) ଓ ଚାଳକ ଜଣକ ହେଲେ ବାସିଙ୍ଗି ଗ୍ରାମର ତନୁ ମହାକୁଡ଼(୪୫)। ଅନେକ ପରିମାଣର ଲଘୁ ଖଣିଜ ଚୋରା ଚାଲାଣ ହେଉଥିବାର ବାରମ୍ବାର ଅଭିଯୋଗ ହେଉଛି। ଖବର ପାଇ ପୁଲିସ ତେନ୍ତଲ ଗ୍ରାମ ନିକଟରେ ଚଢ଼ଉ କରିଥିଲା। ତେନ୍ତଲ ଗ୍ରାମ ନଦୀ କଡ଼ରୁ ବେଆଇନ ଭାବେ ବାଲି ଉତ୍ତୋଳନ କରି ଦ୍ରୁତଗତିରେ ଆସୁଥିବା ଟ୍ରାକ୍ଟରକୁ ଅଟକାଇ ପଚରାଉଚରା କରିଥିଲା ପୁଲିସ। ମାଲିକଙ୍କ ନିର୍ଦ୍ଦେଶକ୍ରମେ ବେଆଇନ ଭାବେ ବାଲି ଚୋରା ଚାଲାଣ କରୁଥିବାରେ ନେଇ ଜାଣିବା ପରେ ଗାଡିକୁ ଜବତ କରାଯାଇଛି। ଏନେଇ ଥାନାରେ ଲଘୁ ଖଣିଜ ବେଆଇନ ଚୋରା ଚାଲାଣ ନେଇ ମାମଲା ରୁଜୁ କରାଯାଇ ଟ୍ରାକ୍ଟର ଜବତ କରି ତଦନ୍ତ ଜାରି ରହିଛି।

# ୧୨ରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ବିଶୋଇ,୧୦।୧୧ (ସମିସ): ଆସନ୍ତା ୧୨ ତାରିଖରେ ବିଶୋଇ ବ୍ଲକ ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହେବ। ଏଥିପାଇଁ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କୁମାର ଦେବବ୍ରତ ପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ବ୍ଲକ ବିଡ଼ିଓ ସାଗର ଚନ୍ଦ୍ର ମୁର୍ମୁ, ବ୍ଲକ ଉପାଧ୍ୟକ୍ଷ ଚନ୍ଦ୍ରମୋହନ ଗିରି, ତହସିଲଦାର ସତ୍ୟବାନ ନାଏକ, ସହକାରୀ ନିର୍ବାହୀ ଯନ୍ତ୍ରୀ ତପନ କୁମାର ପଲେଇ ସମେତ ପଞ୍ଚାୟତ ସମିତି କାର୍ଯ୍ୟାଳୟର ସମସ୍ତ ବିଭାଗୀୟ ଅଧିକାରୀ ଓ ପିଆରଆଇ ମେମ୍ବର ଉପସ୍ଥିତି ଥିଲେ। ଆସନ୍ତା ୧୨ ତାରିଖ ବୁଧବାର ବିଶୋଇ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ସକାଳ ୮ଟାରୁ ଏହି ଶିବିର ଉଦଘାଟିତ ହେବ। ଦିବ୍ୟାଙ୍ଗ ପ୍ରମାଣପତ୍ର ସମୟଅବଧି ସମାପ୍ତ ହୋଇଥିବା କିମ୍ବା ନୂତନ ପ୍ରମାଣପତ୍ର ପାଇଁ ଦିବ୍ୟାଙ୍ଗମାନେ ଶିବିରରେ ଆସି ନିଜର ନାମ ପଞ୍ଜିକରଣ କରି ପରିଚୟ ପତ୍ର, ଦିବ୍ୟାଙ୍ଗ ସହାୟକ ସାମଗ୍ରୀ ସହିତ ବିଭିନ୍ନ ସରକାରୀ ସୁବିଧା ସୁଯୋଗ ପାଇପାରିବେ। ଶିବିରକୁ ଆସିଥିବା ସମସ୍ତ ଦିବ୍ୟାଙ୍ଗ ନିଜ ସହିତ ଆଧାର କାର୍ଡ ଆଣିବାକୁ ବାଧ୍ୟତାମୂଳକ କରାଯାଇଛି।

# ସାମ୍ବାଦିକ ଗୌରାଚରଣ ଗିରି ସମ୍ବର୍ଦ୍ଧିତ

ଶୁଳିଆପଦା,୧୦।୧୧(ସମିସ): ବେତନଟୀ ପ୍ରତିଭା ପୂଜନ ଅନୁଷ୍ଠାନ ପକ୍ଷରୁ ରବିବାର ଏମପିସି ହାଇସ୍କୁଲରେ ଚତୁର୍ଥ ବାର୍ଷିକ ପ୍ରତିଭା ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବର୍ଗର ଲୁକ୍କାୟିତ ପ୍ରତିଭାଙ୍କୁ ଶିକ୍ଷକ ସଚ୍ଚିଦାନନ୍ଦ ମହାନ୍ତିଙ୍କ ଉଦ୍ୟମରେ ଏଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଚଳିତ ବର୍ଷ ବରିଷ୍ଠ ସାମ୍ବାଦିକ ହରିଶ୍ଚନ୍ଦ୍ର ନନ୍ଦଗୋସ୍ୱାମୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏମପିସି ହାଇସ୍କୁଲର ପ୍ରଧାନ ଶିକ୍ଷକ ଅର୍ଜୁନ ସିଂହ ଉଦଘାଟକ, ବାରିପଦା ଉପ ଜିଲ୍ଲାପାଳ ଡଃ. ଦୟାସିନ୍ଧୁ ପରିଡା ମୁଖ୍ୟ ଅତିଥି, ମାନବଧର୍ମ ପ୍ରଚାରକ,ଧର୍ମରତ୍ନ ପୂର୍ଣ୍ଣ ଚନ୍ଦ୍ର ବୁଗୁଡେଇ, ବିଶେଷ ଅତିଥି ସନ୍ତୋଷ କୁମାର ମହାନ୍ତି, ରାଜ୍ୟ ପୁରସ୍କୃତ ଶିକ୍ଷକ, ସ୍ୱତନ୍ତ୍ର ଅତିଥି, ପ୍ରମିଳା ପଣ୍ଡାଅଧକ୍ଷ ଉଦଳା ବିଜ୍ଞାପିତ ଅଞ୍ଚଳ, ମୁଖ୍ୟବକ୍ତା ସର୍ବେଶ୍ୱର ଜେନା ଓ ଡଃ.କୁମାର ବାବୁଲି ଉପଦେଷ୍ଟା ପ୍ରମୁଖ ମଞ୍ଚାସୀନ ଥିଲେ। ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଙ୍ଘର ସଭାପତି ଅରୁଣ କୁମାର ଓତା ଅତିଥି ପରିଚୟ ଦେଇଥିଲେ। ଚଳିତ ବର୍ଷ ଅନୁଷ୍ଠାନ ୨୧ ଜଣ ପ୍ରତିଭାଙ୍କୁ ସମ୍ମାନିତ କରିଥିବା ବେଳେ ଶୁଳିଆପଦା ବ୍ଲକ୍‌ର ସାମ୍ବାଦିକ ଗୌରାଙ୍ଗ ଚରଣ ଗିରିଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି।



# ମହୁଲି ମଦ ଜବତ; ୩ ଗିରଫ

ଠାକୁରମୁଣ୍ଡା, ୧୦।୧୧(ସମିସ): ଠାକୁରମୁଣ୍ଡା ଅବକାରୀ ଥାନା ପକ୍ଷରୁ ସୋମବାର ଚୋରାରେ ମହୁଲି ମଦ ବିକ୍ରି କରୁଥିବା ପୃଥକ୍ ପୃଥକ୍ ସ୍ଥାନରେ ଚଢଉ କରାଯାଇ ୪୮ ଲିଟର ଦେଶୀ ମହୁଲି ମଦ ଜବତ କରିବା ସହ ଜଣେ ମହିଳାଙ୍କ ସମେତ ୩ ଜଣଙ୍କୁ ଗିରଫ କରାଯାଇଛି। ଚକୁଳିଆ ଗ୍ରାମର ସୁରେଇ ଟୁଡୁ (୪୧)ଙ୍କ ନିକଟରୁ ୧୫ ଲିଟର ମଦ, ଖଣ୍ଡବନ୍ଧ ଗ୍ରାମର ମଗୁସୁରିଆ ହୋ (୨୭)ଙ୍କ ନିକଟରୁ ୧୭ ଲିଟର ଏବଂ ଅସନକୁଦର ଗ୍ରାମରୁ ସାଇବ ମୁର୍ମୁ (୪୨)ଙ୍କ ପାଖରୁ ୧୬ ଲିଟର ଦେଶୀ ମହୁଲି ମଦ ଜବତ ହୋଇଛି। ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

# ଅଜଣା ଗାଡି ଧକ୍କାରେ ମହିଳା ମୃତ

ବଡ଼ସାହି, ୧୦।୧୧(ସମିସ): ବଡ଼ସାହି ଥାନା ଅଧୀନ ଛେଳିଆ(ବି)-ଗଜଡି ରାସ୍ତା କଡରେ ଛେଳି ଚରାଉଥିବା ବେଳେ ଏକ ଅଜଣା ଗାଡି ଧକ୍କାରେ ଜଣେ ମହିଳା ମୃତ୍ୟୁବରଣ କରିଛନ୍ତି। ମୃତ ମହିଳା ଜଣକ ହେଲେ ସେହି ଛେଳିଆ(ବି)ଗ୍ରାମର ବାସନ୍ତୀ ସିଂ (୬୫)। ଏ ସଂକ୍ରାନ୍ତରେ ତାଙ୍କ ପୁତୁରା ଗୈରମୋହନ ସିଂଙ୍କ ଅଭିଯୋଗକୁ ଭିତ୍ତିକରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

■ ହାତୀ ଦାଉରୁ ଫସଲ ସୁରକ୍ଷା ପାଇଁ ଉଦ୍ୟମ

# ଗଛରେ ମଞ୍ଚା ବାନ୍ଧି ଜଗି ରହୁଛନ୍ତି ଚାଷୀ



ତେଲକୋଇ,୧୦।୧୧(ସମିସ): ଦିନଥିଲା ଚାଷୀ ନିଜ ଜମିରେ ଚାଷ କରି ଖୁସିରେ ଜୀବନ ଅତିବାହିତ କରୁଥିଲା। ହେଲେ ଏବେ ହାତୀ ଭୟରେ ଚାଷୀ ଫସଲକୁ ସୁରକ୍ଷା ଦେବାପାଇଁ ଗଛ ଉପରେ ମଞ୍ଚାରେ ଜୀବନ ବିତାଉଛି। ହାତୀ ଓ ଜଙ୍ଗଲି ଜନ୍ତୁଙ୍କ ଉପଦ୍ରବରୁ ଫସଲକୁ ସୁରକ୍ଷା ଦେବା ପାଇଁ ଚାଷୀ ରାତି ଉଜାଗର ହୋଇ ଗଛରେ ମଞ୍ଚା ବାନ୍ଧି ଅତି ଦୟନୀୟ ଅବସ୍ଥାରେ ଜୀବନ କାଟୁଛି। ଏଭଳି ଏକ ଚିତ୍ର ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ତେଲକୋଇ ରେଞ୍ଜ ପଡ଼ାଙ୍ଗ ପଞ୍ଚାୟତ ବୁଢ଼ାଆମ୍ବ ଗାଁରେ।

୨୦୧୦ ପୂର୍ବରୁ ଚାଷୀ ଖୁସି ମନରେ ଚାଷ କାର୍ଯ୍ୟ କରି ଫସଲ ଘରକୁ ବୋହି ଆଣୁଥିଲା। ହେଲେ ୨୦୧୦ ପରଠାରୁ ତେଲକୋଇ ରେଞ୍ଜରେ ହାତୀଙ୍କ ପ୍ରବେଶ ଯୋଗୁଁ ଚାଷୀଙ୍କ ଫସଲ ଅସୁରକ୍ଷିତ ହୋଇପଡ଼ିଥିଲା। ଏବେ କେନ୍ଦୁଝର ବନଖଣ୍ଡ ଅଧୀନ ତେଲକୋଇ ରେଞ୍ଜରେ ହାତୀ ଉପଦ୍ରବ ଲାଗିରହିଥିବା ବେଳେ ଫସଲ ସୁରକ୍ଷା ପାଇଁ ଚାଷୀ ଏବେ ଚିନ୍ତାରେ ପଡ଼ିଯାଇଛି। ଖାଦ୍ୟ ଅନ୍ୱେଷଣରେ ଜଙ୍ଗଲି ବାର୍‌ହା ସହିତ ହାତୀପଲ ଏବେ ଗାଁମୁହାଁ ହୋଇ ଧାନଫସଲକୁ ଖାଇବା ସହ ଦଳିମକଚି ନଷ୍ଟ କରୁଛନ୍ତି। ଦିନବେଳା ମାଙ୍କଡ଼ଙ୍କ ଉପଦ୍ରବ ଲାଗିରହିଥିବା ବେଳେ ରାତି ହେଲେ ଧାନଫସଲ ଉପରେ ହାତୀ, ବାର୍‌ହାଙ୍କ ଲୋଲୁପ ଦୃଷ୍ଟି ଚାଷୀର ହୋସ୍ ଉଡ଼ାଇ ଦେଉଛି। ବର୍ଷକର ଫସଲକୁ ବନ୍ୟଜନ୍ତୁଙ୍କ କବଳରୁ କେମିତି ରକ୍ଷା କରିବେ ଏବଂ ପିଲାଛୁଆଙ୍କ ମୁହଁରେ ଦାନା ଗଣ୍ଡେ ଦେବେ ସେଥିପାଇଁ ଜୀବନକୁ ବାଜିରେ ଲଗାଇ ଦେଇଛନ୍ତି ଚାଷୀ। ଦୁଇ ମାସ ହେବ ଧାନଫସଲକୁ ଗଛରେ ମଞ୍ଚା ବାନ୍ଧି ଜଗି ରହିଛି ଚାଷୀ। ତଥାପି ବନ୍ୟଜନ୍ତୁଙ୍କ ମୁହଁରୁ ଫସଲକୁ ବଞ୍ଚାଇବା ତା' ପକ୍ଷେ ସମ୍ଭବପର ହେଉ ନ ଥିବାରୁ ଆଧା କଞ୍ଚା ଅବସ୍ଥାରେ ଧାନକୁ କାଟିବାକୁ ବାଧ ହେଉଥିବା ଦେଖିବାକୁ ମିଳିଛି। ଫଳରେ ଯେତିକି ଫସଲ ଅମଳ ହେବା କଥା ତାହା ହୋଇପାରୁ ନାହିଁ। ଧାନ ଚାଷ ପାଇଁ ଧାର କରଜ କରିଥିବା ଋଣ ଏବେ ସୁଝିବା କଷ୍ଟକର ହୋଇପଡ଼ିଛି।

ତେଲକୋଇ ରେଞ୍ଜର ବିମଳା ଫରେଷ୍ଟ ବିଟ୍ ଓ ତେଲକୋଇ ଫରେଷ୍ଟ ବିଟ୍ ଅଞ୍ଚଳରେ ବର୍ତ୍ତମାନ ଦୁଇଟି ଭାଗରେ ୩୩ଟି ହାତୀ ଚଳପ୍ରଚଳ କରୁଥିବା ବନ ବିଭାଗ ସୂଚନାରୁ ଜଣାପଡ଼ିଛି। ତେବେ ହାତୀଙ୍କ ଗତିବିଧି ଉପରେ ବନ ବିଭାଗ ନଜର ରଖିଥିଲେ ମଧ ତାହା ଚାଷୀର ଫସଲକୁ ସୁରକ୍ଷା ଦେବାରେ ପର୍ଯ୍ୟାପ୍ତ ହୋଇପାରୁ ନ ଥିବାରୁ ମଞ୍ଚାବାନ୍ଧି ଚାଷୀ ଫସଲ ଜଗିବାକୁ ବାଧ ହେଉଛି। ମଞ୍ଚା ତଳେ ନିଆଁ ଜଳାଇ, ଟିଣ ବଜାଇ ହାତୀ ଘଉଡ଼ାଉଛି ଚାଷୀ। ଅତି ଦୟନୀୟ ଅବସ୍ଥାରେ ପିଲାଛୁଆଙ୍କୁ ଧରି ରାତି ଉଜାଗର ହୋଇ ଜମିରେ ଦିନ ଦିନ ଧରି ଅସୁରକ୍ଷିତ ଅବସ୍ଥାରେ ପଡ଼ିରହିଛି ଚାଷୀ। ଫସଲ ସୁରକ୍ଷା ପାଇଁ ଗଛ ଉପର ମଞ୍ଚା ହିଁ ଚାଷୀର ଭରସା ପାଲଟିଛି। ହେଲେ ଚାଷୀର ଦୁଃଖକୁ ବୁଝିବାକୁ କେହି ନାହାଁନ୍ତି। ତେବେ ଏଭଳି ସ୍ଥିତିରେ ଚାଷୀଙ୍କ ଫସଲ କିଭଳି ସୁରକ୍ଷିତ ହେବ ଆଉ ଚାଷୀ ମଞ୍ଚାରେ ନ ରହି ଘରେ ରହି ଫସଲ ଅମଳ କରିବ ତାହା ଦେଖିବାକୁ ବାକି ରହିଲା।

# ଆଦର୍ଶ ଶିକ୍ଷୟିତ୍ରୀଙ୍କ ସ୍ମୃତିଚାରଣ ସଭା

ବଡ଼ସାହି,୧୦।୧୧(ସମିସ): ବଡସାହି ବ୍ଲକ୍ ପଟିସାରୀ ପଞ୍ଚାୟତ କାହ୍ନୁପୁରା ଗ୍ରାମର ଆଦର୍ଶ ଶିକ୍ଷୟିତ୍ରୀ ସ୍ୱର୍ଗତ ପୁଷ୍ପଲତା ମହାନ୍ତିଙ୍କ ଏକାଦଶାହରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ରତିକାନ୍ତ ବେହେରାଙ୍କ ଅଧକ୍ଷତା କରିଛନ୍ତି। ଏହି ସଭାରେ ଶିକ୍ଷକ ରାଜେନ୍ଦ୍ର ଜେନା, ଦେବରାଜ ନାୟକ, ନିଗମାନନ୍ଦ ନାୟକ, ଶଙ୍କର୍ଷଣ ଛାଟିଆ, ଶ୍ରୀ ଭଗବାନ ବିଶ୍ୱାଳ, ପ୍ରଦୀପ ପାତ୍ର, ବସନ୍ତ



ବାରିକ୍, ଶିବ ମଣ୍ଡଳ, ବୈଲୋଚନ ଜେନା, ପ୍ରଦୀପ ଜେନା, ସନ୍ତୋଷ ତରେଇ ସ୍ମୃତି ଚାରଣ କରିଥିଲେ। ସେ ବେଗୁନିଆବଣୀ ସରକାରୀ ପ୍ରାଥମିକ ବିଦ୍ୟାଳୟରୁ ୨୦୨୩ ମସିହାରେ ଅବସର ଗ୍ରହଣ କରିଥିଲେ। ତାଙ୍କର ଏକମାତ୍ର ପୁତ୍ର ଓ ଏକମାତ୍ର ଝିଅ ଅଛନ୍ତି।

# ସର୍ପଘାତ ହ୍ରାସ ଶୀର୍ଷକ ସଚେତନତା କାର୍ଯ୍ୟକ୍ରମ



ରାଇରଙ୍ଗପୁର/ବିଜାତଳା,୧୦।୧୧(ସମିସ): ବିଜତଳା ବ୍ଲକ କେସିଡିକେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧକ୍ଷ ଘନଶ୍ୟାମ ହାତୀଙ୍କ ତତ୍ତ୍ୱାବଧାନରେ ଯୁବ ରେଡକ୍ରସ ଓ ଓସଡମା ଆନୁକୂଲ୍ୟରେ "ସର୍ପଘାତ ହ୍ରାସ' ଶୀର୍ଷକ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଅଧାପକ ତଥା ଯୁବ ରେଡକ୍ରସ ଅଧିକାରୀ ପ୍ରତାପ ଚନ୍ଦ୍ର ବରାଳ ପରିଚାଳନା କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଦୁଇ ଅଧିକାରୀ ଶୈଳେଶ କୁମାର ଗିରି ଓ ଜହରଲାଲ ବେହେରା ସାପକାମୁଡାଠାରୁ ଆମେ କିପରି ସୁରକ୍ଷିତ ରହିବା, ଅନ୍ଧବିଶ୍ୱାସ ଠାରୁ ଦୂରେଇ ରହି ରୋଗୀକୁ କିପରି ଡାକ୍ତରଖାନା ପହଞ୍ଚାଯିବା ସେ ନେଇ ସଚେତନତାର ବାର୍ତ୍ତା ଦେଇଥିଲେ। ସ୍ନେକ ହେଲ୍ପଲାଇନର ସଦସ୍ୟ ଚିରଞ୍ଜିବୀ ସିଂ ପିଲାମାନଙ୍କୁ ବିଷଧର ସାପ ଓ ବିଷହୀନ ସାପ ସମ୍ପର୍କରେ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ଓ ଅଧାପକ, ଅଧାପିକା, କର୍ମଚାରୀ ଯୋଗ ଦେଇଥିଲେ।

# ହିଙ୍ଗୁଳା ଜଗନ୍ନାଥ ମନ୍ଦିରରୁ ଚୋରି

ବଡ଼ସାହି,୧୦।୧୧(ସମିସ): ବଡ଼ସାହି ଥାନା ଅଧୀନ ସୁହାଗପୁର କଉଡିଖଣି ମା' ହିଙ୍ଗୁଳା ପୀଠରେ ଥିବା ଜଗନ୍ନାଥ ମନ୍ଦିରର ହୁଣ୍ଡି ଭାଙ୍ଗି କେହି ଦୁର୍ବୃତ୍ତ ଚୋରି କରିଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ପରିଚାଳନା କମିଟିର ସଂପାଦକ ବାଇଧର ହାଁସଦାଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ବାବା ହରିହର ସଂକୀର୍ତ୍ତନ କ୍ଲବର ବାର୍ଷିକ ମହୋତ୍ସବ

ରାଇରଙ୍ଗପୁର/ବାଦାମପାହାଡ଼, ୧୦।୧୧(ସମିସ): ମୟୂରଭଞ୍ଜ ଜିଲ୍ଲା କୁସୁମୀ ବ୍ଲକ ଅନ୍ତର୍ଗତ ହାଟବାଦଡା ବାବା ହରିହର ସଂକୀର୍ତ୍ତନ କ୍ଲବ ତରଫରୁ ୬୨ତମ ବାର୍ଷିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ନାମ ସଂକୀର୍ତ୍ତନ ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହାଟବାଦଡା ଗ୍ରାମରେ ଅନୁଷ୍ଠିତ ହୋଇଥିଲା।




ନଭେମ୍ବର ୪ରେ ଗ୍ରାମ ପୁଷ୍କରିଣୀରୁ ଘଟ ଉତ୍ତୋଳନ ପରେ ହରିନାମ ଉଠିବା ସହିତ ନାମ ସଂକୀର୍ତ୍ତନ ୧୬ ପ୍ରହର ଆରମ୍ଭ ହୋଇଥିଲା। ଏଥିରେ ମୟୂରଭଞ୍ଜ ଭାଦୁସାହି ଦଳ ସହିତ ଝାଡ଼ଖଣ୍ଡର ନୁପୁଙ୍ଗ, ଟାଟା ଓ ପଶ୍ଚିମବଙ୍ଗର ପୁରୁଲିଆର ୬ଟି ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ। ସଂକୀର୍ତ୍ତନ କାର୍ଯ୍ୟକ୍ରମ ଶେଷ ହେବା ପରେ ଗ୍ରାମ ର ଝିଅ ପୁଅଙ୍କୁ ନେଇ ଭଜନ ଓ ଦେଶାତ୍ମବୋଧକ ସଙ୍ଗୀତ ଆଧାରିତ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିସହିତ ଆଧୁନିକ ମେଲୋଡି ସହିତ ଭୁବନେଶ୍ୱର ଗ୍ରୁପ୍ ରୋଜାଲିନ ଓ ସାଥି ଏବଂ ସନ୍ତୋଷ କୁମାର ସ୍ୱାଇଁ ଓ ସାଥି ମନଛୁଆଁ ଭଜନ ପରିବେଷଣ କରିଥିଲେ। ଅନୁଷ୍ଠାନର ସଭାପତି ମହେଶ୍ୱର ପାତ୍ର, ସମ୍ପାଦକ ଶଙ୍କର ଆପଟ୍, ଉପଦେଷ୍ଟା ମୁରଲୀଧର ପାତ୍ର, ଶମ୍ଭୁନାଥ ପାତ୍ର, କ୍ଷିରୋଦ ପାତ୍ର, ପ୍ରକାଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ଦେଉଳଡିହାରେ ବାଘ ଆତଙ୍କ



ତେଲକୋଇ,୧୦।୧୧(ସମିସ): ତେଲକୋଇ ବନାଞ୍ଚଳ ଦେଉଳଡିହା ଗ୍ରାମ ବୁଲା ଜଙ୍ଗଲରେ ବାଘ ଆତଙ୍କ ଖେଳାଇଥିବା ଅଭିଯୋଗ ହୋଇଛି। ଗ୍ରାମର ତପନ ପ୍ରଧାନଙ୍କ ଏକ ଗୋରୁ ନିକଟସ୍ଥ ବୁଲା ଜଙ୍ଗଲକୁ ଚରିବାକୁ ଯାଇଥିବାବେଳେ ବାଘ ଆକ୍ରମଣର ଶିକାର ହୋଇଥିବା କୁହାଯାଉଛି। ଗାଈ ଲାଙ୍ଗୁଡ଼ର ଉପର ଭାଗରେ ଗଭୀର କ୍ଷତ ସହିତ ରାମ୍ପୁଡ଼ା ଚିହ୍ନ ରହିଥିବାରୁ ଗ୍ରାମବାସୀ ବାଘ ଆକ୍ରମଣ କରିଥାଇପାରେ ବୋଲି ସନ୍ଦେହ କରିଛନ୍ତି। ସ୍ଥାନୀୟ ବନ କର୍ମଚାରୀ ମଧ ଖବରପାଇ ଆହତ ଗାଈକୁ ଦେଖିବା ସହିତ କ୍ଷତ ଚିହ୍ନକୁ ତନଖି ପ୍ରାଥମିକ ତଦନ୍ତ ଆରମ୍ଭ କରିଛନ୍ତି। କ୍ଷତ ଚିହ୍ନକୁ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ପରୀକ୍ଷା କରାଯିବା ପରେ ଏବଂ ଘଟଣାସ୍ଥଳ ପରିଦର୍ଶନ ପରେ ବାଘ ଆକ୍ରମଣ ନା ଆଉ କ'ଣ ସନ୍ଦେହ ଦୂର ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

ସ୍ୱର୍ଣ୍ଣଲତା କଲେଜ ମେଡିକାଲ ସାଇନ୍ସର ବାର୍ଷିକ ଉତ୍ସବ

# ୧୬ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା



କୁଆମରା,୧୦।୧୧(ସମିସ): ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ସ୍ୱର୍ଣ୍ଣଲତା କଲେଜ ମେଡିକାଲ ସାଇନସ୍ ତଥା ଶ୍ରୀଧର କଲେଜ ଅଫ ଫାର୍ମାସୀ ମିଳିତ ଆନୁକୂଲ୍ୟରେ ବିଦ୍ୟାଳୟ ପରିସରରେ ପଞ୍ଚମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ମୁଖ୍ୟ ଭବାନୀଶଙ୍କର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ଡ଼ାଃ ଚନ୍ଦନ କୁମାର ଷଡଙ୍ଗୀ, ଅନୁଷ୍ଠାନର ସଂପାଦକ ପୁରୁଷୋତ୍ତମ ନାୟକ, ବିଦ୍ୟାଳୟର ଅଧକ୍ଷା ବାସନ୍ତୀମଣି ବେହେରା ପ୍ରମୁଖ ଯୋଗଦେଇ ଆଶା ଓ ବିଶ୍ୱାସ ମଣିଷର ଭବିଷ୍ୟତ ଉଜ୍ଜ୍ୱଳ କରାଏ ବୋଲି ମତବ୍ୟକ୍ତ କରିଥିଲେ। ନୀଳଗିରି କଲେଜର ଓଡ଼ିଆ ଅଧାପକ ପ୍ରଦୀପ୍ତ କୁମାର ମିଶ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ବେତନଟୀ କଲେଜ୍ ଓ ନର୍ସିଂର ନିର୍ଦ୍ଦେଶକ ବସନ୍ତ କୁମାର ମହାନ୍ତ, ବରିଷ୍ଠ ସାମ୍ବାଦିକ ଅରୁଣ କୁମାର ଓତା, ନିମାଇଁ ପ୍ରସାଦ ଦାଶ, ଚିତ୍ତରଞ୍ଜନ ଦଳେଇ, ଶାନ୍ତନୁ କୁମାର ମଡୁଆଲ, ବରିଷ୍ଠ ନାଗରିକ କୃଷ୍ଣମୋହନ ବେହେରା ପ୍ରମୁଖ ୧୬ ଜଣ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବିଭିନ୍ନ ବିଭାଗରୁ ୨୬ ଜଣ କୃତୀ ବିଦ୍ୟାର୍ଥୀଙ୍କ ମଧ ପୁରସ୍କୃତ କରାଯାଇଥିଲା। ହିମାଂଶୁ ବେହେରା, ନିହାରିକା ମୁଦୁଲି, ମମତା ଦଳେଇ, ଜ୍ୟୋତି ରେଖା କବାଟ, ଅର୍ପିତା ଜେନା, ଧରିତ୍ରୀ ରାଉତ, ନମ୍ରତା ପୁଥାଳ, ବର୍ଷା ପ୍ରିୟଦର୍ଶିନୀ ସିଂ, ସୀତାରାମ ସାମଲ, ସୈଭାଗ୍ୟ ସଲଙ୍ଗୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ଆନ୍ତଃ ରାଜ୍ୟ ଡକାୟତି ଗ୍ୟାଙ୍ଗକୁ ଧରିବାକୁ ପୁଲିସର ଚଢଉ

# ଜଙ୍ଗଲରୁ ୨ଟି ବନ୍ଧୁକ ଓ ମାରଣାସ୍ତ୍ର ଜବତ

ରାଇରଙ୍ଗପୁର,୧୦।୧୧(ସମିସ): ଝାଡ଼ଖଣ୍ଡ-ମୟୂରଭଞ୍ଜ ସୀମାନ୍ତବର୍ତ୍ତି ଅଞ୍ଚଳରେ ଡକାୟତି, ଲୁଟ ଆଦି ଏକ ଆନ୍ତରାଜ୍ୟ ଡକାୟତ ଗ୍ୟାଙ୍ଗ ଯୋଜନା କରୁଥିବା ବେଳେ ଖବର ପାଇ ବହଳଦା ପୁଲିସ ଚଢଉ କରିଥିଲା। ହେଲେ ପୁଲିସକୁ ଦେଖି ଗ୍ୟାଙ୍ଗର ସଦସ୍ୟମାନେ ଫେରାର ହୋଇଯାଇଥିବା ବେଳେ ଜଙ୍ଗଲ ମଧ୍ୟରୁ ୨ଟି ବନ୍ଧୁକ ଜବତ ହୋଇଛି। ବହଳଦା ପୁଲିସକୁ ଛାପଦା ଅଞ୍ଚଳର ଜଙ୍ଗଲ ମଧ୍ୟରେ ଏକ ଆନ୍ତଃରାଜ୍ୟ ଡକାୟତି ଗ୍ୟାଙ୍ଗ ଅପରାଧିକ କାର୍ଯ୍ୟକଳାପ ଭିଆଇବାକୁ ଯୋଜନା କରୁଥିବା ଖବର ପାଇଥିଲା। ଯାହାକୁ ନେଇ ସବ ଇନ୍ସପେକ୍ଟର ଅନନ୍ତ ଦାସଙ୍କ ନେତୃତ୍ୱରେ ପୁଲିସ ଟିମ ଚଢ଼ଉ କରିଥିଲେ। କିନ୍ତୁ ପୁଲିସ ଘଟଣାସ୍ଥଳରେ ପହଞ୍ଚିବାବେଳକୁ ଡକାୟତମାନେ ଫେରାର ହୋଇଯାଇଥିଲେ। ପରେ ପୁଲିସ ୨ଟି ବନ୍ଧୁକ ଓ ମାରଣାସ୍ତ୍ର ଜବତ କରିଛି। ଘଟଣାସ୍ଥଳରୁ ପୁଲିସ ଗୋଟିଏ ଦେଶୀ ବନ୍ଧୁକ ଓ ୮ଏମଏମ ବନ୍ଧୁକ ଜବତ କରିଛି। ଦୁର୍ବୃତ୍ତଙ୍କୁ ଧରିବାକୁ ପୁଲିସ ଉଦ୍ୟମ ଚଳାଇଛି। ଏନେଇ ପୁଲିସ ବହଳଦା ଥାନାରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ସକାଳ
THE SAKALA
www.sakalaepaper.com

# ସମ୍ପୂର୍ଣ୍ଣ

ମଙ୍ଗଳବାର, ୧୧ ନଭେମ୍ବର, ୨୦୨୫



## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ସମସ୍ୟା ଦେଖା ଦେବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଅନ୍ତୁ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଦୀର୍ଘଦିନର ସମସ୍ୟାର ସମାଧାନ ହେବ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବ ନାହିଁ। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ।

**କର୍କଟ:** ଅଚାନକ ସମସ୍ୟାରେ ପଡ଼ିପାରନ୍ତି। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେଇପାରେ। ପିଲାମାନଙ୍କ ଭବିଷ୍ୟତକୁ ନେଇ ପିତାମାତା ଯୋଜନା କରିବେ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଯାତ୍ରା ଲାଭଦାୟକ ହେବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ। ଦାନ ଧର୍ମ କରିବେ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାଗ୍ରସ୍ତ ରହିପାରନ୍ତି। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ସମ୍ପର୍କୀୟଙ୍କ ସହଯୋଗ ମିଳିବ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ପରିବାର ସଦସ୍ୟଙ୍କ ସହିତ ହସ ଖୁସିରେ ସମୟ ବିତାଇବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ବୈବାହିକ ଜୀବନ ମଜଭୁତ୍ ହେବ। ଆୟ ଅନୁସାରେ ଖର୍ଚ୍ଚ କରିବେ।


**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

## ଆଜିର ଇତିହାସ

- ୧୮୮୯- ୱାଶିଂଟନ୍‌କୁ ଆମେରିକାର ୪୨ ତମ ପ୍ରାନ୍ତ ଘୋଷଣା କରାଗଲା।
- ୧୯୫୬- ରାଜଧାନୀ ଦିଲ୍ଲୀ କେନ୍ଦ୍ରଶାସିତ ଅଞ୍ଚଳ ହେଲା।
- ୧୯୬୬- ନାସା ମହାକାଶ ଯାନ 'ଜେମିନି-୧୨' ଲଞ୍ଚ୍ କଲା।
- ୧୯୭୩- ପ୍ରଥମ ଅନ୍ତରାଷ୍ଟ୍ରୀୟ ଡାକଟିକଟ ପ୍ରଦର୍ଶନୀ ନୂଆଦିଲ୍ଲୀରେ ଆରମ୍ଭ ହେଲା।
- ୧୯୮୨- ଇସ୍ରାଏଲର ସେନା ମୁଖ୍ୟାଳୟରେ ଗ୍ୟାସ୍ ବିସ୍ଫୋରଣ ଯୋଗୁଁ ପାଖାପାଖି ୬୦ ଲୋକଙ୍କ ମୃତ୍ୟୁ।
- ୨୦୦୧-ଦୋହା ବୈଠକରେ ଡବ୍ଲୁଟିଓ ଭାରତର ସମର୍ଥନ କଲା।

## ଜାତୀୟ ଶିକ୍ଷା ଦିବସ

ଦେଶର ବିକାଶରେ ମାନବ ସମ୍ବଳର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଥାଏ। ଦକ୍ଷ ମାନବ ସମ୍ବଳ ପାଇଁ ଉପଯୁକ୍ତ ଶିକ୍ଷା ଅପରିହାର୍ଯ୍ୟ। ମଣିଷ ଜୀବନରେ ଶିକ୍ଷାର ଆବଶ୍ୟକତା ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ନଭେମ୍ବର ୧୧କୁ ଜାତୀୟ ଶିକ୍ଷା ଦିବସ ଭାବେ ପାଳନ କରାଯାଉଛି। ଶିକ୍ଷା ହେଉଛି ଏକ ଶକ୍ତିଶାଳୀ ସାଧନ ଯାହା ମାଧ୍ୟମରେ ଆମେ ଆମ ଜୀବନକୁ ଉନ୍ନତ କରିପାରିବା। ଏହା ଆମକୁ ଜ୍ଞାନ, କୌଶଳ, ଏବଂ ଦକ୍ଷତା ପ୍ରଦାନ କରିବା ସହ ଆମ ଲକ୍ଷ୍ୟ ପୂରଣ କରିବାରେ ଏବଂ ବିଶ୍ୱର ଉନ୍ନତି କରିବାରେ ସାହାଯ୍ୟ କରିଥାଏ। ଏହିଦିନ ଭାରତର ପ୍ରଥମ ଶିକ୍ଷା ମନ୍ତ୍ରୀ ତଥା ଭାରତ ରତ୍ନ ମୌଲାନା ଅବୁଲ କଲାମ ଆଜାଦଙ୍କ ଜନ୍ମ ଦିବସ। ମୌଲାନା ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ଶିକ୍ଷାବିତ୍ ଓ ଲେଖକ ଥିଲେ। ସେ ୧୮୮୮ ମସିହା ଆଜିର ଦିନରେ ଆରବର ମକ୍କା ସହରରେ ଜନ୍ମଗ୍ରହଣ କରିଥିଲେ। ମୌଲାନା ତାଙ୍କୁ ପ୍ରଦତ୍ତ ଏକ ସମ୍ମାନସ୍ୱଦ ଉପାଧି ଥିଲା। ପରବର୍ତ୍ତୀ ସମୟରେ ସେ ତାଙ୍କ ନାମରେ ଆଜାଦ ଯୋଡ଼ିଥିଲେ, ଯାହାର ଅର୍ଥ ମୁକ୍ତି। ୧୫ ଅଗଷ୍ଟ ୧୯୪୭ରୁ ଫେବ୍ରୁଆରୀ ୨, ୧୯୫୮ ପର୍ଯ୍ୟନ୍ତ ସେ ଭାରତର ଶିକ୍ଷା ମନ୍ତ୍ରୀ



ଥିଲେ। ମୌଲାନାଙ୍କ ଅନୁସାରେ, ବିଦ୍ୟାଳୟ ଏପରି ଏକ ପ୍ରୟୋଗଶାଳା, ଯେଉଁଠାରେ ରାଷ୍ଟ୍ରର ଭବିଷ୍ୟତ ପିଢ଼ିଙ୍କ ବିକାଶ ହୋଇଥାଏ। ଭାରତରେ ପ୍ରତିଷ୍ଠିତ ବିଭିନ୍ନ ଆଇଆଇଟିଗୁଡ଼ିକର ଶ୍ରେୟ ତାଙ୍କୁ ଦିଆଯାଏ। ସ୍ୱାଧୀନତା ସଂଗ୍ରାମ ସମୟରେ ସେ ଭାରତୀୟ ଜାତୀୟ କଂଗ୍ରେସର ବରିଷ୍ଠ ନେତାମାନଙ୍କ ମଧ୍ୟରୁ ଜଣେ ଥିଲେ। ଶିକ୍ଷା ମନ୍ତ୍ରୀ ଥିବା ସମୟରେ ସେ ଜାତୀୟ ଶିକ୍ଷା ନୀତିର ସ୍ଥାପନା କାରିଥିଲେ। ପ୍ରାଥମିକ ଶିକ୍ଷାର ଅଗ୍ରଗତି ତାଙ୍କର ମୁଖ୍ୟ ଲକ୍ଷ୍ୟ ଥିଲା। ୧୯୯୨ ମସିହାରେ ତାଙ୍କୁ ଭାରତରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଦେଶ ସ୍ୱାଧୀନ ହେବା ପରେ ସେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ସ୍ଥାପନା କରିଥିଲେ। ଭାରତୀୟ ଶିକ୍ଷା ବ୍ୟବସ୍ଥାକୁ ଏକ ନୂତନ ରୂପରେଖ ଦେବାରେ ତାଙ୍କର ଅବଦାନକୁ ଚିରସ୍ମରଣୀୟ କରିବା ପାଇଁ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ୨୦୦୮ ମସିହାରୁ ନଭେମ୍ବର ୧୧ ତାରିଖକୁ 'ଜାତୀୟ ଶିକ୍ଷା ଦିବସ' ଭାବେ ପାଳନ କରାଯାଇ ଆସୁଛି। ଶିକ୍ଷା ବିଷୟରେ ଲୋକଙ୍କୁ ସଚେତନ କରିବା ତଥା ଲୋକଙ୍କୁ ସାକ୍ଷର କରିବା ଉଦ୍ଦେଶ୍ୟରେ ଏହି ଦିନ ବିଭିନ୍ନ କାର୍ଯ୍ୟକ୍ରମ କରାଯାଏ। ବିଦ୍ୟାଳୟ, କଲେଜ ଏବଂ ବିଶ୍ୱବିଦ୍ୟାଳୟରେ ଜାତୀୟ ଶିକ୍ଷା ଦିବସରେ ବକ୍ତୃତା, ପ୍ରବନ୍ଧ ପ୍ରତିଯୋଗିତା, ପୁସ୍ତକ ମେଳାର ଆୟୋଜନ କରାଯାଇଥାଏ।

## ଟଙ୍କା ଦେଇ ୱେଟର ସାଜୁଛନ୍ତି ଗ୍ରାହକ



ରେଷ୍ଟୋରାଁଗୁଡ଼ିକ ବିଭିନ୍ନ ଉପାୟ ଅବଲମ୍ବନ କରି ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ଯୋଜନା କରନ୍ତି। ଏହି କ୍ରମରେ ଜାପାନରେ ଏମିତି ଏକ ରେଷ୍ଟୋରାଁ ରହିଛି ଯେଉଁଠି ଗ୍ରାହକ ୱେଟର୍ ଅନୁଭୂତି ପାଇବାକୁ ରେଷ୍ଟୋରାଁ ଆସନ୍ତି। ଆଉ ଟଙ୍କା ଦେଇ ୱେଟର୍ ସାଜନ୍ତି। ଜାପାନର ଏକ ଲୋକପ୍ରିୟ ରେଷ୍ଟୋରାଁରେ ଗ୍ରାହକ ଟଙ୍କା ଦେଇ ୱେଟର୍ ସାଜିବା ଅନୁଭୂତି ନେଉଛନ୍ତି। ଏଥିପାଇଁ ରେଷ୍ଟୋରାଁ ପକ୍ଷରୁ ଗ୍ରାହକଙ୍କୁ ୱେଟର୍‌ଙ୍କ ପୋଷାକ ଦିଆଯାଏ। ତେବେ ସାମାଜିକ ଗଣମାଧ୍ୟମରେ ରେଷ୍ଟୋରାଁର ଏହି ନିୟମ ଏବେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ପପ୍-ଅପ୍ ଆଉଟଲେଟରେ କିଛି ଗ୍ରାହକ ଖାଦ୍ୟ ଖାଇବା ସହ ୱେଟର୍ ସାଜିବା ସଉକ ପୂରା କରିବାକୁ ଆସିଥାନ୍ତି। ରେଷ୍ଟୋରାଁରେ ଗ୍ରାହକ ୱେଟର୍ ପୋଷାକ ପିନ୍ଧି ରେଷ୍ଟୋରାଁର କର୍ମଚାରୀମାନଙ୍କୁ ଖାଦ୍ୟ ପରଷନ୍ତି। ଅବଶ୍ୟ ଗ୍ରାହକଙ୍କୁ ଏଭଳି ସଉକ ପୂରଣ କରିବା ପାଇଁ ୯୦ ମିନିଟ୍‌କୁ ଭାରତୀୟ ମୂଦ୍ରାରେ ୨,୨୯୮ ଟଙ୍କା ଦେବାକୁ ପଡ଼େ। ଏହାଦ୍ୱାରା ଗ୍ରାହକ କିଛି ସମୟ ପାଇଁ ନିଜକୁ ୱେଟର୍ ଭାବିଥାନ୍ତି। କିଛି ଲୋକ ୱେଟର୍‌ଙ୍କ ଭଳି ପୂରା ପୋଷାକ ନ ପିନ୍ଧି କେବଳ ପୋଷାକ ଉପରେ ତାକୁ ଗଳାଇ ଦେଇଥାନ୍ତି।

## ବିବାହ ପରେ ବିଦା ହୁଏ ବର

ସାଧାରଣତଃ ବିବାହକୁ ନେଇ ବିଭିନ୍ନ ସ୍ଥାନରେ ଭିନ୍ନ ରୀତିନୀତି ସଂସ୍କୃତି, ପ୍ରଥା, ପରମ୍ପରା ଆଦି ଦେଖିବାକୁ ମିଳିଥାଏ। ଏହିକ୍ରମରେ ମେଘାଳୟର ଖାସୀ ଜନଜାତିରେ ମଧ୍ୟ ବିବାହକୁ ନେଇ ଅଜବ ପରମ୍ପରା ଦେଖିବାକୁ ମିଳିଥାଏ। ଏଠାରେ ବିବାହ ପରେ କନିଆ ବଦଳରେ ବର ବିଦା ହୋଇଥାଏ। ତେବେ ଏହି ଜନଜାତିରେ ମହିଳାମାନଙ୍କର ରାଜୁତି ଚାଲେ। ଏଥିସହ ସମାଜରେ ସେମାନଙ୍କ ଭୂମିକା ସର୍ବୋଚ୍ଚ ବୋଲି କୁହାଯାଏ। ଏହି ପରମ୍ପରା ବର୍ଷ ବର୍ଷ ଧରି ଏଠାରେ ପାଳିତ ହୋଇ ଆସୁଛି। ଏଠାକାର ସମାଜ ମାତୃକୈନ୍ଦ୍ରିକ। ଏଠାରେ ପରିବାର ମୁଖ୍ୟ ଘରର ମହିଳା ହୋଇଥାନ୍ତି। ଘରର ସମ୍ପତ୍ତି, ଉପନାମ ସହ ଘରର ସମସ୍ତ ଦାୟିତ୍ୱ ଝିଅ ନେଇଥାଏ। ସେହିପରି ବିଶେଷ କଥା ହେଉଛି ପରିବାରର ସବୁଠୁ ସାନ ଝିଅଙ୍କୁ ମାଆବାପାଙ୍କ ଦେଖାଶୁଣା ଦାୟିତ୍ୱ ଦିଆଯାଏ। ପୁରୁଷମାନେ ଏଠି ମହିଳାମାନଙ୍କୁ ନିଷ୍ପତ୍ତି



ନେବାରେ ସାହାଯ୍ୟ କରନ୍ତି। ଶେଷ ନିଷ୍ପତ୍ତି କିନ୍ତୁ ମହିଳାଙ୍କ ଦ୍ୱାରା ହିଁ ନିଆଯାଇଥାଏ। ଏହି ନିଆରା ପରମ୍ପରା ମହିଳାଙ୍କ ସ୍ୱାଧୀନ ଚିନ୍ତାଧାରା ପ୍ରତୀକ। ଖାସି ଜନଜାତିର ସବୁଠୁ ରୋଚକୀୟ କଥା ହେଉଛି ବିବାହ ପରେ ବର ଶ୍ୱଶୁର ଘରକୁ ଯାଇଥାଏ। ବର ଶ୍ୱଶୁର ଘରକୁ ଯାଇ କନିଆ ପରିବାର ସହ ମିଶି ଜୀବନ ଅତିବାହିତ କରିଥାଏ। ଏହି ପରମ୍ପରା ଜନଜାତିଙ୍କ ପାଇଁ ଗର୍ବର ବିଷୟ ଭାବେ ଜଣାଯାଏ। ସ୍ଥାନୀୟ ଅଞ୍ଚଳରେ ପ୍ରଚଳିତ ଲୋକବିଶ୍ୱାସ ଅନୁଯାୟୀ, ଏହାଦ୍ୱାରା ପରିବାର ମଜଭୁତ ରହିବା ସହ ମହିଳାଙ୍କୁ ସାମାଜିକ ସମାନତା ମିଳିଥାଏ। ନିକଟରେ ଏହାକୁ ନେଇ ଏକ ଭିଡିଓ ଭାଇରାଲ ହେବା ପରେ ଏହି ଘଟଣା ସଭିଙ୍କ ଧ୍ୟାନ ଆକର୍ଷଣ କରିଥିଲା।

## 'ବର୍ଡର ୨'
## ଆସିଲା ବରୁଣଙ୍କ ଲୁକ୍

ଅନୁରାଗ ସିଂହଙ୍କ ନିର୍ଦ୍ଦେଶିତ 'ବର୍ଡର ୨' ଫିଲ୍ମରୁ ବରୁଣ ଧୱନଙ୍କ ଲୁକ୍ ସାମ୍ନାକୁ ଆସିଛି। ଏହା ସାମାଜିକ ଗଣମାଧ୍ୟମରେ ଖୁବ୍ ଭାଇରାଲ ହେଉଛି। ଏହାପୂର୍ବରୁ ଫିଲ୍ମରୁ ସନ୍ନି ଦେଓଲଙ୍କ ଲୁକ୍ ଭାଇରାଲ ହୋଇଥିଲା। ଜାନୁଆରୀ ୨୩, ୨୦୨୬ରେ ଏହା ପରଦାକୁ ଆସିବ। ସାମାଜିକ ଗଣମାଧ୍ୟମରେ ବରୁଣ ଫିଲ୍ମର ପୋଷ୍ଟର ସେୟାର୍ କରି ଲେଖିଛନ୍ତି- 'ଦେଶର ସିପାହୀ ପିବିସି ହୋସିଆର ସିଂହ ଦହିଆ।' ପୋଷ୍ଟର୍‌ରେ ବରୁଣ ସେନା ପୋଷାକରେ ବନ୍ଧୁକ ଧରିଥିବାର ଦେଖାଯାଇଛନ୍ତି। ତାଙ୍କ ଆଖପାଖରେ କିଛି ସୈନିକ ମଧ୍ୟ ଅଛନ୍ତି। ତନ୍ମଧ୍ୟରୁ କିଛି ଜଣ ଆହତ ହୋଇଥିବାବେଳେ ଆଉ କିଛି ଲଢୁଥିବାର ଦେଖାଯାଇଛନ୍ତି। ବରୁଣଙ୍କ ଆଖିରେ ଶତ୍ରୁପକ୍ଷ ପ୍ରତି ଆକ୍ରୋଶ ସ୍ପଷ୍ଟ ବାରି ହୋଇ ପଡୁଛି। ଏଥିରେ ବରୁଣଙ୍କ ସହ ସନ୍ନି ଦେଓଲ, ଦିଲଜିତ୍ ଦୋସାଞ୍ଜ,ଅହାନ୍ ସେଟ୍ଟୀ, ମେଘା ରାଣା, ମୋନା ସିଂହ, ସୋନମ୍ ବାଜୱା ପ୍ରମୁଖ ନଜର ଆସିବେ। ସେହିଭଳି ଭୂଷଣ କୁମାର, କୃଷ୍ଣ କୁମାର, ଜେପି ଦତ୍ତା, ନିଧି ଦତ୍ତା ଏହାର ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି। ଏଠାରେ ପ୍ରକାଶ ଥାଉ କି, 'ବର୍ଡର ୨' ୧୯୯୭ରେ ଆସିଥିବା ଜେପି ଦତ୍ତାଙ୍କ ନିର୍ଦ୍ଦେଶିତ 'ବର୍ଡର'ର ସିକ୍ୱେଲ।






## କୁକୁଡ଼ା ବସନ୍ତ

**ବର୍ତ୍ତମାନ ଆମ ରାଜ୍ୟର ଅଧିକାଂଶ ଜିଲ୍ଲାରେ କୁକୁଡ଼ା ବସନ୍ତ ରୋଗ ଦେଖାଯାଉଛି। ଏହା ଏକ ଭୂତାଣୁଜନିତ ରୋଗ। ଶୀତଋତୁରେ ଆର୍ଦ୍ର ବାତାବରଣ ଯୋଗୁଁ କୁକୁଡ଼ା ଏହି ରୋଗରେ ଆକ୍ରାନ୍ତ ହୁଅନ୍ତି। ଏହି ରୋଗର ଲକ୍ଷଣ ଅନୁଯାୟୀ ଚିକିତ୍ସକଙ୍କ ପରାମର୍ଶରେ ଚିକିତ୍ସା ଯୋଗାଇଦେବା ଆବଶ୍ୟକ।**



କୁକୁଡ଼ା ବସନ୍ତ ରୋଗରେ ଆକ୍ରାନ୍ତ କୁକୁଡ଼ାଙ୍କ ମୁଣ୍ଡ, ପାଟି, ଆଖି ଆଦି ସ୍ଥାନରେ ଘା' ହୋଇଯାଏ। ଆଖି ବନ୍ଦ ହୋଇଯିବାରୁ ସେମାନେ ଦେଖିପାରନ୍ତିନି। ପ୍ରାୟତଃ ଅନ୍ଧ ହୋଇଯାଆନ୍ତି। ଚୂଳ, ଥଣ୍ଟ, ବେକ ଆଦି ସ୍ଥାନରେ ବସନ୍ତ ହୋଇ ଫୋଟକା ସୃଷ୍ଟି ହୁଏ। ଏହି ରୋଗରେ ଆକ୍ରାନ୍ତ କୁକୁଡ଼ା ଖାଇବା ପିଇବା ବନ୍ଦ କରିଥାନ୍ତି। ଗମ୍ଭୀରସ୍ଥିତିରେ କୁକୁଡ଼ା ମୃତ୍ୟୁବରଣ କରିଥାନ୍ତି। ତେବେ ଆକ୍ରାନ୍ତ କୁକୁଡ଼ାଠାରୁ ଅନ୍ୟକୁକୁଡ଼ାଙ୍କୁ ଏହି ରୋଗ ବହୁତ ଜୋରରେ ବ୍ୟାପୁଥିବାରୁ ରୋଗର ଲକ୍ଷଣ ଦେଖିବାମାତ୍ରେ ଡାକ୍ତରଙ୍କ ପରାମର୍ଶରେ ଯତ୍ନ ନେବା ଜରୁରି। ରୋଗର ନିରାକରଣ ପାଇଁ ବଡ଼ କୁକୁଡ଼ା ଓ ଛୋଟ କୁକୁଡ଼ାଙ୍କୁ ଟିକା କରଣ କରାଯାଏ। କୁକୁଡାର ପର ତଳେ ୦.୧ ମିଲି ଟିକା ଦିଆଯାଇଥାଏ। ସେହିପରି ଘା' ଗୁଡିକୁ ପଟାସ ପାଣିରେ ଧୋଇବା ଜରୁରି। ଯଦି ଟିକା ଉପଲବ୍ଧ ନ ଥାଏ, ହୋମିଓପାଥି ଉପଚାର କରି ପାରିବେ। ପାଣିରେ ହୋମିଓପାଥି ଔଷଧ ପକାଇ କୁକୁଡ଼ାଙ୍କୁ ଦେଲେ ରୋଗର ତୀବ୍ରତା କମିଥାଏ। ତେବେ ସଂକ୍ରମିତ କୁକୁଡ଼ାଙ୍କୁ ସୁସ୍ଥ କୁକୁଡ଼ାଙ୍କଠାରୁ ଦୂରେଇ ରଖନ୍ତୁ।

## ଏମାସର ଚାଷ

**ଆମ ରାଜ୍ୟର ପ୍ରାୟତଃ ଚାଷୀ ଧାନ ଚାଷ ସହିତ ବିଭିନ୍ନ ପ୍ରକାର ପରିବା ଚାଷ କରିଥାନ୍ତି। ତେଣୁ ନଭେମ୍ବର ମାସରେ ପରିବା ଚାଷ କରୁଥିଲେ; କିଛି କଥାକୁ ଧ୍ୟାନ ଦେବା ଜରୁରି।**



ଚାଷ ପୂର୍ବରୁ ଜମିରେ ମାଟିକୁ ଗୁଣ୍ଡ କରି ଏକର ପ୍ରତି ୧୦ କ୍ୱିଣ୍ଟାଲ ସଢ଼ା ଗୋବର ଖତ ପ୍ରୟୋଗ କରି ମାଟିକୁ ସମତଳ କରିଦିଅନ୍ତୁ। ନଭେମ୍ବର ମାସରେ ଆଳୁ, ଗାଜର, ମୂଳା, ବିଟ୍, କୋବି ଓ ଟମାଟୋ ଆଦି ପନିପରିବା ଚାଷ କରିପାରିବେ। ମୁଖ୍ୟତଃ ଏହି ଦିନେ ତାପମାତ୍ରା କମ୍ ରୁହେ, ତେଣୁ ଗଛ ମୂଳରେ ଅଧିକ ମାତ୍ରାର ପାଣି ଦେବା ଅନୁଚିତ। ଏହାଦ୍ୱାରା ଗଛ ମୂଳ ସଢ଼ିଯାଇଥାଏ। ସୂର୍ଯ୍ୟକିରଣ ପଡୁଥିବା ସ୍ଥାନରେ ଗଛ ଲଗାଇବା ଭଲ। ଜମିରେ ବୁଣାକାମ ପୂର୍ବରୁ ମାଟିରେ ଖତ ମିଶାଇ ଦିଅନ୍ତୁ। ଗଛରେ ଯବକ୍ଷାରଜାନ ଓ ପଟାସ ଆଦି ଉପଯୋଗ କରିପାରିବେ। ଯଦି ଚାହିଁବେ ଜୈବିକ ପ୍ରଣାଳୀରେ ଚାଷ କରିପାରିବେ।

ଗଛ ଲଗାଇବା ପରେ ସପ୍ତାହ ଅନ୍ତରରେ ୪ରୁ ୫ ଥର ଜଳ ସିଞ୍ଚନ କରିବାକୁ ଭୁଲନ୍ତୁନି। ଏକମାସ ପରେ ଚାଷଜମିରେ କୋଡାଖୋସା କରିବା ଆବଶ୍ୟକ। ଘାସ ନିୟନ୍ତ୍ରଣ କରି ଜୈବିକ ସାର ପ୍ରୟୋଗ କଲେ ଫସଲ ସୁରକ୍ଷିତ ରୁହେ। ୪୫ ଦିନରେ ୩ରୁ ୪ କ୍ୱିଣ୍ଟାଲ ପ୍ରତି ଏକର ପିଛା ଜିଆ ଖତ ପ୍ରୟୋଗ କରିପାରିବେ।

## ନଡ଼ା ସଫା ଯନ୍ତ୍ର




ଅଧିକାଂଶ ଚାଷୀ ଫସଲ ଅମଳ ପରେ ସେହି ଜମିରେ ଅନ୍ୟ ଫସଲ ଚାଷ କରିଥାନ୍ତି। ପ୍ରତ୍ୟେକ ଚାଷକାର୍ଯ୍ୟ ଆରମ୍ଭରୁ ମାଟିକୁ ଭଲ ଭାବେ ଗୁଣ୍ଡ କରି ଜମି ପ୍ରସ୍ତୁତ କରାଯାଏ। ତେବେ ପ୍ରଥମ ଫସଲ ଯଥା ଧାନ, ଗହମ କିମ୍ବା ଅନ୍ୟାନ୍ୟ ଫସଲ ଅମଳ ପରେ ଜମିରେ ଏହାର ଅବଶିଷ୍ଟାଂଶ ରହିଥାଏ। ଏନେଇ ଅଧିକାଂଶ ଲୋକ ଚାଷ ପୂର୍ବରୁ ପୁରୁଣା ଫସଲର ଅବଶିଷ୍ଟାଂଶକୁ ପୋଡ଼ିଥାନ୍ତି। ଏହା ଯୋଗୁଁ ଜମିରେ ଉପଯୋଗୀ ଜୀବାଣୁ ନଷ୍ଟ ହୋଇଯାଇଥାନ୍ତି। ମାଟି ଟାଣ ହେବା ସହ ଜଳଧାରଣା କ୍ଷମତା କମିଯାଏ। ତେଣୁ ଏବେ ଏହି ସମସ୍ୟାକୁ ଦୂର କରିବ ସୁପର ସିଡର। ଏହି କୃଷି ଯନ୍ତ୍ରଟି ଗହମ, ଧାନ ତଥା ଅନ୍ୟ ଫସଲ କାଟିବା ପରେ ଜମିରେ ବଳକା ଥିବା କୁଟା, ନଡ଼ା, କାଠି ଆଦିକୁ ସିଧାସଳଖ ମାଟିରେ ମିଶାଇ ଦିଏ। ଏହାଦ୍ୱାରା ଚାଷୀଙ୍କୁ ଆଉ ଫସଲ ବର୍ଜ୍ୟକୁ ପୋଡିବାକୁ ପଡ଼ି ନ ଥାଏ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହା ଦ୍ୱାରା ଜମିର ବର୍ଜ୍ୟ ମାଟିରେ ମିଶି ଫସଲରେ ଖତ ପରି କାମ ଦିଏ। ଏହି କୃଷି ଯନ୍ତ୍ରର ମୂଲ୍ୟ ପାଖାପାଖି ୨.୪୦ଲକ୍ଷରୁ ୩ ଲକ୍ଷ ଟଙ୍କା ହେବ। ଏହି ଯନ୍ତ୍ରଟିକୁ ଟ୍ରାକ୍ଟର ସହିତ ଫିଟ୍ କରି ଜମିରେ ବ୍ୟବହାର କରିବାକୁ ପଡ଼େ। ଫଳରେ ଚାଷୀମାନେ ସହଜ ଓ ସ୍ୱଳ୍ପ ମୂଲ୍ୟରେ ହଳ ସହିତ ବୁଣା କାମ କରିପାରନ୍ତି।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ଧାନକେଣ୍ଡାରେ ଶତକଡ଼ା ୮୫ ଭାଗ ପାଚି ଯାଇଥିଲେ କାଟି ନିଅନ୍ତୁ। ବେଙ୍ଗଳା ପରେ ଧାନକୁ ଭଲ ଭାବେ ଖରାରେ ଶୁଖାଇ ସାଇତି ରଖନ୍ତୁ।
- ଅମଳ ଉପଯୋଗୀ ଫସଲ ଯଥା ପନିପରିବା ଓ ଶସ୍ୟଜାତୀୟ ଫସଲକୁ ଅମଳ କରି ସୁରକ୍ଷିତ ସ୍ଥାନରେ ରଖନ୍ତୁ।
- ଅମଳକ୍ଷମ ପିଆଜର କିସମ ଗୁଡିକ ହେଲା- ଆଗ୍ରିଫାଉଣ୍ଡ ଲାଇଟ୍ ରେଡ୍, ଆଗ୍ରିଫାଉଣ୍ଡ ଡାର୍କ ରେଡ୍, ଭୀମ ଶକ୍ତି, ଭୀମ ସୁପର ଇତ୍ୟାଦି।
- ଉଚ୍ଚ-ମଧ୍ୟମ ଜମିରେ ବତର ଦେଖି ରବି ଫସଲ ଯଥା ମୁଗ, ବିରି, ଝୁଡ଼ଙ୍ଗ, ମଟର, ଚିନାବାଦାମ ଓ ସୂର୍ଯ୍ୟମୁଖୀ ଚାଷ କରନ୍ତୁ।
- ଲଙ୍କାରେ ଉକୁଣିଆ ପୋକର ପରିଚାଳନା ପାଇଁ ଏକର ପିଛା ୮ଟି ଅଠାଳିଆ ଯନ୍ତା ଲଗାନ୍ତୁ।
- ଶୀତଋତୁରେ ମାଛମାନଙ୍କ ଦେହରେ କବକ ବୀଜାଣୁ ଓ ପରଜୀବୀ ଜନିତ ରୋଗ ଦେଖାଯାଇଥାଏ। ଏହି ରୋଗମାନଙ୍କର ନିରାକରଣ ପାଇଁ ଶୀତଋତୁ ଆରମ୍ଭ ହେବା ପୂର୍ବରୁ ଏକ ଏକର ପୋଖରୀ ପ୍ରତି ସିଫାକ୍ସ ୪୦୦ ମିଲି କିମ୍ବା ପଟାସିୟମ ପରମାଙ୍ଗାନେଟ୍ ୧ ରୁ ୨ କେଜି କିମ୍ବା ଚୂନ ୫୦ରୁ ୧୦୦ କେଜି ମିଶାଇ ବିଶୋଧନ କରନ୍ତୁ।



## କୁଣ୍ଡରେ ମଟର ଅମଳ

ଶୀତଦିନେ ମଟରର ଚାହିଦା ଅଧିକ ଥାଏ। ତେଣୁ ବାଲ୍‌କୋନି କିମ୍ବା ଘରେ କୁଣ୍ଡରେ ମଟର ଚାଷ ସମ୍ଭବ। ମଟର ଚାଷ କରିବାକୁ ୧୦ରୁ ୧୨ ଇଞ୍ଚ ଗଭୀର କୁଣ୍ଡ ଆବଶ୍ୟକ ହୋଇଥାଏ। କୁଣ୍ଡ ତଳପାର୍ଶ୍ୱରେ ବାୟୁ ଚଳାଚଳ ପାଇଁ ଛୋଟ କଣା ରହିଥିବା ଜରୁରି। ମାଟି, ସଢ଼ାଗୋବର, ଖତ ବାଲି ଆଦିକୁ ମିଶାଇ କୁଣ୍ଡ ଭର୍ତ୍ତି କରି ସେଥିରେ ଗଛ ଲଗାଯାଏ। ମାଟିରେ ବାୟୁ ଚଳାଚଳ ଯେପରି ହୋଇପାରିବ ସେନେଇ ଧ୍ୟାନ ଦେବା ଆବଶ୍ୟକ। କୁଣ୍ଡରେ ମଞ୍ଜିକୁ ୩ରୁ ୪ ସେମି ଗଭୀରରେ ପୋତି ଗଛକୁ ଗଛ ୧୦ରୁ ୧୫ ସେମି ଦୂରରେ ରଖାଯାଏ।



ସେହିପରି ଗଛକୁ ଯେପରି ୬ଘଣ୍ଟା ସୂର୍ଯ୍ୟକିରଣ ମିଳିପାରିବ ତାହାକୁ ଧ୍ୟାନ ଦେବା ଆବଶ୍ୟକ। ମଟର ଗଛର ଲତା ବଢ଼ିଲେ ଏହାକୁ ସାହାରା ଦେବାକୁ ରଞ୍ଜା (ବାଉଁଶ, ଜାଲି) ବନ୍ଦୋବସ୍ତ କରିପାରିବେ। ସମୟେ ସମୟେ ଘାସ ନିୟନ୍ତ୍ରଣ କରିବାକୁ ଭୁଲନ୍ତୁନି। ଗଛରେ ରୋଗପୋକ ଦେଖାଦେଲେ, କୃଷି ବିଶେଷଜ୍ଞଙ୍କ ପରାମର୍ଶକ୍ରମେ ଔଷଧ ସିଞ୍ଚନ କରନ୍ତୁ। ଏହାଦ୍ୱାରା ଗଛରେ ଶୀଘ୍ର ଫଳ ଆସିଥାଏ। ମଟର ଫଳିବାକୁ ପାଖାପାଖି ଦୁଇରୁ ଅଢ଼େଇ ମାସ ସମୟ ଲାଗେ। ମଟର ଛୁଇଁ ପରିପକ୍ୱ ହୋଇଥିଲେ ଏହାକୁ ତୋଳି ପାରିବେ।

### ଜୁନିଅର ମହିଳା ବିଶ୍ୱକପ୍ ଲାଗି ଭାରତୀୟ ହକି ଦଳ ଘୋଷିତ

# ଟିମ୍‌ରେ ଓଡ଼ିଶାରୁ ସୁନେଲିତା, ହର୍ଷାରାଣୀ, ପୂଜା

ନୂଆଦିଲ୍ଲୀ,୧୦।୧୧(ଏଜେନ୍ସି): ଜୁନିଅର ମହିଳା ହକି ବିଶ୍ୱକପ୍ ଲାଗି ୨୦ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଜ୍ୟୋତି ସିଂ ପୂର୍ବପରି ଜୁନିଅର ଦଳର ନେତୃତ୍ୱ ବଜାୟ ରଖିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ଚିଲିର ସାଣ୍ଟିଆଗୋଠାରେ ଡିସେମ୍ବର ୧ରୁ ୧୩ ତାରିଖଯାଏ ଅନୁଷ୍ଠିତ ହେବ। ଜୁନିଅର ହକିର ଏହି ମେଗା ଇଭେଣ୍ଟରେ ଭାରତ ପୁଲ-ସି'ରେ ସ୍ଥାନ ପାଇଛି। ଏହା ମଧ୍ୟରୁ ଦଳ ପ୍ରଥମ ମ୍ୟାଚ୍ ନାମିବ୍ୟା ସହ ଡିସେମ୍ବର ୧ରେ, ଦ୍ୱିତୀୟ ମ୍ୟାଚ୍ ଜର୍ମାନୀ ସହ ଡିସେମ୍ବର ୩ ଓ ତୃତୀୟ ମ୍ୟାଚ୍ ଆୟର୍ଲାଣ୍ଡ ସହ ଡିସେମ୍ବର ୫ରେ ଖେଳାଯିବ। ପ୍ରତ୍ୟେକ ଗ୍ରୁପ୍‌ର ଦୁଇ ଶ୍ରେଷ୍ଠ ଦଳ ନକ୍‌ଆଉଟ୍‌କୁ ଯୋଗ୍ୟତା ଅର୍ଜନ କରିବେ। ଡିସେମ୍ବର ୭ରୁ ୧୩ ତାରିଖଯାଏ ନକ୍‌ଆଉଟ ମ୍ୟାଚ୍ ଗୁଡିକ ଖେଳାଯିବ। ଏହା ମଧ୍ୟରେ ଡିସେମ୍ବର ୧୩ରେ ଫାଇନାଲ ମୁକାବିଲା ଅନୁଷ୍ଠିତ ହେବ।






ଭାରତ ପକ୍ଷରୁ ଘୋଷିତ ୨୦ ଜଣିଆ ଦଳରେ ୧୮ ଜଣ ଖେଳାଳି ଓ ୨ଜଣ ବଦଳ ଖେଳାଳି ରହିଛନ୍ତି। ଏମାନଙ୍କ ବ୍ୟତୀତ ୩ଜଣଙ୍କୁ ଷ୍ଟାଣ୍ଡବାଇରେ ରଖାଯାଇଛି। ଭାରତୀୟ ଦଳରେ ଓଡ଼ିଶାରୁ ୩ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ଗୋଲରକ୍ଷକ ଏଞ୍ଜେଲ ହର୍ଷାରାଣୀ ମିଞ୍ଜ, ଡିଫେଣ୍ଡର ପୂଜା ସାହୁ ଓ ମିଡ୍‌ଫିଲ୍ଡର ସୁନେଲିତା ଟପ୍ପୋ। ସମସ୍ତଙ୍କର ଜୁନିଅର ଅନ୍ତର୍ଜାତୀୟ ହକି ଖେଳିବାରେ ଅଭିଜ୍ଞତା ରହିଛି। ସୁନେଲିତା ଟପ୍ପୋ ଗୋଟିଏ ପାଦ ଆଗେଇଯାଇ ସିନିଅର ଦଳ ପକ୍ଷରୁ ଖେଳିଛନ୍ତି। ସେହିପରି ମମିତା ଓରାମ ଚତୁର୍ଥ ଖେଳାଳିମାନେ ଷ୍ଟାଣ୍ଡବାଇରେ ରହିଛନ୍ତି। ମହିଳା ହକି ଦଳର ହେଡ୍ କୋଚ୍ ତୁଷାର ଖାଣ୍ଡେକର ଦଳଠାରୁ ଭଲ ପ୍ରଦର୍ଶନ ଆଶା ରଖିଛନ୍ତି। ଖେଳାଳିମାନଙ୍କୁ ଶିବିରରେ ରଖାଯାଇ ପ୍ରଶିକ୍ଷଣ ଦିଆଯାଇଥିଲା। ଏହା ପରେ ବିଭିନ୍ନ ଟୁର୍‌ରେ ମଧ୍ୟ ଏମାନେ ଖେଳିଥିଲେ। ଏଣୁ ଅନ୍ତର୍ଜାତୀୟ ଅଭିଜ୍ଞତା ଥିବା ଖେଳାଳିମାନେ ଏଥର ଦଳରେ ସ୍ଥାନ ପାଇଛନ୍ତି ଓ ଏଥର ଦଳ ଭଲ ଖେଳିବ ବୋଲି ଖାଣ୍ଡେକର କହିଛନ୍ତି।

**ଖେଳସୂଚୀ**

| |
|---|
| ୧-୧୨ ବନାମ ନାମିବ୍ୟା |
| ୩-୧୨ ବନାମ ଜର୍ମାନୀ |
| ୫-୧୨ ବନାମ ଆୟର୍ଲାଣ୍ଡ |

**ଘୋଷିତ ଦଳ**

ନିଧି, ଏଞ୍ଜିଲ ହର୍ଷାରାଣୀ ମିଞ୍ଜ୍ (ଗୋଲରକ୍ଷକ), ସାକ୍ଷୀ ଶୁକ୍ଲା, ପୂଜା ସାହୁ ଓ ନନ୍ଦିନୀ (ସମସ୍ତେ ଡିଫେଣ୍ଡର), ସାକ୍ଷୀ ରାଣା, ଇଶିକା, ସୁନେଲିତା ଟପ୍ପୋ, ଜ୍ୟୋତି ସିଂ (ଅଧିନାୟିକା), କେ, ଶିଲେଇମା ଚାନୁ, ବିନିମା ଧାନ୍ (ମିଡ୍‌ଫିଲ୍ଡର), ସୋନମ, ପୂର୍ଣ୍ଣିମା ଯାଦବ, କନିକା ସିୱାଚ୍‌ଲ ହୀନା ବାନୋ ମନୀଷା, ଲାଲଥାନଲୁଆଲାଙ୍ଗି ଓ ସୁଖବୀର କୌର।

## ● ଆଇପିଏଲ୍-୨୦୨୬

## ସିଏସ୍‌କେରୁ ଖେଳିପାରନ୍ତି ସାମସନ, ରାଜସ୍ଥାନରୁ ଜାଡ଼େଜା

ନୂଆଦିଲ୍ଲୀ,୧୦।୧୧(ଏଜେନ୍ସି): ଆସନ୍ତାବର୍ଷ ଖେଳାଯିବାକୁ ଥିବା ଇଣ୍ଡିଆନ ପ୍ରିମିୟର ଲିଗ୍‌ର ନିଲାମ ଏଥର ମଧ୍ୟ ବିଦେଶରେ ହେବ। ବିସିସିଆଇ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଡିସେମ୍ବର ୧୫ କିମ୍ବା ୧୬ରେ ଏହି ମିନି ନିଲାମ ଆବୁଧାବିରେ ଅନୁଷ୍ଠିତ ହେବାର ସମ୍ଭାବନା ରହିଛି। ଗତ ଦୁଇବର୍ଷ ହେଲା ଏହା ଯଥାକ୍ରମେ ଜେଦ୍ଦା, ସାଉଦି ଆରବ ଓ ଦୁବାଇରେ ଆୟୋଜିତ ହୋଇଥିଲା। ନଭେମ୍ବର ୧୫ ସୁଦ୍ଧା ଖେଳାଳି ରିଟେନସନ ତାଲିକା ବିସିସିଆଇର ହସ୍ତଗତ ହେଲେ ନିଲାମ ତାରିଖ ଘୋଷଣା କରାଯିବ ବୋଲି ବିସିସିଆଇ ପକ୍ଷରୁ ସୂଚନା ଦିଆଯାଇଛି। ମହିଳା ପ୍ରିମିୟର ଲିଗ୍ ଲାଗି ନିଲାମ ନୂଆଦିଲ୍ଲୀରେ ନଭେମ୍ବର ୨୭ରେ ଅନୁଷ୍ଠିତ ହେବ ବୋଲି ଫ୍ରାଞ୍ଚାଇଜ୍‌ଗୁଡ଼ିକୁ ଜଣାଇଦିଆଯାଇଛି। ଏହା ମଧ୍ୟରେ ଆଉ ଏକ ଘଟଣାକ୍ରମରେ ସଞ୍ଜୁ ସାମସନ ଏଥର ଚେନ୍ନାଇ ସୁପରକିଙ୍ଗ୍‌ସ (ସିଏସ୍‌କେ) ପକ୍ଷରୁ ଏବଂ ରବୀନ୍ଦ୍ର ଜାଡେଜା ରାଜସ୍ଥାନ ରୟାଲ୍ସ ପକ୍ଷରୁ ଖେଳିବେ ବୋଲି ଏକପ୍ରକାର ସ୍ଥିର ହୋଇଛି। ଆଇପିଏଲ ଟ୍ରେଡ୍ ମାଧ୍ୟମରେ ଏହା ସମ୍ଭବ ହେବାକୁ ଯାଉଛି। ସଞ୍ଜୁ ସାମସନଙ୍କୁ ହଟାଇବା ଲାଗି ରାଜସ୍ଥାନ ରୟାଲ୍ସ ଏକାଧିକ ଫ୍ରାଞ୍ଚାଇଜ୍ ସହ ଆଲୋଚନା କରିଛି। କିନ୍ତୁ ଏଥିରେ ବିଫଳ ହେବା ପରେ ସିଏସ୍‌କେ ରାଜି ହୋଇଛି।

## ପାକିସ୍ତାନ କ୍ରିକେଟର୍ ନସୀମଙ୍କ ଘର ଉପରକୁ ଗୁଳି ମାଡ଼

ଇସଲାମବାଦ୍, ୧୦।୧୧ (ଏଜେନ୍ସି): ପାକିସ୍ତାନ କ୍ରିକେଟର୍ ନସୀମ ଶାହଙ୍କ ଘର ଉପରକୁ ଅଜଣା ଆତତାୟୀମାନେ ଦିନ ଦ୍ୱିପହରେ ଆଖିବୁଜା ଗୁଳିଚାଳନା କରିଛନ୍ତି। ଖାଇବର ପଖତୁନଖୱା ପ୍ରଦେଶର ଲୋୟର ଡି ଜିଲ୍ଲାରେ ଥିବା ନସୀମଙ୍କ ଘରର ମୁଖ୍ୟ ଦ୍ୱାରରେ ଏହି ଗୁଳିମାଡ଼ ହୋଇଥିବା ଜଣାପଡ଼ିଛି। ଗୁଳିମାଡ଼ରେ ଲୁହାରେ ନିର୍ମିତ ମୁଖ୍ୟ ଦ୍ୱାରରେ ଅନେକ ଛିଦ୍ର ହୋଇଥିବାବେଳେ ନିକଟରେ ଥିବା ଏକ କାର୍ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଏହାର ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେବାରେ ଲାଗିଛି। ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ତୁରନ୍ତ ପହଞ୍ଚି ୫ଜଣ ସନ୍ଦିଗ୍ଧଙ୍କୁ ଅଟକ ରଖିଥିବା ଜଣାପଡ଼ିଛି।

### ● ଚେସଟର୍ଫ ରାପିଡ୍ ଓ ବ୍ଲିଜ୍ ଟୁର୍ଣ୍ଣାମେଣ୍ଟ

## ସମ୍ବିତ୍ ଓ ଅନ୍ୱେଷଙ୍କୁ ଟାଇଟଲ୍

ଭୁବନେଶ୍ୱର,୧୦।୧୧(ସମିସ): ଆଇଏମ୍ ସମ୍ବିତ ପଣ୍ଡା ଓ ଡାକ୍ତର ଅନ୍ୱେଷ ଉପାଧ୍ୟାୟ ପ୍ରଥମ ଚେସଟର୍ଫ ରାପିଡ୍ ଓ ବ୍ଲିଜ୍ ଟୁର୍ଣ୍ଣାମେଣ୍ଟରେ ଟାଇଟଲ ବିଜୟୀ ହୋଇଛନ୍ତି। ଚେସ୍‌ଟର୍ଫ ଏକାଡେମୀ ଆନୁକୂଲ୍ୟରେ ଓଡ଼ିଶାରେ ଏହି ଟୁର୍ଣ୍ଣାମେଣ୍ଟ ପ୍ରଥମଥର ଆୟୋଜିତ ହୋଇଥିଲା। ସମଗ୍ର ରାଜ୍ୟରୁ ୨୫୦ରୁ ଉର୍ଦ୍ଧ୍ୱ ଖେଳାଳି ଏଥିରେ ଅଂଶଗ୍ରହଣ



କରିଥିଲେ। ସମ୍ବିତ ସମସ୍ତଙ୍କୁ ପଛରେ ପକାଇ ରାପିଡ୍ ବିଭାଗରେ ଚାମ୍ପିଅନ ହେବା ସହ ଟ୍ରଫି ଓ ୨୧,୦୦୦ ଟଙ୍କାର ପୁରସ୍କାର ଜିତିଥିଲେ। ଏହି ବିଭାଗରେ ଫିଡେ ମାଷ୍ଟର ଶ୍ରୀଅଂଶ ଦାସ ଦ୍ୱିତୀୟ ସ୍ଥାନରେ ରହି ୧୧,୦୦୦ ଟଙ୍କା ଓ ଅନ୍ୱେଷ ତୃତୀୟ ସ୍ଥାନରେ ରହି ୮,୦୦୦ ଟଙ୍କାର ପୁରସ୍କାର ପାଇଥିଲେ। ସେହିପରି ବ୍ଲିଜ୍ ବିଭାଗରେ ଡାକ୍ତର ଅନ୍ୱେଷ ପ୍ରଥମ ସ୍ଥାନରେ ରହିଥିଲେ। ତାଙ୍କୁ ପୁରସ୍କାର ବାବଦରେ ଟ୍ରଫି ସହ ୭,୫୦୦ ଟଙ୍କା ପ୍ରଦାନ କରାଯାଇଥିଲା। ଏହି ବିଭାଗରେ ସମ୍ବିତ ରନର୍ସଅପ୍ ଓ ଜ୍ୟୋତ୍ସ୍ନାଭ ତାଲୁକଦାର ତୃତୀୟ ସ୍ଥାନ ଅଧିକାର କରିଥିଲେ। ମୋଟ ୧.୭୫ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଥିଲା। ଖେଳ ଶେଷରେ ଅନୁଷ୍ଠିତ ଉତ୍ସବରେ ରାଜ୍ୟର ପ୍ରଥମ ଗ୍ରାଣ୍ଡମାଷ୍ଟର ଦେବାଶିଷ ଦାସ, ଶିଳ୍ପପତି ଦୀପ୍ତିରଞ୍ଜନ ପଟ୍ଟନାୟକ, ଅଲ୍‌ଓଡ଼ିଶା ଚେସ ସଂଘ ସମ୍ପାଦକ ଦେବବ୍ରତ ଭଞ୍ଜ ଓ ଆୟୋଜକ ଚେସ୍‌ଟର୍ଫ ଏକାଡେମୀର ସମ୍ପାଦକ ସ୍ୱର୍ଣ୍ଣାଂଶୁ ସତ୍ୟକାମ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

### ରଣଜୀ ଟ୍ରଫି: ବିଦର୍ଭର ଅମନ, ଧ୍ରୁବଙ୍କ ଶତକ

## ଓଡ଼ିଶା ଆଗରେ ୩୪୫ ରନ୍‌ର ଟାର୍ଗେଟ

ଭୁବନେଶ୍ୱର, ୧୦।୧୧ (ସମିସ): ଅମନ ମୋଖାଡେ ଓ ଧ୍ରୁବ ସୋରେଙ୍କ ଶତକ ବଳରେ ଏଠାରେ ଚାଲିଥିବା ରଣଜୀ ଟ୍ରଫିର ଏଲିଟ୍-ସି'ର ଏକ ମ୍ୟାଚ୍‌ରେ ଘରୋଇ ବିଦର୍ଭ ଦଳ ଭ୍ରମଣକାରୀ ଓଡ଼ିଶା ଆଗରେ ୩୪୫ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଏହି ଲକ୍ଷ୍ୟକୁ ପିଛା କରି ତୃତୀୟ ଦିନ ଖେଳ ଶେଷସୁଦ୍ଧା ଓଡ଼ିଶା ୧୨ ଓଭର ଖେଳି ବିନା ୱିକେଟରେ ୪୪ ରନ୍ କରିନେଇଛି। ଦୁଇ ଓପନର ସ୍ୱସ୍ତିକ ସାମଲ ୨୫ ଓ ଗୌରବ ଚୌଧୁରୀ ୧୭ ରନ୍‌ରେ ବ୍ୟାଟିଂ କରୁଥିଲେ। ଏହି ପିଚ୍‌ରେ ମ୍ୟାଚ୍ ବଞ୍ଚାଇବା କଷ୍ଟକର ହୋଇଥିଲାବେଳେ ମ୍ୟାଚ୍ ଜିତିବାକୁ ଆସନ୍ତାକାଲି ଚତୁର୍ଥ ତଥା ଶେଷ ଦିନରେ ବାକିଥିବା ସମସ୍ତ ୧୦ଟିଯାକ ଦ୍ୱିତୀୟ ଇନିଂସରେ ଆଉ ୩୦୧ ରନ୍ ଆବଶ୍ୟକ ହେଉଛି।

ଓଡ଼ିଶାର ଦ୍ୱିତୀୟ ଇନିଂସ ପୂର୍ବରୁ ଉଭୟ ଦଳ ଗୋଟିଏ ଲେଖାଏଁ ଇନିଂସ ଶେଷ କରିଥିଲେ। ଗତକାଲି ୬ ୱିକେଟରେ ୧୨୨ ରନ୍ କରିଥିବା ଓଡ଼ିଶା ଆଜି ଆଉ ୩୮ ରନ୍ ଯୋଡିବା ପରେ ୧୬୦ ରନ୍‌ରେ ଅଲଆଉଟ ହୋଇଥିଲା। ଶେଷଭାଗରେ ସମ୍ବିତ ବରାଳଙ୍କ ୨୯ ରନ୍ ଲାଗି ଏହା ସମ୍ଭବ ହୋଇଥିଲା। ଅଧିନାୟକ ଶୁଭ୍ରାଂଶୁ ସେନାପତି ସର୍ବାଧିକ ୪୧ ରନ୍ କରିଥିଲେ। ଘରୋଇ ଦଳର ଦୁଇ ମିଡିୟମ ପେସ୍ ବୋଲର ଗୌରବ ଫାର୍ଡେ ୪ଟି ଓ ପାର୍ଥ ରେଖାଡେ ୨ଟି ୱିକେଟ ନେଇଥିଲେ। ପ୍ରଥମ ଇନିଂସରେ ୧୨୬ ରନ୍‌ରେ ଆଗୁଆ ଥିବା ବିଦର୍ଭ ଦ୍ୱିତୀୟ ଇନିଂସରେ ୨ ୱିକେଟରେ ୨୧୮ ରନ୍ କରି ଇନିଂସ ସମାପ୍ତି ଘୋଷଣା କରିଥିଲା। ଅମନ ମୋଖାଡେ ଅପରାଜିତ ୧୦୧ ରନ୍ କରିଥିଲାବେଳେ ଧ୍ରୁବ ସୋରେ ୧୦୧ ରନ୍ କରି ଆଉଟ ହୋଇଥିଲେ। ୨ଟି ଯାକ ୱିକେଟ ବାଦଲ ବିଶ୍ୱାଳଙ୍କୁ ମିଳିଥିଲା। ଧ୍ରୁବ ମଧ୍ୟ ପ୍ରଥମ ଇନିଂସରେ ଶତକ ସହ ୧୪୪ ରନ୍‌ର ବିରାଟ ଇନିଂସ ଖେଳିଥିଲେ।


## କିଟ୍ ଓ କିସ୍‌ରେ ୩୨ କୋଚ୍‌ଙ୍କୁ ନିଯୁକ୍ତି



ଭୁବନେଶ୍ୱର, ୧୦।୧୧ (ସମିସ): କିଟ୍ ଓ କିସ୍ ପକ୍ଷରୁ ଏହାକୁ କ୍ରୀଡ଼ା ଇକୋସିଷ୍ଟମକୁ ସୁଦୃଢ଼ କରିବା ଲାଗି ଏକ ବଡ଼ ପଦକ୍ଷେପ ନିଆଯାଇଛି। ଏହିକ୍ରମରେ ୩୨ଜଣ ପୂର୍ବତନ କ୍ରୀଡ଼ାବିତ୍ ଓ ଏନ୍‌ଆଇଏସ୍-ପ୍ରମାଣିତ ପ୍ରଶିକ୍ଷକଙ୍କୁ କିଟ୍ ଓ କିସ୍‌ର କ୍ରୀଡ଼ା ବିଭାଗରେ ନିଯୁକ୍ତି କରାଯାଇଛି। ନିଯୁକ୍ତି ପାଇଥିବା କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ କୁନି ଭଦ୍ରା, ଉମା ଦଳପତି, ଜଗନ୍ନାଥ ମାଝୀ, ସରିତା ଏକ୍କା, ମକରନ୍ଦ ପ୍ରଧାନ ପ୍ରମୁଖ ରହିଛନ୍ତି। ଏହି ସମସ୍ତ ଖେଳାଳି ପୂର୍ବରୁ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ପ୍ରତିନିଧିତ୍ୱ କରି ଓଡ଼ିଶା ଓ ଦେଶ ପାଇଁ ସଫଳତା ଆଣିଥିଲେ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ନବନିଯୁକ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ସାଓ ପାଓଲୋ ଗ୍ରାଁପ୍ରି ଜିତିଲେ ନୋରିସ

ସାଓ ପାଓଲୋ, ୧୦।୧୧ (ଏଜେନ୍ସି): ମ୍ୟାକଲରେନ୍‌ର ଚାଳକ ଲାଣ୍ଡୋ ନୋରିସ ଏଠାରେ ଅନୁଷ୍ଠିତ ଫର୍ମୁଲା ୱାନ ରେସିଂ ସାଓ ପାଓଲୋ ଗ୍ରାଁପ୍ରିରେ ଚାମ୍ପିଅନ ହୋଇଛନ୍ତି। ରବିବାର ବିଳମ୍ବିତ ରାତିରେ ଅନୁଷ୍ଠିତ ୭୧ ଲ୍ୟାପ୍ ତଥା ୩୦୫.୮ କିମି ବିଶିଷ୍ଟ ଏହି ରେସକୁ ନୋରିସ ଏକ ଘଣ୍ଟା ୩୨ ମିନିଟ୍ ଓ ୦୧.୫୯୬ ସେକେଣ୍ଡ ସମୟ ନେଇ ପୋଡିୟମର ଶୀର୍ଷ ସ୍ଥାନ ହାସଲ କରିଥିଲେ। ମର୍ସିଡିଜର ଯୁବ ଚାଳକ କିମି




ଆଣ୍ଟୋନେଲି ୧୦.୩୮୮ ସେକେଣ୍ଡ ଅଧିକ ସମୟ ନେଇ କ୍ୟାରିୟର ଶ୍ରେଷ୍ଠ ପ୍ରଥମ ରନର୍ସଅପ୍ ଓ ରେଡ୍ ବୁଲ୍‌ର ମାକ୍ସ ଭର୍ଷ୍ଟାପେନ ୧୦.୭୫ ସେକେଣ୍ଡ ଅଧିକ ସମୟ ସହ ଦ୍ୱିତୀୟ ରନର୍ସଅପ୍ ହୋଇଥିଲେ। ଏଠାରେ ବିଜୟ ସହ ନୋରିସ ବର୍ଷର ଶ୍ରେଷ୍ଠ ଫର୍ମୁଲା ୱାନ ଡ୍ରାଇଭର ଟାଇଟଲ୍ ଦୌଡ଼ରେ ସର୍ବାଗ୍ରେ ରହିଛନ୍ତି। ନୋରିସ ବର୍ତ୍ତମାନ ୩୯୦ ପଏଣ୍ଟ ସହ ଶୀର୍ଷରେ ରହିଛନ୍ତି। ମ୍ୟାକଲରେନର ଅନ୍ୟତମ ଚାଳକ ଓସ୍କାର ପିଆଷ୍ଟ୍ରି ମୋଟ୍ ୩୬୬ ପଏଣ୍ଟ ସହ ଦ୍ୱିତୀୟ ଓ ଭର୍ଷ୍ଟାପେନ ୩୪୧ ପଏଣ୍ଟ ସହ ୩ୟ ସ୍ଥାନରେ ରହିଛନ୍ତି। ଚଳିତ ସିଜନରେ ଆଉ ୩ଟି ରେସ୍ ବାକି ରହିଥିବାବେଳେ ୪୯ ପଏଣ୍ଟ ପଛରେ ଥିବା ଭର୍ଷ୍ଟାପେନଙ୍କ ଟାଇଟଲ୍ ଜିତିବା ଆଶା ମଉଳି ଯାଇଛି।

### ରାଜ୍ୟ ୧୫ ଓ ୧୭ ବର୍ଷରୁ କମ୍ ବ୍ୟାଡ୍‌ମିଣ୍ଟନ ଉଦ୍‌ଯାପିତ

## ହର୍ଷିତ ପ୍ରିୟଦର୍ଶୀଙ୍କୁ ତ୍ରିମୁକୁଟ, ନିମିଶା ଓ ସୌମ୍ୟଙ୍କୁ ଦ୍ୱିମୁକୁଟ

ଭୁବନେଶ୍ୱର,୧୦।୧୧(ସମିସ): ଓଡ଼ିଶା ରାଜ୍ୟ ୧୫ ଓ ୧୭ ବର୍ଷରୁ କମ୍ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ ଭୁବନେଶ୍ୱର ପୋଖରୀପୁଟସ୍ଥିତ ବିଜୁପଟ୍ଟନାୟକ ବହୁମୁଖି ଇଣ୍ଡୋର ଷ୍ଟାଡିୟମ୍‌ରେ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାର ୧୫ ବର୍ଷରୁ କମ ବାଳକ ବିଭାଗରେ କଟକର ହର୍ଷିତ




ପ୍ରିୟଦର୍ଶୀ ବେହେରା ତ୍ରିମୁକୁଟ ଲାଭ କରିଛନ୍ତି। ୧୫ ବର୍ଷରୁ କମ୍ ବାଳିକା ବିଭାଗରେ ଖୋର୍ଦ୍ଧାର ନିମିଶା ଓଝା ଓ ୧୭ ବର୍ଷରୁ କମ୍ ବାଳକ ବିଭାଗରେ ଖୋର୍ଦ୍ଧାର ସୌମ୍ୟଜିତ ସାହୁ ମଧ୍ୟ ଦ୍ୱିମୁକୁଟ ଲାଭ କରିଛନ୍ତି।

୧୫ ବର୍ଷରୁ କମ୍ ବାଳକ ବିଭାଗରେ ସିଙ୍ଗଲ୍ସ ଫାଇନାଲରେ ସମ୍ବଲପୁରର ଅୟଙ୍କ ସାହୁଙ୍କୁ ହରାଇ ଚାମ୍ପିଅନ ହୋଇଛନ୍ତି। ବାଳକ ଡବଲ୍ସରେ ସେ ଓ ଅୟଙ୍କ, ମିକ୍ସଡ ଡବଲ୍ସରେ ସେ ଓ ଆଦ୍ୟାଶା ମହନ୍ତ ଟାଇଟଲ ଜିତିଥିଲେ। ବାଳିକା ବିଭାଗରେ ଖୋର୍ଦ୍ଧାର ନିମିଶା ଓଝାଙ୍କୁ ଡବଲ ସଫଳତା ମିଳିଛି। ସିଙ୍ଗଲ୍ସ ଫାଇନାଲରେ ସେ କଟକର ସ୍ୱାତୀ ନାୟକଙ୍କୁ ହରାଇଥିଲେ। ଡବଲ୍ସରେ ନିମିଶା ଓ ସ୍ୱାତୀ ନାୟକ ଚାମ୍ପିଅନ ହୋଇଥିଲେ। ୧୭ ବର୍ଷରୁ କମ୍ ବିଭାଗରେ ଜୋରଦାର ଲଢ଼େଇ ଦେଖିବାକୁ ମିଳିଥିଲା। ବାଳକ ବିଭାଗ ସିଙ୍ଗଲ୍ସ ଫାଇନାଲରେ ଖୋର୍ଦ୍ଧାର ସୌମ୍ୟଜିତ ସାହୁ ୨-୦ରେ ନିଜ ଜିଲ୍ଲାର ବାପୁନ ରାଉତଙ୍କୁ ହରାଇଥିଲେ। ମିକ୍ସଡ ଡବଲ୍ସରେ ସେ ଓ ଭଦ୍ରକର ଜେସିକା ସାହୁ ଟାଇଟଲ ଜିତିନେଇଥିଲେ। ଡବଲ୍ସରେ ଖୋର୍ଦ୍ଧାର ବାପୁନ ରାଉତ ଓ ସମ୍ବଲପୁରର ଜୟକୃଷ୍ଣ ଗର୍ଡିଆ ଟାଇଟଲ କବ୍‌ଜା କରିଥିଲେ। ବାଳିକା ବିଭାଗ ସିଙ୍ଗଲ୍ସରେ କଟକର ସ୍ୱାତୀ ନାୟକ ଖୋର୍ଦ୍ଧାର ନିମିଶା ଓଝାଙ୍କୁ ହରାଇ ଟାଇଟଲ ଜିତିଥିଲେ। ଡବଲ୍ସରେ ଯାଜପୁରର ରତିକା ଦାସ ଓ ଭଦ୍ରକର ବି.ଲକ୍ଷ୍ମୀ ରେଡ୍ଡୀ ଚାମ୍ପିଅନ ହୋଇଛନ୍ତି। ଖେଳ ଶେଷରେ ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶକ ଡ. ୟେଦୁଲା ବିଜୟ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ବ୍ୟାଡମିଣ୍ଟନ ସଂଘ ସମ୍ପାଦକ ନିଳିନ କୁମାର, ଆୟୋଜନ କମିଟି ସମ୍ପାଦକ କମଳ ଦାଶ୍ ଓ ଅଜିତ ମହାନ୍ତି, ପର୍ଯ୍ୟବେକ୍ଷକ ଶିବମ ଅଗରୱାଲ, ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଶୁଭମ ନାୟକ, ଚିଫ୍ ରେଫରୀ ରୀତା ଦାଶ୍ ପ୍ରମୁଖ ଉପସ୍ଥିତ ଥିଲେ।

## ଭଙ୍ଗାଯିବ ଜବାହରଲାଲ୍ ନେହରୁ ଷ୍ଟାଡିୟମ

ନୂଆଦିଲ୍ଲୀ, ୧୦।୧୧ (ଏଜେନ୍ସି): ଜାତୀୟ ରାଜଧାନୀ ଦିଲ୍ଲୀର ଐତିହାସିକ ଜବାହରଲାଲ ନେହରୁ ଷ୍ଟାଡିୟମ ଏବେ ଇତିହାସ ହୋଇଯିବ। ଦିଲ୍ଲୀର ପ୍ରତୀକ ଭାବେ ବିବେଚିତ ହେଉଥିବା ଏହି ଷ୍ଟାଡିୟମ ଏବେ ଭଙ୍ଗାଯିବ। ଏହି ଷ୍ଟାଡିୟମକୁ ଭାଙ୍ଗି ଏଠାରେ ୧୦୨ ଏକର ଜାଗାରେ ସ୍ପୋର୍ଟ୍ସ ସିଟି ନିର୍ମାଣ କରାଯିବ। ଯେଉଁଥିରେ ସମସ୍ତ ପ୍ରମୁଖ ଖେଳର ଆୟୋଜନ ସ୍ଥଳ ଏବଂ ଆଥ୍‌ଲେଟଙ୍କ ଲାଗି ଅତ୍ୟାଧୁନିକ ସୁବିଧା ବ୍ୟବସ୍ଥା କରିବାକୁ କ୍ରୀଡ଼ା ମନ୍ତ୍ରଣାଳୟ ଯୋଜନା କରିଛି। ଏହାର ବଜେଟ ବିବରଣୀ ଏପର୍ଯ୍ୟନ୍ତ ସ୍ଥିର କରାଯାଇ ନ ଥିବା ଜଣାପଡ଼ିଛି। ୨୦୩୬ ଅଲିମ୍ପିକ୍ସ ଆୟୋଜନ ଦୌଡ଼ରେ ଭାରତ ରହିଥିବାରୁ ଏହାକୁ ଲକ୍ଷ୍ୟ ରଖି ବିଶ୍ୱସ୍ତରୀୟ ଭିତ୍ତିଭୂମି ନିର୍ମାଣ କରାଯିବ। ରିପୋର୍ଟ ଅନୁସାରେ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଏବେ ବିଶ୍ୱର ବିଭିନ୍ନ ଷ୍ଟାଡିୟମର ମଡେଲର ଅଧ୍ୟୟନ କରାଯାଉଛି। କତାର ଓ ଅଷ୍ଟ୍ରେଲିଆରେ ରହିଥିବା ସ୍ପୋର୍ଟ୍ସ ସିଟି ପ୍ରକଳ୍ପର ନିର୍ମାଣ ଢାଞ୍ଚାକୁ ନଜରରେ ରଖି ଦିଲ୍ଲୀର କ୍ରୀଡ଼ା ନଗରୀ ନିର୍ମାଣ ହେବାର ଯୋଜନା ରହିଛି। ଉଲ୍ଲେଖଯୋଗ୍ୟ, ୧୯୮୨ରେ ଦିଲ୍ଲୀର ଜବାହରଲାଲ ନେହରୁ ଷ୍ଟାଡିୟମ ତିଆରି କରାଯାଇଥିଲା। ଏହାର ଦର୍ଶକ କ୍ଷମତା ୬୦ ହଜାର ରହିଛି। ଗତ ୧୫ ବର୍ଷ ମଧ୍ୟରେ ଏହି ଷ୍ଟାଡିୟମର ନବୀକରଣରେ ପାଖାପାଖି ୧୦୧୧ କୋଟି ଟଙ୍କା ଖର୍ଚ୍ଚ କରାଯାଇସାରିଛି। ନିକଟରେ ବିଶ୍ୱ ପାରା ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍ ଲାଗି ୩୦ କୋଟି ଟଙ୍କା ବ୍ୟୟରେ ଏକ ଟ୍ରାକ୍ ବିଛାଯାଇଥିଲା।

## ମହିଳାରେ ପୁରୀ, ପୁରୁଷରେ ଜଟଣୀ ଚାମ୍ପିଅନ

**ରାଜ୍ୟ ଥ୍ରୋବଲ୍ ଚାମ୍ପିଅନସିପ୍ ଉଦ୍‌ଯାପିତ**

ଭୁବନେଶ୍ୱର,୧୦।୧୧(ସମିସ): ପୁରୀ ସଦର ଓ ଜଟଣୀ ଦଳ ସୋଆ ୟୁନିଭର୍ସିଟି କ୍ୟାମ୍ପସରେ ଶେଷ ହୋଇଥିବା ୩୩ତମ ରାଜ୍ୟ ଥ୍ରୋବଲ ଚାମ୍ପିଅନସିପ୍‌ରେ ଯଥାକ୍ରମେ ପୁରୁଷ ଓ ମହିଳା ବିଭାଗରେ ଚାମ୍ପିଅନ ହୋଇଛନ୍ତି। ମହିଳା ବିଭାଗରେ ଯାଜପୁର ଜିଲ୍ଲା ଓ ପୁରୁଷ ବିଭାଗରେ ପୁରୀ ସଦର ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଛନ୍ତି। ମହିଳା ବିଭାଗରେ ପୁରୀ ଜିଲ୍ଲା ଓ ସୋଆ, ପୁରୁଷ ବିଭାଗରେ ଭଦ୍ରକ ଓ ପୁରୀ ସଦର ମିଳିତଭାବେ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ହୋଇଛନ୍ତି। ଖେଳ ଶେଷରେ ଅନୁଷ୍ଠିତ ଉତ୍ସବରେ ରାଜ୍ୟ ଥ୍ରୋବଲ ସଂଘ ସଭାପତି ଭୂପିନ୍ଦର ସିଂହ, ମାର୍ଗଦର୍ଶନ କୃଷ୍ଣଚନ୍ଦ୍ର ପଣ୍ଡା ଓ ସୋଆ କ୍ରୀଡ଼ା ଅଧିକାରୀ ସୁନିତା ବର୍ମା ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସମ୍ପାଦକ ଜିତେନ୍ଦ୍ରନାଥ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ନ୍ୟାସନାଲ ରେଫରୀ ଯଶୋବନ୍ତ ପରମଗୁରୁ, ଦୀପ୍ତିରଞ୍ଜନ ସାମନ୍ତରାୟ, ସେକ୍ ଆଜାରୁଦ୍ଦିନ, ଏସ୍ ଜଗା ରେଡ୍ଡୀ ଓ କଳ୍ପନା ମହାରଣାଙ୍କୁ ସମ୍ମାନିତ କରାଯାଇଥିଲା।




ନନ୍ଦିଘୋଷ

**'ନନ୍ଦିଘୋଷ ଟିଭି'**

ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଅଛି।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ଇନ୍‌ପୁଟ୍ କପି ଏଡିଟର (୦୨) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଭିଡିଓ ଏଡିଟର୍ -ଡିଜିଟାଲ (୦୨) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| କପି ଏଡିଟର -ଡିଜିଟାଲ (୦୩) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଗ୍ରାଫିକ୍ସ ଡିଜାଇନର -ଡିଜିଟାଲ (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଗ୍ରାଫିକ୍ସ ଡିଜାଇନର -ନ୍ୟୁଜ୍ (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ସିଜି ଅପରେଟର (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ସ୍ୱିଚର / ଅନଲାଇନ୍ ଏଡିଟର | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୧୫ ନଭେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ।
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS